


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-137 ♦THURSDAY ♦13 NOVEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୩୭ ♦ଗୁରୁବାର ♦୧୩ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


**୧୦/୧୧ ବିସ୍ଫୋରଣ**

# ୩୭ ଦିନର ଷଡ଼ଯନ୍ତ୍ର

## ବିବାହ କାର୍ଯ୍ୟକ୍ରମରେ ଗଠନ ହୋଇଥିଲା ଆତଙ୍କୀ ଗ୍ରୁପ୍





ଏଲ୍ଏନ୍ଜେପି ହସ୍ପିଟାଲ୍‌ରେ ଆହତଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

## ବିସ୍ଫୋରଣକୁ ନିନ୍ଦା କରି କେନ୍ଦ୍ର କ୍ୟାବିନେଟରେ ପ୍ରସ୍ତାବ ଗୃହୀତ

■ **ନୂଆଦିଲ୍ଲୀ, ୧୨।୧୧ (ଏଜେନ୍ସି):** ଦିଲ୍ଲୀର ଲାଲକିଲ୍ଲା ବିସ୍ଫୋରଣ (୧୦/୧୧) ଘଟଣାକୁ 'ଆତଙ୍କୀ ଆକ୍ରମଣ' ବୋଲି ସ୍ପଷ୍ଟ କରିଛନ୍ତି କେନ୍ଦ୍ର ସରକାର। ଏହି ଘଟଣା ପଛରେ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦ (ଜେଇଏମ)ର 'ନୂଆ ହ୍ୱାଇଟ କଲାର ଟେରର ମଡ୍ୟୁଲୋ'ର ପର୍ଦ୍ଦାଫାସ ହୋଇଛି। ଏହି ମଡ୍ୟୁଲ୍‌ରେ ପେଶାଦାର ଡାକ୍ତର ସାମିଲ ଥିବା ସହ ପାକିସ୍ତାନୀ ହ୍ୟାଣ୍ଡଲର୍ସ ସହ ଯୋଗାଯୋଗରେ ଥିଲେ। ହରିୟାଣାର ଫରିଦାବାଦ, ଜମ୍ମୁ-କଶ୍ମୀରର ପୁଲୱାମା ଏବଂ ଉତ୍ତର ପ୍ରଦେଶର ସାହାରନପୁର ସହିତ ଅନେକ ଅଞ୍ଚଳରେ ଏହି ମଡ୍ୟୁଲ୍ କାମ କରୁଥିଲା।

■ **ଘଟଣା ସହ ଜଡ଼ିତ ଥିଲେ ପାକିସ୍ତାନୀ ହ୍ୟାଣ୍ଡଲର୍**
■ **ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସୁରକ୍ଷା କମିଟି ବୈଠକ**
■ **ଘଟଣାକୁ 'ଆତଙ୍କୀ ଆକ୍ରମଣ' ଘୋଷଣା କଲା କେନ୍ଦ୍ର**

ବୁଧବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୧୦/୧୧ ବିସ୍ଫୋରଣକୁ ନିନ୍ଦା କରାଯାଇ ପ୍ରସ୍ତାବ ଗୃହିତ ହୋଇଛି। ଏହି ବିସ୍ଫୋରଣକୁ ଅତ୍ୟନ୍ତ ଘୃଣ୍ୟ ଏବଂ କାପୁରୁଷତାପୂର୍ଣ୍ଣ ବୋଲି ବର୍ଣ୍ଣନା କରାଯିବା ସହ ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ଆପଣାଇବାର ନୀତି ପ୍ରତି ଭାରତର ଅଟଳ ପ୍ରତିବଦ୍ଧତାକୁ ପୁଣି ଦୋହରାଇଛନ୍ତି ସରକାର। ଆକ୍ରମଣକୁ ବିଶ୍ୱର ଅନେକ ସରକାରଙ୍କ ନିନ୍ଦା ଏବଂ ସମର୍ଥନପୂର୍ଣ୍ଣ ବିବୃତିକୁ କ୍ୟାବିନେଟ୍ ମଧ୍ୟ ପ୍ରଶଂସା କରିଛି। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଅଭିଯୁକ୍ତ ଏବଂ ସେମାନଙ୍କ ପ୍ରାୟୋଜକମାନଙ୍କୁ ଚିହ୍ନଟ କରାଯାଇ ଅବିଳମ୍ବେ ଦଣ୍ଡ ଦେବାକୁ ସୁରକ୍ଷା ଏଜେନ୍ସିଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ସରକାର ସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି।

ଦିଲ୍ଲୀ ବିସ୍ଫୋରଣର ୩୭ ଦିନ ପୂର୍ବରୁ ଅକ୍ଟୋବର ୪ରେ ଏଥିସହିତ ସମ୍ପୃକ୍ତ ଗୋଷ୍ଠୀ ସକ୍ରିୟ ହୋଇଥିଲା। ସାହରନପୁରର ଏକ ବିବାହରେ ସବୁ ଆତଙ୍କୀ ଏକତ୍ରିତ ହୋଇ ଟେଲିଗ୍ରାମ୍ ଆପ୍‌ରେ ଏକ ଗ୍ରୁପ୍ ଆରମ୍ଭ କରିଥିଲେ। ଏହା ପରେ ସେନାକୁ ଧମକାଉଥିବା ପୋଷ୍ଟର, ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଏବଂ ପାଣ୍ଠି ସଂଗ୍ରହ ପାଇଁ ନେଟୱର୍କ ପ୍ରସ୍ତୁତ କରାଯାଇଥିଲା। ପ୍ରଥମ ଥର ପାଇଁ ଅକ୍ଟୋବର ▶ପୃଷ୍ଠା-୭

## ଟାର୍ଗେଟ୍ ଥିଲା ଡିସେମ୍ବର ୬

ଦିଲ୍ଲୀ ବିସ୍ଫୋରଣ ତଦନ୍ତରୁ ଭୟଙ୍କର ତଥ୍ୟ ସାମ୍ନାକୁ ଆସିଛି। ବିସ୍ଫୋରକ ଭର୍ତ୍ତି କାର୍ ଚଲାଇ ନିଜକୁ ଲାଲକିଲ୍ଲା ନିକଟରେ ବିସ୍ଫୋରଣରେ ଉଡ଼ାଇ ଦେଇଥିବା ଡ. ଉମର ନବି ଲିଙ୍କ ଆଫଗାନିସ୍ତାନ ଏବଂ ତୁର୍କୀକୁ ଲମ୍ବିଛି। ସେହିପରି ସେ ଡିସେମ୍ବର ୬ରେ ସିରିଜ୍ ବିସ୍ଫୋରଣ କରିବାକୁ ଚାହୁଁଥିଲା; କାରଣ ଏହି ଦିନ ବାବ୍ରୀ ମସ୍‌ଜିଦ ଧ୍ୱଂସ କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ସେ ସମ୍ପୂର୍ଣ୍ଣ ଯୋଜନା ପ୍ରସ୍ତୁତ କରିଥିଲା। କିନ୍ତୁ ୩ ଡାକ୍ତରଙ୍କ ସହ ବିସ୍ଫୋରକ ଜବତ ହେବା ପରେ ବିଚଳିତ ହୋଇ ସେ ଲାଲ୍‌କିଲ୍ଲାରେ ବିସ୍ଫୋରଣ ଘଟାଇଥିବା କୁହାଯାଉଛି।

**ବାହାରିଲା ତୁର୍କୀ, ଆଫଗାନିସ୍ତାନ ସହ ଉମର୍‌ର ଲିଙ୍କ୍**

ଦିଲ୍ଲୀ ପୁଲିସର ସୂଚନା ଅନୁଯାୟୀ ଉମର୍‌ର ବିଦେଶୀ ଲିଙ୍କ୍ ସାମ୍ନାକୁ ଆସିଛି। ତୁର୍କୀ ଏବଂ ଆଫଗାନିସ୍ତାନର ନଙ୍ଗରହାରରେ ଥିବା ହ୍ୟାଣ୍ଡଲରଙ୍କ ସହ ନବି ଯୋଗାଯୋଗରେ ଥିଲା। ଡ. ମୁଜାମିଲ ଏବଂ ଡ. ଉମର୍‌ର ପାସପୋର୍ଟରୁ ଏହି ଦୁଇଜଣ ତୁର୍କୀ ଗସ୍ତ କରିଥିବାର ପ୍ରମାଣ ମିଳିଛି। ତୁର୍କୀ ଏବଂ ନଙ୍ଗରହାରରେ ବସିଥିବା ଆତଙ୍କବାଦୀଙ୍କ ସଙ୍କେତରେ ଏହି ଆକ୍ରମଣ ହୋଇଥିଲା ବୋଲି କୁହାଯାଉଛି। ଏହି ହ୍ୟାଣ୍ଡଲରମାନେ କ୍ରମାଗତ ଭାବେ ଉମର୍ ସହ ଯୋଗାଯୋଗରେ ଥିଲେ। ଏହି ଡାକ୍ତର ମଡ୍ୟୁଲୋ ବିଷୟରେ ଉଭୟେ ତାଙ୍କ ହ୍ୟାଣ୍ଡଲରଙ୍କୁ ସୂଚନା ଦେଉଥିଲେ। ନିର୍ଦ୍ଦିଷ୍ଟ ଆପ୍ ଜରିଆରେ ହ୍ୟାଣ୍ଡଲର୍‌ମାନଙ୍କ ସହ ଯୋଗାଯୋଗ କରାଯାଉଥିଲା।

**ବିହାର ନିର୍ବାଚନ ଏକ୍‌ଜିଟ୍ ପୋଲ୍‌କୁ ନେଇ ସଂଶୟ**

# ୭ ନିର୍ବାଚନ; ୬ଟିରେ ଆକଳନ ଭୁଲ୍



■ **ନୂଆଦିଲ୍ଲୀ, ୧୨।୧୧ (ସମିସ):** ଗତକାଲି ବିହାରରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନରେ ପ୍ରାୟ ସମସ୍ତ ଏକଜିଟ୍ ପୋଲ ଏନ୍‌ଡ଼ିଏ ସପକ୍ଷରେ ମତ ଦେଇଛନ୍ତି। ସମସ୍ତ ଏକ୍‌ଜିଟ୍ ପୋଲକୁ ନେଇ କରାଯାଇଥିବା ପୋଲ୍ ଅଫ୍ ଦି ପୋଲରେ ଏନ୍‌ଡ଼ିଏ ୧୪୮ ଓ ମହାଗଠବନ୍ଧନକୁ ୮୮ ଆସନ ମିଳିପାରେ ବୋଲି କୁହାଯାଇଛି। ଅନ୍ୟ ରାଜନୈତିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀଙ୍କ ଖାତାରେ ୭ଟି ଆସନ ପଡ଼ିପାରେ ବୋଲି ଏଥିରେ ଉଲ୍ଲେଖ ରହିଛି । ସେହିପରି ମୋଟ ଭୋଟର ସର୍ବାଧିକ ୪୩% ଏନ୍‌ଡ଼ିଏ ସପକ୍ଷରେ ଓ ୪୧% ମହାଗଠବନ୍ଧନ ସପକ୍ଷରେ ଆସିପାରେ ବୋଲି ଏଥିରେ କୁହାଯାଇଛି। ଯାହାକୁ ନେଇ ବିଜେପି ନେତୃତ୍ୱାଧୀନ ଏନ୍‌ଡ଼ିଏ ବେଶ୍ ଉତ୍ସାହିତ ହୋଇଥିବାବେଳେ ମହାଗଠନବନ୍ଧନ ଏହି ଏକ୍‌ଜିଟ୍ ପୋଲକୁ 'ଫେକ୍‌ଜିଟ୍ ପୋଲ୍' ବୋଲି ଅଭିହିତ କରିଛି। ମାତ୍ର ଏକଜିଟ୍ ପୋଲର ଇତିହାସ ଦେଖିଲେ ଗତ ୧୮ ମାସ ମଧ୍ୟରେ ଦେଶରେ ଅନୁଷ୍ଠିତ ୭ଟି ନିର୍ବାଚନ ମଧ୍ୟରୁ ୬ଟି ଭୁଲ ସାବ୍ୟସ୍ତ ହୋଇଛି। ସବୁଠାରୁ କୌତୂହଳର ବିଷୟ ହେଉଛି ବିହାରରେ ଗତ ୪ଟି ନିର୍ବାଚନରେ ଏକଜିଟ୍ ପୋଲ ମଧ୍ୟରୁ ୩ଟି ସମ୍ପୂର୍ଣ୍ଣ ଭୁଲ ହୋଇଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୧୪ ତାରିଖରେ ଭୋଟଗଣନା ଉପରେ ସମସ୍ତଙ୍କର ନଜର ରହିଛି। ଯଦି ଏନ୍‌ଡିଏ ବିଜୟୀ ହୁଏ ନୀତୀଶ ପୁନର୍ବାର ଅର୍ଥାତ୍ ୧୦ମ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେଇ ପାରନ୍ତି। ଏକ୍‌ଜିଟ୍ ପୋଲ ଆସିବା ପରେ ବିହାରରେ ଏବେ 'ପଚିଶ୍ ସେ ତିଶ୍, ଫିର ସେ ନୀତିଶ' ସ୍ଲୋଗାନ ▶ପୃଷ୍ଠା-୭

**ବିହାରରେ ୪ଟି ନିର୍ବାଚନରେ ସଠିକ ହୋଇନାହିଁ ଏକଜିଟ୍ ପୋଲ୍**

**ଏନ୍‌ଡିଏ ଜିତିଲେ ୧୦ମ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ ନୀତୀଶ କୁମାର!**

# ନୂଆପଡ଼ାରେ ରେକର୍ଡ ୮୩.୪୫% ମତଦାନ

■ **ଭୁବନେଶ୍ୱର, ୧୨।୧୧ (ସମିସ):** ନୂଆପଡ଼ା ଉପ ନିର୍ବାଚନରେ ଐତିହାସିକ ୮୩.୪୫ ପ୍ରତିଶତ ମତଦାନ ହୋଇଛି। ଯାହା ପୂର୍ବ ନିର୍ବାଚନ ତୁଳନାରେ ପାଖାପାଖି ୧୦ ପ୍ରତିଶତ ଅଧିକ ଅଟେ। ବିଶେଷକରି ମହିଳା ମତଦାତାଙ୍କ ଅଂଶଗ୍ରହଣ ପୁରୁଷଙ୍କୁ ଅତିକ୍ରମ କରିଛି, ଯାହା ଏକ ସୁସ୍ଥ ସମାଜ ଓ ଉତ୍ତମ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପ୍ରତିଫଳିତ କରୁଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ ମତଦାନ ଦିନ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଆସିଥିବା ଅଭିଯୋଗକୁ ଖଣ୍ଡନ କରିବା ସହ ଇଭିଏମ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି ବୋଲି କହିଛନ୍ତି।

**ଇଭିଏମ ସମ୍ପୂର୍ଣ୍ଣ ସୁରକ୍ଷିତ: ସିଇଓ**

ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଳନ୍ କହିଛନ୍ତି ଯେ ଦେଶର ଅନ୍ୟ ୮ଟି ବିଧାନସଭା ମଣ୍ଡଳୀରେ ସମାନ ସମୟରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା ବେଳେ ନୂଆପଡ଼ାରେ ଅନ୍ୟ ଉପନିର୍ବାଚନ ତୁଳନାରେ ସର୍ବାଧିକ ମତଦାନ ରେକର୍ଡ କରାଯାଇଛି। ଯାହା ଏଠାକାର ମତଦାତାମାନଙ୍କ ଲୋକତନ୍ତ୍ର ପ୍ରତି ଥିବା ଅହେତୁକ ଆସ୍ଥା ଓ ବିଶ୍ୱାସକୁ ପ୍ରମାଣ କରୁଛି। ଆସନ୍ତା ୧୪ ତାରିଖରେ ଉପ ନିର୍ବାଚନ ଫଳାଫଳ ପାଇଁ ଭୋଟ ଗଣନା ହେବ ଓ ଏଥିପାଇଁ ମତଗଣନା ଟେବୁଲ, ପର୍ଯ୍ୟବେକ୍ଷକ ନିଯୁକ୍ତି, ସିସିଟିଭି ନିରୀକ୍ଷଣର ବ୍ୟବସ୍ଥା ଓ ଷ୍ଟ୍ରଙ୍ଗରୁମର ପର୍ଯ୍ୟବେକ୍ଷଣ କରାଯାଇସାରିଛି । ସେହିପରି ମତଦାନ ବେଳେ ଆସିଥିବା ବିଭିନ୍ନ ଅଭିଯୋଗ ଉପରେ ମଧ୍ୟ ସେ ସ୍ପଷ୍ଟୀକରଣ ରଖିଛନ୍ତି। କୋମନା ବ୍ଲକ ଅଧୀନ ବୁଥ୍ ନମ୍ବର ୩୫୧ ସିଙ୍ଗାରି ▶ପୃଷ୍ଠା-୭

**ଖସୁଛି ପାରଦ**

## ଦାରିଙ୍ଗବାଡ଼ିରେ ୮ ଡିଗ୍ରୀ ଥଣ୍ଡା



■ **ଭୁବନେଶ୍ୱର, ୧୨।୧୧ (ସମିସ):** ତାପମାତ୍ରା ଖସୁଛି ଥଣ୍ଡା ବଢ଼ୁଛି। ସଞ୍ଜ ନଇଁଲେ ଆସୁଛି ଶୀତ। ରାତି ୧୦ ପରେ ସାରା ରାଜ୍ୟରେ ଆରମ୍ଭ ହୋଇଯାଉଛି ଶୀତର ପ୍ରଭାବ। ଅନେକ ସ୍ଥାନରେ ତାପମାତ୍ରା ତଳମୁହାଁ ହେତୁ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ଏହି ଧାରା ଆହୁରି ପ୍ରାୟ ୬ ଦିନ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନ ଥିବାରୁ ଅନେକ ସ୍ଥାନରେ ଶୀତ ଜାରିରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଅନ୍ୟପଟେ ଗତ ୨୪ ଘଣ୍ଟାରେ ରାଜ୍ୟରେ ଶୀତର ପ୍ରଭାବ ପ୍ରବଳ ଅନୁଭୂତ ହୋଇଥିବା ବେଳେ ଦାରିଙ୍ଗବାଡ଼ିରେ ତାପମାତ୍ରା ୮ ଡିଗ୍ରୀକୁ ଖସିଛି। ଦାରିଙ୍ଗବାଡ଼ିରେ ତାପମାତ୍ରା ୮.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଜି.ଉଦୟଗିରିରେ ୮.୭ ଡିଗ୍ରୀ, ▶ପୃଷ୍ଠା-୭

**ଏଜେନ୍ସିର ସ୍ୱଚ୍ଛତା ଉପରେ ସନ୍ଦେହ**

# ହାଇକୋର୍ଟ ଏଏସ୍‌ଓ ପରୀକ୍ଷା ରଦ୍ଦ

■ **ଭୁବନେଶ୍ୱର, ୧୨।୧୧ (ସମିସ):** ପୁଣି ରଦ୍ଦ ହୋଇଛି ଆଉ ଏକ ନିଯୁକ୍ତି ପରୀକ୍ଷା। ହାଇକୋର୍ଟରେ ଏଏସ୍‌ଓ ନିଯୁକ୍ତି ପାଇଁ ଅନୁଷ୍ଠିତ ମୁଖ୍ୟ ଲିଖିତ ପରୀକ୍ଷାକୁ ରଦ୍ଦ କରାଯାଇଛି। ପରୀକ୍ଷା ପରିଚାଳନାରେ ନିୟୋଜିତ ଏଜେନ୍ସିର ପ୍ରକ୍ରିୟା ଓ ସ୍ୱଚ୍ଛତା ଉପରେ ସନ୍ଦେହ ପ୍ରକାଶ କରି ହାଇକୋର୍ଟ ଏହାକୁ ରଦ୍ଦ କରିଛନ୍ତି। ଫଳରେ ରାଜ୍ୟରେ ନିଯୁକ୍ତି ପରୀକ୍ଷା ବିଭ୍ରାଟରେ ଆଉ ଏକ ପରୀକ୍ଷା ସାମିଲ୍ ହୋଇଛି।

ହାଇକୋର୍ଟ ଏଏସ୍‌ଓ ନିଯୁକ୍ତି ପାଇଁ ଏହି ପରୀକ୍ଷା ପରିଚାଳନା କରାଯାଉଥିଲା। ଏଥିପାଇଁ ମେ ୪ ତାରିଖରେ ପ୍ରିଲିମିନାରୀ ପରୀକ୍ଷା ହୋଇଥିଲା। ତହିଁରେ ୭୧୧୩ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହେବା ସହ ମୁଖ୍ୟ ପରୀକ୍ଷା ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ସେମାନଙ୍କୁ ନେଇ ଗତ ଜୁଲାଇ ୧୩ ତାରିଖରେ ମୁଖ୍ୟ ଲିଖିତ ପରୀକ୍ଷା ହୋଇଥିଲା। ପରୀକ୍ଷାରେ ବ୍ୟାପକ ଅସଂଗତି ଏବଂ ସ୍ୱଚ୍ଛତା ନ ଥିବା ନେଇ ହାଇକୋର୍ଟରେ ମାମଲା ହୋଇଥିଲା। ଯାହାର ଶୁଣାଣି କରି ଏହି ମୁଖ୍ୟ ଲିଖିତ ପରୀକ୍ଷାକୁ କୋର୍ଟ ରଦ୍ଦ କରିଛନ୍ତି। ଏନେଇ ହାଇକୋର୍ଟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ସହ ପରୀକ୍ଷା ପରିଚାଳନା କରୁଥିବା ଏଜେନ୍ସିର ସ୍ୱଚ୍ଛତା ଉପରେ ସନ୍ଦେହ ପ୍ରକଟ କରି ପରୀକ୍ଷାକୁ ରଦ୍ଦ କରାଯାଇଥିବା ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ତେବେ କେଉଁ ଏଜେନ୍ସି ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିଲା, ତାହା ସ୍ପଷ୍ଟ ହୋଇ ନାହିଁ।

**ନିଯୁକ୍ତି ବିଭ୍ରାଟରେ ଯୋଡ଼ିହେଲା ଆଉ ଏକ ପରୀକ୍ଷା**

ପରୀକ୍ଷା ରଦ୍ଦ ହେବା ପରେ ପୁଣିଥରେ ମୁଖ୍ୟ ଲିଖିତ ପରୀକ୍ଷା କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଡିସେମ୍ବର ୭ ତାରିଖରେ ମୋଟ୍ ତିନୋଟି ସିଫ୍ଟରେ ପରୀକ୍ଷା ଅନୁଷ୍ଠିତ ହେବ। ସକାଳ ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ପ୍ରଥମ ସିଫ୍ଟରେ ଇଂରାଜୀ ପରୀକ୍ଷା ହେବାକୁ ଥିବାବେଳେ ମଧ୍ୟାହ୍ନ ୧୨ରୁ ୧ଟା ଏବଂ ସାଢ଼େ ୨ ରୁ ସାଢ଼େ ୪ ପର୍ଯ୍ୟନ୍ତ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସିଫ୍ଟ ପରୀକ୍ଷା ଅନୁଷ୍ଠିତ ହେବ। ଆସନ୍ତା ୧୭ ତାରିଖରୁ ପ୍ରିଲିମିନାରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନେ ଆଡମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ ବୋଲି କୁହାଯାଇଛି।

# ଜେମିନି ଏଆଇ ବିବାଦରେ ଗୁଗଲ୍

**ୟୁଜରଙ୍କ ଗୋପନୀୟତା ପ୍ରଘଟ କରିଥିବା ଅଭିଯୋଗ**




■ **ନୂଆଦିଲ୍ଲୀ, ୧୨।୧୧ (ଏଜେନ୍ସି):** ସର୍ଚ୍ଚ ଇଞ୍ଜିନ୍ ଗୁଗଲ୍ ବିରୋଧରେ ହୋଇଛି ବଡ଼ ଅଭିଯୋଗ। କମ୍ପାନୀ ବିରୋଧରେ ୟୁଜରଙ୍କ ଗୋପନୀୟତା ପ୍ରଘଟ କରିଥିବା ନେଇ ଅଭିଯୋଗ ଆସିଛି। ଏଥିରେ ଗୁଗୁଲ୍ ଏହାର ଜେମିନି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସି (ଏଆଇ) ଆସିଷ୍ଟାଣ୍ଟ ବ୍ୟବହାର କରି ଜି-ମେଲ୍, ଚାଟ୍ ଏବଂ ମିଟ୍ ବ୍ୟବହାରକାରୀଙ୍କ ବ୍ୟକ୍ତିଗତ ଯୋଗାଯୋଗକୁ ସେମାନଙ୍କ ସମ୍ମତି ବିନା ଟ୍ରାକ୍ କରିଥିବା ଅଭିଯୋଗ ହୋଇଛି। ପୂର୍ବରୁ, ବ୍ୟବହାରକାରୀମାନଙ୍କୁ ଗୁଗୁଲ୍‌ର ଏଆଇ ବୈଶିଷ୍ଟ୍ୟକୁ ଚାଲୁ କିମ୍ବା ବନ୍ଦ କରିବାର ବିକଳ୍ପ ଦିଆଯାଇଥିଲା। ତଥାପି, ଅକ୍ଟୋବରରେ ଆଲଫାବେଟ୍ ଇନକର୍ପୋରେଟେଡ୍ ୟୁନିଟ୍ ସମସ୍ତ ଉପଭୋକ୍ତାଙ୍କ ପାଇଁ ଏହି ବୈଶିଷ୍ଟ୍ୟକୁ ସ୍ୱୟଂଚାଳିତ ଭାବରେ ଆକ୍ଟିଭ୍ କରିଦେଇଥିବା ▶ପୃଷ୍ଠା-୭

**ସହଜ ହେବ ବନ୍ଦୋବସ୍ତ ପୂର୍ବ ଦଲିଲ୍‌ର ପଟ୍ଟା ପାଇବା**

# ତହସିଲ୍‌ରେ ଜମି ପଟ୍ଟା ସଂଶୋଧନ

■ **ଭୁବନେଶ୍ୱର, ୧୨।୧୧ (ସମିସ):** ଜମି କ୍ରେତା-ବିକ୍ରେତାଙ୍କ ସମସ୍ୟାକୁ ଦୂର କରିବା ପାଇଁ ଓଡ଼ିଶା ସର୍ଭେ ଆଣ୍ଡ ସେଟଲମେଣ୍ଟ ରୁଲ୍‌ସର ସଂଶୋଧନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ଦେଇଛନ୍ତି। ଏହି ଅନୁମୋଦନ ପରେ ରାଜସ୍ୱ ପର୍ଷଦ ବା ଅନ୍ୟ କ୍ଷମତାପ୍ରାପ୍ତ ରିଭିଜନ କୋର୍ଟରେ ପଡ଼ିରହିଥିବା ଅନେକ ମାମଲା ତହସିଲ୍ ଅଫିସରେ ସମାଧାନ ହେବାର ବାଟ ଫିଟିଛି। ଏଣିକି ବନ୍ଦୋବସ୍ତ ପ୍ରକ୍ରିୟା ପୂର୍ବରୁ କିଣାଯାଇଥିବା ଜମିର ପଟ୍ଟା ତହସିଲ ଅଫିସ୍‌ରେ ମିଳିପାରିବ। ତହସିଲମାନେ କ୍ରେତାଙ୍କ ଉପଯୁକ୍ତ କାଗଜପତ୍ର ଯାଞ୍ଚ କରିବା ପରେ ଏହି ପଟ୍ଟା ପ୍ରଦାନ କରିପାରିବେ। ଏହାଦ୍ୱାରା ରାଜ୍ୟର ଅନେକ ପୁରୁଣା ଜମିର ମାଲିକମାନେ ପଟ୍ଟା ପାଇପାରିବେ।

**ନିୟମର ସଂଶୋଧନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ**

ବର୍ତ୍ତମାନ ପ୍ରାବଧାନ ଅନୁସାରେ ବନ୍ଦୋବସ୍ତ ପ୍ରକ୍ରିୟା ପୂର୍ବରୁ କିଣିଥିବା ଜମିର ଜମି ପଟ୍ଟା ବନ୍ଦୋବସ୍ତ ଅଧିକାରୀ କ୍ରେତାଙ୍କ ନାମରେ କରନ୍ତି। କିନ୍ତୁ ଯଦି କୌଣସି କାରଣ ଯୋଗୁଁ ବନ୍ଦୋବସ୍ତ ପ୍ରକ୍ରିୟାରେ ଏହି ଜମିପଟ୍ଟା କ୍ରେତାଙ୍କ ନାମରେ କରାଯାଇ ନ ଥାଏ, ତେବେ କ୍ରେତା ଏଥିପାଇଁ ରାଜସ୍ୱ ପର୍ଷଦ ବା ଅନ୍ୟ କ୍ଷମତାପ୍ରାପ୍ତ ରିଭିଜନ କୋର୍ଟରେ ଅପିଲ୍ କରିଥାନ୍ତି। ଏହି ଅପିଲଗୁଡ଼ିକ ବର୍ଷ ବର୍ଷ ଧରି ଫଇସଲା ନ ହୋଇ ପଡି ରହିଥାଏ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁମୋଦିତ ଉପରୋକ୍ତ ରୁଲ୍ ସଂଶୋଧନ ଦ୍ୱାରା ବର୍ତ୍ତମାନ ଏପରି ମାମଲାରେ ଜମିପଟ୍ଟା କ୍ରେତାଙ୍କ ନାମରେ ରେକର୍ଡ କରିବା ପାଇଁ ସଂପୃକ୍ତ ତହସିଲଦାରମାନେ କ୍ଷମତାପ୍ରାପ୍ତ ହେବେ। ଏହାଦ୍ୱାରା ସଂପୃକ୍ତ କ୍ରେତାମାନେ ବନ୍ଦୋବସ୍ତ ପ୍ରକ୍ରିୟା ପୂର୍ବରୁ ବୈଧ ଭାବେ କିଣିଥିବା ଜମିର ଜମିପଟ୍ଟା ନିଜ ନାମରେ କରିବା ପାଇଁ ସଂପୃକ୍ତ ତହସିଲଦାରଙ୍କ ପାଖରେ ଆବେଦନ କରିପାରିବେ। ସେମାନଙ୍କୁ ରାଜସ୍ୱ ପର୍ଷଦ ବା ଅନ୍ୟ କ୍ଷମତାପ୍ରାପ୍ତ ରିଭିଜନ କୋର୍ଟରେ ଅପିଲ ବା ଆବେଦନ କରିବା ଆଉ ଦରକାର ହେବନାହିଁ।

# ଅନିଶ୍ଚିତତା ଘେରରେ ଓଡ଼ିଶା କ୍ରିକେଟ

## ଦଳ ପ୍ଲେଟ୍ ଗ୍ରୁପ୍‌କୁ ଖସିବାର ଡର ଘାରିଲା

■ **କଟକ, ୧୨।୧୧ (ସମିସ):** ଜାତୀୟ କ୍ରିକେଟରେ ଓଡ଼ିଶାର ପ୍ରଦର୍ଶନ କ୍ରମାଗତ ଭାବେ ନିରାଶାଜନକ ହୋଇଛି। ଚଳିତ ରଣଜୀ ସିଜନରେ ଓଡ଼ିଶା ଦଳ ପ୍ରଥମ ୪ଟି ମ୍ୟାଚ୍‌ରୁ ୩ଟି ପରାଜୟ ବରଣ କରିବା ପରେ ମାତ୍ର ଗୋଟିଏ ପଏଣ୍ଟ ପାଇଛି। ଦଳରେ ସ୍ଥାନ ପାଇଥିବା ବରିଷ୍ଠ ଓ ଅଭିଜ୍ଞ ଖେଳାଳିମାନେ ସଙ୍କଟ ସମୟରେ ଦଳକୁ ସାହା ହେବାରେ ବିଫଳ ହେଉଛନ୍ତି। ସେମାନଙ୍କ ସ୍ଥାନରେ ନବାଗତଙ୍କୁ ସୁଯୋଗ ଦେଲେ ମଧ୍ୟ ପ୍ରଦର୍ଶନରେ ଉନ୍ନତି ହେଉନାହିଁ। ଏପରିସ୍ଥଳେ ଏକାଧିକ ଅନ୍ତର୍ଜାତୀୟ ଖେଳାଳି ସୃଷ୍ଟି କରିଥିବା ଓଡ଼ିଶା କ୍ରିକେଟର ଭବିଷ୍ୟତ ଏବେ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଉଛି।




**ଚିନ୍ତା ବଢ଼ାଉଛି ପ୍ରତିଭା ଚିହ୍ନଟ ଓ ପ୍ରଶିକ୍ଷଣ**

**ପ୍ରଶ୍ନ ଘେରରେ ଓସିଏର କାର୍ଯ୍ୟଖସଡ଼ା, ପ୍ରଶିକ୍ଷକଙ୍କ ଭୂମିକା**

ଏକଦା ରଣଜୀ ଏଲିଟ୍ ଗ୍ରୁପ୍‌ରେ ଶକ୍ତିଶାଳୀ ଦଳ ଭାବେ ପରିଗଣିତ ହେଉଥିବା ଓଡ଼ିଶା ଦଳର ନିରାଶାଜନକ ପ୍ରଦର୍ଶନ ଏବେ ଚିନ୍ତାର କାରଣ ପାଲଟିଛି। ଏପରିକି ଦଳର ଭବିଷ୍ୟତକୁ ନେଇ କୌଣସି ଆଶାର କିରଣ ଦେଖାଯାଉନାହିଁ। ଦଳ ପ୍ଲେଟ୍ ଲିଗ୍‌କୁ ଖସିଯିବାର ସ୍ଥିତି ଉପୁଜିଥିବାବେଳେ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ)ର କାର୍ଯ୍ୟ ଖସଡ଼ା ଓ ପ୍ରଶିକ୍ଷକଙ୍କ ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଓସିଏ ସମ୍ପାଦକ ସଞ୍ଜୟ ବେହେରା ଦଳର ପ୍ରଦର୍ଶନ ଦୁଃଖଦାୟକ ବୋଲି କହି ପ୍ରସଙ୍ଗକୁ ଏଡ଼ାଇ ଯାଇଛନ୍ତି।

ଉନ୍ନତ ଭିତ୍ତିଭୂମି, ଗୁଣାତ୍ମକ ପ୍ରଶିକ୍ଷଣ ବ୍ୟବସ୍ଥା ଉପଲବ୍ଧ କରାଯାଇଛି ବୋଲି ଓସିଏ ପକ୍ଷରୁ ବାରମ୍ବାର କୁହାଯାଉଛି। କିନ୍ତୁ ଚଳିତ ସିଜନ୍‌ରେ ଦଳର ବ୍ୟାଟିଂ ଓ ବୋଲିଂ ବିପର୍ଯ୍ୟୟ ଏହିପରିପ୍ରେକ୍ଷୀରେ ଅଧିକ ଚିନ୍ତା ବଢ଼ାଇଛି। ଓଡ଼ିଶା ଏଯାଏଁ ୪ଟି ରଣଜୀ ମ୍ୟାଚ୍ ଖେଳିସାରିଥିଲେ ହେଁ ଜଣେ ହେଲେ ବ୍ୟାଟର ଶତକ ହାସଲ କରିପାରିନାହାନ୍ତି। ଦଳ ମଧ୍ୟ ବଡ଼ ସ୍କୋର୍ କରିବାରେ ସମର୍ଥ ହୋଇପାରିନାହିଁ। ସେହିପରି ବୋଲର୍‌ଙ୍କ ପ୍ରଦର୍ଶନ ମଧ୍ୟ ପ୍ରଭାବଶାଳୀ ହୋଇପାରି ନଥିବାରୁ ପ୍ରତିପକ୍ଷ ଦଳର ସମସ୍ତ ୨୦ଟି ୱିକେଟ ଅକ୍ତିଆର କରିବାରେ ଦଳକୁ ସଫଳତା ମିଳିନାହିଁ।

ଜିଲ୍ଲାୱାରୀ କ୍ରିକେଟ୍ ଭିତ୍ତିଭୂମିର ବିକାଶ କରାଯାଇଛି ବୋଲି ଓସିଏ ପକ୍ଷରୁ ▶ପୃଷ୍ଠା-୭

ସମ୍ପୂର୍ଣ୍ଣା

ସକାଳ THE SAKALA
www.sakalaepaper.com

## ଆଜି ଆସିଥିଲେ
# କବି ମାୟାଧର ମାନସିଂହ



ମାୟାଧର ମାନସିଂହ ଏକାଧାରରେ ଥିଲେ ଜଣେ ସଫଳ କବି, ପ୍ରାବନ୍ଧିକ, ସମାଲୋଚକ, ଅନୁବାଦକ, ଭ୍ରମଣବୃତ୍ତାନ୍ତ ରଚୟିତା, ସମ୍ପାଦକ। ସେ ପ୍ରେମ ଓ ପ୍ରଣୟର କବି ଭାବେ ଅଧିକ ପରିଚିତ ଓ ଲୋକପ୍ରିୟ। ତାଙ୍କର ସାରସ୍ୱତ ଅବଦାନ ମଧ୍ୟରେ କବିତା ବ୍ୟତୀତ ନାଟକ, ପ୍ରବନ୍ଧ, ଜୀବନୀ, ଗଳ୍ପ ଏବଂ ଅନୁବାଦ ଓ ଗୀତିକବିତା ରହିଛି। ସାହିତ୍ୟର ଏମିତି କୌଣସି ବିଭାଗ ନାହିଁ ଯେଉଁଥିରେ କି ସେ ତାଙ୍କର ଲେଖନୀ ଚାଳନା କରିନାହାଁନ୍ତି। ଆଧୁନିକ ଓଡ଼ିଆ କବିତାରେ କବିବର ରାଧାନାଥଙ୍କ ପରେ ମାୟାଧର ମାନସିଂହ ହେଉଛନ୍ତି ନୂତନ ପିଢ଼ିର ପ୍ରମୁଖ ରୋମାଣ୍ଟିକ୍ କବି। ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ସେ ଲେଖୁଥିଲେ। ମାୟାଧର ମାନସିଂହ ଓଡ଼ିଶାର ପୁରୀ ଜିଲ୍ଲାସ୍ଥିତ ନନ୍ଦଳା ଗ୍ରାମରେ ୧୯୦୫ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ସେ ଓଡ଼ିଆ ଲେଖିକା ଓ କବି ହେମଲତା ମାନସିଂହଙ୍କୁ ବିବାହ କରିଥିଲେ। ତରୁଣ ବୟସରେ ସେ ସତ୍ୟବାଦୀ ବନ ବିଦ୍ୟାଳୟର ଛାତ୍ର ଥିଲେ। ସେ ରେଭେନ୍ସା ମହାବିଦ୍ୟାଳୟ ବି.ଏ. ଓ ପାଟଣା ବିଶ୍ୱବିଦ୍ୟାଳୟରୁ ଏମ୍.ଏ. ପାସ୍ କରିଥିଲେ। ଇଂଲଣ୍ଡର ଡରହାମ ବିଶ୍ୱବିଦ୍ୟାଳୟରେ ସେକ୍ସପିୟର ଓ କାଳିଦାସଙ୍କ ସାହିତ୍ୟରେ ତୁଳନାତ୍ମକ ପ୍ରବନ୍ଧ ପ୍ରସ୍ତୁତ କରି ସେ ପିଏଚ୍‌ଡି ଲାଭ କରିଥିଲେ। ମାୟାଧର ମାନସିଂହ ଓଡ଼ିଶାର ପ୍ରଥମ ଡକ୍ଟରେଟ୍ ଉପାଧିଧାରୀ ଥିଲେ। ସେ ସେକ୍ସପିଅରଙ୍କ ଲିଖିତ 'Othello'ର ଓଡ଼ିଆରେ ରୂପାନ୍ତର କରିଥିଲେ। ସେ ପଦ୍ମଶ୍ରୀ ପୁରସ୍କାର ପାଇଥିଲେ। ଅତି ତରୁଣ ବୟସରୁ ତାଙ୍କଠାରେ କାବ୍ୟପ୍ରତିଭାର ଉନ୍ମେଷ ହୋଇଥିଲା। ତାଙ୍କର କବିତା ଗ୍ରନ୍ଥଗୁଡ଼ିକ 'ଧୂପ', 'ହେମଶସ୍ୟ', 'କୋଣାର୍କ', 'ସାଧବଝିଅ', 'କମଳାୟନ' ଇତ୍ୟାଦି। ପ୍ରକୃତି ଓ ମାନବପ୍ରେମ, ସୌନ୍ଦର୍ଯ୍ୟର ବର୍ଣ୍ଣାଢ଼୍ୟର ଅଭିବ୍ୟକ୍ତିରେ ଉଦ୍ଭାସିତ କବି ମାୟାଧର ମାନସିଂହଙ୍କ କାବ୍ୟ ସୃଷ୍ଟି। ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ତାଙ୍କର ଗଭୀର ମମତା ଓ ଆନ୍ତରିକତା ରହିଥିଲା। ଏହା ତାଙ୍କ ରଚନାରେ ପ୍ରତିଫଳିତ ହୋଇଥାଏ। ଓଡ଼ିଆ ସମେତ ସଂସ୍କୃତ, ଇଂରାଜୀ ଓ ବଙ୍ଗଳା ସାହିତ୍ୟରେ ତାଙ୍କର ଗଭୀର ପାଣ୍ଡିତ୍ୟ ଥିଲା। ଜଣେ ମାନବବାଦୀ, ଜାତୀୟତାବାଦୀ କବି ସତ୍ତ୍ୱେ ସେ ମୁଖ୍ୟତଃ ରୋମାଣ୍ଟିକ୍ ଚେତନାର କବି ପାଇଁ ଓଡ଼ିଆ ସାହିତ୍ୟରେ ବିଶେଷ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କର ଜଣାଶୁଣା ପ୍ରବନ୍ଧ ପୁସ୍ତକ ମଧ୍ୟରେ 'ଜୀବନପଥ', 'ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ' ପ୍ରଭୃତି ଅନ୍ୟତମ। ୧୧ ଅକ୍ଟୋବର ୧୯୭୩, ୬୭ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା। ପରମ୍ପରାଗତ ଧାରାରୁ ବାହାରି ମାୟାଧର ମାନସିଂହ ଓଡ଼ିଆ ସାହିତ୍ୟରେ ଏକ ନୂତନ ଧାରା ସୃଷ୍ଟି କରିଥିଲେ।

# ଆର୍ଯ୍ୟନଙ୍କ ମାଷ୍ଟର ପ୍ଲାନ୍



ବଲିଉଡ୍‌ର କିଙ୍ଗ ଖାନ୍ ଶାହରୁଖଙ୍କ ପୁଅ ଆର୍ଯ୍ୟନ୍ ଖାନ୍ "ଦ ବା**ଡ୍ସ ଅଫ୍ ବଲିଉଡ୍" ଜରିଆରେ ତାଙ୍କର ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରିଛନ୍ତି। ଏହା ତାଙ୍କ ପାଇଁ ସଫଳ ସାବ୍ୟସ୍ତ ହୋଇଛି। ଏବେ ସେ ତାଙ୍କ କ୍ୟାରିୟରକୁ ଆହୁରି ଭଲ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି। ଓଟିଟି ପରେ ଏବେ ଆର୍ଯ୍ୟନ୍ ବଡ଼ ପରଦାରେ ତାଙ୍କ କ୍ୟାରିୟର ଆରମ୍ଭ କରିବା ଲକ୍ଷ୍ୟ ରଖିଛନ୍ତି। ସେ ଏକ ମନୋରଞ୍ଜନ ଭିତ୍ତିକ ଫିଲ୍ମ ଆଣିବା ପାଇଁ ଯୋଜନା କରିଛନ୍ତି। ଏହା ୨୦୨୭ରେ ଆସିବ। ଫିଲ୍ମର କାହାଣୀ ଓ ଏହାର କଳାକାରଙ୍କୁ ଆର୍ଯ୍ୟନ୍ ସଂପୂର୍ଣ୍ଣ ଗୋପନୀୟ ରଖିଛନ୍ତି। ତେବେ ଏହି ଫିଲ୍ମରେ ଶାହରୁଖ୍ ଲିଡ୍ ରୋଲରେ ନଜର ଆସିବେନି। ଆର୍ଯ୍ୟନ୍ ତାଙ୍କ ସୁପରଷ୍ଟାର୍ ପିତାଙ୍କ ଫିଲ୍ମକୁ ନିର୍ଦ୍ଦେଶନା ଦେବା ପୂର୍ବରୁ ଏକ ନୂଆ ସିନେମାର ଅନୁଭବ ନେବାକୁ ଚାହୁଁଛନ୍ତି। ସେ ଶାହରୁଖଙ୍କ ସହ କାମ କରିବା ପୂର୍ବରୁ ଜଣେ ସଫଳ ନିର୍ଦ୍ଦେଶକ ଭାବେ ନିଜକୁ ପ୍ରମାଣିତ କରିବାକୁ ଚାହୁଁଛନ୍ତି। ଯଦି ସବୁକିଛି ଯୋଜନା ମୁତାବିକ ହୁଏ, ତେବେ ଆର୍ଯ୍ୟନ୍‌ଙ୍କ ତୃତୀୟ ଫିଲ୍ମରେ ଶାହରୁଖ୍ ନଜର ଆସିବେ। ୨୦୨୭ରେ ଏହି ଫିଲ୍ମ ଆସିବ। ଏବେ ଆର୍ଯ୍ୟନ୍ ତାଙ୍କ ଦ୍ୱିତୀୟ ଫିଲ୍ମର କାହାଣୀରେ ବ୍ୟସ୍ତ ଅଛନ୍ତି। ଏହାର ଷ୍ଟାରକାଷ୍ଟ ମଧ୍ୟ ଖୁବ୍‌ଶୀଘ୍ର ଘୋଷଣା କରାଯିବ।

## ଆଜିର ଇତିହାସ

- ୧୭୮୦- ମହାରାଜା ରଣଜୀତ ସିଂହଙ୍କ ଜନ୍ମ।
- ୧୯୧୮ - ଅଷ୍ଟ୍ରିଆ ଗଣରାଜ୍ୟ ହେଲା।
- ୧୯୭୧- ଆମେରିକୀୟ ମହାକାଶଯାନ ମ୍ୟାରିନର୍-୯ ମଙ୍ଗଳ ଗ୍ରହ ପରିକ୍ରମା କଲେ।
- ୧୯୮୫- କଲମ୍ବିଆରେ ଜ୍ୱାଳାମୁଖୀ ବିସ୍ଫୋରଣ ହେବାରୁ ୨୩ ହଜାର ଲୋକଙ୍କ ମୃତ୍ୟୁ।
- ୧୯୯୭- ସୁରକ୍ଷା ପରିଷଦ ଇରାକ୍ ଯାତ୍ରା ଉପରେ ପ୍ରତିବନ୍ଧକ ଲଗାଇଲା।
- ୨୦୧୫- ଆତଙ୍କବାଦୀମାନେ ପ୍ୟାରିସ୍ ଉପରେ ଆକ୍ରମଣ କରିବାରୁ ୧୩୦ ଲୋକଙ୍କ ମୃତ୍ୟୁ, ୩୫୦ରୁ ଅଧିକ ଆହତ।

# ପ୍ରତିମୂର୍ତ୍ତିକୁ ମାଡ଼



ସର୍ବଦା ଭଲ କାମ କରିଥିବା ବ୍ୟକ୍ତିଙ୍କ ନାଁ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇ ରହିଛି। ହେଲେ ଚୀନ୍‌ର କିନ୍ ହୁଇ ନାମକ ବ୍ୟକ୍ତିଙ୍କ ଘୃଣ୍ୟ କାମକୁ ଆଜି ବି ଲୋକେ ଭୁଲି ପାରୁନାହାନ୍ତି। ତାଙ୍କ ଉପରେ ରାଗ ସୁଝାଇବା ପାଇଁ ଲୋକେ ତାଙ୍କ ପ୍ରତିମୂର୍ତ୍ତିକୁ ପ୍ରତିଦିନ ମାଡ଼ ମାରୁଛନ୍ତି। ଚୀନ୍, ହାଙ୍ଗଝୋଉରେ କିନ୍ ହୁଇ ଏବଂ ତାଙ୍କ ପତ୍ନୀଙ୍କର ଏକ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଛି। ଏହି ପ୍ରତିମୂର୍ତ୍ତିକୁ ଲୋକେ ଚାପୁଡ଼ା, ଲାତ ମାରନ୍ତି। ଉକ୍ତ ପ୍ରତିମୂର୍ତ୍ତି ଦୁଇଟି ସମ୍ମୁଖରେ ସାହସୀ ଜେନେରାଲ ୟୁଫେଇଙ୍କ ସମାଧି ରହିଛି। କିନ୍ ହୁଇ ଓ ତାଙ୍କ ପତ୍ନୀଙ୍କ ଆଣ୍ଠେଇକି ମୁଣ୍ଡକୁ ନୁଆଁଇବା ଅବସ୍ଥାରେ ପ୍ରତିମୂର୍ତ୍ତି ରହିଛି। ସେମାନଙ୍କ ହାତକୁ ପଛକୁ କରି ବନ୍ଧା ଯାଇଛି। ତେବେ ଏହି ପ୍ରତିମୂର୍ତ୍ତି ଲୋକେ ରାଗ ଶୁଝାଇବା ପାଇଁ ନିର୍ମାଣ କରିଛନ୍ତି। ସ୍ୱାମୀସ୍ତ୍ରୀଙ୍କ ପ୍ରତିମୂର୍ତ୍ତିକୁ ଲୋକେ ଚାପୁଡ଼ା, ଲାତ ମାରିବା ସହିତ ଛେପ ପକାଇଥାନ୍ତି। ଏହି ଦମ୍ପତି ଦେଶଦ୍ରୋହୀ ଥିଲେ ବୋଲି କୁହାଯାଏ। ସୋଙ୍ଗ ରାଜବଂଶ ସମୟରେ କିନ୍ ହୁଇ ଚୀନ୍‌ର ଚାନସେଲର ଥିଲେ। ଦେଶ ଚଳାଇବା ସହ ଲୋକଙ୍କୁ ସୁରକ୍ଷା ଦେବା ତାଙ୍କର କାମ ଥିଲା। କିନ୍ ହୁଇ, ୟୁଫେଇ ରାଜାଙ୍କ ଶତ୍ରୁମାନଙ୍କ ସହିତ ଶାନ୍ତି ଚୁକ୍ତି କରିବାକୁ ଚେଷ୍ଟା କରୁଛନ୍ତି ବୋଲି ମିଥ୍ୟା ଅଭିଯୋଗ ଆଣିଥିଲେ। ଫଳରେ ୟୁଫେଇଙ୍କୁ ଜେଲ୍ ଦଣ୍ଡ ସହ ମୃତ୍ୟୁଦଣ୍ଡ ଭୋଗିବାକୁ ପଡ଼ିଥିଲା। ଲୋକେ ଯେତେବେଳେ ଏହି କଥା ଜାଣିବାକୁ ପାଇଲେ କିନ୍ ହୁଇଙ୍କ ଉପରେ ରାଗି ଯାଇଥିଲେ। ୟୁଫେଇଙ୍କୁ ଜାତୀୟ ନାୟକ ଭାବେ ଘୋଷଣା କରିବା ସହ କିନ୍ ହୁଇଙ୍କୁ ଚୀନ୍ ଇତିହାସର ସବୁଠୁ ବଡ଼ ଦେଶଦ୍ରୋହୀ ଘୋଷଣା କରିଥିଲେ। ତେଣୁ ପ୍ରାୟ ୧୫ ଶହ ଶତାବ୍ଦୀରୁ କିନ୍ ହୁଇ ଓ ତାଙ୍କ ପତ୍ନୀଙ୍କ ପ୍ରତିମୂର୍ତ୍ତିକୁ ମାଡ଼ ମାରିବାର ପରମ୍ପରା ଚାଲିଆସୁଛି। ବାରମ୍ବାର ମାଡ଼ ହେଉଥିବାରୁ ପ୍ରତିମୂର୍ତ୍ତି ଦୁଇଟି ଭାଙ୍ଗିଯାଉଥିବାରୁ ଏଯାବତ୍ ୧୧ ଥର ବଦଳା ଯାଇଛି। ଶେଷଥର ପାଇଁ ଏହି ମୂର୍ତ୍ତି ୧୯୭୯ ମସିହାରେ ବଦଳା ଯାଇଥିଲା। ଇତିମଧ୍ୟରେ ପାଞ୍ଚଶହରୁ ଅଧିକ ବର୍ଷ ବିତି ଯାଇଥିଲେ ବି ଲୋକେ ସେମାନେ ଏହି ପ୍ରତିମୂର୍ତ୍ତି ଉପରେ ଛେପ ପକାଇ ନିଜ ରାଗ ସୁଝାଉଛନ୍ତି।

# ସଡ଼କ ନ ଥିବା ଗାଁ



ଦୁନିଆରେ ଏମିତି କିଛି ଗାଁ ଅଛି ଯାହା ତା'ର ନିଜସ୍ୱ ଭିନ୍ନତା ଓ ସ୍ୱତନ୍ତ୍ରତା ପାଇଁ ଜଣାଯାଏ। ଏଭଳି ଏକ ଗାଁ ହେଉଛି ନେଦରଲ୍ୟାଣ୍ଡର ଗିଥର୍ଣ୍ଣ। ଏହାର ବିଶେଷତା ହେଲା ଅନ୍ୟ ଗାଁଗୁଡ଼ିକ ଭଳି ଏଠାରେ ନାଁ ରାସ୍ତା ଅଛି ନା ଯାନବାହନ। ଏହା 'ଡଚ୍ ଭେନିସ୍' ନାମରେ ମଧ୍ୟ ଜଣାଶୁଣା। ଏଠାକୁ ପ୍ରତିବର୍ଷ ଲକ୍ଷ ଲକ୍ଷ ସଂଖ୍ୟାରେ ପର୍ଯ୍ୟଟକ ଆସନ୍ତି, ନାଆରେ ବସି ପୂରା ସହର ବୁଲନ୍ତି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା ଗାଁ ମଧ୍ୟରେ ପିଚୁ ସଡ଼କଟିଏ ନାହିଁ। ଗାଁଟି ପାଣି ଆଚ୍ଛାଦିତ। ଏଠାରେ କାଠ ନିର୍ମିତ ୧୮୦ଟି ପୋଲ ରହିଛି। ସ୍ଥାନୀୟ ଲୋକେ ଓ ପର୍ଯ୍ୟଟକମାନେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାତାୟତ କରିବା ପାଇଁ ଡଙ୍ଗା ବ୍ୟବହାର କରିଥାନ୍ତି। ଗିଥର୍ଣ୍ଣରେ ପାଖାପାଖି ୩୦୦୦ ଲୋକ ରୁହନ୍ତି। ଏଠିକାର ସୁନ୍ଦର ପରିବେଶ, ନିର୍ମଳ ପାଣି ଓ ସବୁଜ ବନାନୀ ଫିଲ୍ମ ଦୃଶ୍ୟ ଭଳି ମନେ ହୋଇଥାଏ। କୋଳାହଳଠୁ ଦୂରରେ ରହିବାକୁ ପସନ୍ଦ କରୁଥିବା ଲୋକଙ୍କ ପାଇଁ ଏହି ପରିବେଶ ଖୁବ୍ ଖାସ୍ ହୋଇଥାଏ। ସେହିପରି ଏଠାରେ କାର୍ ଓ ମୋଟର ସାଇକଲ ଭଳି କୌଣସି ଯାନ ଦେଖିବାକୁ ମିଳେନି। ପ୍ରତିଘର ଆଗରେ ଗୋଟିଏ ଲେଖାଏଁ ଛୋଟ ଡଙ୍ଗା ଥାଏ। ବିଦ୍ୟୁତ୍ ମୋଟର ଦ୍ୱାରା ଏହି ଡଙ୍ଗାଗୁଡ଼ିକ ଚାଲେ। ଏହାଦ୍ୱାରା ପରିବେଶ ମଧ୍ୟ ସୁରକ୍ଷିତ ରହିଥାଏ। କୋଳାହଳ ନ ଥିବାରୁ ସହର ମଧ୍ୟରେ ଏକ ଶାନ୍ତିପୂର୍ଣ୍ଣ ବାତାବରଣ ବଜାୟ ରହିଥାଏ। ଅବଶ୍ୟ କିଛି ସ୍ଥାନରେ ସଂକୀର୍ଣ୍ଣ ପାଦଚଲା ରାସ୍ତା ଓ ସାଇକଲ ଚାଳନା ପାଇଁ ଟ୍ରାକ୍ ରହିଛି। ଏଠାରେ ପର୍ଯ୍ୟଟକମାନେ ଆରାମରେ ବୁଲାବୁଲି କରିପାରିବେ। ଏଠିକାର ସରଳ ଜୀବନଶୈଳୀ ଓ ଭିନ୍ନତା ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ୧୨୩୦ରେ ଏହି ଗାଁଟିର ନିର୍ମାଣ କରାଯାଇଥିଲା। ପ୍ରାରମ୍ଭରେ ଏହାର ନାମ 'ଗେଟେନହର୍ଣ୍ଣ' ଥିଲା। ତେବେ ଖୋଳାଖୋଳି ହେବାରୁ ଏଠାରେ ଥିବା ଏକ ପୋଖରୀ ଏକ ହ୍ରଦର ରୂପ ନେଇଥିଲା ବୋଲି ସ୍ଥାନୀୟ ଲୋକେ କୁହନ୍ତି। ପର୍ଯ୍ୟଟକଙ୍କୁ ଏହା ସ୍ୱର୍ଗ ଭଳି ଅନୁଭୂତି ଦେଇଥାଏ। ପ୍ରତିବର୍ଷ ଲକ୍ଷ ଲକ୍ଷ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ଏଠାରେ ସେମାନେ ପେଡାଲ ବୋଟିଂର ମଜା ନେଇଥାନ୍ତି। ଏଥିସହ କୂଳରେ ନିର୍ମିତ ହୋଟେଲ ଓ ରେଷ୍ଟୋରାଁ ଆଦିର ସୁନ୍ଦରତାକୁ ଡଙ୍ଗାରେ ବସି ଅନୁଭବ କରନ୍ତି।

# ଫୁଲରେ ସଜାଇଲେ ରାସ୍ତାର ଖାଲଢ଼ିପ

ଅନେକ ସମୟରେ ନିମ୍ନ ମାନର କାମ ଯୋଗୁଁ ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ଓ ଖାଲ ଢିପ ଦେଖାଯାଏ। ଲୋକଙ୍କ ବାରମ୍ବାର ଅଭିଯୋଗ ପରେ ବି ପ୍ରଶାସନ ଏଦିଗରେ କିଛି ପଦକ୍ଷେପ ଗ୍ରହଣ କରି ନ ଥାଏ। ନିକଟରେ କର୍ଣ୍ଣାଟକ ମାଣ୍ଡ୍ୟା ଜିଲ୍ଲାରେ ରାସ୍ତା ଦୁର୍ଦ୍ଦଶାର ସ୍ଥିତିକୁ କିଛି ବୟସ୍କ ନିଆରା ଉପାୟରେ ପ୍ରଶାସନର ଦୃଷ୍ଟିଆକର୍ଷଣ କରିବାକୁ ଚାହିଁଛନ୍ତି। ଯାହାକି ଏବେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ଦୀପାବଳି ଅବସରରେ ଏହି ରାସ୍ତା ନିକଟରେ ଥିବା ଏକ ଜରାଶ୍ରମର କିଛି ବୟସ୍କ ବ୍ୟକ୍ତି ଶାନ୍ତିପୂର୍ଣ୍ଣ ଭାବେ ବିରୋଧ କରିଥିଲେ। ସେମାନେ ଘରକୁ ଆଲୋକିତ କରିବା ପରିବର୍ତ୍ତେ ରାସ୍ତାରେ ହୋଇଥିବା ଗାତରେ ଦୀପ ଜାଳିଛନ୍ତି। ଏପରିକି ଏହାକୁ ଫୁଲରେ ସଜାଇଥିଲେ। ରାସ୍ତା କେବଳ ଗାଡ଼ି ଚଳାଇବା ପାଇଁ ନୁହେଁ, ବରଂ ଲୋକଙ୍କ ସୁରକ୍ଷାର ମାଧ୍ୟମ ମଧ୍ୟ ବୋଲି ଏହା ସ୍ଥାନୀୟ ପ୍ରଶାସନକୁ ଅବଗତ କରାଇବା ଉଦ୍ଦେଶ୍ୟରେ ଏହି ବୟସ୍କ ଲୋକମାନେ ଏପରି କରିଥିବା କହିଛନ୍ତି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ବୟସ୍କ ବ୍ୟକ୍ତିମାନେ ଫୁଲ ଏବଂ ମହମବତୀରେ ରାସ୍ତାର ଗାତ ତଥା ଖାଲଢ଼ିପକୁ ସଜାଇଛନ୍ତି। ପରେ ଧୂପ ଦେଇ ପୂଜା କରିଛନ୍ତି। ଏହାସହିତ ହାତ ଯୋଡ଼ି ରାସ୍ତା ମଝିରେ ଛିଡ଼ା ହୋଇ ପ୍ରାର୍ଥନା କରୁଥିବାର ଦେଖାଯାଇଛି। ତେବେ ଏଭଳି ବିରୋଧ ପରେ ପ୍ରଶାସନ ଏଦିଗରେ କିଛି ପଦକ୍ଷେପ ନେଇପାରେ ବୋଲି ସେମାନେ ଆଶାବାଦୀ ଅଛନ୍ତି। ତେବେ ସେମାନେ ଏହି ବିରୋଧ କିକେରି କେଆର୍ ପେଟ୍ ହାଇୱେରେ କରିଛନ୍ତି। ଏହି ରାସ୍ତା ଦୀର୍ଘ ଦିନ ଧରି ଖରାପ ସ୍ଥିତିରେ ଅଛି। ଅନ୍ୟପଟେ ଏହା ଉପରେ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।



# ଟ୍ରାଫିକ୍‌ରେ ହୃଦୟାଲୋକ

ସାଧାରଣତଃ ଟ୍ରାଫିକ୍ ସିଗ୍ନାଲ ଲାଇଟ୍ ଗୋଲାକୃତିରେ ଜଳୁଥିବା ସମସ୍ତେ ଦେଖିଛନ୍ତି ଓ ଜାଣିଛନ୍ତି। ହେଲେ ଜୟପୁରରେ ଏହାର ବିପରୀତ ଦୃଶ୍ୟ ଦେଖିବାକୁ ମିଳିଛି। ଜୟପୁର ଟ୍ରାଫିକ୍ ପୁଲିସ୍ ଏଠାକାର ପ୍ରାୟ ୨୦ଟି ପ୍ରମୁଖ ଛକରେ ଟ୍ରାଫିକ୍ ଲାଇଟ୍‌କୁ ନେଇ ଏକ ନିଆରା ପଦକ୍ଷେପ ଆରମ୍ଭ କରିଛି। ଏଠାରେ ଟ୍ରାଫିକ୍ ସିଗ୍ନାଲରେ ଜଳୁଥିବା ରେଡ ଲାଇଟ୍ ଗୋଲାକୃତି ବଦଳରେ ହୃଦୟାକୃତି ହୋଇଛି। ଏହାକୁ ନେଇ ଲୋକଙ୍କଠାରେ ଉତ୍ସାହ ଦେଖିବାକୁ ମିଳିଛି। ଅବଶ୍ୟ ଏବେ ଏହାକୁ ଟ୍ରାଏଲ ପାଇଁ ଲଗାଯାଇଛି। ଅନ୍ୟପଟେ ଟ୍ରାଫିକ୍ ସିଗ୍ନାଲର ଲାଇଟ୍‌କୁ ହୃଦୟାକୃତି କରି ଲୋକଙ୍କୁ ସୁରକ୍ଷିତ ରହିବା ଲାଗି ବାର୍ତ୍ତା ପ୍ରଦାନ କରାଯାଉଛି। କାରଣ ଏହି ଡିଜାଇନ୍‌ରେ ଟ୍ରାଫିକ୍ ଲାଇଟ୍ ଜଳିବା ଦେଖି ଲୋକଙ୍କ ମୁହଁରେ ଆପେଆପେ ହସ ଆସୁଛି। ତେବେ ଟ୍ରାଫିକ୍ ସିଗ୍ନାଲରେ ଦୀର୍ଘ ସମୟ ଅପେକ୍ଷା କରିବା ଲୋକଙ୍କ ପାଇଁ ବିରକ୍ତିକର ହୋଇଥାଏ। ହେଲେ ଏହି ଲାଇଟ୍ ହୃଦୟାକୃତିରେ ଜଳିଲେ ଲୋକଙ୍କ ରାଗକୁ ଯେଭଳି ପ୍ରଶମିତ କରୁଛି। ସେହିପରି ଲୋକଙ୍କ ମନରେ ଏହି ହୃଦୟାକୃତି ଲାଇଟ୍ ହୃଦୟକୁ ଶାନ୍ତି ପ୍ରଦାନ କରୁଛି। ଏମିତି ଲାଗୁଛି ଯେମିତି ସିଗ୍ନାଲ ଲୋକଙ୍କୁ କହୁଛି, 'ଅଟକି ରହି ସୁରକ୍ଷିତ ରୁହ। ଘରେ କେହି ତୁମର ଅପେକ୍ଷା କରିଛନ୍ତି।' ଅନ୍ୟପଟେ ଏହି ପଦକ୍ଷେପ ପଛରେ କେବଳ ଡିଜାଇନ୍ ନୁହେଁ, ବରଂ ସମ୍ବେଦନଶୀଳ ଚିନ୍ତାଧାରା ଥିବା ଟ୍ରାଫିକ୍ ପୁଲିସ୍ ସଚିବାଳୟ ସିଂହ କହିଛନ୍ତି। ହୃଦୟାକୃତିର ଚିହ୍ନ ଆପଣାପଣର ଅନୁଭବ ଦେଉଛି। ଟ୍ରାଫିକ୍ ପୁଲିସ୍ ଯଦିଓ କଠୋର ହେଲେ ବି ଲୋକଙ୍କ ସହିତ ସବୁବେଳେ ଅଛି। ଲୋକଙ୍କ ସୁରକ୍ଷା ଓ ଦାୟିତ୍ୱବୋଧକୁ ଟ୍ରାଫିକ୍ ପୁଲିସ୍ ମନେ ପକାଇ ଦେଉଥାନ୍ତି। ତେଣୁ ଟ୍ରାଫିକ୍ ନିୟମ ପାଳନ କରିବା ଲାଗି ଏହି ସମ୍ବେଦନା ମାଧ୍ୟମରେ ଲୋକଙ୍କୁ ସଚେତନ କରିବା ଅତ୍ୟନ୍ତ ପ୍ରଭାବଶାଳୀ ଉପାୟ ବୋଲି ସଚିବାଳୟ କହିଛନ୍ତି। ତେବେ ହୃଦୟାକୃତି ପ୍ରେମର ଚିହ୍ନ ହୋଇଥିଲେ ବି ନିୟମ ଉଲ୍ଲଙ୍ଘନକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।




## ଆଜିର ରାଶିଫଳ

**ମେଷ:** ଦୀର୍ଘ ଦିନର ଆଶା ପୂରଣ ହେବ। କର୍ମକ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ବୃଷ:** ବ୍ୟସ୍ତତା ଭିତରେ ଦିନ କଟିପାରେ। ଅତିଥି ସତ୍କାର କରିବେ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ଆଜିଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଚାକିରିରେ ନୂଆ ସୁଯୋଗ ଲୁଚିପାରେ। ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ।

**କନ୍ୟା:** ନୂଆ ଉଦ୍ୟମରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେଇପାରନ୍ତି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ପରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

# ସରକାରୀ କଳର ଅପବ୍ୟବହାର ସତ୍ତ୍ୱେ ବିଜୟ ନିଶ୍ଚିତ: ବିଜେଡି

ଭୁବନେଶ୍ୱର,୧୨।୧୧(ସମିସ): ନୂଆପଡ଼ା ଉପନିର୍ବାଚନରେ ବିଜେପି ସରକାରୀ କଳର ଅପବ୍ୟବହାର କରି, ଓ ଆଦର୍ଶ ଆଚରଣ ବିଧିର ଖୋଲା ଉଲ୍ଲଂଘନ କରି ନିର୍ବାଚନ ବୈତରଣୀ ପାର ହେବା ପାଇଁ ବ୍ୟାପକ ଅପଚେଷ୍ଟା କରିଛି। ଏହାସତ୍ତ୍ୱେ ଉପ ନିର୍ବାଚନରେ ସ୍ନେହାଙ୍ଗିନୀ ଛୁରିଆ ବିଜୟୀ ହେବେ ବୋଲି ଦୃଢୋକ୍ତି ବାଢ଼ିଛି ବିଜେଡି । ଶଙ୍ଖ ଭବନରେ ବୁଧବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତ୍ରୀ ତଥା ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାପତି ଇପ୍ସିତା ସାହୁ ଶାସକ ଦଳ ଓ ପ୍ରଶାସନକୁ କଟୁ ସମାଲୋଚନା କରିଥିଲେ। ପ୍ରମିଳା ମଲ୍ଲିକ କହିଥିଲେ ଯେ ବିଜେପି ଦ୍ୱାରା କରାଯାଇଥିବା ବିଭିନ୍ନ ଆଚରଣ ବିଧି ଉଲ୍ଲଂଘନ ଗୁଡିକୁ ଆମେ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲୁ। ନିର୍ବାଚନ ପ୍ରଚାର ସମୟରେ ବିଜେପି ପକ୍ଷରୁ ଶାଢ଼ି ଓ ଟଙ୍କା ବଣ୍ଟନ କରାଗଲା ଯାହାର ପ୍ରାମାଣିକ ତଥ୍ୟ ସହିତ ଆମେ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିଥିଲୁ। ସେହିପରି ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇଙ୍କ ବାସସ୍ଥଳୀ ଉପରେ ବିନା ସର୍ଚ୍ଚ ୱାରେଣ୍ଟରେ ଚଢ଼ଉ କରାଯାଇଥିଲା



■ ନିର୍ବାଚନ ଇତିହାସରେ ନୂଆପଡ଼ା ଉପନିର୍ବାଚନ କଳଙ୍କମୟ ଅଧ୍ୟାୟ
■ କେବଳ ବିରୋଧୀ ଦଳଙ୍କ ପାଇଁ ଲାଗୁ ହୋଇଥିଲା ଆଚରଣ ବିଧି
■ ସରକାରୀ କର୍ମଚାରୀ ସାଜିଥିଲେ ବିଜେପିର ଏଜେଣ୍ଟ

ଓ ବିଜେଡିର ସ୍ଥାନୀୟ ନେତା ମନୋଜ ମିଶ୍ରଙ୍କ ଘରେ ଆଇଟି ରେଡ କରାଯାଇଥିଲା। ନବୀନ ପଟ୍ଟନାୟକଙ୍କ ହେଲିକେପ୍ଟରକୁ ତିନି ଘଣ୍ଟା କାଳ ବିଳମ୍ବ କରାଯାଇଥିଲା। ସାଇଲେଣ୍ଟ ପିରିଅଡରେ ବିରୋଧୀ ଦଳର ନେତା ମାନେ ନିର୍ବାଚନ ମଣ୍ଡଳୀ ଅଞ୍ଚଳ ଛାଡି ଦେଇଥିବା ବେଳେ ବିଜେପିର ନେତା ମାନେ ସେଠାରେ ଉପସ୍ଥିତ ରହି ଟଙ୍କା ବଣ୍ଟା କାର୍ଯ୍ୟ ଜାରି ରଖିଥିଲେ। ନିର୍ବାଚନ ଅଧିକାରୀଙ୍କ ପାଖରେ ଏହି ଉଲ୍ଲଂଘନ କାର୍ଯ୍ୟର ପ୍ରମାଣ ସହିତ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା। ବିଜେପିର ସମସ୍ତ ଆଇନ ଉଲ୍ଲଂଘନ ଉଦ୍ୟମ ସତ୍ତ୍ୱେ ନୂଆପଡାବାସୀ ବିଜେଡିକୁ ଅକୁଣ୍ଠ ସମର୍ଥନ ଜଣାଇଛନ୍ତି। ତେଣୁ ୧୪ ତାରିଖ ଦିନ ଫଳାଫଳ ଘୋଷଣା ହେବା ବେଳେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ବିଜୟୀ ହେବେ ବୋଲି ଶ୍ରୀମତୀ ମଲ୍ଲିକ କହିଥିଲେ।

ଟୁକୁନି ସାହୁ କହିଥିଲେ ଯେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କ୍ଷେତ୍ରରେ ଏବଂ ସରକାରୀ କଳର ଅପବ୍ୟବହାର କରି ନିର୍ବାଚନକୁ ପ୍ରଭାବିତ କରିବାରେ ବିଜେପି ସମସ୍ତ ସୀମା ଉଲ୍ଲଂଘନ କରିଛି, ଗଣତନ୍ତ୍ରକୁ ହତ୍ୟା କରାଯାଇଛି । ନିର୍ବାଚନ କାର୍ଯ୍ୟରେ ନିୟୋଜିତ ସରକାରୀ କର୍ମଚାରୀ ମାନେ ବିଜେପିର ଏଜେଣ୍ଟ ଭଳି ବ୍ୟବହାର କରୁଥିଲେ। ଇଭିଏମରେ ଭୋଟିଂ ବେଳେ ଯେ କୌଣସି ବଟନ ଟିପିଲେ ପଦ୍ମଫୁଲକୁ ଭୋଟ ଯାଉଥିବା ଅଭିଯୋଗକୁ ବି ଚାପି ଦିଆଗଲା। ଏଇ ସବୁକୁ ଅନୁଶୀଳନ କଲେ ନୂଆପଡା ଉପନିର୍ବାଚନରେ ମୁକ୍ତ ଓ ଅବାଧ ନିର୍ବାଚନ ହେବା ଉକ୍ତି ଏକ ପ୍ରହସନରେ ପରିଣତ ହୋଇଥିଲା। ଇପ୍ସିତା ସାହୁ କହିଥିଲେ ଯେ ସମଗ୍ର ଉପନିର୍ବାଚନ ସମୟରେ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନର ଭୂମିକା ଯେଉଁଭଳି ସରକାରୀ ଦଳକୁ ଜିତାଇବାକୁ ଖୋଲା ଖୋଲି କାର୍ଯ୍ୟ କରୁଥିଲେ, ତାହା ରାଜ୍ୟର ନିର୍ବାଚନ ଇତିହାସରେ ଏକ କଳଙ୍କମୟ ଅଧ୍ୟାୟ ହୋଇ ରହିବ। ଯେଉଁଭଳି ଭାବେ କାର୍ଯ୍ୟରତ ଡିଆଇଜିଙ୍କୁ ଛୁଟିରେ ପଠାଯାଇ ତାଙ୍କ ସ୍ଥାନରେ ଆଇଜି ହିମାଂଶୁ ଲାଲଙ୍କୁ ଦାୟିତ୍ୱ ଦିଆଯାଇଥିଲା, ତାହା ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବାକୁ ଏକ ସୁଚିନ୍ତିତ ଯୋଜନା ଥିଲା ବୋଲି ସେ କହିଥିଲେ।

### ଭାରତ-ଦକ୍ଷିଣ ଆଫ୍ରିକା ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ସମୀକ୍ଷା

# ଓଡ଼ିଶାର ମର୍ଯ୍ୟାଦା ଦୃଷ୍ଟିରୁ ତ୍ରୁଟିଶୂନ୍ୟ ହେଉ 'ବାରବାଟୀ' ଆୟୋଜନ: ମୋହନ

ଭୁବନେଶ୍ୱର,୧୨।୧୧(ସମିସ): ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ କରିବାରେ ଓଡ଼ିଶାର ସୁନାମ ରହିଛି। ଅତୀତରେ କଟକ ବାରବାଟୀ ଷ୍ଟାଡିୟମ୍‌ରେ ଅନେକ ଅନ୍ତର୍ଜାତୀୟ ମ୍ୟାଚ୍ ସୁବ୍ୟବସ୍ଥିତ ଭାବେ ଭାବେ ଆୟୋଜନ କରାଯାଇଛି। ତେଣୁ ଆସନ୍ତା ଡିସେମ୍ବର ୯ ତାରିଖରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବାକୁ ଥିବା ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଯେପରି ସୁବ୍ୟବସ୍ଥିତ ଓ ସୁନିୟନ୍ତ୍ରିତ ଭାବେ ଆୟୋଜିତ ହେବ ସେଥିପାଇଁ ସମସ୍ତ ବ୍ୟବସ୍ଥାକୁ ତ୍ରୁଟିଶୂନ୍ୟ ଭାବେ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରାମର୍ଶ ଦେଇଛନ୍ତି।

ବୁଧବାର ଲୋକସେବା ଭବନରେ ଏନେଇ ଏକ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ଓ ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କ କହିଛନ୍ତି ଯେ ଏହି ମ୍ୟାଚ୍ ପ୍ରତି ସମଗ୍ର ଦେଶ ଓ ବିଶ୍ୱର ନଜର ରହିବ। ତେଣୁ ଓଡ଼ିଶାର ମର୍ଯ୍ୟାଦା ସୁରକ୍ଷିତ ହେବ, ସେଥିପାଇଁ ସମସ୍ତେ ସଚେତନ ରହିବା ଆବଶ୍ୟକ। ବୈଠକରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା ମ୍ୟାଚ୍‌ର ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଟିକେଟ୍ କିଣାବିକା, ଦର୍ଶକଙ୍କ ପାଇଁ ସୁବ୍ୟବସ୍ଥା, ନିରନ୍ତର ଲାଇଟିଙ୍ଗ ବ୍ୟବସ୍ଥା, ଷ୍ଟାଡିୟମ୍‌ର ଭିତ୍ତିଭୂମି ଓ ଅଗ୍ନି ନିର୍ବାପକ ବ୍ୟବସ୍ଥା, ପାର୍କିଂ ଏବଂ ଟ୍ରାଫିକ୍ ପରିଚାଳନା ଆଦି ବିଭିନ୍ନ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଦିଲ୍ଲୀରେ ହୋଇଥିବା ବିସ୍ଫୋରଣ ପରିପ୍ରେକ୍ଷୀରେ ଏହି ଅନ୍ତର୍ଜାତୀୟ କ୍ରୀଡା ସମୟରେ ପୁଲିସ ପ୍ରଶାସନ ପକ୍ଷରୁ ଲୋକଙ୍କ ସୁରକ୍ଷା ପ୍ରତି ଏକ ଫୁଲପ୍ରୁଫ୍ ବ୍ୟବସ୍ଥା କରାଯିବା ଆବଶ୍ୟକ। ଏଥିପାଇଁ ପୁଲିସ ଅଧିକ ସତର୍କ ରହିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ବୈଠକର ସୂଚନା ଅନୁଯାୟୀ ମ୍ୟାଚ୍ ସମୟରେ ନିରନ୍ତର ଲାଇଟିଙ୍ଗ ବ୍ୟବସ୍ଥା ପାଇଁ ଅଧିକ ଜେନ୍‌ସେଟ୍ ଅଣାଯାଇଥିବା ବେଳେ ଏହାର ମନିଟରିଂ ପାଇଁ ନୂଆ ସଫ୍ଟୱେୟାର୍ ମଧ୍ୟ ଇନ୍‌ଷ୍ଟଲ କରାଯାଇଛି। ଗୋଟିଏ ଜେନ୍‌ସେଟ୍ ଫେଲ୍ ହେଲେ ତୁରନ୍ତ ଅନ୍ୟ ଗୋଟିଏ ଜେନ୍‌ସେଟ୍ ଚାଲୁ ହେବ ଏବଂ ଲାଇଟିଙ୍ଗ ବ୍ୟବସ୍ଥା ନିରନ୍ତର ଭାବେ ଜାରି ରହିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ବୈଠକରେ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ମ୍ୟାଚ୍ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ।

### ନୂଆପଡ଼ା ଉପନିର୍ବାଚନ

# କଡ଼ାସୁରକ୍ଷାରେ ଇଭିଏମ୍, ୧୪ରେ ଗଣତି

ନୂଆପଡ଼ା,୧୨।୧୧(ସମିସ): ନୂଆପଡ଼ା ଜିଲ୍ଲା ସଦର ନିର୍ବାଚନ ମଣ୍ଡଳୀ-୭୧ରେ ମତଦାନ ଶେଷ ହେବାର ଇତି ମଧ୍ୟରେ ଚବିଶ ଘଣ୍ଟା ବିତିଯାଇଛି। କଡ଼ା ସୁରକ୍ଷା ଭିତରେ ଇଭିଏମ୍ କଣ୍ଟ୍ରୋଲ ରୁମ୍। ଚବିଶ ଘଣ୍ଟା ପରେ ହେବ ଗଣତି। ପ୍ରକାଶ ଯେ ମଙ୍ଗଳବାର ଦିନ ତମାମ ନୂଆପଡ଼ାର ୩୫୮ଟି ମତଦାନ କେନ୍ଦ୍ରରେ



ଭୋଟଗ୍ରହଣ ହୋଇଥିବାବେଳେ ନୂଆପଡ଼ାସ୍ଥିତ ନ୍ୟାସନାଲ କଲେଜରେ ଅବସ୍ଥାପିତ କଣ୍ଟ୍ରୋଲ ରୁମରେ ଇଭିଏମ ସବୁ ସିଲ୍ ହୋଇରହିଛି। ଏଥିପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏହାକୁ ନେଇ ଜିଲ୍ଲାପାଳ ମଧୁସୂଦନ ଦାଶ ସୂଚନା ଦେଇଛନ୍ତି ଯେ ଶୁକ୍ରବାର ସକାଳ ୮ଟାବେଳେ ଭୋଟ ଗଣତି ଆରମ୍ଭ ହେବ। ପ୍ରଥମେ ପୋଷ୍ଟାଲ ଭୋଟ ଗଣତି କରାଯିବ। ତା'ପରେ ସାଢେ ୮ଟା ସମୟରେ ଇଭିଏମ ଭୋଟ ଗଣତି କରାଯିବ। ଏଥି ସକାଶେ ମୋଟ ୧୪ଟି ଟେବୁଲ ଖଞ୍ଜାଯାଇଛି। ୨୬ଟି

● ସକାଳ ୮ରୁ ହେବ ଭୋଟ୍ ଗଣତି
● ୧୪ ଟେବୁଲ, ୨୬ ରାଉଣ୍ଡ ଗଣନା

ରାଉଣ୍ଡରେ ଗଣତି ହେବାକୁଥିବାବେଳେ କେବଳ ଅଧିକୃତ ଲୋକମାନଙ୍କୁ ହିଁ ପ୍ରବେଶ ଅନୁମତି ଦିଆଯିବ। ଗଣତି ସକାଶେ ଭିତରେ ଏବଂ କେନ୍ଦ୍ର ବାହାରେ ମଧ୍ୟ ସାଧାରଣ ଲୋକଙ୍କ ସକାଶେ ବ୍ୟବସ୍ଥା କରାଯାଇଥିବା କହିଛନ୍ତି। ସୂଚନା ଯୋଗ୍ୟ ଯେ ନିର୍ବାଚନ ମଣ୍ଡଳୀର ମୋଟ ୨ଲକ୍ଷ ୫୪ହଜାର ୪୯୭ ମଧ୍ୟରୁ ୨ଲକ୍ଷ ୧୨ହଜାର ୩୮୫ଜଣ ମତଦାନ କରିଛନ୍ତି।

### ଶ୍ରୀମନ୍ଦିରରେ ପ୍ରଥମାଷ୍ଟମୀ

# ପଢୁଆଁ ହେଲେ ମହାପ୍ରଭୁ

ପୁରୀ,୧୨।୧୧(ସମିସ): ମାର୍ଗଶୀର କୃଷ୍ଣ ଅଷ୍ଟମୀ ତିଥିରେ ବୁଧବାର ଶ୍ରୀମନ୍ଦିରରେ ପାଳିତ ହୋଇଛି ପ୍ରଥମାଷ୍ଟମୀ। ପଢୁଆଁ ହୋଇଛନ୍ତି ମହାପ୍ରଭୁ। ଏହି ଅବସରରେ ସ୍ୱତନ୍ତ୍ର ପୂଜାବିଧି ଅନୁଷ୍ଠିତ ହୋଇଥିଲା। ଭୋଗମଣ୍ଡପ ବଢ଼ିବା ପରେ ତିନିବାଡ଼ରେ ମଇଲମ କରାଯାଇ ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ଠାକୁରଙ୍କୁ ନୂଆ ଲୁଗା ଲାଗି କରାଯାଇଥିଲା। ଚନ୍ଦନ ଲାଗି ସରିବା ପରେ ଦାରୁବିଗ୍ରହଙ୍କୁ ବେଶ କରାଯାଇଥିଲା। ଏହି ବେଶରେ ୬ ମୂର୍ତ୍ତି ସୁବର୍ଣ୍ଣ ଅଳଙ୍କାର ଲାଗି ହୋଇଥିଲେ ମହାପ୍ରଭୁ। ଦ୍ୱିପ୍ରହର ଧୂପ ପରେ ତିନିବାଡ଼ରେ ମଙ୍ଗଳାର୍ପଣ ନୀତି ସରି ଫୁଲପରିଆ ଖିଦି ଛେଦା ପ୍ରସାଦ ଲାଗି କରାଯାଇ ଠାକୁରମାନଙ୍କୁ ବନ୍ଦାପନା କରାଯାଇଥିଲା। ଏହିପରି ଶ୍ରୀମନ୍ଦିରରେ ପାରମ୍ପରିକ ରୀତିରେ ପ୍ରଥମାଷ୍ଟମୀ ପର୍ବ ପାଳିତ ହୋଇଥିଲା। ଏହି ପର୍ବ ମହାପ୍ରଭୁଙ୍କ ମାନବୀୟ ଲୀଳାର ଏକ ଅନନ୍ୟ ଉଦାହରଣ।

# ଜୁଲାଇ ୧୪ରୁ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ

ଲସ୍‌ଏଞ୍ଜେଲ୍ସ, ୧୨।୧୧(ଏଜେନ୍ସି): ଆମେରିକାର ଲସ୍ ଏଞ୍ଜେଲ୍ସଠାରେ ହେବାକୁ ଥିବା ୨୦୨୮ ଗ୍ରୀଷ୍ମକାଳୀନ କ୍ରୀଡ଼ାର କାର୍ଯ୍ୟସୂଚୀ ବୁଧବାର ଘୋଷଣା କରାଯାଇଛି। ଘୋଷିତ କାର୍ଯ୍ୟସୂଚୀ ଅନୁଯାୟୀ ବିଶ୍ୱର ଏହି ଶ୍ରେଷ୍ଠ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ ଜୁଲାଇ ୧୪ରେ ଆରମ୍ଭ ହେବ। ସେହିପରି ଉଦ୍‌ଯାପନୀ ଉତ୍ସବ ଜୁଲାଇ ୩୦ରେ ଅନୁଷ୍ଠିତ ହେବ ବୋଲି ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି ପକ୍ଷରୁ ଘୋଷଣା କରାଯାଇଛି। ଦୀର୍ଘ ୧୭ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ଏଥର ୪୯ଟି ଭେନ୍ୟୁରେ ୫୧ଟି କ୍ରୀଡ଼ା ଇଭେଣ୍ଟରେ ୧୧,୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏଥର ପୁରୁଷଙ୍କ ସହ ସମାନ କିମ୍ବା କିଛି ଅଧିକା ମହିଳା ପ୍ରତିଯୋଗୀ ଭାଗନେଉଛନ୍ତି। ଏଥର ପ୍ରତିଯୋଗିତାର ପ୍ରଥମ ଦିନରେ ମହିଳା ୧୦୦ ମିଟର ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହେବ ଓ ଦ୍ରୁତତମ ମହିଳା ଧାବିକାଙ୍କୁ ବିଶ୍ୱ ଆଗୁଆ ଜାଣିବ ବୋଲି ଲସ୍ ଏଞ୍ଜେଲ୍ସ-୨୮ ଅଲିମ୍ପିକ୍ କମିଟି ମୁଖ୍ୟ ସାନା ଫରଗୁସନ କହିଛନ୍ତି। ସେହିପରି ପ୍ରଥମ ସପ୍ତାହରେ ଆଥଲେଟିକ୍ସ ଓ ଦ୍ୱିତୀୟ ସପ୍ତାହରେ ସୁଇମିଂ ଇଭେଣ୍ଟ ଅନୁଷ୍ଠିତ ହେବ। ଜୁଲାଇ ୨୯ ବା ପ୍ରତିଯୋଗିତାର ପୂର୍ବଦିନ ୧୫ଟି ବ୍ୟକ୍ତିଗତ ଇଭେଣ୍ଟ ସହ ୨୩ଟି କ୍ରୀଡ଼ାରେ ୨୬ଟି ଗୋଲ୍ଡ ମେଡାଲ ଲାଗି ଲଢ଼େଇ ହେବ।

### ସରକାରୀ ବସ୍‌ରେ ନାହିଁ ବ୍ୟବସ୍ଥା

# ଦିବ୍ୟାଙ୍ଗ କ'ଣ ମଣିଷ ନୁହନ୍ତି

ଭୁବନେଶ୍ୱର,୧୨।୧୧(ସମିସ): ଦିବ୍ୟାଙ୍ଗ ଅଧିକାର ଅଧିନିୟମ-୨୦୧୬ର ସେକ୍ସନ-୪୦ ଅନୁସାରେ ଦିବ୍ୟାଙ୍ଗମାନଙ୍କୁ ସମାନ ଅଧିକାର, ସମାନ ସୁଯୋଗ ଓ ସହଭାଗିତା ମିଳିବାରର ବ୍ୟବସ୍ଥା ରହିଛି। ଏହି ଆଇନ୍ ଅନୁଯାୟୀ ଯାତ୍ରୀବାହୀ ବସ୍‌ଗୁଡ଼ିକରେ ଦିବ୍ୟାଙ୍ଗମାନଙ୍କ ପାଇଁ ରାମ୍ପ, ବସ୍‌ଗୁଡ଼ିକରେ ତଳୁଆ ପ୍ରବେଶ ପଥ ଓ ଦୃଷ୍ଟିବାଧିତଙ୍କ ପାଇଁ 'ଅଡ଼ିଓ-ଭିଜୁଆଲ୍' ବ୍ୟବସ୍ଥା ସାଙ୍ଗକୁ ଦିବ୍ୟାଙ୍ଗମାନଙ୍କ ପାଇଁ ଆବଶ୍ୟକୀୟ ସିଟ୍‌ଗୁଡ଼ିକ ସଂରକ୍ଷିତ ରଖିବାର ନିୟମ ରହିଛି। ବିଶେଷ କରି ସରକାରୀ

■ ପାଳନ ହେଉନି ଦିବ୍ୟାଙ୍ଗ ଅଧିକାର ଅଧିନିୟମ
■ ଦକ୍ଷତା ବିକାଶ କେନ୍ଦ୍ରକୁ ଆସି ଦିବ୍ୟାଙ୍ଗ ହଟହଟା
■ ୨୮ ସୁଦ୍ଧା ବିସ୍ତୃତ ରିପୋର୍ଟ ମାଗିଲେ ଆୟୋଗ

ଯାନବାହନରେ ଏହି ନିୟମ ସୁନିଶ୍ଚିତ କରିବାକୁ କଡ଼ାକଡ଼ି ନିୟମ ରହିଛି। ସୁପ୍ରିମ୍‌କୋର୍ଟ ମଧ୍ୟ ୨୦୨୪ ଏ କ୍ଷେତ୍ରରେ ଦିବ୍ୟାଙ୍ଗମାନଙ୍କ ପାଇଁ ସୁଗମତା ବ୍ୟବସ୍ଥା ଆପଣାଇବାକୁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଦେଶର ୨-ଟାୟାର ସହର ଓ ମେଟ୍ରୋପଲିଟାନ୍ ସହରଗୁଡ଼ିକରେ ଏହି ସେବା ପ୍ରଦାନରେ କୌଣସି ଅବହେଳା ଗ୍ରହଣୀୟ ନ ଥିଲେ ମଧ୍ୟ ଓଡ଼ିଶାରା ରାଜଧାନୀରେ ମଧ୍ୟ ଦିବ୍ୟାଙ୍ଗମାନଙ୍କୁ ଏହି ସୁବିଧା ମିଳିପାରୁ ନାହିଁ। ରାଜ୍ୟରେ ଓଏସ୍‌ଆରଟିସି ଓ ମୋ ବସ୍ ସଂଖ୍ୟା ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଯଥେଷ୍ଟ ଅଧିକ ରହିଛି। ମାତ୍ର ଏହି ବସ୍‌ଗୁଡ଼ିକରେ ଏପରି ସେବା ପ୍ରଦାନ ପାଇଁ ବିଭାଗଗୁଡ଼ିକ ଆଦୌ ପ୍ରାସଙ୍ଗିକ ମଣୁନାହାନ୍ତି।

ରାଜ୍ୟରେ ଚାଲୁଥିବା ଯାତ୍ରୀବାହୀ ବସ୍‌ଗୁଡ଼ିକରେ ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ବିଶେଷ ସୁବିଧା ଉପଲବ୍ଧ ହୋଇପାରୁ ନାହିଁ। ମୁଖ୍ୟତଃ ଦୃଷ୍ଟିବାଧିତ ଓ ଚାଲିବାକୁ ଅକ୍ଷମ ଥିବା ମହିଳା ଓ ପୁରୁଷମାନଙ୍କ ପାଇଁ ବସ୍ ଚଢ଼ିବାର କୌଣସି ବ୍ୟବସ୍ଥା ନ ଥିବାରୁ ଏମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।



ଘରୋଇ ବସ୍ ଦୂରର କଥା, ରାଜ୍ୟରେ ଚାଲୁଥିବା ସରକାରୀ ବସ୍‌ଗୁଡ଼ିକରେ ମଧ୍ୟ ଏହି ସୁବିଧା ଉପଲବ୍ଧ କରାଇବାକୁ ବିଭାଗଗୁଡ଼ିକ ଧ୍ୟାନ ଦେଉନାହାନ୍ତି। ଯାହାଦ୍ୱାରା ସରକାରଙ୍କ କଡ଼ା ନିୟମ ଥିବା ସତ୍ତ୍ୱେ ଦିବ୍ୟାଙ୍ଗମାନଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ ରଖାଯାଉଛି।

ରାଜ୍ୟକୁ ଅନେକ ସମୟରେ ବିଦେଶରୁ ଅନେକ ଦିବ୍ୟାଙ୍ଗ ଆସୁଛନ୍ତି। ହେଲେ ଦିବ୍ୟାଙ୍ଗଙ୍କ ପାଇଁ ପରିବହନ ବ୍ୟବସ୍ଥାରେ ସେଭଳି କୌଣସି ବ୍ୟବସ୍ଥା ଉପଲବ୍ଧ ନ ଥିବାରୁ ରାଜ୍ୟର ଛବି ମଧ୍ୟ ବିଦେଶସ୍ତରରେ ଖରାପ ହେଉଛି।

ଗତ ୨ ମାସ ତଳେ କଳିଙ୍ଗ ଷ୍ଟାଡିୟମରେ ଷ୍ଟେଟ୍ ପାରା ଆଥଲେଟ୍ ଚାମ୍ପିୟନସିପ୍ ଖେଳ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ଅନେକ ଦିବ୍ୟାଙ୍ଗ କଳିଙ୍ଗ ଷ୍ଟାଡିୟମକୁ ଆସିଥିବା ବେଳେ ଯାତ୍ରା କରିବା କ୍ଷେତ୍ରରେ ବହୁ ସମସ୍ୟାରେ ପଡ଼ିଛନ୍ତି। ଏହା ବ୍ୟତୀତ ଗତ କିଛି ଦିନ ତଳେ ଭୁବନେଶ୍ୱର ମଞ୍ଚେଶ୍ୱରଠାରେ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବାକୁ ୭୦ ଜଣ ଦିବ୍ୟାଙ୍ଗ ବାଳକ ଓ ବାଳିକା ଓଲଟପୁରରୁ ଆସିଥିଲେ। ବସ୍‌ଗୁଡ଼ିକରେ ଏହି ଦିବ୍ୟାଙ୍ଗମାନଙ୍କ ଚଢ଼ିବା ଓ ଓହ୍ଲାଇବା ପାଇଁ କୌଣସି ବିଶେଷ ସୁବିଧା ନ ଥିବାରୁ ସେମାନେ ବହୁ କଷ୍ଟରେ ବୁହା ହୋଇ ଭିତରକୁ ଯାଇଥିଲେ, ଏହା ସେମାନଙ୍କ ମାନବିକ ଅଧିକାରର ଉଲ୍ଲଂଘନକୁ ଦର୍ଶାଉଥିବା ବେଳେ ସେମାନଙ୍କ ପାଇଁ ରହିଥିବା ସରକାରୀ ନିୟମର ଉଲ୍ଲଂଘନ। ନିକଟରେ ମୋ ବସ୍ (ଆମ୍ ବସ୍) ରେ ଏଭଳି ତିକ୍ତ ଅନୁଭୂତିକୁ ନେଇ ମଣ୍ଟୁ ଦାସ ନାମକ ଜଣେ ଦିବ୍ୟାଙ୍ଗ ଅଧିକାର କର୍ମୀ ରାଜ୍ୟ ଭିନ୍ନକ୍ଷମ ଆୟୋଗଙ୍କ କୋର୍ଟରେ ଲିଖିତ ଅଭିଯୋଗ କରିଥିଲେ। ମୋ ବସ୍‌ଗୁଡ଼ିକରେ ଦିବ୍ୟାଙ୍ଗମାନଙ୍କ ପାଇଁ କୌଣସି ବ୍ୟବସ୍ଥା ନ ଥିବା ସେ ନିଜ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହାକୁ ନେଇ ଆୟୋଗ ମୋ ବସ୍ ପରିଚାଳନା ସଂସ୍ଥା 'କ୍ରୁଟ୍'କୁ ଆସନ୍ତା ୨୮ ତାରିଖ ସୁଦ୍ଧା ଏ ସମ୍ପର୍କିତ ବିସ୍ତୃତ ବିବରଣୀ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ଘଟଣା ପରେ ମଧ୍ୟ ସରକାରୀ ବସ୍‌ରେ ଦିବ୍ୟାଙ୍ଗଙ୍କ ପାଇଁ ଉପଯୁକ୍ତ ବ୍ୟବସ୍ଥା ଉପଲବ୍ଧ ନ ହେବା ସରକାରୀ ଅଧିକାରୀଙ୍କ ମନୋଭାବ ଉପରେ ପ୍ରଶ୍ନ ସୃଷ୍ଟି କରିଛି।

# ଓଡ଼ିଶାର ସମୃଦ୍ଧ ଚଳଚ୍ଚିତ୍ର ପରମ୍ପରା ରହିଛି: ଅମିତାଭ୍ ବଚ୍ଚନ

ଭୁବନେଶ୍ୱର,୧୨।୧୧(ସମିସ): ଓଡ଼ିଶାର ଏକ ସମୃଦ୍ଧ ଚଳଚ୍ଚିତ୍ର ପରମ୍ପରା ରହିଛି ବୋଲି କହିଛନ୍ତି ବିଗ୍ ବି ଅମିତାଭ ବଚ୍ଚନ। ବୁଧବାର କଳାଭୂମିଠାରେ ଆୟୋଜିତ ୧୦ମ ଚଳଚ୍ଚିତ୍ର ସଂରକ୍ଷଣ ଓ ପୁନଃରୁଦ୍ଧାର କର୍ମଶାଳା-୨୦୨୫ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଯୋଗଦେଇ ଶ୍ରୀ ବଚ୍ଚନ କହିଛନ୍ତି, ଏହି ପରମ୍ପରା ୧୯୩୬ ମସିହାରୁ ମୋହନ ସୁନ୍ଦର ଦେବଗୋସ୍ୱାମୀଙ୍କ ନିର୍ଦ୍ଦେଶିତ ସୀତା ବିବାହ ଚଳଚ୍ଚିତ୍ରରୁ ଆରମ୍ଭ ହୋଇଛି। ଓଡିଆ ଚଳଚ୍ଚିତ୍ର ଜଗତର ବିକାଶ ଯାତ୍ରାରେ ନୀରଦ ମହାପାତ୍ର, ମନମୋହନ ମହାପାତ୍ର, ଘନଶ୍ୟାମ ମହାପାତ୍ର, ପ୍ରଫୁଲ୍ଲ ସେନଗୁପ୍ତ, ନିତାଇ ପାଲିତ୍, ପାର୍ବତୀ ଘୋଷ, ପ୍ରଶାନ୍ତ ନନ୍ଦ, ଉତ୍ତମ ମହାନ୍ତି, ବିଜୟ ମହାନ୍ତି, ଝରଣା ଦାସଙ୍କ ପରି କିମ୍ବଦନ୍ତୀ ଓଡିଆ ଚଳଚ୍ଚିତ୍ର ବ୍ୟକ୍ତିତ୍ୱଙ୍କ ଅବଦାନକୁ ସେ ପ୍ରଶଂସା କରିଥିଲେ। ପ୍ରସିଦ୍ଧ ହିନ୍ଦୀ ଚଳଚ୍ଚିତ୍ର ଅଭିନେତ୍ରୀ ୱହିଦା ରେହମାନ ଯୋଗଦେଇ ଚଳଚ୍ଚିତ୍ର ସଂରକ୍ଷଣ କ୍ଷେତ୍ରରେ ଓଡିଶା ସରକାରଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ।

ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଫିଲ୍ମ ହେରିଟେଜ ଫାଉଣ୍ଡେସନ୍ ଏବଂ ଇଣ୍ଟରନ୍ୟାସନାଲ ଫେଡେରେସନ ଅଫ୍ ଫିଲ୍ମ ଆର୍କାଇଭ୍‌ର ମିଳିତ ଆନୁକୂଲ୍ୟରେ ଭାରତୀୟ ଚଳଚ୍ଚିତ୍ର ସଂରକ୍ଷଣ ଓ ପୁନରୁଦ୍ଧାର କର୍ମଶାଳା-୨୦୨୫ର ଦଶମ ସଂସ୍କରଣର ଉଦଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ



■ ୧୦ମ ଚଳଚ୍ଚିତ୍ର ସଂରକ୍ଷଣ ଓ ପୁନରୁଦ୍ଧାର କର୍ମଶାଳା-୨୦୨୫ ଉଦ୍‌ଘାଟିତ
■ କାର୍ଯ୍ୟକ୍ରମରେ ଯୋଗଦେଲେ ବିଶିଷ୍ଟ ଅଭିନେତ୍ରୀ ୱହିଦା ରେହମାନ
■ ସଞ୍ଜୟ ପଟ୍ଟନାୟକ ଓ ସୂର୍ଯ୍ୟ ଦେଓଙ୍କୁ 'ଚାମ୍ପିଅନ ଅଫ୍ ଫିଲ୍ମ ହେରିଟେଜ୍ ସମ୍ମାନ'

ଆମ ଓଡ଼ିଆ ସିନେମା ଆମ ସାଂସ୍କୃତିକ ଐତିହ୍ୟର ପ୍ରତୀକ ବୋଲି କହିଥିଲେ। ଓଡ଼ିଆ ଚଳଚ୍ଚିତ୍ରର ପୁନରୁଦ୍ଧାର ପାଇଁ ଫିଲ୍ମ ହେରିଟେଜ ଫାଉଣ୍ଡେସନ୍ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିବା ପାଇଁ ଘୋଷଣା କରିବା ସହ ଓଡିଆ ଚଳଚ୍ଚିତ୍ରର ହୃତଗୌରବ ଫେରାଇ ଆଣିବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ପ୍ରଦାନ କରାଯିବ ବୋଲି କହିଥିଲେ। ୧୯ ତାରିଖ ଯାଏ ଚାଲିବାକୁ ଥିବା ଏହି କର୍ମଶାଳାରେ ଦେଶ ବିଦେଶର ନାମୀଦାମୀ ଚଳଚ୍ଚିତ୍ର ନିର୍ମାତା, ଗବେଷକ, ସଂରକ୍ଷକ ଯୋଗ ଦେଇଛନ୍ତି। ଏହି ଅବସରରେ ଚଳଚ୍ଚିତ୍ର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଫିଲ୍ମ ହେରିଟେଜ ଫାଉଣ୍ଡେସନ୍ ପକ୍ଷରୁ ରବିନ୍ ବେକରଙ୍କୁ 'ଆଉଟଷ୍ଟାଣ୍ଡିଙ୍ଗ ଫିଲ୍ମ ହେରିଟେଜ ପୁରସ୍କାର' ଏବଂ ସଞ୍ଜୟ ପଟ୍ଟନାୟକ ଓ ସୂର୍ଯ୍ୟ ଦେଓଙ୍କୁ 'ଚମ୍ପିଅନ ଅଫ୍ ଫିଲ୍ମ ହେରିଟେଜ୍ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଙ୍କ ମଧ୍ୟରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ବିଧାୟକ ତଥା ଅଭିନେତା ସିଦ୍ଧାନ୍ତ ମହାପାତ୍ର, ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ତଥା ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଶାନ୍ତ ନନ୍ଦ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ପ୍ରାରମ୍ଭରେ ଫାଉଣ୍ଡେସନ୍‌ର ନିର୍ଦ୍ଦେଶକ ଶିବେନ୍ଦ୍ର ସିଂ ଡୁଙ୍ଗରପୁର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଦୀକ୍ଷା ତିୱାରୀ ସଂଯୋଜନା କରିଥିଲେ।

# ଆନ୍ଧ୍ର ଡିପୋରେ ଓଡ଼ିଶା ଗଞ୍ଜେଇ

ଭୁବନେଶ୍ୱର,୧୨।୧୧(ସମିସ): ଓଡ଼ିଶାରୁ ଉତ୍ତରପ୍ରଦେଶକୁ ଗଞ୍ଜେଇ ଚାଲାଣ ବେଳେ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆରଆଇ) ହାବୁଡ଼ରେ ପଡ଼ିଛନ୍ତି ନିଶା ମାଫିଆ। ବିଜୟୱାଡାର ଏକ ଗୋଦାମରୁ ୨୪୯ କିଲୋ ଗଞ୍ଜେଇ ଓ ୨ଟି ଟ୍ରକକୁ ଜବତ କରିଛି। ଚାଲାଣର ମାଷ୍ଟର ମାଇଣ୍ଡ ସମେତ ୫ ଜଣଙ୍କୁ ଗିରଫ କରିଛି ଡିଆରଆଇ। ସେମାନେ ହରିୟାଣା ଓ ଆନ୍ଧ୍ରପ୍ରଦେଶର ବୋଲି ଜଣାପଡ଼ିଛି।

■ ବିଜୟୱାଡ଼ା ଗୋଦାମରେ ଡିଆର୍‌ଆଇର ଚଢ଼ଉ
■ ଦୁଇ ଟ୍ରକ୍ ସହ ୨୫୦ କିଲୋ ଗଞ୍ଜେଇ ଜବତ
■ 'ଇଗଲ' ପଞ୍ଝାରେ ପଡ଼ିଲେ ୫ ହରିଆଣା ବେପାରୀ



ସୂଚନା ମୁତାବକ, ଓଡ଼ିଶାରୁ ଗଞ୍ଜେଇ ନେଇ ବିଜୟୱାଡାର ଏକ ଗୋଦାମରେ ଗଚ୍ଛିତ ରଖା ଯାଇଥିବା ନେଇ ଡିଆରଆଇ ଖବର ପାଇଥିଲା। ଡିଆରଆଇ ଓ ଆନ୍ଧ୍ରପ୍ରଦେଶ ପୁଲିସ (ଇଗଲ୍ ଟିମ୍) ମିଳିତ ଭାବେ ଉକ୍ତ ଗୋଦାମରେ ଚଢ଼ଉ କରିଥିଲେ। ଗୋଦାମ ଓ ଏହା ପରିସରରେ ଥିବା ଉତ୍ତରପ୍ରଦେଶ ପଞ୍ଜିକୃତ ଏକ ଟ୍ରକର ସିକ୍ରେଟ୍ ଚାମ୍ବରରୁ ୨୪୨ ପ୍ୟାକେଟ ଗଞ୍ଜେଇ ମିଳିଥିଲା। ଓଜନ ବେଳେ ଏହା ୨୪୯ କିଲୋ ଥିବା ଜଣାପଡ଼ିଥିଲା। ଗୋଦାମ ପରିସରରୁ ଆନ୍ଧ୍ରପ୍ରଦେଶ ନମ୍ବର ବିଶିଷ୍ଟ ଏକ ଟ୍ରକ୍ ମଧ୍ୟ ଜବତ ହୋଇଥିଲା।

ଅଭିଯୁକ୍ତମାନେ ଓଡ଼ିଶାରୁ ଗଞ୍ଜେଇ ଆଣିବା ପୁଲିସ ନଜରରୁ ଖସିବା ପାଇଁ ଏକ ବିକଳ୍ପ ବ୍ୟବସ୍ଥା ଆପଣାଇଥିଲେ। ସେଥିଲାଗି ଉତ୍ତରପ୍ରଦେଶ ବଦଳରେ ଆନ୍ଧ୍ରପ୍ରଦେଶ ନମ୍ବର ବିଶିଷ୍ଟ ଟ୍ରକ୍ ବ୍ୟବହାର କରି ଗଞ୍ଜେଇକୁ ବିଜୟୱାଡା ସ୍ଥିତ ଗୋଦାମକୁ ନେଇଥିଲେ। ଗୋଦାମ ପରିସରରେ ଗଞ୍ଜେଇକୁ ଅନଲୋଡ୍ କରିଥିଲେ। ଅନୁରୂପ ଭାବେ, ଆନ୍ଧ୍ରପ୍ରଦେଶରୁ ଉତ୍ତରପ୍ରଦେଶକୁ ଚାଲାଣ ପାଇଁ ୟୁପି ନମ୍ବର ବିଶିଷ୍ଟ ଏକ ଟ୍ରକରେ କିଛି ଗଞ୍ଜେଇ ଲୋଡ୍ କରିଥିଲେ। ହେଲେ ସେତିକିବେଳେ ଡିଆରଆଇ ଓ ଆନ୍ଧ୍ରପ୍ରଦେଶ ପୁଲିସ ଚଢ଼ଉ କରି ଟ୍ରକ୍ ଓ ଗଞ୍ଜେଇ ଜବତ କରିବା ସହ ୪ ଜଣଙ୍କୁ ଜବତ କରିଥିଲା। ଅନ୍ୟ ଏକ ସ୍ଥାନରେ ଚଢ଼ଉ କରି ଓଡ଼ିଶାରୁ ଆନ୍ଧ୍ରପ୍ରଦେଶକୁ ଗଞ୍ଜେଇ ଚାଲାଣରେ ସଂପୃକ୍ତ ଆଉ ଜଣଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନେ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ଦେଇ ଓଡ଼ିଶାରୁ ଉତ୍ତରପ୍ରଦେଶକୁ ଗଞ୍ଜେଇ ଚାଲାଣ କରିଥାନ୍ତେ ବୋଲି ଡିଆରଆଇ ପକ୍ଷରୁ କୁହାଯାଇଛି।

# ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାର ପଞ୍ଜୀକରଣ ଆରମ୍ଭ

କଟକ,୧୨।୧୧(ସମିସ): ଆସନ୍ତା ୨୦୨୬-୨୭ ଶିକ୍ଷାବର୍ଷରେ ରାଜ୍ୟର ସମସ୍ତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ସିଧାସଳଖ ପ୍ରବେଶ ପାଇଁ ଏବଂ ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀରେ ଖାଲି ଆସନରେ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ପାଇଁ ଅନଲାଇନ ମାଧ୍ୟମରେ ଆବେଦନ ଆରମ୍ଭ ହୋଇଛି। ଛାତ୍ରଛାତ୍ରୀଙ୍କ ପିତାମାତା ଏହି ପଞ୍ଜୀକରଣ କରିପାରିବେ। ଯଦି କିଛି ସମସ୍ୟା ଥାଏ ତାହେଲେ ସହାୟକ ଦସ୍ତାବିଜ ସହିତ ସେମାନଙ୍କ ବ୍ଲକ ମଧ୍ୟରେ ଅବସ୍ଥିତ ଆଦର୍ଶ ବିଦ୍ୟାଳୟ ସହିତ ଯୋଗାଯୋଗ କରିପାରିବେ। ଅନଲାଇନ୍ ପଞ୍ଜୀକରଣ ପାଇଁ ଲିଙ୍କ୍ ଆଜିଠାରୁ ଆସନ୍ତା ନଭେମ୍ବର ୨୫ ମଧ୍ୟରାତ୍ରୀ ପର୍ଯ୍ୟନ୍ତ ବୋର୍ଡ ୱେବସାଇଟରେ ଉପଲବ୍ଧ ରହିବ। ପଞ୍ଜୀକରଣ ସମୟରେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ, ସହାୟତା ପାଇଁ ନିମ୍ନଲିଖିତ ହେଲ୍ପଲାଇନ୍ ଫୋନ୍ ନମ୍ବର ୯୮୬୧୯୨୪୮୦୭ରେ ଯୋଗାଯୋଗ କରିବାକୁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

### ସରକାରୀ ଭୁଲ୍‌ର ପରିଣତି ଭୋଗୁଛନ୍ତି ନିଯୁକ୍ତି ଆଶାୟୀ

# ନିଯୁକ୍ତି ଦ୍ୱନ୍ଦ୍ୱରେ ଏଲ୍‌ଟିଆର୍ ସଂସ୍କୃତ ଶିକ୍ଷକ

ଭୁବନେଶ୍ୱର, ୧୨।୧୧ (ସମିସ): ଲିଭ୍ ଟ୍ରେନିଂ ଟିଚର (ଏଲ୍‌ଟିଆର୍) ନିଯୁକ୍ତି ପାଇଁ ପ୍ରକାଶିତ ବିଜ୍ଞପ୍ତିରେ ବ୍ୟାପକ ତ୍ରୁଟି ରହିଛି। ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ମଧ୍ୟ ପରୀକ୍ଷା ପରିଚାଳନା ହୋଇନାହିଁ। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଫାଡ଼ିବା ମଧ୍ୟ ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି)କୁ ବିବାଦୀୟ କରିଛି। ଯାହାର ପରିଣତି ଭୋଗୁଛନ୍ତି ମେଧାବୀ ଛାତ୍ରଛାତ୍ରୀ। ଆସନ୍ତା ୧୫ ତାରିଖରେ ଅନ୍ୟ ସମସ୍ତ ବିଷୟରେ ନିଯୁକ୍ତ ଶିକ୍ଷକଙ୍କ ନିଯୁକ୍ତି ମେଳା ଅନୁଷ୍ଠିତ ହେଉଥିବାବେଳେ ଏଲ୍‌ଟିଆର୍ ସଂସ୍କୃତ ଶିକ୍ଷକଙ୍କ ଚୂଡ଼ାନ୍ତ ମେଧା ତାଲିକା ପ୍ରକାଶ ପାଉନାହିଁ।

### ଅଧିକ ଆବେଦନକାରୀ ଥିଲେବି ହେଲାନି ପ୍ରିଲିମିନାରୀ

### ପରୀକ୍ଷା ପୂର୍ବରୁ ସଂସ୍କୃତ ପ୍ରଶ୍ନପତ୍ର ଖୋଲିଥିଲା ଓଏସ୍‌ଏସ୍‌ସି

ନିଯୁକ୍ତି ପାଇଁ ପ୍ରକାଶିତ ବିଜ୍ଞପ୍ତିରେ ସ୍ପଷ୍ଟ ଭାବେ ଉଲ୍ଲେଖ ଥିଲା ଯେ ମୋଟ୍ ପଦର ପାଞ୍ଚଗୁଣାରୁ ଅଧିକ ପ୍ରାର୍ଥୀ ଆବେଦନ କଲେ ପ୍ରିଲିମିନାରୀ ପରେ ମୁଖ୍ୟ ପରୀକ୍ଷା ଅନୁଷ୍ଠିତ ହେବ। ଅର୍ଥାତ୍ ଛାତ୍ରଛାତ୍ରୀମାନେ ଦୁଇଟି ପରୀକ୍ଷା ଦେବେ। ଏହି ଆଧାରରେ ବିଜ୍ଞାନ ଓ କଳାର ଏକାଧିକ ବିଷୟରେ ଉଭୟ ପ୍ରିଲିମିନାରୀ ଓ ମୁଖ୍ୟ ପରୀକ୍ଷା ହେଇଛି। ହେଲେ ହିନ୍ଦୀ ଓ ସଂସ୍କୃତ କ୍ଷେତ୍ରରେ ଏହାକୁ ନିଜେ ଓଏସ୍‌ଏସ୍‌ସି ଉଲଂଘନ କରିଛି। ହିନ୍ଦୀରେ ୭୧୧ ପଦ ଥିବାବେଳେ ମୋଟ୍ ୪୪୮୫ ଜଣ ଅର୍ଥାତ୍ ପ୍ରାୟ ୬ ଗୁଣା ଆଶାୟୀ ଆବେଦନ କରିଥିଲେ। ସେହିପରି ସଂସ୍କୃତରେ ମୋଟ୍ ୭୨୯ଟି ପଦ ଥିବାବେଳେ ଏଥିପାଇଁ ପ୍ରାୟ ୪୯୬୯ ଜଣ ଆଶାୟୀ ଅର୍ଥାତ୍ ପ୍ରାୟ ୭ଗୁଣା ଆଶାୟୀ ଆବେଦନ କରିଥିଲେ। ହେଲେ ଏହି ଦୁଇଟି ବିଷୟ ପାଇଁ ପ୍ରିଲିମିନାରୀ ପରୀକ୍ଷା ବଦଳରେ ସିଧାସଳଖ ମୁଖ୍ୟ ପରୀକ୍ଷା କରାଯାଇଛି। ଏନେଇ ବହୁ ଆଶାୟୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ପରୀକ୍ଷା ରଦ୍ଦ କରିବାକୁ ଦାବି କରିଛନ୍ତି। କିପରି ଓ କାହିଁକି ନିଜ ନିୟମ ନିଜେ ଓଏସ୍‌ଏସ୍‌ସି ଉଲଂଘନ କଲା, ସେ ସମ୍ପର୍କରେ ଅଧିକାରୀମାନେ ମୁହଁ ଖୋଲୁ ନାହାନ୍ତି।

ଅନୁରୂପ ଭାବେ ଉଭୟ ବିଷୟରେ ୨୦ ନମ୍ବର ଲେଖାଏଁ ପେଡାଗୋଜୀ ବିଷୟର ପ୍ରଶ୍ନପତ୍ର ଆସିଥିଲା। ଇଂରାଜୀ ଭାଷା ସହ ସମ୍ପୃକ୍ତ ବିଷୟ (ହିନ୍ଦୀ ବା ସଂସ୍କୃତ) ଭାଷାରେ ଆସିବାକୁ ବିଜ୍ଞପ୍ତିରେ ଉଲ୍ଲେଖ ଥିଲା। ପ୍ରଥମେ ହିନ୍ଦୀ ପରୀକ୍ଷାରେ କେବଳ ହିନ୍ଦୀ ଭାଷାରେ ପେଡାଗୋଜୀ ପ୍ରଶ୍ନପତ୍ର ଆସିଥିବାରୁ ତତ୍‌କ୍ଷଣାତ୍ ପେଡ଼ାଗୋଜୀ ପରୀକ୍ଷା ଆଉଥରେ ହେବ ବୋଲି ଓଏସ୍‌ଏସ୍‌ସି ଘୋଷଣା କରିଥିଲା। ହେଲେ ୨ଦିନ ପରେ ହେବାକୁ ଥିବା ସଂସ୍କୃତ ପରୀକ୍ଷା ପ୍ରଶ୍ନପତ୍ରରେ ମଧ୍ୟ ସମାନ ତ୍ରୁଟି ଥିବାରୁ ରାତାରାତି ବିକଳ୍ପ ଖୋଜିଲା। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଖୋଲିବା ସହ ପୋଡାଗୋଜୀ ପ୍ରଶ୍ନପତ୍ର ଇଂରାଜୀ ଭାଷାକୁ ଟ୍ରାନ୍ସଲେଟ୍ କରି ପରୀକ୍ଷାର୍ଥୀଙ୍କୁ ଜେରକ୍ସ କପି ଦେଇଥିଲେ। ଅର୍ଥାତ୍ ପରୀକ୍ଷା ପୂର୍ବରୁ ସଂସ୍କୃତ ପ୍ରଶ୍ନପତ୍ର ଖୋଲା ଯାଇଥିବା ଅକ ପ୍ରକାର ସ୍ପଷ୍ଟ ହୋଇଥିଲା। ଏପରିକି ପରୀକ୍ଷା ପରେ ସିରିଏଲ୍ ନମ୍ବର ସହ ପ୍ରଶ୍ନପତ୍ର ପ୍ୟାକେଟ୍ ଫଟୋ ଭାଇରାଲ୍ ମଧ୍ୟ ହୋଇଥିଲା। ରାଜଧାନୀ କଲେଜ ପରୀକ୍ଷା କେନ୍ଦ୍ରରୁ ଏହା ଭାଇରାଲ୍ ହୋଇଥିବା ପରୀକ୍ଷାର୍ଥୀମାନେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନି। ପାଞ୍ଚଗୁଣାରୁ ଅଧିକ ଆବେଦନକାରୀ ଥାଇ ମଧ୍ୟ ପ୍ରିଲିମିନାରୀ ପରୀକ୍ଷା ନ କରିବା ଏବଂ ଇଂରାଜୀ ଭାଷାରେ ପେଡାଗୋଜୀ ପ୍ରଶ୍ନପତ୍ର ନ ଆସିବାରୁ ହିନ୍ଦୀ ପରୀକ୍ଷାକୁ ହାଇକୋର୍ଟ ରଦ୍ଦ କରିଛନ୍ତି।

ଅନୁରୂପ ଭାବେ ସଂସ୍କୃତ ଶିକ୍ଷକ ଆଶାୟୀମାନେ ମଧ୍ୟ ପରୀକ୍ଷା ରଦ୍ଦ ହୋଇଯିବା ନେଇ ଆଶଙ୍କା ପ୍ରକାଶ କରୁଛନ୍ତି। ଦୀର୍ଘ ସାତ ମାସ ହେଲା ପରୀକ୍ଷା ଦେଇ ମେଧା ଭିତ୍ତିରେ ଚୟନ ହୋଇଥିଲେ ମଧ୍ୟ କାହିଁକି ସେମାନଙ୍କୁ ନିଯୁକ୍ତି ଦିଆ ଯାଉନାହିଁ ବୋଲି କୃତୀ ପରୀକ୍ଷାର୍ଥୀମାନେ ପ୍ରଶ୍ନ କରୁଛନ୍ତି। ଏପରିକି ଆସନ୍ତା ୧୫ ତାରିଖ ପୂର୍ବରୁ ସେମାନଙ୍କ ପରୀକ୍ଷାଫଳ ପ୍ରକାଶ କରି ସମସ୍ତଙ୍କ ସହ ନିଯୁକ୍ତି ପତ୍ର ଦେବାକୁ ଦାବି କରି ଆନ୍ଦୋଳନ କରୁଛନ୍ତି। ହେଲେ ବ୍ୟାପକ ଭୁଲ୍ କରିଥିବା ଓଏସ୍‌ଏସ୍ କୋର୍ଟରେ ମାମଲା ବିଚାରଧୀନ ଥିବା କହି ହାତ ଟେକି ଦେଇଛି। ଯାହାକୁ ନେଇ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ସକାଳ
THE SAKALA



## ଓଡ଼ିଶାରେ ପଶ୍ଚିମବଙ୍ଗ ଯାଆଁଳ ମାଫିଆଙ୍କ ଦୌରାତ୍ମ୍ୟ

# ଦେବୀ ନାସିରୁ ଧରାହେଲେ ୮ ଯାଆଁଳ ବେପାରୀ






**ଅସ୍ତରଙ୍ଗ,୧୨।୧୧(ସମିସ):** ଦିନକୁ ଦିନ ଅସ୍ତରଙ୍ଗ ଉପକୂଳରଦେବୀନଦୀମୁହାଁଣଠାରୁ କେଳୁଣି ମୁହାଁଣ ଭିତରେ ବଢ଼ୁଛି ଚିଙ୍ଗୁଡ଼ି, ଖଇଙ୍ଗା, ପୋଟେଇ ଯାଆଁଳ ମାଫିଆଙ୍କ ଦୌରାତ୍ମ୍ୟ। ସୁଦୂର ପଶ୍ଚିମବଙ୍ଗରୁ ଏମାନେ ଆସି ମୁହାଁଣ ଟାପୁରେ ଅସ୍ଥାୟୀ ଶିବିର କରି ଯାଆଁଳ କୁଣ୍ଡ ଖନନ କରି ସେଠାରେ ଯାଆଁଳ ଧରି ବାହାର ରାଜ୍ୟକୁ ଚୋରା ଚାଲାଣ କରୁଥିଲେ। ଯେଉଁଥିପାଇଁ ନଦୀ, ସମୁଦ୍ରରୁ ମାଛ ସଂଖ୍ୟା ହ୍ରାସ ପାଉଥିବାରୁ ଉପକୂଳ ମତ୍ସ୍ୟଜୀବୀମାନେ ଅନେକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଖଇଙ୍ଗା, ପୋଟେଇ ଏବଂ ଅନେକ ଦାମୀ ମାଛ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ସେମାନଙ୍କ ଉପରେ କୌଣସି ଚଢ଼ଉ କରାଯାଉ ନ ଥିଲା। ଏବେ ଅସ୍ତରଙ୍ଗ ମତ୍ସ୍ୟ ବିଭାଗ ଓ ନୂଆଗଡ଼ ମେରାଇନ୍ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ୮ ଜଣ ପଶ୍ଚିମବଙ୍ଗ ବେପାରୀଙ୍କୁ ଅଟକ ରଖାଯାଇଛି।

ଯେତେବେଳେ ଜଣେ ମତ୍ସ୍ୟଜୀବୀ ଅନେକ ଅର୍ଥ ବ୍ୟୟ କରି ନଦୀ ପଥରେ ସମୁଦ୍ରକୁ ମାଛ ମାରିବାକୁ ଯାଉଛନ୍ତି କିନ୍ତୁ ଏହି ଯାଆଁଳ ଚୋରା ଚାଲାଣ ପାଇଁ ସେହି ଅନୁସାରେ ମାଛ ଧରିପାରୁ ନାହାନ୍ତି। ଯାହାକୁ ନେଇ ପ୍ରାୟ ୨୦ ହଜାର ମତ୍ସ୍ୟଜୀବୀ ଏବେ ଚିନ୍ତାରେ। ଆଗରୁ ବାରମ୍ବାର ଅଭିଯୋଗ ପରେ ବିଭାଗ ତରଫରୁ କୌଣସି ପଦକ୍ଷେପ ନିଆଯାଉ ନ ଥିଲା। ମାତ୍ର ମା' ତାରିଣୀ ପ୍ରାଇମେରୀ ମେରାଇନ୍ ଫିସର ମ୍ୟାନ୍ କୋ. ସୋସାଇଟି, ନଗରଙ୍କଠାରୁ ଖବର ପାଇ ଅସ୍ତରଙ୍ଗ ବ୍ଲକ୍ ମତ୍ସ୍ୟ ବିଭାଗ ଓ ନୂଆଗଡ଼ ମେରାଇନ ପୁଲିସର ମିଳିତ ସହାୟତାରେ ଦେବୀ ନାସି ନିକଟ ଟାପୁରେ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୮ ଜଣ ପଶ୍ଚିମବଙ୍ଗ ଯାଆଁଳ ବେପାରୀଙ୍କୁ ଧରିବା ସହ ସେମାନଙ୍କ ନିକଟରୁ ପ୍ରାୟ ୧୨ ହଜାର ୫୦୦ ଯାଆଁଳ ଜବତ କରାଯାଇ ମୁହାଁଣରେ ଛଡ଼ାଯାଇଛି। ସେମାନଙ୍କୁ ବିଭାଗ ତାଙ୍କର ମୁଖ୍ୟ ସହଯୋଗୀ ବଳଭଦ୍ରପୁର ଗ୍ରାମର ସୁନାକର ବିଶ୍ୱାଳଙ୍କ ନିକଟରେ ଅଟକ ରଖି ସେମାନଙ୍କ ଆଧାର କାର୍ଡ ଯାଞ୍ଚ କରି ତଦନ୍ତ ଜାରି ରହିଛି ବୋଲି ବ୍ଲକ୍ ମତ୍ସ୍ୟ ଅଧିକାରୀ ସତ୍ୟଜିତ୍ ଦାସ ସୂଚନା ଦେଇଛନ୍ତି।

**● ମୁହାଁଣରେ କରିଥିଲେ ଅସ୍ଥାୟୀ ଶିବିର, ଖୋଳିଥିଲେ ଯାଆଁଳ କୁଣ୍ଡ**

# ବଜାରରେ ମିଳୁଥିବା ପାଚିଲା ଫଳ କେତେ ସୁରକ୍ଷିତ



ନିରାକାରପୁର,୧୨।୧୧(ସମିସ): ଋତୁ ଅନୁସାରେ ତଥା ଅନ୍ୟ ସମୟରେ ପାଚିଲା ଫଳ କେତେ ସୁରକ୍ଷିତ, ସ୍ୱାସ୍ଥ୍ୟ ଉପଯୋଗୀ। ପାଚିଲା ଫଳ କଦଳୀ, ସପୁରି, ଅମୃତଭଣ୍ଡା ସହିତ ଅନ୍ୟାନ୍ୟ ଫଳର ରଙ୍ଗ ନାଲି, ହଳଦିଆ, ନରମ ଟାଣ ଦେଖି ଖାଉଟି କିଣି ନେଇଥା'ନ୍ତି। ଦେଖିବାକୁ ଗଲେ ପାଚିଲା ପରି ଦେଖାଯାଉଥିବା ଏହି ଫଳ ପ୍ରାକୃତିକ ପାଚିଲା କି ଅପରିପକ୍ୱ ଫଳକୁ ଆଣି କୃତ୍ରିମ ଉପାୟରେ ପଚାଯାଇଛି ଯାହା ଦେଖିବାକୁ ସମୟ ନାହିଁ। ଫଳରେ ଠକାମୀର ଶିକାର ହେଉଛନ୍ତି ଖାଉଟି। ଅପରିପକ୍ୱ ଫଳ ଆଣି ତାକୁ କୃତ୍ରିମ ଉପାୟରେ ରାସାୟନିକ ପଦାର୍ଥ ପ୍ରୟୋଗ କରି ପଚାଯାଏ ଯାହା ଅବିକଳ ପ୍ରାକୃତିକ ଉପାୟରେ ପାଚିଲା ଫଳ ପରି ଦେଖାଯାଏ ବୋଲି ଆଲୋଚନା ଅଭିଯୋଗ ହୋଇଥାଏ। ଏହି ରାସାୟନିକ ପଦାର୍ଥ ମଧ୍ୟରେ କାର୍‌ବାଇଡ୍ ଅନ୍ୟତମ। ବିଭିନ୍ନ ପର୍ବପର୍ବାଣୀ ସହିତ ସବୁ ସମୟରେ ଅପରିପକ୍ୱ ଫଳକୁ କୃତ୍ରିମ ଉପାୟରେ ବ୍ୟାପକ କାର୍‌ବାଇଡ୍ ପ୍ରୟୋଗ କରାଯାଇ ଅବିକଳ ପାଚିଲା ଫଳ ପରି କରାଯାଉଛି। ଏହି ରାସାୟନିକ ପଦାର୍ଥ କାର୍‌ବାଇଡ୍‌ରେ ପ୍ରଚୁର ପରିମାଣରେ ଫସ୍‌ଫରସ୍ ଓ ଆର୍ସେନିକ୍ ରହିଥାଏ, ଯାହାକି ତାପମାତ୍ରା ବୃଦ୍ଧିକରି ଫଳଗୁଡ଼ିକୁ ସ୍ୱଚ୍ଛ ସମୟ ମଧ୍ୟରେ ପଚାଇଦେଇଥାଏ। ଏହା ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ। ଏହି କାର୍‌ବାଇଡ୍‌ଯୁକ୍ତ ଫଳ ଖାଇବା ଦ୍ୱାରା ଶରୀର ଦୁର୍ବଳ ହେବା ସହିତ ନିମ୍ନ ରକ୍ତଚାପ ଚର୍ମରୋଗ ଏପରିକି କିଡ୍‌ନୀ, ହୃତ୍‌ପିଣ୍ଡ ଉପରେ ମଧ୍ୟ ଏହାର ପ୍ରଭାବ ଦେଖାଦିଏ ବୋଲି ବିଶେଷଜ୍ଞ ଡାକ୍ତର କହୁଛନ୍ତି। ସହର ଓ ଗ୍ରାମାଞ୍ଚଳ ବଜାରରେ ମିଳୁଥିବା ବିଭିନ୍ନ ପ୍ରକାର ଫଳରୁ ଅଧିକାଂଶ ଏହି ରାସାୟନିକ ପଦାର୍ଥ କାର୍‌ବାଇଡ୍‌ଯୁକ୍ତ। ଉପରକୁ ପାଚିଲା ଦେଖାଯାଉଥିଲେ ବି ଏହି କାର୍‌ବାଇଡ୍‌ଯୁକ୍ତ ଫଳ କେତେଯେ କ୍ଷତିକାରକ ତାହା ସାଧାରଣ ଖାଉଟି ଜାଣିପାରେ ନାହିଁ। ଆହୁରି ପ୍ରଶାସନ ପକ୍ଷରୁ ଖାଦ୍ୟ ସୁରକ୍ଷା ଅଧିକାରୀମାନେ ନିୟମିତ ବଜାରରେ ବିକ୍ରି ହେଉଥିବା ଫଳର ମାନ ଯାଞ୍ଚ କରନ୍ତି ନାହିଁ ବୋଲି ସାଧାରଣରେ ଅଭିଯୋଗ ହୁଏ। ତେଣୁ ଏହାର ଯାଞ୍ଚ କରାଯିବାର ଆବଶ୍ୟକତା ରହିଛି।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଯୁବ ସମ୍ମିଳନୀ

ନିମାପଡ଼ା,୧୨।୧୧(ସମିସ): ପୁରୀ ଜିଲ୍ଲା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ପକ୍ଷରୁ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, ନିମାପଡ଼ାଠାରେ ଏକ ଯୁବ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସତ୍ରରେ ମୁଖ୍ୟ ଅତିଥିଭାବେ ଯୁବ ଉଦ୍ୟୋଗୀ ଓ ସମାଜସେବୀ ବିକ୍ରମ କେଶରୀ ସାମଲ, ସମ୍ମାନିତ ଅତିଥିଭାବେ ନିମାପଡ଼ା ଖଣ୍ଡ ସଂଘ ଚାଳକ ଡ. ଅମୂଲ୍ୟ ପ୍ରସାଦ ଦାଶ, ମୁଖ୍ୟବକ୍ତାଭାବେ ସଂଘର ପୁରୀ ଜିଲ୍ଲା ସହ କାର୍ଯ୍ୟବାହ ତପନ ସାମଲ ଯୋଗଦେଇ ଉପସ୍ଥିତ ଯୁବବର୍ଗଙ୍କୁ ଭାରତର ଗୌରବମୟ ଇତିହାସ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଦ୍ୱିତୀୟ ସତ୍ରରେ ଯୁବପିଢ଼ିମାନଙ୍କୁ ନେଇ ଏକ ପ୍ରତିଭା ପ୍ରଦର୍ଶନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପରବର୍ତ୍ତୀ ସମୟରେ ସମାଜସେବାରେ କାର୍ଯ୍ୟରତ ଯୁବ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ସତ୍ରରେ ପୁରୀ ବିଭାଗ ସହ କାର୍ଯ୍ୟବାହ ପ୍ରଫୁଲ୍ଲ ପଣ୍ଡା ମୁଖ୍ୟବକ୍ତାଭାବେ ଯୋଗଦେଇ ସଂଘ ପ୍ରତିଷ୍ଠାର ପୃଷ୍ଠଭୂମି, ସଂଘ ୧୦୦ ବର୍ଷର ଯାତ୍ରା ଓ ଶତାବ୍ଦୀ ବର୍ଷରେ ପଞ୍ଚ ପରିବର୍ତ୍ତନର ଲକ୍ଷ୍ୟ ଉପରେ ମତବ୍ୟକ୍ତ କରିଥିଲେ। ସମ୍ମିଳନୀରେ ଜିଲ୍ଲା ମହାବିଦ୍ୟାଳୟ ପ୍ରମୁଖ ବିସ୍ମୟକାନ୍ତ ସାହୁ ପରିଚୟ ପ୍ରଦାନ କରିଥିବାବେଳେ, ଜିଲ୍ଲା ପ୍ରଚାରକ ରଞ୍ଜନ ନାୟକ ସ୍ୱାଗତ ବୌଦ୍ଧିକ ପ୍ରଦାନ କରିଥିଲେ। ନିମାପଡ଼ା ଖଣ୍ଡ କାର୍ଯ୍ୟବାହ ଭାଗିରଥି ଓଝା ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀରେ ବିଭିନ୍ନ ମହାବିଦ୍ୟାଳୟର ଶତାଧିକ ଯୁବ ବର୍ଗ ସାମିଲ୍ ହୋଇଥିଲେ।

# 'ନିଃସ୍ୱାର୍ଥପର ଭାବେ କର୍ମ କରିବା ହିଁ ସତ୍ ଉପଲବ୍ଧି'



ସାକ୍ଷୀଗୋପାଳ,୧୨।୧୧(ସମିସ): ରାମକୃଷ୍ଣ ଆଶ୍ରମ, ପୁରୀ ଓ ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଓଡ଼ିଆ ବିଶ୍ୱବିଦ୍ୟାଳୟରେ "ସ୍ୱାମୀ ବିବେକାନନ୍ଦଙ୍କ ଯୁବ ସମାଜକୁ ବାର୍ତ୍ତା' ବିଷୟକୁ ଆଧାର କରି ଏକ ବ୍ୟାଖ୍ୟାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାର ଅଧ୍ୟକ୍ଷ ସ୍ୱାମୀ ଗୋପଳାତ୍ମାନନ୍ଦ ମହାରାଜ ଆନୁଷ୍ଠାନିକ ଭାବରେ ଏହାକୁ ଉଦ୍‌ଘାଟନ କରି ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପ୍ରୋତ୍ସାହିତ କରିଥିଲେ। ପ୍ରଥମ ବର୍ଷର ଛାତ୍ରୀ କୁମାରୀ ଅନ୍ନପୂର୍ଣ୍ଣା ରଥ ଓ ପ୍ରାଧ୍ୟାପିକା ଡ. ଲିପିକା ନାୟକ ନିଜ ନିଜ ବକ୍ତ୍ୟବରେ ସ୍ୱାମୀଜୀଙ୍କର ଚିନ୍ତା, ଚେତନା ଓ ଆଦର୍ଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିଥିଭାବେ ସୁକାନ୍ତ କୁମାର ମହାନ୍ତି ସଙ୍ଗୀତ, ବାଦ୍ୟ ଓ ଭାଷଣର ଅପୂର୍ବ ସମନ୍ୱୟରେ ଏକ ନିଆରା ଢଙ୍ଗରେ ସ୍ୱାମୀଜୀଙ୍କର ଜୀବନାଦର୍ଶ ତଥା ଭାରତୀୟ ଏକତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ଶତ୍ରୁଘ୍ନ ପାଣିଗ୍ରାହୀ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ନିଃସ୍ୱାର୍ଥପର ଭାବେ କର୍ମ କରିବା ହିଁ ସତ୍ ଉପଲବ୍ଧି। କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ପ୍ରାଧ୍ୟାପକ ଡ. ରାଧାଗୋବିନ୍ଦ କୁଇଲା। ଏଥିରେ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

**● ରୋଗୀ କଲ୍ୟାଣ ସମିତି ବୈଠକ**

# ଡାକ୍ତରଖାନାକୁ ବିଶେଷଜ୍ଞ ଯୋଗାଇଦେବାକୁ ଦାବି



**ଡେଲାଙ୍ଗ,୧୨।୧୧(ସମିସ):** ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମଙ୍ଗଳବାର ରୋଗୀ କଲ୍ୟାଣ ସମିତି ବୈ÷ଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ, ଡେଲାଙ୍ଗ ବ୍ଲକ୍ ଅଧ୍ୟକ୍ଷା ବାସନ୍ତୀ ସାହୁ, ବ୍ଲକ୍ ଉନ୍ନୟନ ଅଧିକାରୀ କ୍ଷୀତିଶଚନ୍ଦ୍ର ବେହେରା, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଜାପାନୀ କୁମାରୀ ମିତ୍ର, ବ୍ଲକ୍ ସହ ଶିକ୍ଷାଧିକାରିଣୀ ସୁଷମା ଦାଶ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଶାନ୍ତନୁ କୁମାର ଜେନା, ଡାକ୍ତର ସୋନି ସାମନ୍ତରାୟ, ବ୍ଲକ୍ ପ୍ରକଳ୍ପ ପରିଚାଳକ ଦିଲ୍ଲୀପ କୁମାର ପରିଡ଼ାଙ୍କ ସମେତ ରୋଗୀ କଲ୍ୟାଣ ସମିତିର ସଦସ୍ୟମାନେ ଯୋଗଦେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକାଧିକ ବିଶେଷଜ୍ଞଙ୍କ ପଦ ଖାଲି ପଡ଼ିଥିବାବେଳେ ଆମ୍ବୁଲାନ୍ସଟିଏ ନ ଥିବା ଯୋଗୁଁ ରୋଗୀମାନେ ଅନେକ ସମସ୍ୟା ଭୋଗୁଥିବା ନେଇ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତୁରନ୍ତ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ବିଧାୟକ ଶ୍ରୀ ପଟ୍ଟନାୟକ ବୈଠକରେ ଆଶ୍ୱାସନା ଦେଇଥିଲେ।

# ବାତ୍ୟା ଆଶ୍ରୟସ୍ଥଳୀରେ ଚାଲିଛି ପାଠପଢ଼ା

## ପଢ଼ିବାକୁ ନାହିଁ ଶ୍ରେଣୀଗୃହ; ତଥାପି ମନରେ ଦୃଢ଼ ସଂକଳ୍ପ



**ଡେଲାଙ୍ଗ,୧୨।୧୧(ସମିସ):** ଡେଲାଙ୍ଗ ବ୍ଲକ୍ ଅଭୟମୁଖି ପଞ୍ଚାୟତ ଅଧୀନ ଇନ୍ଦିପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସ୍ଥା ଜରାଜୀର୍ଣ୍ଣ ହେବା ପରେ ଛାତ୍ରଛାତ୍ରୀମାନେ ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳରେ ପାଠ ପଢୁଛନ୍ତି। ଅଭିଭାବକ ଓ ବିଦ୍ୟାଳୟର ଶିକ୍ଷକମାନେ ନୂତନ ବିଦ୍ୟାଳୟଟିଏ ନିର୍ମାଣ କରିବାକୁ ବ୍ଲକ୍ ପ୍ରଶାସନଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ବିଦ୍ୟାଳୟର ୯୭ ଜଣ ଛାତ୍ରଛାତ୍ରୀ ବାତ୍ୟା ଆଶ୍ରୟସ୍ଥଳରେ ପାଠପଢୁଥିଲେ ମଧ୍ୟ ସେମାନେ ମନରେ ଦୃଢ଼ ସଂକଳ୍ପ ବାନ୍ଧି ରଖିଛନ୍ତି। ପୁରୀ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଉତ୍ତମ ପ୍ରଦର୍ଶନ କରି ରାଜ୍ୟସ୍ତରକୁ ମନୋନୀତ ହୋଇଥିବା ଜଣାପଡ଼ିଛି।

ଛାତ୍ରଛାତ୍ରୀମାନେ ଦଳଗତ ନୃତ୍ୟ ପରିବେଷଣ କରି ପ୍ରଥମ ସ୍ଥାନ ଅକ୍ତିଆର କରିବା ସହିତ ବିଦ୍ୟାଳୟ ଓ ବ୍ଲକ୍ ଶିକ୍ଷା ବିଭାଗକୁ ଗୌରବ ମଣ୍ଡିତ କରିଛନ୍ତି। ସେହିପରି ଏହି ପ୍ରତିଯୋଗିତାରେ ପ୍ରବନ୍ଧରେ ଡେଲାଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଚିତ୍ରାଙ୍କନରେ ଅମାଳଙ୍ଗ ବିଦ୍ୟାଳୟ ଓ ଆଦର୍ଶ ବିଦ୍ୟାଳୟ ବେରବୋଇ, ସଂଗୀତରେ ରେଞ୍ଚ ବିଦ୍ୟାଳୟ ଓ ନୃତ୍ୟରେ ଇନ୍ଦିପୁର ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଜିଲ୍ଲାସ୍ତରରେ ପୁରସ୍କୃତ ହୋଇ ରାଜ୍ୟସ୍ତରକୁ ମନୋନୀତ ହୋଇଥିବା ଜଣାପଡ଼ିଛି। ଅନ୍ୟପଟେ ଆଜକୁ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲାଣି ଇନ୍ଦିପୁର ବିଦ୍ୟାଳୟର ଛାତ୍ରଛାତ୍ରୀ ବିଦ୍ୟାଳୟ ପରିବର୍ତ୍ତେ ବାତ୍ୟା ଆଶ୍ରୟସ୍ଥଳୀରେ ପାଠପଢୁଥିବାର କରୁଣ ଚିତ୍ର ଦେଖିବାକୁ ମିଳୁଛି। ଏନେଇ ଅଭିଯୋଗ ହେବାପରେ ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁର କରାଯାଇଥିଲେ ମଧ୍ୟ ବିଦ୍ୟାଳୟର ଭିତ୍ତିଭୂମି ନ ଥିବାରୁ ବିଦ୍ୟାଳୟ ନିର୍ମାଣ ହୋଇପାରୁ ନାହିଁ। ଅଭିଭାବକମାନେ ନିକଟରେ ଥିବା ଏକ ସରକାରୀ ଜମିରେ ନୂତନ ବିଦ୍ୟାଳୟ ନିର୍ମାଣ କରିବାକୁ ଦାବି କରିଆସୁଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇପାରୁ ନ ଥିବା ଅଭିଯୋଗ ହେଉଛି।

# ରାଜନୈତିକ ବିବାଦରୁ ରାସ୍ତା କାମ ବନ୍ଦ



ନୟାହାଟ,୧୨।୧୧(ସମିସ): ସାଧାରଣ ଲୋକ ଗମନାଗମନ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ଯେଉଁଠି ରାସ୍ତା ନାହିଁ ସେଠାରେ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ବ୍ଲକ୍ ପ୍ରଶାସନ ଅନୁମତି ଦେଉଥିଲାବେଳେ ଦେସ୍ଥଳୀ ପଞ୍ଚାୟତରେ ରାଜନୀତି ବିବାଦ ଯୋଗୁଁ ରାସ୍ତା କାମ ନ ହେବା ଫଳରେ ଗ୍ରାମବାସୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ଥଳି ମାଇନର କେନାଲ ବନ୍ଧ ମାଟି ଥିବାରୁ ଗାଁ ଲୋକମାନେ ବର୍ଷାଦିନରେ କାଦୁଅରେ ଯାତାୟାତ କରନ୍ତି। ଗୋପ ବ୍ଲକ୍ ପ୍ରଶାସନ ପକ୍ଷରୁ କେନାଲ ବନ୍ଧକୁ କଂକ୍ରିଟ ରାସ୍ତାରେ ପରିଣତ କରିବା ପାଇଁ ଦୀର୍ଘ ବର୍ଷେ ହେଲା ଦେସ୍ଥଳି ପଞ୍ଚାୟତ ଅଫିସ୍ ସାମ୍ନାରେ ବାଲି, ଗୋଡ଼ି ଗଦା ହୋଇଛି କିନ୍ତୁ କାମ ହୋଇପାରୁ ନାହିଁ। ଏ ସମ୍ପର୍କରେ ଗ୍ରାମର ସୁବଳ ନାୟକଙ୍କୁ ପଚାରିବାରେ ସେ କହିଥିଲେ, ରାସ୍ତା ଯିଏ କରୁ ଆମର ଯାତାୟାତ ପାଇଁ ରାସ୍ତା କାମ ହେବା ଦରକାର। ଏ ସମ୍ପର୍କରେ ସରପଞ୍ଚ ରିସ୍ମା ସ୍ୱାଇଁ ଓ ସମାଜସେବୀ ମକରଧ୍ୱଜ ସ୍ୱାଇଁଙ୍କୁ ଯୋଗାଯୋଗ କରିବାରେ ସେ କହିଥିଲେ, ବ୍ଲକ୍ ପ୍ରଶାସନ ଜାଣିଥିବେ କ'ଣ ପାଇଁ କାମ ହୋଇପାରୁ ନାହିଁ। ଏ ଦିଗରେ ଗୋପ ବିଡିଓ ଛବିରାଣୀ ସାହୁଙ୍କୁ ଯୋଗାଯୋଗ କରିବାରୁ ତାଙ୍କ ଫୋନ୍ ବନ୍ଦ ଥିବାରୁ ତାଙ୍କ ମତାମତ ନିଆଯାଇପାରି ନାହିଁ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବିଜ୍ଞାନ ମେଳା



ପିପିଲି,୧୨।୧୧(ସମିସ): ମଙ୍ଗଳବାର ଗୋବିନ୍ଦପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ସମନ୍ୱିତ ବିଜ୍ଞାନ ମେଳା ସ୍ପେକ୍ଟ୍ରମ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ବିଭୂତିଭୂଷଣ ମଣ୍ଡଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ବିଧାୟକ ଆଶ୍ରିତ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ପିପିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ରାଉତ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ପିପିଲି ମହାବିଦ୍ୟାଳୟ ଅଧ୍ୟାପକ ସତ୍ୟନାରାୟଣ ସାମନ୍ତରାୟ, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସତ୍ୟବ୍ରତ ଜେନା, ପିପିଲି ସାଂସ୍କୃତିକ ପରିଷଦ ସମ୍ପାଦକ ରମେଶ ଚନ୍ଦ୍ର ମହାପାତ୍ର, ଅନ୍ତର୍ଜାତୀୟ କ୍ଷେତ୍ରରେ ପୁରସ୍କାରପ୍ରାପ୍ତ ବିଜ୍ଞାନ ଶିକ୍ଷକ ହେମନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ପ୍ରଦର୍ଶନୀରେ ମୋଟ୍ ୧୨୮ ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ବିଚାରକ ଭାବେ ବିଜ୍ଞାନ ଶିକ୍ଷକ ହେମନ୍ତ ପ୍ରଧାନ, ସୁଚରିତା ସାହୁ, ମହେନ୍ଦ୍ର ଡାଙ୍ଗୁଆ, ରାମକୃଷ୍ଣ ବାରିକ, ମହାତ୍ମା ମହାରଣା, ଜୟନ୍ତ ମଲିକ ଯୋଗଦେଇଥିଲେ। ଏହି ମେଳାକୁ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ପରିଚାଳନା କରିଥିବାବେଳେ କୃତୀ ଛାତ୍ରଛାତ୍ରୀମାନଙ୍କୁ ଆସନ୍ତା ବାର୍ଷିକ ଉତ୍ସବରେ ସମ୍ମାନିତ କରାଯିବ ବୋଲି ବିଦ୍ୟାଳୟ ଅଧ୍ୟକ୍ଷ ସୂଚନା ଦେଇଛନ୍ତି।

# ଲକ୍ଷ୍ମୀଧର ସାର୍‌ଙ୍କ ସ୍ମୃତିରେ ଗୀତା ଯଜ୍ଞ ଓ ବେଦପାଠ

କାକଟପୁର,୧୨।୧୧(ସମିସ): କାକଟପୁର ବ୍ଲକ୍ କଣ୍ଟାପଡ଼ା ଗ୍ରାମ ପଞ୍ଚାୟତ ଗମ୍ଭାରିପଦା ଗ୍ରାମର ଆଦର୍ଶ ଶିକ୍ଷକ ଲକ୍ଷ୍ମୀଧର ସାର୍‌ଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସାର୍‌ଙ୍କ ଫଟୋଚିତ୍ରରେ ବରିଷ୍ଠ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ପରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ ନାୟକ, ଇଂ ଗତିକୃଷ୍ଣ ପ୍ରସାଦ, ସୁପର ଟେଡିଂ ଇଂ ନିରୋଜ କୁମାର ଦାଶ, ସମରେନ୍ଦ୍ର ଦୀକ୍ଷିତ, ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ବାସନ୍ତୀ ନାୟକ, ନଳିନୀକାନ୍ତ ଦୀକ୍ଷିତ, ବିଶ୍ୱଜିତ୍ ଦାଶ, ଦୀପକ ଶତପଥି, ଜଳନ୍ଧର ନାୟକ, ଅଭୟ ଖୁଣ୍ଟିଆ, ଅରକ୍ଷିତ କାଣ୍ଡି, ଅବଧୁତ ସ୍ୱାଇଁ, ଯଶୋବନ୍ତ ନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇ ଲକ୍ଷ୍ମୀଧର ସାର୍‌ଙ୍କ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ। ଅଣାକ୍ଷର ସତ୍‌ସଙ୍ଗ ମେଳା ଶୁକପୋଖରୀ ପକ୍ଷରୁ ଶରତ ଚନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ଗୀତା ଯଜ୍ଞ, ବେଦଧ୍ୱନି, ନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ଗ୍ରାମବାସୀଙ୍କ ସମେତ ପରିବାର, ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ପଡୁଆଁ ହେଲେ ଶ୍ରୀସାକ୍ଷୀଗୋପାଳ, ଶ୍ରୀରାଧା

ସାକ୍ଷୀଗୋପାଳ,୧୨।୧୧(ସମିସ): ସାକ୍ଷୀଗୋପାଳ ମନ୍ଦିରରେ ବୁଧବାର ପ୍ରଥମାଷ୍ଟମୀ ଅବସରରେ ପ୍ରଥମାଷ୍ଟମୀ ନୀତି ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଦୈନନ୍ଦିନ ଦେବନୀତି ସହିତ ଦ୍ୱିପ୍ରହର ଧୂପରେ ଠାକୁର ଶ୍ରୀସାକ୍ଷୀଗୋପାଳ ଓ ଠାକୁରାଣୀ ଶ୍ରୀରାଧାରାଣୀଙ୍କୁ ନୂତନ ବସ୍ତ୍ର, ଫୁଲହାର, ଚନ୍ଦନ ଲାଗି କରାଯାଇଥିଲା। ଜାତଭୋଗ, ଆଳତି, ଉପଚାର ଓ ବନ୍ଦାପନା କରାଯାଇ ଠାକୁରଙ୍କ ପଡୁଆଁ ନୀତି ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଛତ୍ରୀ, ତ୍ରାସ, ବିଜେକାହାଳୀ, ଘଣ୍ଟ, ତେଲିଙ୍ଗି ବାଦ୍ୟ, ମହୁରୀ ସେବା କରାଯାଇଥିଲା। ପୂଜାପଣ୍ଡା ଶିବ ସୁନ୍ଦର ମହାପାତ୍ର, ପାଳିଆ ପତ୍ରୀ ଚନ୍ଦ୍ରମଣି ନନ୍ଦ, ସିଂହାରୀ ଅଶୋକ ଖୁଣ୍ଟିଆ, ଭଣ୍ଡାର ମେକାପ ପ୍ରଶାନ୍ତ କୁମାର ମେକାପଙ୍କ ସହିତ ବିଭିନ୍ନ ବର୍ଗର ସେବାୟତ ସାମିଲ୍ ହୋଇଥିଲେ। ବିଶେଷକରି ପଡୁଆଁ ହୋଇଥିବା ପୁଅ ଓ ଝିଅମାନେ ପରିବାର ସହ ଠାକୁରଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରି ଆଶୀର୍ବାଦ କାମନା କରିଥିଲେ।

# ସିଦ୍ଧ ମହାବୀର ମନ୍ଦିର ଦାନବାକ୍ସ ଲୁଟିନେଲେ ଦୁର୍ବୃତ୍ତ



ସାକ୍ଷୀଗୋପାଳ,୧୨।୧୧(ସମିସ): ଐତିହାସିକ ବକୁଳବନସ୍ଥିତ ଶ୍ରୀଶ୍ରୀ ସିଦ୍ଧ ବଳରାମଦେବ ପୀଠ ନିକଟରେ ପ୍ରତିଷ୍ଠିତ ଶ୍ରୀଶ୍ରୀ ସିଦ୍ଧ ମହାବୀର ଠାକୁରଙ୍କ ଦାନବାକ୍ସକୁ ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଲୁଟି ନେଇଛନ୍ତି। ଏ ନେଇ ମନ୍ଦିର କମିଟି ସଦସ୍ୟ ରବିନାରାୟଣ ପତ୍ରି ସତ୍ୟବାଦୀ ଥାନାରେ ଏକ ଅଭିଯୋଗ କରିଛନ୍ତି। ଠାକୁରଙ୍କ ଏହି ଦାନବାକ୍ସ ବର୍ଷକୁ ଗୋଟିଏ ଥର ଖୋଲାଯିବା ସହ ସେଥିରୁ ଲକ୍ଷାଧିକ ଟଙ୍କା ଓ ଅନ୍ୟ ମୂଲ୍ୟବାନ ସାମଗ୍ରୀ ବାହାରିଥାଏ। ତେଣୁ ଆଉ ମାତ୍ର କିଛି ଦିନ ମଧ୍ୟରେ ଏହି ଦାନବାକ୍ସ ଖୋଲାଯିବାର ବ୍ୟବସ୍ଥା କରାଯାଉଥିଲା। ଏଥିରେ ଅନ୍ୟ ବର୍ଷ ତୁଳନାରେ ଚଳିତ ବର୍ଷର ଅଧିକ ଦାନ ଅର୍ଥ ମିଳିବା ସମ୍ଭାବନା ରହିଥିଲା, ଯାହା ଠାକୁରଙ୍କ ବିକାଶ କାର୍ଯ୍ୟରେ ବିନିଯୋଗ ହୋଇଥା'ନ୍ତା ବୋଲି ଅଭିଯୋଗକାରୀ ଶ୍ରୀ ପତ୍ରି କହିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ସତ୍ୟବାଦୀ ଥାନାରେ ଏକ ମାମଲା ରୁଜୁ ହେବା ସହ ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି ବୋଲି ସତ୍ୟବାଦୀ ଥାନା ଅଧିକାରୀ ବିଜୟ କେତନ ବେହେରା ସୂଚନା ଦେଇଛନ୍ତି। ଘଟଣାରେ ସମ୍ପୃକ୍ତ ଥିବା ଲୁଟେରାମାନେ ଖୁବ୍‌ଶୀଘ୍ର ଧରାପଡ଼ିବେ ବୋଲି ଥାନା ଅଧିକାରୀ ଶ୍ରୀ ବେହେରା ପ୍ରକାଶ କରିଛନ୍ତି।

# ନୂଆ ଜଗନ୍ନାଥ ସଡ଼କରେ ଟୋଲ୍ ପ୍ଲାଜା ହେବା ଆଶଙ୍କା

**ନିରାକାରପୁର,୧୨।୧୧(ସମିସ):** ଦେଶରେ ବର୍ତ୍ତମାନ ଏନ୍‌ଏଚ୍‌ଏଆଇ ଦ୍ୱାରା ନିର୍ମାଣ କରାଯାଉଥିବା ସମସ୍ତ ଗ୍ରୀନ୍‌ଫିଲ୍ଡ ସଡ଼କରେ ପାଶ୍ୱବର୍ତ୍ତୀ ପାରାଲାଲ୍ ରାଜ୍ୟ ସଡ଼କ ଅଥବା ଜାତୀୟ ରାଜପଥଗୁଡ଼ିକ ଉପରେ ମଧ୍ୟ ଏନ୍‌ଏଚ୍‌ଏଆଇ ଟୋଲ୍ ପ୍ଲାଜା ବସାଇବ ଏବଂ ଟୋଲ୍ ଫି' ଆଦାୟ କରିବ ବୋଲି ଶୁଣିବାକୁ ମିଳୁଥିବାବେଳେ ନୂଆ ଜଗନ୍ନାଥ ସଡ଼କ ଉପରେ ଟୋଲ୍ ପ୍ଲାଜା ହେବା ଆଶଙ୍କା ବଢ଼ିଛି। ଏହି ସବୁ ପାରାଲାଲ୍ ସଡ଼କ ଦେଇ ଅନେକ ଯାନବାହନ ବିନା ଟୋଲ୍ ଫି'ରେ ଖସିଯାଉଛନ୍ତି। ସେମାନେ ନୂତନ ଗ୍ରୀନ୍‌ଫିଲ୍ଡ ସଡ଼କରେ ଅଧିକ ଟୋଲ୍ ଫି' ଦେବାକୁ ପଡ଼ିବ ବୋଲି ଏହି ପାରାଲାଲ୍ ରୋଡ୍ ଦେଇ ଯାଉଛନ୍ତି। ତେଣୁ ନିର୍ମାଣକାରୀ କମ୍ପାନୀ ଏବଂ ଏନ୍‌ଏଚ୍‌ଏଆଇର ବହୁତ କ୍ଷତି ହେଉଛି। ନିର୍ମାଣକାରୀ କମ୍ପାନୀ ଲାଭ ତ ଦୂରର କଥା ନିଜର ମୂଳ ପଇସା ଉଠେଇବାରେ ମଧ୍ୟ ଅସୁବିଧା ଦେଖାଦେଉଛି। ତେଣୁ ସରକାରଙ୍କ ଉପରେ ଚାପ ପଡୁଛି। ନୂତନ ଗ୍ରୀନ୍‌ଫିଲ୍ଡ ସଡ଼କଗୁଡ଼ିକରେ ମଧ୍ୟ ଟ୍ରାଫିକ୍ ହ୍ରାସ ପାଉଛି। ତେଣୁ ସରକାର ଚିନ୍ତା କରୁଛନ୍ତି ଯେ ଏନ୍‌ଏଚ୍‌ଏଆଇ ଗ୍ରୀନ୍‌ଫିଲ୍ଡ ସଡ଼କରେ ଟୋଲ୍ ଫି' ଆଦାୟ କରିବା ସହ ଏହାର ପାଶ୍ୱବର୍ତ୍ତୀ ପାରାଲାଲ୍ ସଡ଼କଗୁଡ଼ିକରେ ମଧ୍ୟ ଟୋଲ୍ ଫି' ଆଦାୟ କରିବ। ଯେଉଁଳି କୌଣସି ଯାନବାହନ ଆଉ ଖସି ଯାଇପାରିବେ ନାହିଁ।


ଯଦି ଉପକୂଳ ରାଜପଥ ଏକ ଗ୍ରୀନ୍‌ଫିଲ୍ଡ ସଡ଼କ ଅଟେ, ଏଥିରେ ତା' ଟୋଲ୍ ପ୍ଲାଜା ବସାଇବ ଏନ୍‌ଏଚ୍‌ଏଆଇ। ଏହା ସହ ଉପକୂଳ ରାଜପଥର ପାଶ୍ୱବର୍ତ୍ତୀ ପାରାଲାଲ୍ ସଡ଼କ ଯଥା- ରାମେଶ୍ୱର-ପୁରୀ ନୂଆ ଜଗନ୍ନାଥ ସଡ଼କ, ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍ ରୋଡ୍, କୋଣାର୍କ-କାକଟପୁର ରାସ୍ତାରେ ମଧ୍ୟ ଟୋଲ୍ ପ୍ଲାଜା ବସାଇବ ଏନ୍‌ଏଚ୍‌ଏଆଇ ଏବଂ ଟୋଲ୍ ଆଦାୟ କରିବ ଯେଉଁଳି କୌଣସି ଗାଡ଼ି ଆଉ ଖସି ନ ଯାଆନ୍ତି। ଏବେ ଦେଖିବାକୁ ବାକି ରହିଲା ଯଦି ସରକାର ଏହାକୁ ଲାଗୁ କରନ୍ତି, ତାହେଲେ ସାଧାରଣ ଲୋକ ଏବଂ ବିରୋଧୀ ଦଳଗୁଡ଼ିକ ଏହାକୁ କିପରି ନେଉଛନ୍ତି। କ୍ୟାପିଟାଲ ରିଜିଅନ ରିଂ ରୋଡ୍ ମଧ୍ୟ ଏକ ଗ୍ରୀନ୍‌ଫିଲ୍ଡ ପ୍ରୋଜେକ୍ଟ ହୋଇଥିଲେ ମଧ୍ୟ ଏହାର ଅଲାଇନ୍‌ମେଣ୍ଟ ଡିଜାଇନ୍‌ଟିକୁ ଏତେ ନିପୁଣତାର ସହ କରାଯାଇଛି ଯେ ଏହାର ପାରାଲାଲ୍‌ରେ ପାଶ୍ୱର୍ବର୍ତ୍ତୀ ଅନ୍ୟ କୌଣସି ସଡ଼କ ନାହିଁ। ତେଣୁ ଏହି ପ୍ରୋଜେକ୍ଟରେ ଟ୍ରାଫିକ୍ ସଂଖ୍ୟାକୁ ନେଇ ସମସ୍ୟା ନାହିଁ। ଯାହା ଯୋଗୁଁ ଏହା ଖୁବ୍‌ଶୀଘ୍ର କ୍ୟାବିନେଟ୍ ଅନୁମୋଦନ ପାଇପାରିଛି। ଏହାର ଡିପିଆର୍ ଏବଂ ଅଲାଇନ୍‌ମେଣ୍ଟ ଡିଜାଇନ୍ ଗୁଜରାଟର ଜିଓ ଡିଜାଇନ୍ ଆଣ୍ଡ ରିସର୍ଚ୍ଚ କନ୍‌ସଲଟାନ୍ସି କମ୍ପାନୀ ପ୍ରସ୍ତୁତ କରିଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ଶ୍ରୀକ୍ଷେତ୍ର ସିଟି

୧୨/୧୧/୨୦୨୫ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୩,୪୪,୨୩୩/- ସୁନା: ୦୦.୧୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍





ଶ୍ରୀମନ୍ଦିରରେ ସହଜ ପ୍ରବେଶ ପାଇଁ ଏକାଠି ହେଲେ ପୁରୀବାସୀ

# ‘ଚାରିଦ୍ୱାରରେ ପରିଚୟପତ୍ର ଦେଖି ଛାଡ଼’



**ପୁରୀବାସୀଙ୍କ ପାଇଁ ରହୁ ଗୋଟିଏ ସ୍ୱତନ୍ତ୍ର ଧାଡ଼ି**

**ପୁରୀ,୧୨।୧୧(ସମିସ):** ପୂର୍ବଭଳି ଆଉ ପୁରୀ ସହରବାସୀ ଶ୍ରୀମନ୍ଦିରକୁ ଯାଉନାହାନ୍ତି। ସମୟ ଥିଲା ଅନେକ ସହରବାସୀ ଦିନକୁ ଏକାଧିକଥର ମନ୍ଦିରକୁ ଯାଉଥିଲେ। ମଙ୍ଗଳ ଆଳତି ହେଉ କି ସନ୍ଧ୍ୟା ଆଳତି ଅବା ଚନ୍ଦନଲାଗି, ବଡ଼ସିଂହାର ବେଶ ଦେଖୁଥିଲେ। ପୁଣି ମନ ହେଲେ ଆନନ୍ଦବଜାରକୁ ଯାଇ ଅବଢ଼ା ସେବନ କରିବା ସହ ପରିବାର ସଦସ୍ୟଙ୍କ ପାଇଁ ଧରି ଆସୁଥିଲେ। ହେଲେ କିଛିବର୍ଷ ହେବ ଏଭଳି ଚିତ୍ର ଆଉ ଦେଖିବାକୁ ମିଳୁନି। ବରଂ ପୁରୀବାସୀଙ୍କ ପାଇଁ ଶ୍ରୀମନ୍ଦିରକୁ ପ୍ରବେଶ ଏକ ଚିନ୍ତାରେ ପରିଣତ ହୋଇଛି। ଏବେ ଦର୍ଶନ ପାଇଁ ହେଉ କି ଅବଢ଼ା ଆଣିବା ଲାଗି ସେମାନଙ୍କୁ ଅନ୍ୟ ଶ୍ରଦ୍ଧାଳୁଙ୍କ ଭଳି ଲମ୍ବା ଧାଡ଼ିରେ ଘଣ୍ଟା ଘଣ୍ଟା ଛିଡ଼ା ହେବାକୁ ପଡୁଛି। ତେଣୁ ଏହାକୁ ନେଇ ପୁରୀ ସହରବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ସେମାନେ ଯେପରି ସହଜରେ ମନ୍ଦିରକୁ ପ୍ରବେଶ କରିପାରିବେ ସେଥିଲାଗି ଏକଠି ହୋଇଛନ୍ତି। ବୁଧବାର ସ୍ଥାନୀୟ ନାୟକ ପ୍ଲାଜା ପରିସରରେ ସହରର ବିଭିନ୍ନ ବର୍ଗର ଲୋକେ ଏକାଠି ହୋଇ ସେମାନଙ୍କର ଦାବି ରଖିଛନ୍ତି। ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଆଧାରରେ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଗଜପତି ମହାରାଜା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ ଜିଲ୍ଲାପାଳ, ଏସ୍‌ପି ପ୍ରମୁଖଙ୍କୁ ପତ୍ର ଲେଖି ବିଶେଷ ବ୍ୟବସ୍ଥା ପାଇଁ ଅନୁରୋଧ କରିଛନ୍ତି।

ସେମାନେ ଦର୍ଶାଇଛନ୍ତି ଯେ, ପୁରୀ ସହରବାସୀ କେଉଁ ଆବହମାନ କାଳରୁ ଶ୍ରୀଜଗନ୍ନାଥଙ୍କୁ ନିଜ ଘରର ଦେବତା ଭାବେ ଗ୍ରହଣ କରିଆସୁଛନ୍ତି। ଏଥିସହ ବିନା ଦ୍ୱିଧାରେ ମହାପ୍ରଭୁଙ୍କ ଦର୍ଶନ ଏବଂ ଆବଶ୍ୟକ ସମୟରେ ବିନା ବାଧାରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରସାଦ ଆଣିପାରୁଥିଲେ। କିନ୍ତୁ ବର୍ତ୍ତମାନ ଭକ୍ତଙ୍କ ଅସମ୍ଭବ ବୃଦ୍ଧି ଓ ସେମାନଙ୍କ ଦର୍ଶନ ଆଗ୍ରହକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ଶୃଙ୍ଖଳିତ ଦର୍ଶନ ନିମିତ୍ତ ବିଭିନ୍ନ ବ୍ୟବସ୍ଥାବଳୀ ଆପଣାଇଛନ୍ତି, ଯଦ୍ୱାରା ପୁରୀ ସହରବାସୀଙ୍କ ସୁଲଭ ଶ୍ରୀଜଗନ୍ନାଥଙ୍କ ଦର୍ଶନରେ ବାଧା ଉପୁଜିଛି। ପୁରୀ ସହରର ଭକ୍ତ ଓ ଭଗବାନଙ୍କ ମଧ୍ୟରେ କୃତ୍ରିମ ଦୂରତ୍ୱ ବୃଦ୍ଧି ପାଇଛି, ଯାହା ଭକ୍ତଙ୍କ ମନରେ ଆଘାତ ସୃଷ୍ଟି କରିଛି। ସମୟକ୍ରମେ ଶ୍ରୀମନ୍ଦିର ପ୍ରଶାସନ କିମ୍ବା ଜିଲ୍ଲା ପ୍ରଶାସନ କିମ୍ବା ରାଜ୍ୟ ସରକାର ଏ ଦିଗ ପ୍ରତି ଭ୍ରୂକ୍ଷେପ ମଧ୍ୟ କରୁନାହାନ୍ତି। ତେଣୁ ପୁରୀ ସହରବାସୀ ଏକାଠି ହୋଇଛନ୍ତି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ସହରର ଅନେକ ବୃଦ୍ଧବୃଦ୍ଧା ଭକ୍ତ ଅଛନ୍ତି ଯେଉଁମାନେ ମହାପ୍ରଭୁଙ୍କ ଦର୍ଶନ ନ କରିବା ପର୍ଯ୍ୟନ୍ତ ଅନ୍ନ ଓ ଜଳ ଗ୍ରହଣ କରନ୍ତି ନାହିଁ। ଏଭଳି ବାସ୍ତବତାକୁ ଉପଲବ୍ଧି କରି ପୁରୀ ସହରବାସୀ ଯେପରି ସହଜରେ ମନ୍ଦିରକୁ ପ୍ରବେଶ କରିପାରିବେ ସେଥିଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଥିବା ବ୍ୟାରିକେଡ୍ ମଧ୍ୟରୁ ଗୋଟିଏ ବ୍ୟାରିକେଡ୍ ପୁରୀବାସୀଙ୍କ ପାଇଁ ଉଦ୍ଦିଷ୍ଟ ରଖାଯାଉ। ଆଧାର କାର୍ଡ କିମ୍ବା ସ୍ୱତନ୍ତ୍ର ପରିଚୟ ପତ୍ର ତନଖି କରି ପ୍ରବେଶ ଅନୁମତି ଦିଆଯାଉ। ଶ୍ରୀମନ୍ଦିରର ଅନ୍ୟ ତିନିଦ୍ୱାର(ଉତ୍ତର, ପଶ୍ଚିମ, ଦକ୍ଷିଣ) ଦେଇ ପୁରୀବାସୀଙ୍କୁ ପ୍ରବେଶ ସୁଯୋଗ ମିଳୁ। ଶ୍ରୀମନ୍ଦିର ମଧ୍ୟରେ ପାଟଅଗଣାରେ ଥିବା ୮ଟି ଷ୍ଟିଲ୍ ବ୍ୟାରିକେଡ୍ ମଧ୍ୟରୁ ଗୋଟିଏ ଧାଡ଼ି ପୁରୀବାସୀଙ୍କ ନିମିତ୍ତ ଉଦ୍ଦିଷ୍ଟ କରି ଆଧାର କାର୍ଡ କିମ୍ବା ସ୍ୱତନ୍ତ୍ର ପରିଚୟ ପତ୍ର ଯାଞ୍ଚ କରି ଦର୍ଶନ ସୁଯୋଗ ଦିଆଯାଉ ପୁରୀ ସହରର ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ଉପଲବ୍ଧ କରାଯାଉ। ଏହି ବ୍ୟବସ୍ଥା ପୁରୀବାସୀଙ୍କ ନିମନ୍ତେ ସବୁଦିନ ଲାଗି କରାଯିବାକୁ ବୈଠକରେ ସ୍ଥିର ହୋଇ ଚିଠି ଲେଖାଯାଇଛି।

ଏହି ବୈଠକରେ ରାଜେଶ କୁମାର ମହାନ୍ତି, ଡ. ବିଶ୍ୱନାଥ ମିଶ୍ର, ହେକ୍ଟର ମିଶ୍ର, ମଧୁସୂଦନ ମିଶ୍ର, ମନୋଜ ରଥ, ଶିବ ସୁନ୍ଦର ମିଶ୍ର, ଶ୍ୟାମ ପ୍ରକାଶ ସେନାପତି, ଭବାନୀ ଶଙ୍କର ସାହୁ, ଚକ୍ରଧର ମହାପାତ୍ର, ଉମା ବଲ୍ଲଭ ମହାପାତ୍ର, ଶରତ କୁମାର ରାୟଗୁରୁ, ସନ୍ତୋଷ ମହାନ୍ତି, ବିଭୂତି ତ୍ରିପାଠୀ, ସ୍ୱାଧୀନ ପଣ୍ଡା, ସୂର୍ଯ୍ୟ ରଥ, ସୁକାନ୍ତ ପଣ୍ଡା, ଜୟନ୍ତୀ ମହାପାତ୍ର, ସୁପ୍ରଭା ମହାନ୍ତି, ଶାନ୍ତି ମିଶ୍ର, ଡ. ବାନାମ୍ବର ସେନାପତି, ଡ. ସୂର୍ଯ୍ୟ ପୃଷ୍ଟି, ସଞ୍ଜୟ ପ୍ରଧାନ, ଗଙ୍ଗାଧର ଦାଶ, ଅମରେନ୍ଦ୍ର ପାୟକରାୟ, ସୁକାନ୍ତ ପ୍ରଧାନ, ଚିତ୍ତରଞ୍ଜନ ମହାନ୍ତି, ପଣ୍ଡିତ ହରିଶଙ୍କର ମିଶ୍ର, ଶ୍ୟାମ ସୁନ୍ଦର ସାହୁ ପ୍ରମୁଖ ଯୋଗଦେଇଥିଲେ।

■ ଆଜି ମହାପ୍ରଭୁଙ୍କ ବନକଲାଗି

## ୪ ଘଣ୍ଟା ବନ୍ଦ ରହିବ ଦର୍ଶନ

**ପୁରୀ,୧୨।୧୧(ସମିସ):** ମାର୍ଗଶୀର କୃଷ୍ଣ ନବମୀ ତିଥିରେ ଗୁରୁବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଆପାତତଃ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ହେଉଛି ମହାପ୍ରଭୁଙ୍କର ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ଜୟ ବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥା’ନ୍ତି।



## ଦିଲ୍ଲୀ ବିସ୍ଫୋରଣରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି

**ପୁରୀ,୧୨।୧୧(ସମିସ):** ରାଜଧାନୀ ଦିଲ୍ଲୀର ଐତିହାସିକ ଲାଲକିଲ୍ଲା ନିକଟରେ ଗତ ସୋମବାର ସନ୍ଧ୍ୟାରେ ଘଟିଥିବା ଭୟାବହ ବିସ୍ଫୋରଣରେ ନିରୀହ ନାଗରିକଙ୍କ ମୃତ୍ୟୁ ଘଟଣା ସମଗ୍ର ଦେଶକୁ ଦୋହଲାଇ ଦେଇଛି। ଏହି ଦୁଃଖଦ ଘଟଣାରେ ମୃତକଙ୍କ ପ୍ରତି ସମବେଦନା ପୂର୍ବକ ଗଭୀର ଶୋକ ପ୍ରକାଶ କରିଛି କୁମାର ଉତ୍ସବ ସମିତି। ବୁଧବାର ସମିତି ପକ୍ଷରୁ ସମିତିର କାର୍ଯ୍ୟାଳୟ ପରିସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସମିତି ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଉପସ୍ଥିତ ବ୍ୟକ୍ତିବିଶେଷ ତଥା ସମିତିର ସଦସ୍ୟ ସଦସ୍ୟାମାନେ ଘଟଣାକୁ ଦୃଢ଼ ନିନ୍ଦା କରିଥିଲେ। ଏହି ବିସ୍ଫୋରଣ ମାନବତାର ପରାଜୟ ବୋଲି କହିବା ସହ କେନ୍ଦ୍ର ସରକାର ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆତଙ୍କ ଘଟାଇଥିବା ଉଗ୍ରବାଦୀ କାର୍ଯ୍ୟର ଚେରକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବାକୁ ଦାବି କରିଥିଲେ। ସମସ୍ତ ସଦସ୍ୟ ସଦସ୍ୟା ଗଭୀର ଶୋକବ୍ୟକ୍ତ କରିବା ମୃତକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ଏଥିସହ ଏହି ବିସ୍ଫୋରଣରେ ଆହତ ହୋଇ ଚିକିତ୍ସାଧୀନ ଥିବା ବ୍ୟକ୍ତିମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

## ପୁରୀରେ ଟାଇଲ୍ ମିସ୍ତ୍ରିଙ୍କୁ ହତ୍ୟା

● ରେକର୍ଡିଂ ଡିଲିଟ୍‌କୁ ନେଇ ପାଟିତୁଣ୍ଡରୁ ହତ୍ୟାକାଣ୍ଡ

**ପୁରୀ,୧୨।୧୧(ସମିସ):** ପୁରୀରେ ବୀଭତ୍ସ ହତ୍ୟା। ସାମାନ୍ୟ କଥାକୁ କେନ୍ଦ୍ର କରି ଜଣେ ଟାଇଲ୍ ମିସ୍ତ୍ରିଙ୍କୁ ହତ୍ୟା କରିଛି ତାଙ୍କ ସହଯୋଗୀ। ହାତୁଡ଼ିରେ ପିଟିପିଟି ହତ୍ୟା କରିଥିବା ଅଭିଯୋଗ କରିଛନ୍ତି ସେମାନଙ୍କର ଆଉଜଣେ ସହଯୋଗୀ। ମୃତକ ହେଉଛନ୍ତି ପଶ୍ଚିମବଙ୍ଗ ମେଦିନୀପୁରର ୩୫ ବର୍ଷୀୟ ଶେଖ୍ ନୋରା ଆଲମ୍। ଖବର ପାଇବା ପରେ ମେରାଇନ୍ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏହି ହତ୍ୟାକାଣ୍ଡ ଭିଆଇବା ପରେ ଅଭିଯୁକ୍ତ ଫେରାର୍ ହୋଇଯାଇଛି।

ସୂଚନା ଅନୁଯାୟୀ, ପେଣ୍ଠକଟା ମେରାଇନ୍ ଥାନା ଅନ୍ତର୍ଗତ ସନାତନ ବିହାରରେ ଶେଖ୍ ନୋରା ଆଲାମ୍ ରହୁଥିଲେ। ସେ ପଶ୍ଚିମବଙ୍ଗରୁ ଟାଇଲ୍ କାରିଗରଙ୍କୁ ଆଣି ଏଠାରେ ଟାଇଲ୍ କାମ କରୁଥିଲେ। ଦେଢ଼ ବର୍ଷ ଧରି ଆଖପାଖ ଅଞ୍ଚଳରେ ଲେବରଙ୍କୁ ଆଣି ଟାଇଲ୍ କାମ କରି ଆସୁଥିଲେ। ପ୍ରାୟ ୩ ମାସ ହେବ ସେ ହତ୍ୟାକାଣ୍ଡ ଘଟିଥିବା ସ୍ଥାନରେ ରହି କାମ କରୁଥିଲେ। ମଙ୍ଗଳବାର ରାତିରେ ସେମାନେ ୩ ଜଣ ରହିଥିଲେ। ଜଣେ ଲେବର ମୁସାରଫ୍‌ଙ୍କ ସହ ନୋରାଙ୍କର ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ନୋରାଙ୍କୁ ହତ୍ୟା କରିଥିଲା ମୁସାରଫ୍। ଏକ ହାତୁଡ଼ିରେ ତାଙ୍କୁ ପିଟିପିଟି ହତ୍ୟା କରିଥିବା ତାଙ୍କ ପାଖରେ ଶୋଇଥିବା ଅନ୍ୟ ଜଣେ ଶେଖ୍ ଫିର୍‌ଦୋଷ କହିଛନ୍ତି। ଏପରିକି ଅଭିଯୁକ୍ତ ତାଙ୍କୁ ମଧ୍ୟ ବାଦ୍ ଦେଇନାହାନ୍ତି। ଶେଖ୍ ଫିର୍‌ଦୋଷଙ୍କୁ ଆକ୍ରମଣ କରି ଫେରାର୍ ହୋଇଯାଇଛି ମୁସାରଫ୍। ଫିର୍‌ଦୋଷର ମୁଣ୍ଡ ଏବଂ ମୁହଁର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ଏକ ରେକର୍ଡିଂକୁ ଡିଲିଟ୍ କରିବାକୁ ନେଇ ବଚସାରୁ ଏଭଳି ଘଟଣା ଘଟିଥିବା କହିଛନ୍ତି ଫିର୍‌ଦୋଷ। ଅନ୍ୟପକ୍ଷରେ ଖବର ପାଇ ପେଣ୍ଠକଟା ମେରାଇନ୍ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବାବେଳେ ଫିର୍‌ଦୋଷକୁ ଧରି ଥାନାକୁ ନେଇ ପଚରାଉଚରା କରୁଛି। ଅଭିଯୁକ୍ତକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି ପୁଲିସ।

## ଜଳବାୟୁ ପରିବର୍ତ୍ତନ ବିଶ୍ୱ ପାଇଁ ବଡ଼ ସମସ୍ୟା

**ପୁରୀ,୧୨।୧୧(ସମିସ):** ସାମ୍ପ୍ରତିକ ବିଶ୍ୱରେ ଜଳବାୟୁର ପରିବର୍ତ୍ତନ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଏ ସମ୍ପର୍କରେ ବିଶ୍ୱସ୍ତରରେ ମଧ୍ୟ ଅନେକ ବୈଠକ ଓ ପଦକ୍ଷେପ ନିଆଯାଉଛି। କିନ୍ତୁ ଆମ ସମସ୍ତଙ୍କ ସାମୂହିକ ଦାୟିତ୍ୱ ଏହାର ସମାଧାନ କରିବାରେ ସହାୟତା କରିବ ବୋଲି କହିଛନ୍ତି ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି। ମଙ୍ଗଳବାର ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଏକ ନିରନ୍ତର ବିକାଶ ଓ ସ୍ଥାୟୀ ଭବିଷ୍ୟତ ପାଇଁ ଜଳବାୟୁ ପରିବର୍ତ୍ତନ ସହିତ ମୁକାବିଲା ଶୀର୍ଷକ ଏକ ଆଲୋଚନାଚକ୍ର ଜିଲ୍ଲା ପ୍ରଶାସନ ଯୋଜନା ଓ ସମୀକ୍ଷା କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ପୃଷ୍ଟି ପୂର୍ବ ତୁଳନାରେ ବର୍ତ୍ତମାନର ବିଶ୍ୱ ଉତପ୍ତ ହେବା ସହ ପ୍ରତ୍ୟେକଙ୍କ ବ୍ୟବହାରରେ ଅନେକ ପରିବର୍ତ୍ତନ ଘଟି ଚାଲିଛି, ଯାହା ବିଶ୍ୱ ପ୍ରତି ବଡ଼ ସମସ୍ୟା ହୋଇଛି। ଏହାର ନିରାକରଣ ପାଇଁ ବ୍ୟାପକ ସଚେତନତା, ସାମୂହିକ ଉଦ୍ୟମ ଓ ଆନ୍ତରିକ ସମନ୍ୱୟ ଜରୁରୀ ବୋଲି କହିବା ସହ ପିଲାମାନେ ହିଁ ଏହି ପରିବର୍ତ୍ତନକୁ ଆଗେଇ ନେବେ ବୋଲି ଆହ୍ୱାନ ଦେଇଥିଲେ।

ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ଦ୍ୱିବେଦୀ ଜଳବାୟୁ ପରିବର୍ତ୍ତନକୁ ନିୟନ୍ତ୍ରଣ ପାଇଁ ପିଲାମାନଙ୍କ ପାଠ୍ୟ ପୁସ୍ତକରେ ବର୍ତ୍ତମାନ ପରିବେଶ ସମ୍ପର୍କରେ ବିଷୟ ସ୍ଥାନିତ ହୋଇଛି। ମଣିଷମାନଙ୍କର ଲୋଭ, ଅହେତୁକ ଆବଶ୍ୟକତାର ପୂରଣ ପାଇଁ ସମଗ୍ର ଜୀବଜଗତ କ୍ଷତିଗ୍ରସ୍ତ ହେଉଛି। ଏହାକୁ ପ୍ରତିହତ ପାଇଁ ସାମୂହିକ ଚେଷ୍ଟା ପାଇଁ ସେ ପରାମର୍ଶ ଦେଇଥିଲେ। ବିଷୟ ବିଶାରଦ ଭାବେ ସହକାରୀ ପ୍ରଫେସର ଡ. ପ୍ରମୋଦ କୁମାର ତ୍ରିପାଠୀ ଓ ଦି ବେଲ୍ ଅନୁଷ୍ଠାନର ପ୍ରତିଷ୍ଠାତା ସିଦ୍ଧାର୍ଥ ରାୟ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ ମାଧ୍ୟମରେ ବିସ୍ତୃତ ସୂଚନା ଦେଇ ଜଳବାୟୁ ପରିବର୍ତ୍ତନର କାରଣ ଓ ନିରାକରଣ, ବର୍ତ୍ତମାନ ବିଶ୍ୱରେ ଜଳବାୟୁର ସ୍ଥିତି, ମଣିଷ ସମାଜର ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଯୋଜନା ଓ ସମୀକ୍ଷା କାର୍ଯ୍ୟାଳୟ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀଧର ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାଧ୍ୟାପିକା ଡ. ସଙ୍ଗୀତା ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନାଚକ୍ରରେ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଅତିଥିମାନେ ମହାବିଦ୍ୟାଳୟ ପରିସରରେ ଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓ ସାମନ୍ତ ଚନ୍ଦ୍ରଶେଖରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## ଆକର୍ଷଣ ସାଜିଲା ‘ହୃଦୟରେ କଳାକାର’

**ନବେ ଦଶକର ଲୋକପ୍ରିୟ ହିନ୍ଦୀ ଗୀତରେ ଝୁମିଲେ ଶ୍ରୋତା**

**ପୁରୀ,୧୨।୧୧(ସମିସ):** ‘ପୁରୀ ସାଂସ୍କୃତିକ ସମ୍ବଳ କେନ୍ଦ୍ର’ ପକ୍ଷରୁ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚଠାରେ ନବେ ଦଶକର ଲୋକପ୍ରିୟ ହିନ୍ଦୀଗୀତର ମନଛୁଆଁ ଓ ଅଭୁଲା ଗୀତକୁ ନେଇ ‘ହୃଦୟରେ କଳାକାର’ ସଙ୍ଗୀତ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏହି ପୁରୁଣା ଗୀତକୁ ଶୁଣି ଝୁମିଥିଲେ ଶ୍ରୋତା। ରାଜ୍ୟସଭା ସାଂସଦ ସୁଭାଶିଷ୍ ଖୁଣ୍ଟିଆ ମୁଖ୍ୟଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବର୍ଷିୟାନ୍ ଗୀତିକାର ଆର୍ତ୍ତତ୍ରାଣ ଶତପଥୀ, ବରିଷ୍ଠ ସେବାୟତ ରବି ଶଙ୍କର ପ୍ରତିହାରୀ, ବରିଷ୍ଠ ଶିକ୍ଷାବିତ୍ ପ୍ରଫେସର ହୃଷୀକେଶ ସାହୁ, ବରିଷ୍ଠ କଳାକାର ଯାମିନୀକାନ୍ତ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର ‘ହୃଦୟରେ କଳାକାର’ ଏବଂ ଡ. ହୃଷୀକେଶ ସାହୁଙ୍କ ଗୀତି କବିତା ସଂକଳନ ‘ଇପ୍ସିତ ବର୍ଣ୍ଣ ବିଭା’ ଉନ୍ମୋଚିତ ହୋଇଥିଲା। ଏଥିସହିତ ‘ମନି ରୂପିଆ ଟଙ୍କା’ ଏବଂ ‘ଦିଲ୍ ମୋ ଯାଏ ଦୋହଲି’ ଶୀର୍ଷରେ ଦୁଇଟି ସିଡି ଲୋକାର୍ପିତ ହେବା ସହ ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ ଡାକ୍ତର ବରେନ୍ ପଟ୍ଟନାୟକ, ଗୀତିକାର ପଞ୍ଚାନନ ନାୟକ, ସଫଳ ଉଦ୍ୟୋଗୀ ସୁମିତ୍ରା ମହଲ ଏବଂ ରୀତା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ, ସାଂସ୍କୃତିକ ସମ୍ପାଦକ ଗୁରୁ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ପ୍ରକାଶିନୀ ସାହୁ, ସଂଗଠନ ସମ୍ପାଦକ ସନାତନ ଦାସ ମଞ୍ଚାସୀନ ଥିଲେ। କଣ୍ଠଶିଳ୍ପୀ କାର୍ତ୍ତିକ କୁମାର, ପ୍ରକାଶିନୀ ସାହୁ, ସୁଭଦ୍ରା ସିଂ, ଯଜ୍ଞଦତ୍ତ ଦାଶ, ଦର୍ଶନା କର, ମୀରାମ୍ବିକା ପାତ୍ର, ସିଦ୍ଧି ସାନିକା, ଜେମ୍‌ସ, ସଚିନ୍, ରୋଜାଲିନ୍ ପ୍ରମୁଖ ସୁମଧୁର ସଙ୍ଗୀତ ପରିବେଷଣ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ତଥା ଉଦ୍‌ଘୋଷକ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ସଞ୍ଚାଳନ କରିଥିଲେ।

## ଚପଲ ପିନ୍ଧି ମହାପ୍ରସାଦ ଖାଇଲେ ଯୁବତୀ

**ପୁରୀ, ୧୨।୧୧ (ସମିସ):** ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ମହାପ୍ରସାଦ ପାଇବାକୁ ଇଚ୍ଛା କରିଥା’ନ୍ତି। କଣିକାଏ ଅବଢ଼ା ପାଇଁ ଦୀର୍ଘ ସମୟ ଧରି ଅପେକ୍ଷା କରନ୍ତି। ଆନନ୍ଦ ବଜାରରେ ବସି ମହାପ୍ରସାଦ ସେବନ ଭାଗ୍ୟରେ ଥିଲେ ମିଳେ। ପ୍ରତିଟି ଜଗନ୍ନାଥପ୍ରେମୀଙ୍କ ମହାପ୍ରଭୁଙ୍କ ମହାପ୍ରସାଦ ପ୍ରତି ରହିଛି ଗଭୀର ଭକ୍ତି ଏବଂ ବିଶ୍ୱାସ। ହେଲେ ଏମିତି ବିଶ୍ୱାସରେ ଆଘାତ ପହଞ୍ଚାଇଲା ଭଳି ଘଟଣା ନଜରକୁ ଆସିଛି। ଚପଲ ପିନ୍ଧି ମହାପ୍ରସାଦ ସେବନ କରିବାର ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ମହାପ୍ରସାଦ ପ୍ରତି ଏଭଳି ଅସମ୍ମାନକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।



ଜଣେ ଯୁବତୀ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ନିକଟରେ ପରିକ୍ରମା ମାର୍ଗ ଭିତରେ ଚପଲ ପିନ୍ଧି ମହାପ୍ରସାଦ ସେବନ କରୁଥିଲେ। କେହି ଜଣେ କହିବା ପରେ ସେ ମହାପ୍ରସାଦ ସେବନ କରୁଥିବା ତାଙ୍କ ଡାହାଣ ହାତରେ ଚପଲ ଖୋଲିବାକୁ ଚେଷ୍ଟା କରିଥିଲେ। ପରେ ବାମ ହାତରେ ଖୋଲିଥିଲେ। ମଙ୍ଗଳବାର ରାତିରେ ଏହାର ଭିଡିଓ ଭାଇରାଲ ହୋଇଥିଲା। ଏହାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ପାଖରେ ଅର୍ପିତ ହେଉଥିବା ପ୍ରସାଦକୁ ଶ୍ରୀମହାପ୍ରସାଦ ବୋଲି କୁହାଯାଏ। ଷଡ଼ଙ୍ଗ ସଂସ୍କାର ମାଧ୍ୟମରେ ମହାପ୍ରସାଦ ଠାକୁରଙ୍କୁ ଅର୍ପଣ କରାଯାଏ। ଶ୍ରୀମନ୍ଦିରରେ ଯେଉଁ ମହାପ୍ରସାଦ ପ୍ରସ୍ତୁତ କରାଯାଏ ଶାସ୍ତ୍ରାନୁସାରେ ତାହାକୁ ମହାଲକ୍ଷ୍ମୀ ନିଜେ ପ୍ରସ୍ତୁତ କରିଥା’ନ୍ତି। ଏହି ମହାପ୍ରସାଦ କଣିକାଏ ପାଇଲେ ଜୀବ ମୁକ୍ତି ଲାଭ କରେ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। ସେଥିପାଇଁ ମହାପ୍ରଭୁଙ୍କ ନିକଟରେ ମହାପ୍ରସାଦ ଲାଗି ହେବା ପରେ ଭକ୍ତମାନେ ଏହାକୁ ପାଇବା ଲାଗି ଚାହିଁ ରହିଥା’ନ୍ତି। ମହାପ୍ରସାଦକୁ ଅନ୍ନବ୍ରହ୍ମ ବୋଲି କୁହାଯାଇଥାଏ। କୁହାଯାଇଛି ଭଗବାନଙ୍କୁ ନିନ୍ଦିଲେ ଚଳିବ, କିନ୍ତୁ ତାଙ୍କ କୈବଲ୍ୟକୁ ନିନ୍ଦା କରିବା ଉଚିତ୍ ନୁହେଁ।

## ଭକ୍ତ ନିବାସ କର୍ମଚାରୀଙ୍କ ବିକ୍ଷୋଭ

**ପୁରୀ,୧୨।୧୧(ସମିସ):** ଶ୍ରୀମନ୍ଦିରର କର୍ମଚାରୀ ନିୟୋଜନ ଆଉଟ୍‌ସୋର୍ସିଂ ସଂସ୍ଥା ହାତରେ। ଠିକାରେ ନିଯୁକ୍ତି କରୁଛନ୍ତି। ମନଇଚ୍ଛା ଶୋଷଣ କରୁଛି ଠିକା ସଂସ୍ଥା। ପ୍ରତିବାଦ କଲେ ଛଟେଇର ଧମକ। ୨୦୧୯ରୁ ଅଦ୍ୟାବଧି ବର୍ଦ୍ଧିତ ଦରମାର ବକେୟା ପ୍ରାପ୍ୟ ପାଉନାହାନ୍ତି କର୍ମଚାରୀ। ଆଉଟ୍‌ସୋର୍ସିଂ ସଂସ୍ଥା ବକେୟା ଦରମା, ଇପିଏଫ୍, ଇଏସ୍‌ଆଇ ନ ଭରି ଶହ ଶହ କର୍ମଚାରୀଙ୍କ ଲକ୍ଷ ଲକ୍ଷ ଟଙ୍କା ନେଇ ଚାଲିଗଲା। ମନ୍ଦିର ପ୍ରଶାସକ ନିରବ। ଏହାଦ୍ୱାରା ଶ୍ରମ ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇଛି। ଏବେ ନୂଆ ଠିକା ସଂସ୍ଥା ୩୦ ଦିନ ଦରମା ପାଉଥିବା କର୍ମଚାରୀଙ୍କୁ ୨୬ ଦିନ ଦରମା ଦେବାରୁ ଶ୍ରୀମନ୍ଦିର ଭକ୍ତ ନିବାସ କର୍ମଚାରୀ ସଂଘର ସମସ୍ତ ସଭ୍ୟସଭ୍ୟା ସଂଘ ସଭାପତି ତଥା ସିଆଇଟିୟୁ ଜିଲ୍ଲା ସମ୍ପାଦକ ଶରତ କୁମାର ରାୟଗୁରୁଙ୍କ ନେତୃତ୍ୱରେ ଟାଉନ ଥାନା ନିକଟରୁ ଶୋଭାଯାତ୍ରାରେ ଯାଇ ମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ୯ ଦଫା ଦାବିପତ୍ର ନୀତି ପ୍ରଶାସକଙ୍କୁ ପ୍ରଦାନ କରିଛନ୍ତି। ଆଉଟ୍‌ସୋର୍ସିଂ ଠିକା ପ୍ରଥା ଉଚ୍ଛେଦ କରି ସମସ୍ତ କର୍ମଚାରୀଙ୍କୁ ମନ୍ଦିର ଅଧୀନରେ ସ୍ଥାୟୀ କରିବା, ପ୍ରତି ମାସ ଦରମାର ରସିଦ୍ ଦେବା, ଆନୁପାତିକ ଭାବେ ପ୍ରତି ମାସର ଇପିଏଫ୍, ଇଏସ୍‌ଆଇ କର୍ମଚାରୀଙ୍କ ଆକାଉଣ୍ଟରେ ଭରିବା, ୧୦ ବର୍ଷରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ଅତି କୁଶଳୀର ଦରମା ଦେବା, ୨୦୧୯ରୁ ୨୦୨୫ ପର୍ଯ୍ୟନ୍ତ ବର୍ଦ୍ଧିତ ଦରମାର ବକେୟା ପ୍ରଦାନ, ରଥଯାତ୍ରା ଓ ଦଶହରାରେ କର୍ମଚାରୀଙ୍କୁ ବୋନସ୍ ଦେବା, ଦୁଇ ହଳ ପୋଷାକ ସହ ରାଷ୍ଟ୍ରୀୟ ଛୁଟିଗୁଡ଼ିକରେ ସବୈତନିକ ଛୁଟି ଦେବା ପାଇଁ ସଭାପତି ଶ୍ରୀ ରାୟଗୁରୁ ଦାବି କରିଥିଲେ।

ଏହି ବିକ୍ଷୋଭରେ ଶ୍ରମିକ ନେତା ଜଗନ୍ନାଥ ଦେଓ, ସଂଘ ସମ୍ପାଦିକା ରଶ୍ମିତା ଗୋଛିକାର, ଅମରେନ୍ଦ୍ର ନନ୍ଦ, ମନୋଜ ବାରିକ, ସୋମନାଥ ନାୟକ, ଜ୍ଞାନ ରଞ୍ଜନ ଜେନା, ରାଜେଶ୍ ମହାପାତ୍ର, ବିଜ୍ଞାନ ବେହେରା, ସୂର୍ଯ୍ୟକାନ୍ତ ନାୟକ, ଚିନ୍ମୟ ଜେନା, ଲୋକନାଥ ନାୟକ, ଜଗଦୀଶ ପରିଡ଼ା ବକ୍ତବ୍ୟ ରଖିଥିଲେ। ଆସନ୍ତା ଦିନରେ ଦୁଇଟା ଠିକା ସଂସ୍ଥା ସହ ଆଲୋଚନା କରି ଦାବି ଉପରେ ସଠିକ୍ ନିର୍ଣ୍ଣୟ ନିଆଯିବ ବୋଲି ପ୍ରଶାସକ କହିଛନ୍ତି।

**ସିଦ୍ଧମହାବୀର ଆର୍‌ଓବି ନିର୍ମାଣରେ ବିଳମ୍ବ**

## ପ୍ରତିବାଦରେ ରାସ୍ତାରେ ବସିଲା କଂଗ୍ରେସ

**ପୁରୀ,୧୨।୧୧(ସମିସ):** ପୁରୀ-କୋଣାର୍କ ରାସ୍ତାର ବହୁ ପ୍ରତୀକ୍ଷିତ ସିଦ୍ଧ ମହାବୀର ରେଳ ଓଭରବ୍ରିଜ (ଆର୍‌ଓବି) ନିର୍ମାଣରେ ଅହେତୁକ ବିଳମ୍ବ ହେଉଛି। ଏହାର ପ୍ରତିବାଦରେ ବୁଧବାର ପୁରୀ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ମାଟିଆପଡ଼ା ଛକରେ ରାସ୍ତାରୋକ କରାଯାଇଥିଲା। ପୁରୀ ସହରରେ ଲାଇଫ୍ ଲାଇନ୍ କୁହାଯାଉଥିବା ଏହି ରାସ୍ତା କୋଣାର୍କ, ନିମାପଡ଼ା, କାକଟପୁର ଓ ଜଗତସିଂହପୁର ଜିଲ୍ଲାକୁ ସଂଯୋଗ କରୁଛି। ପ୍ରତିଦିନ ସକାଳୁ ରାତି ପର୍ଯ୍ୟନ୍ତ ଏହି ରାସ୍ତା ଦେଇ ହଜାର ହଜାର ଯାନବାହନ ଚଳାଚଳ କରିଥାଏ। କିନ୍ତୁ ଏଯାଏଁ ଏହି ରାସ୍ତାରେ ଓଭରବ୍ରିଜ୍ ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଯାତ୍ରୀ, ପର୍ଯ୍ୟଟକଙ୍କ ସମେତ ପୁରୀବାସୀ ବହୁ ଦହଗଞ୍ଜ ହେଉଛନ୍ତି। ତେଣୁ ଶୀଘ୍ର ଆର୍‌ଓବି ନିର୍ମାଣ ଶେଷ କରିବା ଏବଂ ରାସ୍ତା ମରାମତି ଦାବିରେ ଏହି ରାସ୍ତାରୋକ କରାଯାଇଥିଲା।



ପୁରୀ ସହରରେ ଲାଇଫ୍ ଲାଇନ୍ କୁହାଯାଉଥିବା ଏହି ରାସ୍ତା କୋଣାର୍କ, ନିମାପଡ଼ା, କାକଟପୁର ସହ ପଡ଼ୋଶୀ ଜଗତସିଂହପୁର ଜିଲ୍ଲାକୁ ସଂଯୋଗ କରୁଛି। ୧୯୯୦ ମସିହାରୁ କ୍ରମାଗତ ମାଟିଆପଡ଼ାଠାରେ ଏକ ଆର୍‌ଓବି ନିର୍ମାଣ ପାଇଁ ପୁରୀବାସୀ ଦାବି କରିଆସୁଥିଲେ। ଶେଷରେ ୨୦୧୯ ଅଗଷ୍ଟ ମାସରେ କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ ଓ ପରିବହନ ମନ୍ତ୍ରଣାଳୟ ଦ୍ୱାରା ସ୍ୱୀକୃତି ମିଳିଥିଲା। ୨୦୨୧ରେ ଭୂଅର୍ଜନ ବା ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇ ୨୦୨୨ ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ଥିଲା। କିନ୍ତୁ ଜମି ଅଧିଗ୍ରହଣ ପ୍ରକ୍ରିୟା ବିଳମ୍ବ ହେବାରୁ ଶେଷରେ ୨୦୨୫ ମାର୍ଚ୍ଚ ସୁଦ୍ଧା ରୋଡ୍ ଓଭରବ୍ରିଜ୍ ନିର୍ମାଣ ସମ୍ପୂର୍ଣ୍ଣ ହେବାର ଡେଡ୍‌ଲାଇନ୍ ରଖାଯାଇଥିଲା। କିନ୍ତୁ ଏଯାଏଁ ରେଳ ଓଭରବ୍ରିଜ୍ ସରିବା ତ ଦୂରର କଥା ଆପ୍ରୋଚ୍ ରୋଡ୍ କାର୍ଯ୍ୟ ମଧ୍ୟ ସରିନାହିଁ। ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅସୁବିଧାର ମୁଖ୍ୟ କାରଣ ହେଉଛି ପ୍ରଥମେ ଦୁଇ ପାର୍ଶ୍ୱରେ ଆପ୍ରୋଚ୍ ରୋଡ୍ ନିର୍ମାଣ ହେବା କଥା। କିନ୍ତୁ ଠିକା ସଂସ୍ଥା ଏବଂ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅପାରଗତା କିମ୍ବା ପିସି କାରବାର ଯୋଗୁଁ ଆଜି ପର୍ଯ୍ୟନ୍ତ ଦୁଇ ପାର୍ଶ୍ୱରେ ସର୍ଭିସ୍ ରୋଡ୍ ନିର୍ମାଣ ହୋଇପାରି ନାହିଁ। ଯେଉଁଥିପାଇଁ ଦୈନିକ ଯାତାୟାତରେ ଅସୁବିଧା ତଥା ଛୋଟମୋଟ ଦୁର୍ଘଟଣା ଦେଖିବାକୁ ମିଳୁଛି। ଏଣୁ ତୁରନ୍ତ ଦୁଇପାର୍ଶ୍ୱ ରାସ୍ତା ନିର୍ମାଣ ସହିତ ଆର୍‌ଓବି ନିର୍ମାଣ ଦାବିରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ଇଂ. ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ବୁଧବାର ମାଟିଆପଡ଼ାଠାରେ ରାସ୍ତାରୋକ କରାଯାଇଥିଲା। ଜାତୀୟ ରାଜପଥ ପ୍ରାଧିକରଣ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟରଙ୍କ ଲିଖିତ ପ୍ରତିଶ୍ରୁତି ଅନୁଯାୟୀ ରାସ୍ତା କାମ ଚଳିତ ମାସ ୨୦ ତାରିଖ ସୁଦ୍ଧା ଆରମ୍ଭ କରାଯିବ। ତେଣୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। କିନ୍ତୁ ଏଥିରେ ଅବହେଳା ହେଲେ ଆଗକୁ ଆନ୍ଦୋଳନ ଆହୁରି ତୀବ୍ରତର କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ରାସ୍ତାରୋକରେ ଉତ୍ତମ ଆଚାର୍ଯ୍ୟ, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ସରସ୍ୱତୀ ପାତ୍ର, ଅମରେନ୍ଦ୍ର ପାଇକରାୟ, ସୀତାକାନ୍ତ ମହାନ୍ତି, ସୁଜିତ୍ ମହାପାତ୍ର, ସ୍ୱାଧୀନ ପଣ୍ଡା, ରଜତ ସାହୁ, ସୁରେନ୍ଦ୍ର ପାଇକରାୟ, ଅବିନାଶ ମିଶ୍ର, ଆଶୁତୋଷ ମିଶ୍ର, ସସ୍ମିତା ସ୍ୱାଇଁ, ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ଉମାକାନ୍ତ ବରାଳ, ସୁକାନ୍ତ ପ୍ରଧାନ, ଉମାକାନ୍ତ ବେହେରା, ଅମିୟ ମହାପାତ୍ର, ମନୋଜ ମହାପାତ୍ର, ବିଶ୍ୱରଞ୍ଜନ ସାମନ୍ତରାୟଙ୍କ ସମେତ ଶତାଧିକ ସ୍ଥାନୀୟ ଅଧିବାସୀ ଏବଂ ଜୀବନ ଜୀବିକା ଓ ପରିବେଶ ସୁରକ୍ଷା ଅଭିଯାନ ସାମିଲ୍ ହୋଇଥିଲେ।

ସୂଚନାଥାଉ କି, ମାଟିଆପଡ଼ା ଆର୍‌ଓବି ନିର୍ମାଣ ପାଇଁ ସିଦ୍ଧମହାବୀର, କୁମୁଟିପାଟଣା, ମାଟିଆପଡ଼ା ଓ ବାଲୁଖଣ୍ଡର ଚାରୋଟି ମୌଜାର ୧୬୧ ଜଣ ବିସ୍ଥାପିତ ହୋଇଥିଲେ। ଚୂଡ଼ାନ୍ତ ନକ୍ସା ଅନୁଯାୟୀ, ଆର୍‌ଓବିର ଲମ୍ବ ୬୩.୮୪ ମିଟର ଓ ଚଉଡ଼ା ୨୪ ମିଟର ରହିଛି। ଯେଉଁଥିରେ ଦୁଇ ଲେନ୍ ରାସ୍ତା ସହ ଡ୍ରେନେଜ୍, ସର୍ଭିସ୍ ରୋଡ୍ ଆଦିର ବ୍ୟବସ୍ଥା କରାଯିବା କଥା। ଏହାବାଦ୍ ଓଭରବ୍ରିଜ୍‌ର ଦୁଇପାର୍ଶ୍ୱକୁ ମିଶାଇଲେ ପ୍ରାୟ ୮୯୫ ମିଟରର ସଂଯୋଗ ରାସ୍ତା ତିଆରି ହେବ। ଓଭରବ୍ରିଜ୍‌ରୁ ମାଟିଆପଡ଼ା ଆଡ଼କୁ ପ୍ରାୟ ୩୫୦ ମିଟରର ସଂଯୋଗ ରାସ୍ତା ନିର୍ମାଣ ହେବ। ସେହିଭଳି କୋଣାର୍କ ଆଡ଼କୁ ପ୍ରାୟ ୪୫୦ ମିଟରର ସଂଯୋଗ ରାସ୍ତା ନିର୍ମାଣ ହେବ। କିନ୍ତୁ ଏଯାଏଁ ନା ଆର୍‌ଓବି ନା ସର୍ଭିସ୍ ରୋଡ୍ କାମ ସରିଛି। ଜାତୀୟ ରାଜପଥ ମନ୍ତ୍ରାଳୟ ପକ୍ଷରୁ ୨୦୨୦-୨୧ ଆର୍‌ଥିକ ବର୍ଷରେ ଏହି ଓଭରବ୍ରିଜ୍ ପାଇଁ ୧୩୦.୩୬ କୋଟି ଟଙ୍କାର ଖର୍ଚ୍ଚ ଅଟକଳ କରାଯାଇଥିଲା। ତିନି ତିନିଥର ଟେଣ୍ଡର ସତ୍ତ୍ୱେ କାମ ସରୁନାହିଁ।

# ସମ୍ପାଦକୀୟ



ଭାରତୀୟ କୃଷି ଆଗରେ ବର୍ତ୍ତମାନ ଦୁଇଟି ଆହ୍ୱାନ- ଅର୍ଥନୀତି ବନାମ ପରିବେଶ

-ଏମ୍ ଏସ୍ ସ୍ୱାମୀନାଥନ୍

## ବିହାରରେ ରେକର୍ଡ ମତଦାନ

ବିହାର ବିଧାନସଭା ନିର୍ବାଚନ ଦୁଇଟି ପର୍ଯ୍ୟାୟରେ ଶେଷ ହୋଇଛି। ଏହି ନିର୍ବାଚନରେ ମତଦାନ ହାର ବିହାର ସକାଶେ ଏକ ସର୍ବକାଳୀନ ରେକର୍ଡ। ସବୁଠାରୁ ଉଲ୍ଲେଖନୀୟ ଯେ ୭୧.୬ ପ୍ରତିଶତ ମହିଳା ମତଦାନ କରିଥିବା ବେଳେ ପୁରୁଷ ମତଦାତାଙ୍କ ହାର ୬୨.୮ ପ୍ରତିଶତ ଥିଲା। ପୂର୍ବ ନିର୍ବାଚନ ଅପେକ୍ଷା ଏଥର ୧୦ରୁ ୧୨ ପ୍ରତିଶତ ଅଧିକ ଭୋଟ କାହା ସପକ୍ଷରେ ଯିବ ସେ ନେଇ ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମହଲରେ ଅଙ୍କକଷା ଚାଲିଛି। ତେଣୁ ବିଭିନ୍ନ ସଂସ୍ଥା ପକ୍ଷରୁ ହୋଇଥିବା ଏକଜିଟ୍ ପୋଲ ଆକଳନ କେତେଦୂର ନିର୍ଭରଯୋଗ୍ୟ ସେ ନେଇ ସନ୍ଦେହ ରହିଛି। ଗତ ବିଧାନସଭା ନିର୍ବାଚନରେ ହୋଇଥିବା ଏକଜିଟ ପୋଲ ସଂପୂର୍ଣ୍ଣ ରୂପେ ଭୁଲ ପ୍ରମାଣିତ ହୋଇଥିଲା। ଆଉ ଗୋଟିଏ ଦିନ ପରେ ନିର୍ବାଚନ ଫଳ ଘୋଷଣା ସହିତ ପୂର୍ବାନୁମାନର ବିଶ୍ୱସନୀୟତା ପ୍ରମାଣିତ ହେବ।

ଏଥର ନିର୍ବାଚନରେ ମତଦାନ ହାରକୁ ନେଇ ଯେତେ ତର୍ଜମା ହେଉ ନା କାହିଁକି ଏକଥା ସତ ଯେ ନିର୍ଦ୍ଧାରିତ ନିର୍ବାଚନ ସମୟ ମତଦାତାଙ୍କ ପାଇଁ ଆପୋକ୍ଷାକୃତ ଅନୁକୂଳ ଥିଲା। ଦୀପାବଳି ଓ ଛଟ ଉତ୍ସବ ପରେ ପରେ ମତଦାନର ସୁଯୋଗ ଥିବାରୁ ବିଭିନ୍ନ ରାଜ୍ୟରେ କାର୍ଯ୍ୟରତ ବିହାରବାସୀ ଉତ୍ସବମୁଖର ମୁହୂର୍ତ୍ତକୁ ନିର୍ବାଚନ ସହ ଯୋଡ଼ି ଦେଇଥିଲେ। ଛଟ ଉତ୍ସବରେ ସେମାନଙ୍କ ଅନିବାର୍ଯ୍ୟ ଉପସ୍ଥିତି ଯୋଗୁଁ ମତଦାନ ହାର ଆଶାଠାରୁ ଅଧିକ ହୋଇଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ପ୍ରତି ରାଜ୍ୟର ମହିଳାଙ୍କ ଭରସା ପ୍ରତିଫଳିତ ହୋଇଥିଲା ଭୋଟରେ। ରାଜ୍ୟର ମହିଳାଙ୍କୁ ଜୀବିକାର୍ଜନ ପାଇଁ ଦଶ ହଜାର ଟଙ୍କା ଲେଖାଏଁ ନିର୍ବାଚନ ପୂର୍ବରୁ ପ୍ରଦାନ କରି ମତଦାନକୁ ପ୍ରଭାବିତ କରିଥିବାର ମନେ ହୁଏ। ଅନ୍ୟ ଏକ ଦିଗ ହେଲା, ନୀତୀଶ କୁମାରଙ୍କ ମଦ ନିରୋଧ ନୀତି ମହିଳାଙ୍କ ପାରିବାରିକ ଓ ସାମାଜିକ ଜୀବନକୁ ଉତ୍ପୀଡ଼ନ ମୁକ୍ତ କରିଛି। ତା' ଅର୍ଥ ନୁହେଁ ବିହାର ସଂପୂର୍ଣ୍ଣ ରୂପେ ମଦମୁକ୍ତ ହୋଇପାରିଛି। ବିରୋଧୀଦଳ ନେତା ତେଜସ୍ୱୀ ଯାଦବ ରାଜ୍ୟର ବେକାରୀ ସମସ୍ୟାକୁ ଗୁରୁତ୍ୱ ଦେଇ ପ୍ରତିପରିବାରର ଜଣଙ୍କୁ ନିଯୁକ୍ତି ଦେବା ପାଇଁ ଯେଉଁ ଘୋଷଣା କରିଥିଲେ ତାହା ରାଜ୍ୟ ଯୁବଶକ୍ତିଙ୍କ ଉପରେ ପ୍ରଭାବ ପକାଇଥିଲା। ତେଣୁ ତାଙ୍କ ନିର୍ବାଚନ ସଭାରେ ଯେଭଳି ଯୁବକଙ୍କ ଭିଡ଼ ହେଉଥିଲା ସେହିଭଳି ନୀତୀଶଙ୍କ ସଭାରେ ମହିଳାଙ୍କ ମଧ୍ୟ ଅନୁରୂପ ଉପସ୍ଥିତି ପରିଲକ୍ଷିତ ହେଉଥିଲା। ଏହି ଦୁଇବର୍ଗ ମତଦାନ ସକାଶେ ଅଧିକ ଆଗ୍ରହୀ ହୋଇପଡ଼ିଥିଲେ। ଉପରୋକ୍ତ ସବୁଦିଗକୁ ବିଚାର କଲେ ମତଦାନ ହାର ବୃଦ୍ଧିରେ ସେଭଳି ଅସ୍ୱାଭାବିକତା ଥିବା ଭଳି ମନେ ହୁଏନା।

କୁହାଯାଇପାରେ ଏତେ ବିପୁଳ ମତଦାନ ସାଧାରଣତଃ କ୍ଷମତା ବିରୋଧରେ ଯାଇପାରେ। ମାତ୍ର ଏହି ଯୁକ୍ତି ସପକ୍ଷରେ ସେଭଳି ବୈଜ୍ଞାନିକ ବା ବିଧିସମ୍ମତ ତଥ୍ୟ ନାହିଁ। ହୋଇପାରେ ଡବଲ ଇଞ୍ଜିନ ସରକାର ମାଧ୍ୟମରେ ବିହାରର ଅନଗ୍ରସରତା ଦୂର ପାଇଁ ଏଭଳି ବିପୁଳ ଜନାଦେଶ ପରିଲକ୍ଷିତ ହୋଇଛି। ନୀତୀଶଙ୍କୁ ନେଇ ସୃଷ୍ଟି ହୋଇଥିବା ବିବାଦକୁ ଶେଷ ମୁହୂର୍ତ୍ତରେ ବିଜେପି ସମାଧାନ କରି ନିଜ ସ୍ଥିତିକୁ ସୁଧାରିବା ସହ ଦ୍ୱିତୀୟ ପର୍ଯ୍ୟାୟ ମତଦାନରେ ସକାରାତ୍ମକ ପ୍ରଭାବ ପକାଇଥିବାର ଲକ୍ଷ୍ୟ କରାଯାଇଛି। ●

## ସିମବକ୍ସ ଭୟ ତୁଟିନି

ସୋମବାର ସଂଧ୍ୟାରେ ଦିଲ୍ଲୀର ଐତିହାସିକ ଲାଲକିଲ୍ଲା ମେଟ୍ରୋ ଷ୍ଟେସନ ନିକଟରେ ଘଟିଥିବା ଭୟଙ୍କର ଆତଙ୍କୀ ବିସ୍ଫୋରଣ ଦେଶବାସୀଙ୍କ ନିଦ ହଜାଇ ଦେଇଛି। କେତେବେଳେ କେଉଁଠି କ'ଣ ଘଟିବ ସେ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ସମଗ୍ର ଦେଶରେ ହାଇଆଲର୍ଟ ଜାରି ଦୃଷ୍ଟିରୁ ଘଟଣାର ଗୁରୁତ୍ୱକୁ ସହଜରେ ଅନୁମାନ କରାଯାଇପାରେ। ଆମ ରାଜ୍ୟ ରାଜଧାନୀ ଭୁବନେଶ୍ୱର ସମେତ ୧୧ ସମ୍ବେଦନଶୀଳ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ରାଜ୍ୟରେ ପ୍ରବେଶ ଓ ପ୍ରସ୍ଥାନ ପଥ ମଧ୍ୟ ଯାଞ୍ଚ ପରିସରକୁ ଆସଛି। ଆମେ ଏହା ଉଲ୍ଲେଖ କଲାବେଳ ନିକଟ ଅତୀତରେ ଓଡ଼ିଶାର ଏକାଧିକ ସ୍ଥାନରୁ ଜବତ ହୋଇଥିବା ସିମବକ୍ସ ସହ ସଂଶ୍ଳିଷ୍ଟ ବାଂଲାଦେଶୀ ସଂଗଠନ ଓ ତାହାର ନେଟୱାର୍କ ସଂପର୍କରେ କିଛି ତଥ୍ୟ ଦେବାକୁ ଚାହୁଁ। ଏହି ଷଡ଼ଯନ୍ତ୍ର ଉନ୍ମୋଚନ କରିବାକୁ କମିଶନରେଟ ପୁଲିସ ଏକପ୍ରକାର ଅସମର୍ଥ ହୋଇଛି। କହିବାକୁ ଗଲେ ଏହି ତଦନ୍ତ ପ୍ରକ୍ରିୟା ଅଧାରୁ ଅଟକିଛି। ବାଂଲାଦେଶର ବିଦ୍ରୋହ ଓ କ୍ଷମତା ପରିବର୍ତ୍ତନ ପରେ ଭାରତ ସହ ସଂପର୍କ କେବଳ କ୍ଷୁର୍ଣ୍ଣ ହୋଇନି, ବିଭିନ୍ନ ଷଡ଼ଯନ୍ତ୍ରପୂର୍ଣ୍ଣ କାର୍ଯ୍ୟ ଚଳାଇଥିବାର ସ୍ପଷ୍ଟ ହୋଇଛି। ବାଂଲାଦେଶୀ ମାଷ୍ଟରମାଇଣ୍ଡ ଅସଦୁର ଜମାନର ଭୁବନେଶ୍ୱର ଆଗମନ ଓ ରାଜ୍ୟର ବିଭିନ୍ନ ସ୍ଥାନରେ ଏଜେଣ୍ଟ ନିଯୁକ୍ତିକୁ କୌଣସି ପରିସ୍ଥିତିରେ ଗୌଣ ଦୃଷ୍ଟିରୁ ବିଚାର କରାଯାଇପାରିବନି।

ଇଏ ଥିଲା ୨୦୨୪ ଅଗଷ୍ଟ ମାସର ଘଟଣା। ଭୁବନେଶ୍ୱର ଲକ୍ଷ୍ମୀସାଗର ଅଞ୍ଚଳରେ ଘରଭଡ଼ା ନେଇ ପଶ୍ଚିମବଙ୍ଗର ରାଜୁ ମଣ୍ଡଳ ଅବସ୍ଥାନ କରୁଥିଲା। ପୁଲିସ ତା ନିକଟରୁ ୭ଟି ସିମବକ୍ସ ଜବତ କରି ଘଟଣାର ଖୋଳତାଡ଼ ଆରମ୍ଭ କରିଥିଲା। ଗିରଫ ରାଜୁଠାରୁ ମିଳିଥିବା ଖବର ଅନୁଯାୟୀ ଏହି ଘଟଣାର ଅସଲ ଚେର ବାଂଲାଦେଶକୁ ଲମ୍ବିଥିବାର ଜଣାପଡ଼ିଥିଲା। ମୁଖ୍ୟ ଅଭିଯୁକ୍ତ ଅସଦୁର ଜମାନ ଲକ୍ଷ୍ମୀସାଗର ଅଞ୍ଚଳର ଲିଙ୍ଗରାଜ ହୋଟେଲରେ ଅବସ୍ଥାନ କରି ସିମବକ୍ସ ଜାଲ ବିଛାଇ ଥିଲା। ଅବଶ୍ୟ ରାଜୁ ଗିରଫ ହେବା ପୂର୍ବରୁ ଜମାନ ନିଜ ଦେଶକୁ ଫେରିଯାଇଥିଲା। ପୁଲିସ ଲିଙ୍ଗରାଜ ହୋଟେଲରେ ଚଢ଼ଉ କରି ବିଦେଶୀ ନାଗରିକଙ୍କ ଅବସ୍ଥାନ କ୍ଷେତ୍ରରେ ଅନୁସୃତ ନିୟମ ଉଲ୍ଲଙ୍ଘନ ସତ୍ତ୍ୱେ ଘଟଣାକୁ ଗୁରୁତ୍ୱ ଦେଲାନି। ତେଣୁ ରାଜଧାନୀରେ ସନ୍ଦିଗ୍ଧ ଆତଙ୍କୀଙ୍କ ଅବସ୍ଥାନ ଅପେକ୍ଷାକୃତ ସହଜ ଓ ସରଳ ହୋଇଯାଇଛି। ଘଟଣା କେବଳ ଏହିଠାରେ ଅଟକିଯାଇ ନଥିଲା। କଟକ ଓ ଝାଡ଼ଖଣ୍ଡରୁ ମଧ୍ୟ ସିମବକ୍ସ ଜବତ ହୋଇଥିଲା। ରାଜୁ ନେଇଥିବା ଭଡ଼ାଘରୁ ମଧ୍ୟ ୧୮୦୦ ସିମକାର୍ଡ ପୁଲିସ ପାଇଥିଲା। ସିମବକ୍ସ କାହିଁକି ଓ କିଭଳି ଉପଯୋଗୀ ତାହା ସ୍ପଷ୍ଟ ହେବା ଉଚିତ। ଏହାକୁ ସାଇବର ଅପରାଧୀ ଓ ଆତଙ୍କୀ ନିଜ ପରିଚୟ ଗୋପନ ରଖିବା ପାଇଁ ବ୍ୟବହାର କରିଥାଏ। ଦେଶ ବିଦେଶରୁ ଆସୁଥିବା କଲରେ କିଏ କାହାକୁ ଡାକୁଛି ତାହା ଜଣାପଡ଼ିବନି।

କମିଶନରେଟ ପୁଲିସର ଅନୁସଂଧାନ ଧାରେ ଅଟକି ଯାଇଥିବାରୁ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ସିମବକ୍ସ ଯେ କାର୍ଯ୍ୟକ୍ଷମ ନଥିବ ଏକଥା କେହି ଜୋର ଦେଇ କହିପାରିବେନି। ଅତୀତରେ ରାଜ୍ୟ ଗୁଇନ୍ଦା ବାହିନୀର ବିଫଳତା ଏକାଧିକ କ୍ଷେତ୍ରରେ ପରିଲକ୍ଷିତ ହୋଇଛି। ଏବେ ଦେଶରେ ଆତଙ୍କବାଦକୁ ନେଇ ଯେଉଁ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି ସେଥିରେ ସିମବକ୍ସ ଘଟଣା ଅଧିକ ଖୋଳତାଡ଼ ହେବା ଜରୁରୀ। ବିଶେଷ କରି ବାଂଲାଦେଶର ପରିବର୍ତ୍ତିତ ଆଚରଣ ଆମ ପାଇଁ ନୂଆ ବିପଦ ସୃଷ୍ଟି କରିଛି। ତେଣୁ ଏଠାରେ ଅବସ୍ଥାନ କରୁଥିବା ବାଂଲାଦେଶୀ ନାଗରିକ ସେମାନଙ୍କ ଏଜେଣ୍ଟ ସାଜି କେତେବେଳେ କ'ଣ ଭିଆଇବେ ତାହା କହିହେବନି। ତେଣୁ ଆଗକୁ ଅଧିକ ସତର୍କତା ଲୋଡ଼ା। ●

# ରୌପ୍ୟ ଅର୍ଥନୀତିର ପ୍ରାସଙ୍ଗିକତା

ରୋମାନିଆର ଜଣେ ନିଷ୍ଠୁର ରାଜାଙ୍କ ଆଦେଶରେ ସେ ରାଜ୍ୟର ସବୁ ବୃଦ୍ଧମାନଙ୍କୁ ହତ୍ୟା କରାଯିବା ଏବଂ ଜଣେ ବୁଦ୍ଧିମାନ ଯୁବକ ନିଜ ବୃଦ୍ଧ ପିତାଙ୍କୁ ଘରେ ଲୁଚାଇ ରଖିବା ଏବଂ ତାଙ୍କ ଉପଦେଶ ଅନୁଯାୟୀ କିଭଳି ରାଜ୍ୟକୁ ଅନାହାରରୁ ମୁକ୍ତି ମିଳିଲା ତାହା ଆମେ ସ୍କୁଲସ୍ତରୀୟ ଇଂରାଜୀ ପାଠ୍ୟକ୍ରମର ଏକ ବିଷୟ ଭାବେ ପଢ଼ିଛେ ବା ଜାଣିଛେ। ଏକଥା ଏଠାରେ ଉଦ୍ଧୃତ କରିବାର ପ୍ରାସଙ୍ଗିକତା ହେଉଛି ନିକଟରେ ଜାତୀୟ ସ୍ତରୀୟ ଗଣମାଧ୍ୟମରେ ବରିଷ୍ଠ ନାଗରିକଙ୍କ ପ୍ରତି ସମାଜର ନକାରାତ୍ମକ ମାନସିକତା ଏବଂ ଅର୍ଥନୀତିରେ ସେମାନଙ୍କ ଯୋଗଦାନ ସମ୍ପର୍କରେ ଗବେଷଣାଧର୍ମୀ ଆଲୋଚନା ହୋଇଛି। ଗତ ବର୍ଷ ମଧ୍ୟ 'ନିତି' ଆୟୋଗ ପକ୍ଷରୁ ଦେଶର ବରିଷ୍ଠ ନାଗରିକମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରି ଦେଶର ଅର୍ଥନୈତିକ ବିକାଶ ଢାଞ୍ଚାରେ ଅଧିକରୁ ଅଧିକ କିପରି ସାମିଲ କରାଯାଇ ପାରିବ ସେ ସମ୍ପର୍କରେ ଏକ ଚିଠା ପ୍ରସ୍ତାବ ଜାରି କରି ବିଭିନ୍ନ ମହଲରୁ ମତାମତ ଆହ୍ୱାନ କରାଯାଇଥିଲା। ଏହି ପ୍ରସ୍ତାବର କାର୍ଯ୍ୟକାରିତାର ଅଗ୍ରଗତି ଏ ପର୍ଯ୍ୟନ୍ତ ହସ୍ତଗତ ହୋଇନାହିଁ କି ସୁପାରିସ୍‌ଗୁଡ଼ିକ ଲାଗୁ କରିବାର ଆନ୍ତରିକତା ପରିଲକ୍ଷିତ ହୋଇନାହିଁ। ବରିଷ୍ଠ ନାଗରିକମାନଙ୍କୁ ସରକାରୀ ତହବିଲ୍ ଉପରେ ଏକ ବୋଝ ଭାବେ ସାଧାରଣରେ ଗ୍ରହଣ କରାଯାଉଥିବାରୁ ବୋଧହୁଏ ଅର୍ଥନୀତିରେ ସେମାନଙ୍କ ଅବଦାନକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ରାଜନୈତିକ ଇଚ୍ଛାଶକ୍ତି ଜାଗ୍ରତ ହୋଇପାରୁନାହିଁ।

ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ଭାରତରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ମଧ୍ୟ ସର୍ବାଧିକ। ୬୦ ବର୍ଷରୁ ଉର୍ଦ୍ଧ୍ୱ ଲୋକେ 'ବରିଷ୍ଠ ନାଗରିକ' ଭାବେ ଗଣ୍ୟ ହେଉଥିବା ବେଳେ ପ୍ରତିବର୍ଷ ଏମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ୬୦ ବର୍ଷ ପରେ ମଧ୍ୟ ଅନେକ ଉପାର୍ଜନ କରିବାକୁ ସକ୍ଷମ ଏବଂ ରୋଜଗାର ମୁଖ୍ୟ ଧାରରେ ସାମିଲ୍ ଅଛନ୍ତି। କିନ୍ତୁ ସେମାନଙ୍କୁ ଆବଶ୍ୟକତା ତୁଳନାରେ ସୁବିଧା ସୁଯୋଗ ମିଳୁ ନାହିଁ। କେବଳ ସରକାରୀ କ୍ଷେତ୍ରକୁ ଛାଡ଼ି ଅନ୍ୟ କେଉଁଠି ଅବସର ପରବର୍ତ୍ତୀ ପେନ୍‌ସନ / ଭତ୍ତା ସୁବିଧା ଆଖିଦୃଶିଆ ନୁହେଁ। ସରକାରୀ ପେନ୍‌ସନ ପାଉଥିବା ବ୍ୟକ୍ତିଙ୍କ ସଂଖ୍ୟା ପ୍ରାୟ ୭୫ ଲକ୍ଷ। ଇପିଏଫ୍ ପେନ୍‌ସନ୍ ଭୋଗୀଙ୍କ ସଂଖ୍ୟା ପ୍ରାୟ ୮୪ ଲକ୍ଷ ହୋଇଥିବା ବେଳେ ମାସିକ ପେନ୍‌ସନ୍ ସର୍ବନିମ୍ନ ୧୦୦୦ ରୁ ସର୍ବାଧିକ ୬୦୦୦ ଟଙ୍କା ଭିତରେ। ପେନ୍‌ସନ୍‌ଭୋଗୀ ତାଲିକାରେ ପ୍ରତିରକ୍ଷା ବିଭାଗରେ ଅଣସୈନିକ ଏବଂ ସୀମିତ ଅବଧି ପାଇଁ ନିଯୁକ୍ତି ପରେ ଅବସର ନେଇଥିବା ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ସାମିଲ୍ ଅଛନ୍ତି। ଏହାବ୍ୟତୀତ ମାସିକ ୧୦୦୦ ରୁ ୨୫୦୦ ଟଙ୍କା ପର୍ଯ୍ୟନ୍ତ ସରକାରୀ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ଲୋକଙ୍କ ସଂଖ୍ୟା ସାରା ଦେଶରେ ମୋଟ୍ ବୟସ୍କ ନାଗରିକଙ୍କ ମଧ୍ୟରୁ ପ୍ରାୟ ୨୫ ଭାଗ। ତେଣୁ ବରିଷ୍ଠ ନାଗରିକମାନଙ୍କୁ କିଭଳି ଆର୍ଥିକ ଦୃଷ୍ଟିରୁ ସବଳ କରାଯାଇ ପାରିବ ଏବଂ ସେମାନଙ୍କ ଅଭିଜ୍ଞତା ଓ ସାମର୍ଥ୍ୟକୁ ଦେଶ ଗଠନରେ ବିନିଯୋଗ କରି ହେବ, ତାହା ଉପରେ ଅଧିକ ଗୁରୁତ୍ୱ ଦିଆଯିବା କଥା। ନିତି ଆୟୋଗ ଏହି ମହତ୍ କାର୍ଯ୍ୟ ପ୍ରତି ଚିନ୍ତା କରି କାର୍ଯ୍ୟ ଆରମ୍ଭ କରିଥିଲେ ହେଁ ତାହା ସାର୍ବଜନିନ ହୋଇପାରିନାହିଁ।

ଭାରତର ଜନସାଂଖ୍ୟିକ ବିଶେଷତ୍ୱ ହେଲା ଦେଶରେ କାର୍ଯ୍ୟକ୍ଷମ ବୟସ ବର୍ଗ ରୂପେ ସ୍ୱୀକୃତ ଲୋକଙ୍କ ସଂଖ୍ୟା ତୁଳନାତ୍ମକ ଭାବେ କମ୍ ହାରରେ ବଢ଼ୁଛି। ଦ୍ୱିତୀୟତଃ, ବିଭିନ୍ନ ରାଜ୍ୟରେ ଜନସଂଖ୍ୟା ବୃଦ୍ଧି ହାରରେ ଅନେକ ସାମଞ୍ଜସ୍ୟ ରହିଛି। ତୃତୀୟତଃ ବୟସ୍କ ବା ବରିଷ୍ଠ ନାଗରିକଙ୍କ ସଂଖ୍ୟା ଦ୍ରୁତ ହାରରେ ବୃଦ୍ଧି ପାଇ ଚାଲିଛି। ନିତି ଆୟୋଗଙ୍କ ରିପୋର୍ଟ ଅନୁସାରେ ୬୦ ବୟସରୁ ଉର୍ଦ୍ଧ୍ୱ ନାଗରିକଙ୍କ ସଂଖ୍ୟା ମୋଟ୍ ଜନସଂଖ୍ୟାର ୧୦ ଶତାଂଶ। ଏହା ୨୦୩୦ ଓ ୨୦୫୦ରେ ଯଥାକ୍ରମେ ମୋଟ୍ ଜନସଂଖ୍ୟାର ୧୨ ଓ ୨୦ ଶତାଂଶ ହୋଇପାରେ। ୨୦୧୧ ଜନଗଣନା ତଥ୍ୟ ଆଧାରରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ମୋଟ୍ ଜନସଂଖ୍ୟାର ୨୧ ପ୍ରତିଶତ ବୋଲି କୁହାଯାଉଛି। ତେଣୁ ଆଗାମୀ ଦିନରେ ଏକ ବିକଶିତ ଭାରତରେ କିଭଳି ଏହି ଅଭିଜ୍ଞ ଓ ବରିଷ୍ଠମାନଙ୍କୁ ଏକ ମୂଲ୍ୟବାନ ମାନବ ସମ୍ପଦ ରୂପେ ପରିଗଣିତ ଓ ଉପଯୋଗ କରାଯାଇପାରିବ ଏବଂ ସୁରକ୍ଷିତ ରଖାଯାଇପାରିବ ତାହା ବିଶେଷ ଗୁରୁତ୍ୱପୂର୍ଣ୍ଣ।

ଅଧୁନା ଏହି ବରିଷ୍ଠ ନାଗରିକଙ୍କ ସହିତ ଜଡ଼ିତ ଅର୍ଥନୀତିକୁ ସିଲ୍‌ଭର ଇକୋନୋମି ବା ରୌପ୍ୟ ଅର୍ଥନୀତିର ନାମ ଦିଆଯାଇଛି। ଏଥିରେ ୫୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ଲୋକଙ୍କ ସହିତ ଜଡ଼ିତ ଉତ୍ପାଦନ, ଆବଣ୍ଟନ, ସାମଗ୍ରୀ ଓ ସେବାର ଉପଭୋଗ ଆଦି ଅନ୍ତର୍ଭୁକ୍ତ। ବୟସ୍କ ବ୍ୟକ୍ତିମାନଙ୍କ ସାମଗ୍ରିକ କ୍ରୟଶକ୍ତି ରୌପ୍ୟ ଅର୍ଥନୀତିର ମୂଳାଧାର। କେତେକ କ୍ଷେତ୍ରରେ ସରକାର ସହାୟତା ଯୋଗାଇଥା'ନ୍ତି। ତେଣୁ ସେହି 'ରୌପ୍ୟ ଅର୍ଥନୀତି'ର ପରିସରକୁ ଯଦି ଅର୍ଥପୂର୍ଣ୍ଣ ଭାବେ ବୃଦ୍ଧି କରାଯାଇପାରିବ, ତା'ହେଲେ ଦେଶର ବହୁ ବରିଷ୍ଠ ନାଗରିକ ଉପକୃତ ହେବେ ଏବଂ ଜାତୀୟ ଅର୍ଥନୀତି ପାଇଁ ମଧ୍ୟ ଲାଭପ୍ରଦ ହେବ। ଏ କ୍ଷେତ୍ରରେ ଆବଶ୍ୟକ ଅଛି ସଂସ୍କାର ପାଇଁ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଏବଂ ରୂପାୟନ ପାଇଁ ଅମଲାତାନ୍ତ୍ରିକ ଆନ୍ତରିକତା। ଆମ ଦେଶରେ ବରିଷ୍ଠମାନଙ୍କ ପାଇଁ ସରକାର ନିରବଦ୍ରଷ୍ଟା ସାଜିଛନ୍ତି କହିଲେ ଭୁଲ୍ ହେବ। ନ୍ୟାଶ୍‌ନାଲ୍ ପଲିସିକ ଅନ୍ ଓଲଡର ପର୍ସନ୍(୧୯୯୯), ନ୍ୟାଶ୍‌ନାଲ୍ ପ୍ରୋଗ୍ରାମ୍ ଫର ହେଲ୍‌ଥ କେୟାର ଅଫ୍ ଦ ଏଲ୍‌ଡର୍‌ଲି(୨୦୧୦), ମେଣ୍ଟେନାନ୍ସ ଆଣ୍ଡ ୱେଲ୍‌ଫେୟାର ଅଫ୍ ପ୍ୟାରେଣ୍ଟସ୍ ଆଣ୍ଡ ସିନିୟର ସିଟିଜେନସ୍ ଆକ୍ଟ(୨୦୦୭) ଆଦି ଅନେକ ଯୋଜନା ଓ ଆଇନ କାନୁନ୍ ପ୍ରଣୟନ ହୋଇଥିଲେ ମଧ୍ୟ ତାହା ଆଜି କାହିଁକି ପ୍ରଭାବଶୂନ୍ୟ ଓ ମୂଲ୍ୟହୀନ ହୋଇପଡ଼ିଛି ତାହାର କାରଣ ଖୋଜିବାକୁ ପଡ଼ିବ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ବରିଷ୍ଠ ନାଗରିକଙ୍କୁ ସମାଜର ଅବିଚ୍ଛେଦ୍ୟ ଅଂଶ ଭାବେ ଗ୍ରହଣ କରିବାର ମାନସିକତା। ବିଭିନ୍ନ ସମୟରେ ପ୍ରକାଶିତ ସର୍ବେକ୍ଷଣ ତଥ୍ୟାନୁଯାୟୀ ଆମ ଦେଶର ବରିଷ୍ଠ ନାଗରିକଙ୍କ ମଧ୍ୟରୁ ୩୩ ଶତାଂଶ ମାନସିକ ଚାପଗ୍ରସ୍ତ। ୩୦ ଶତାଂଶ ଭାବନ୍ତି ସେମାନଙ୍କ ବାର୍ଦ୍ଧକ୍ୟ ଜୀବନରେ ସନ୍ତୋଷ ଓ ଶାନ୍ତି ନାହିଁ। ବିଶେଷକରି ଏକାକୀ ରହୁଥିବା ବରିଷ୍ଠ ନାଗରିକମାନେ ପରିବର୍ତ୍ତିତ ସାମାଜିକ ଚିନ୍ତାଧାରା ଦ୍ୱାରା ଅଧିକ ପ୍ରଭାବିତ। ଏକାକିନୀ ବରିଷ୍ଠ ନାଗରିକଙ୍କ କଥା ନ କହିବା ଭଲ। ଧନସମ୍ପତ୍ତି ଥାଇ ମଧ୍ୟ ପରିଣତ ବୟସରେ ସେମାନେ ନା ନା ନିର୍ଯାତନା ଓ ଅବହେଳାର ଶିକାର ହୋଇଆସୁଛନ୍ତି। ଏହି ବରିଷ୍ଠ ବର୍ଗର ଲୋକଙ୍କ ଜୀବନକୁ ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ ଯଦି ସହଜ, ସରଳ, ସୁଖଦ ଓ ଆନନ୍ଦମୟ କରିହେବ, ତା'ଠାରୁ ବଡ଼ କଥା ଆଉ କିଛି ନାହିଁ।

ବରିଷ୍ଠ ନାଗରିକଙ୍କ ସୁଖ, ଶାନ୍ତି ଓ ଯତ୍ନ ପାଇଁ ଆବଶ୍ୟକ ମୌଳିକ ଭିତ୍ତିଭୂମି ନିର୍ମାଣ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା, ସେମାନଙ୍କ ଦକ୍ଷତା ବିକାଶ ଏବଂ ଆବଶ୍ୟକ ସ୍ଥଳେ ଉପାର୍ଜନକ୍ଷମ କରିବାର ବ୍ୟବସ୍ଥା ବିକାଶ କରିବାକୁ ପଡ଼ିବ। ବିଶେଷକରି ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ହେବ। ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସହାୟତା ପାଇଁ ପ୍ରଚଳିତ ବିଭିନ୍ନ ଆଖିଦୃଶିଆ ଯୋଜନାମାନ କେବଳ କାଗଜକଲମ ଓ ଏବଂ ରିପୋର୍ଟର ସୁଦୃଶ୍ୟ କାଗଜରେ ସୀମିତ ରହିଯାଇଛି। ଆମ ଦ୍ୱୈତନଗରୀ କଥା ଉଦାହରଣ ରୂପେ ନିଆଯାଉ। ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସହାୟତା ପାଇଁ କମିଶନରେଟ୍ ପୁଲିସ୍ ପ୍ରତି ଥାନାରେ ସ୍ୱତନ୍ତ୍ର ପ୍ରକୋଷ୍ଠ ଓ ୟୁନିଟ୍ ଖୋଲିଛି। ବରିଷ୍ଠ ନାଗରିକଙ୍କ ତଥ୍ୟ ସଂଗ୍ରହ କରି ନିୟମିତ ଅନ୍ତରାଳରେ ଘରକୁ ଘର ଯାଇ ସ୍ଥିତି ପରଖିବାର ପ୍ରଶଂସନୀୟ ବ୍ୟବସ୍ଥା ଅଛି। ବରିଷ୍ଠ ନାଗରିକଙ୍କ ଠାରୁ ଅଭିଯୋଗ ବା ଫୋନ୍ କଲ୍ ପାଇବା ମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ବାସ୍ତବତା ଯେ ଏହାର ବିପରୀତ, ତାହା ଭୁକ୍ତଭୋଗୀମାନେ ଅଧିକ ଜାଣିଥିବେ।

ସାମାଜିକ ନିରାପତ୍ତାର ଆଉ ଏକ ଆବଶ୍ୟକତା ହେଲା ଅର୍ଥ। ଯେଉଁମାନଙ୍କ ପାଖରେ ପରିଣତ ବୟସରେ ଚଳିବା ପାଇଁ ପର୍ଯ୍ୟାପ୍ତ ଅର୍ଥ ନାହିଁ ସେମାନଙ୍କୁ ଭତ୍ତା କିମ୍ବା ଅନ୍ୟ କୌଣସି ଯୋଜନାରେ ନିଶ୍ଚିତ ମାସିକ ଆୟକୁ ସୁନିଶ୍ଚିତ କରିବାକୁ ପଡ଼ିବ। ଖାଦ୍ୟ, ଆବାସ ଓ ସ୍ୱାସ୍ଥ୍ୟସେବାର ନିଶ୍ଚିତତା ମଧ୍ୟ ଆଉ ଏକ ଜରୁରୀ ଆବଶ୍ୟକତା। ଅଧୁନା ବିଦେଶୀ ମୁହାଁ ପିଲାମାନେ ବିଭିନ୍ନ କାରଣରୁ ବୟସ୍କମାନଙ୍କ ଉପଯୁକ୍ତ ଯତ୍ନ ନେଇ ପାରୁନାହାନ୍ତି। ତେଣୁ କେତେକ କ୍ଷେତ୍ରରେ ସେମାନେ ଏକାକୀ ରହୁଥିବା ବେଳେ ଆଉ କେତେକ ସ୍ଥାନରେ ବୋଝ ଭଳି ବ୍ୟବହାର ଜନିତ ଦୁର୍ଦ୍ଦଶା ସାମ୍ନା କରିବାକୁ ପଡ଼ୁଛି।

ବାର୍ଦ୍ଧକ୍ୟରେ ବରିଷ୍ଠ ନାଗରିକମାନଙ୍କର ନିତ୍ୟବ୍ୟବହାର୍ଯ୍ୟ ବିଭିନ୍ନ ସାମଗ୍ରୀର ଅର୍ଥନୀତିରେ ଯୋଗଦାନ କିଛି କମ୍ ନୁହେଁ। ଏହାର ଆକାର ପ୍ରାୟ ୭୫୦ କୋଟି ଡଲାର ବୋଲି ଆକଳନ କରାଯାଇଛି, ଯାହା ୧୫% ହାରରେ ବଢ଼ୁଛି। ସେମାନେ ଏକାଧାରରେ ଏ ଦେଶର ସ୍ଥାୟୀ ଖାଉଟି ଏବଂ ନିର୍ଭରଯୋଗ୍ୟ ଜମା ସଞ୍ଚୟକାରୀ। ତେଣୁ ସେମାନଙ୍କୁ ପ୍ରତିଦାନର ଆଶା ଓ ଦାବି ସୃଷ୍ଟି ହେବା ସ୍ୱାଭାବିକ। ଯେଉଁମାନଙ୍କର ଅବାଦନ ରୌପ୍ୟ ଅର୍ଥନୀତିକୁ ସମୃଦ୍ଧ କରୁଛି ସେମାନଙ୍କୁ ହତାଦର କରାଯିବ କିପରି?

(ସକାଳ ମିଡିଆ ସର୍ଭିସ୍)

# ପ୍ରକୃତିର ଶ୍ରେଷ୍ଠ ବହୁବିଧ ଯନ୍ତ୍ରୀ

ଡ. ପାଣ୍ଡବ ପାତ୍ର

'ଭାରତର ସର୍ବଶ୍ରେଷ୍ଠ ଇଞ୍ଜିନିୟର କିଏ?' ହଠାତ୍ ଦିନେ ମୋ ମନରେ ଆସିଥିବା ଏହି ପ୍ରଶ୍ନର ଉତ୍ତର ଖୋଜିବା ପାଇଁ ଇଣ୍ଟରନେଟରେ ଯେଉଁମାନଙ୍କ ନାମ ମିଳିଲା ସେମାନଙ୍କ ମଧ୍ୟରେ ପ୍ରମୁଖ ଥିଲେ ଏମ୍. ବିଶ୍ୱେଶ୍ୱରାୟ, ଏପିଜେ ଅବଦୁଲ କଲାମ, ସତୀଶ ଧାୱନ, ଇ. ଶ୍ରୀଧରନ, ସୁନ୍ଦର ପିଚାଇ, ସତ୍ୟ ନାଡେଲା, ନାରାୟଣ ମୂର୍ତ୍ତି, ବର୍ଗୀଜ କୁରିଆନ ଇତ୍ୟାଦି। ଏହି ପ୍ରତିଷ୍ଠିତ ବ୍ୟକ୍ତିମାନେ ନିଜ ନିଜ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିଲେ ଏରୋସ୍ପେସ୍ ଏବଂ ସିଭିଲ୍ ଇଞ୍ଜିନିୟରିଂ ଠାରୁ ଆରମ୍ଭ କରି ସଫ୍ଟୱେର୍ ଓ ଶିଳ୍ପ ବିକାଶ ପର୍ଯ୍ୟନ୍ତ। ଯେତେବେଳେ ମୁଁ ମୋ କମ୍ପ୍ୟୁଟର ସ୍କ୍ରିନରେ ଥିବା ନାମଗୁଡ଼ିକ ଉପରେ ନିରୀକ୍ଷଣ କରୁଥିଲି ଏବଂ ସେମାନଙ୍କ ବିଷୟରେ ଅଧ୍ୟୟନ କରୁଥିଲି, ଗୋଟେ ଜିନିଷ ସ୍ପଷ୍ଟ ହେଲା ଯେ ଏହି ଦୂରଦୃଷ୍ଟିସମ୍ପନ୍ନ ଏବଂ ଅଗ୍ରଣୀ ଇଞ୍ଜିନିୟରମାନେ ନିଜ ନିଜ କ୍ଷେତ୍ରରେ ବିଶେଷଜ୍ଞ ଥିଲେ। କିନ୍ତୁ ସିଭିଲ୍, ମେକାନିକାଲ୍ ଏବଂ ରାସାୟନିକ ଇଞ୍ଜିନିୟରିଂ ଭଳି ବହୁବିଧ ଶାଖାରେ ବିଶେଷଜ୍ଞ ଥିବା ଜଣେ ଇଞ୍ଜିନିୟରଙ୍କୁ ଖୋଜିବା ମୋ ପକ୍ଷେ ପ୍ରାୟ ଅସମ୍ଭବ ହେଲା।

ହଠାତ୍, ମୋର ଦୃଷ୍ଟି ମୋ ଘର ବାହାରେ ଠିଆ ହୋଇଥିବା ଗୋଟେ ବଡ଼ ବଟବୃକ୍ଷ ଉପରେ ପଡ଼ିଗଲା। ମୁଁ ଏହାକୁ ପ୍ରତିଦିନ ଦେଖୁଥିଲି। କିନ୍ତୁ ଆଜି ଏହା ଭିନ୍ନ ଦେଖାଯାଉଥିଲା। ଯେପରି ଏହା ନିରବରେ ମୋତେ ଏହାର ରହସ୍ୟ ବୁଝିବାକୁ ଆମନ୍ତ୍ରଣ କରୁଥିଲା। କିଛିସମୟ ଗଭୀର ଅନୁଧ୍ୟାନ କଲା ପରେ ମୁଁ ଅନୁଭବ କଲି ଯେ ପ୍ରତ୍ୟେକ ବୃକ୍ଷ ଗୋଟେ ଗୋଟେ ଶ୍ରେଷ୍ଠ ବହୁବିଧ (ମଲ୍ଟିଡିସିପ୍ଲିନାରୀ) ଇଞ୍ଜିନିୟର। ବୃକ୍ଷଗୁଡ଼ିକ ପ୍ରାକୃତିକ ଭାବରେ ସେମାନଙ୍କର ବ୍ୟାପକ ମୂଳ ଏବଂ ଚେର ଦ୍ୱାରା ମୃତ୍ତିକା କ୍ଷୟ ହ୍ରାସ କରି ଏବଂ ପ୍ରବଳ ବର୍ଷା ସମୟରେ ପୋଖରୀ ଓ ନଦୀକୂଳକୁ ଧ୍ୱଂସ ହେବାରୁ ରକ୍ଷା କରି ସିଭିଲ୍ ଇଞ୍ଜିନିୟର ଭାବରେ କାର୍ଯ୍ୟ କରନ୍ତି। ସେମାନଙ୍କର ମୂଳ ମାଟିର ଜଳଧାରଣ କ୍ଷମତାକୁ ଉନ୍ନତ କରେ। ବର୍ଷା ଜଳ ଶୋଷଣ କରିବାରେ ଏବଂ ବନ୍ୟାକୁ ହ୍ରାସ କରିବାରେ ସାହାଯ୍ୟ କରେ। ଭୂତଳ ଜଳ ସଂରକ୍ଷଣ ବୃଦ୍ଧି କରେ। ବୃକ୍ଷଗୁଡ଼ିକ ନିଜର ଓଜନ ସହିତ ପବନ ଓ ବର୍ଷା ଭଳି ବାହ୍ୟ ଶକ୍ତିକୁ ସହ୍ୟ କରିବା ପାଇଁ ସେମାନଙ୍କର ଗଠନକୁ ଅନୁକୂଳତମ କରି ମେକାନିକାଲ ଇଞ୍ଜିନିୟର ଭାବରେ କାର୍ଯ୍ୟ କରନ୍ତି। ବୃକ୍ଷମାନେ ମଧ୍ୟ ସଂବହନ ଟିସୁ(ଜାଇଲେମ)କୁ ନେଇ ଗଠିତ ଏକ ଆଭ୍ୟନ୍ତରୀଣ ଯାନ୍ତ୍ରିକ ଡିଜାଇନ୍ ମାଧ୍ୟମରେ ଏହା ହାସଲ କରନ୍ତି, ଯାହା ସେମାନଙ୍କୁ ଶକ୍ତି ଓ ନମନୀୟତା ପ୍ରଦାନ କରେ। ବୃକ୍ଷର ଗଣ୍ଡି ଓ ଶାଖାଗୁଡ଼ିକ ବଙ୍କା ଚାପ (ବେଣ୍ଡିଙ୍ଗ ଷ୍ଟ୍ରେସ) ଏବଂ ସଙ୍କୋଚନ ଚାପ (କମ୍ପ୍ରେସିବଲ ଷ୍ଟ୍ରେସ)କୁ ସନ୍ତୁଳିତ କରିବା ପାଇଁ ସ୍ୱତଃ ବୃଦ୍ଧି ପାଏ। ତାହା ଏକ ପ୍ରାକୃତିକ କ୍ୟାଣ୍ଟିଲିଭର ବିମ୍ ପରି କାର୍ଯ୍ୟ କରେ ଏବଂ ଯାହା ଭାଙ୍ଗିବା (ବକଲିଙ୍ଗ)କୁ ପ୍ରତିରୋଧ କରେ।

ବୃକ୍ଷଗୁଡ଼ିକ ଛାୟା ପ୍ରଦାନ ଓ ବାଷ୍ପୀଭବନ ପ୍ରକ୍ରିୟା ମାଧ୍ୟମରେ ଆଖପାଖର ପରିବେଶକୁ ଥଣ୍ଡା କରି ଏୟାର କଣ୍ଡିସନିଂ ଇଞ୍ଜିନିୟର ଭାବରେ କାର୍ଯ୍ୟ କରନ୍ତି। ବୃକ୍ଷର ପତ୍ରଗୁଡ଼ିକ ସୂର୍ଯ୍ୟକିରଣ ଶୋଷଣ କରନ୍ତି ଏବଂ ଜଳୀୟ ବାଷ୍ପ ନିର୍ଗତ କରନ୍ତି। ଏହି ଜଳୀୟବାଷ୍ପ ବାଷ୍ପୀଭବନ ହେବା ସମୟରେ ବାୟୁକୁ ଥଣ୍ଡା କରିଥାଏ। ଯେପରି ଏୟାର କଣ୍ଡିସନରମାନେ ଘରରୁ ତାପ ଅପସାରଣ କରନ୍ତି, ବାଷ୍ପୀଭବନ ପ୍ରକ୍ରିୟା ସ୍ଥାନୀୟ ବାୟୁ ତାପମାତ୍ରାକୁ ଅନେକ ମାତ୍ରାରେ ହ୍ରାସ କରିଥାଏ। ଏହି ପ୍ରକ୍ରିୟାକୁ ଇଂରାଜୀରେ ଇଭାପୋଟ୍ରାନସପିରେସନ କୁହାଯାଏ। ଗବେଷଣା ଓ ପର୍ଯ୍ୟବେକ୍ଷଣରୁ ଜଣାପଡ଼ିଛି ଯେ ଆମ୍ବ ଭଳି ଏକ ବଡ଼ବୃକ୍ଷ ଏକକାଳୀନ କାର୍ଯ୍ୟ କରୁଥିବା ପାଞ୍ଚଟି ଏୟାର କଣ୍ଡିସନରର ଶୀତଳ ପ୍ରଭାବ ଉତ୍ପନ୍ନ କରିପାରେ।

ବୃକ୍ଷଗୁଡ଼ିକ ରାସାୟନିକ ଇଞ୍ଜିନିୟର ଏବଂ ପରିବେଶ ଇଞ୍ଜିନିୟର ଭାବରେ ମଧ୍ୟ କାର୍ଯ୍ୟ କରନ୍ତି। ଜଟିଳ ଜୈବ ରାସାୟନିକ ପ୍ରକ୍ରିୟା ମାଧ୍ୟମରେ ବାୟୁ ଏବଂ ଜଳ ବିଶୋଧନ କରି ଏକ ସ୍ୱଚ୍ଛ ପରିବେଶ ସୃଷ୍ଟି କରିବାରେ ସାହାଯ୍ୟ କରନ୍ତି। ଆଲୋକ ସଂଶ୍ଳେଷଣ ମାଧ୍ୟମରେ ଗଛଗୁଡ଼ିକ ଅଙ୍ଗାରକାମ୍ଳ ଗ୍ରହଣ କରନ୍ତି ଏବଂ ଅମ୍ଳଜାନ ମୁକ୍ତ କରନ୍ତି, ଯାହା ବାୟୁମଣ୍ଡଳରେ ଗ୍ରୀନହାଉସ୍ ଗ୍ୟାସଗୁଡ଼ିକୁ ହ୍ରାସ କରିବାରେ ସାହାଯ୍ୟ କରେ। ସେମାନଙ୍କର ପତ୍ରଗୁଡ଼ିକ ଷ୍ଟୋମାଟା ନାମକ କ୍ଷୁଦ୍ର ଛିଦ୍ର ମାଧ୍ୟମରେ ଓଜୋନ, ନାଇଟ୍ରୋଜେନ୍ ଅକ୍ସାଇଡ୍ ଏବଂ ସଲଫର ଡାଇଅକ୍ସାଇଡ୍ ଭଳି ପ୍ରଦୂଷକଗୁଡ଼ିକୁ ମଧ୍ୟ ଶୋଷଣ କରନ୍ତି। ଏହାବ୍ୟତୀତ ଗଛର ପତ୍ରଗୁଡ଼ିକ ଧୂଳି ଓ ଧୂଆଁ କଣିକାଗୁଡ଼ିକୁ ଅଟକାଇ ଦିଅନ୍ତି, ଯାହା ବର୍ଷା ଦ୍ୱାରା ଧୋଇ ହୋଇଯାଏ ଏବଂ ପରିବେଶ ପ୍ରଦୂଷଣ ହ୍ରାସ ପାଇଥାଏ। ଆଲୋକ ସଂଶ୍ଳେଷଣ ଓ ମେଟାବୋଲିକ୍ ପ୍ରକ୍ରିୟା ମାଧ୍ୟମରେ ସୂର୍ଯ୍ୟକିରଣ, ପାଣି ଓ ଅଙ୍ଗାରକାମ୍ଳ ବାଷ୍ପକୁ ବ୍ୟବହାର କରି ଫଳ ଓ ପନିପରିବା ପରି ବାୟୋମାସରେ ଦକ୍ଷତାର ସହିତ ରୂପାନ୍ତର କରି ବୃକ୍ଷଗୁଡ଼ିକ ପ୍ରଡକ୍ସନ ଇଞ୍ଜିନିୟର ଭାବରେ କାର୍ଯ୍ୟ କରନ୍ତି।

ଆମେ ଏଥିରୁ ସ୍ପଷ୍ଟ ଭାବରେ ବୁଝିପାରିଲେ ଯେ ବୃକ୍ଷ ହେଉଛି ପ୍ରକୃତିର ସର୍ବୋତ୍ତମ ବହୁବିଧ ଇଞ୍ଜିନିୟର। ବୃକ୍ଷଟିଏ ନିଜ ଜୀବନର ପ୍ରତ୍ୟେକ ସେକେଣ୍ଡରେ ନିରବରେ ଜଟିଳ ଇଞ୍ଜିନିୟରିଂ ନୀତିଗୁଡ଼ିକୁ ପ୍ରୟୋଗ କରି ଧରଣୀମାଆର ଏବଂ ସମଗ୍ର ଜୀବଜଗତର ଅନବରତ ଭାବେ ସେବା କରିଚାଲେ। ●

(ଅଧ୍ୟାପକ, ବୀର ସୁରେନ୍ଦ୍ର ସାଏ ବୈଷୟିକି ବିଶ୍ୱବିଦ୍ୟାଳୟ)
ବୁର୍ଲା, ମୋ: ୯୭୭୬୧୫୨୫୨୫

# ମହିମାମୟ ଜୀବନର ଗାୟକ:ଗଡ଼ନାୟକ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

**ସାହିତ୍ୟ ସରିତ୍**

ଯେଉଁମାନେ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥା'ନ୍ତି ଜଗତର କଲ୍ୟାଣ ସକାଶେ ସେମାନଙ୍କ ପ୍ରତି କବି-ଆତ୍ମା ଜଣାଇଥାଏ ଶ୍ରେଷ୍ଠ ସମ୍ମାନ। ଯୁଗେ ଯୁଗେ ସେମାନେ ହିଁ ହୋଇଥା'ନ୍ତି ସାହିତ୍ୟ ସୃଷ୍ଟିରେ ମୁଖ୍ୟନାୟକ। ସେମାନଙ୍କୁ ନେଇ ହିଁ ଜାତିର ଇତିହାସ ହୁଏ ଗୌରବବିମଣ୍ଡିତ। ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ସେମାନେ ହିଁ ଅନ୍ତଃହୀନ ପ୍ରେରଣାର ଜ୍ୟୋତିର୍ମୟ ସ୍ତମ୍ଭ। ରାଧାମୋହନ ଗଡ଼ନାୟକଙ୍କ ହୃଦୟ ଜାତିର ସମର୍ପିତ କୃତୀ ସନ୍ତାନଙ୍କ ଭାବନାରେ ହୋଇଉଠିଛି ତୀବ୍ର ଭାବରେ ପୁନଃ ପୁନଃ ପରିସ୍ପନ୍ଦିତ। ଓଡ଼ିଶାର କିମ୍ବଦନ୍ତୀ, ଲୋକକଥା, ଇତିହାସ ମଧ୍ୟରେ ସେ ନିରନ୍ତର ଅନ୍ୱେଷଣ କରିଚାଲିଛନ୍ତି ଏପରି କାହାଣୀ, ଏପରି ଚରିତ୍ର, ଯେଉଁମାନେ ସ୍ୱକୀୟ ତ୍ୟାଗ ଓ ତିତିକ୍ଷାରେ, ଶ୍ରଦ୍ଧାଶୀଳତା ଓ ମାନବିକତାରେ, ସଦିଚ୍ଛା ଓ ସମର୍ପଣରେ ତତ୍କାଳୀନ ସମାଜକୁ କରିଦେଇଛନ୍ତି ସ୍ତବ୍ଧ ଓ ନିର୍ବାକ। ରାଧାମୋହନ ନିଜ ଗାଥା କବିତା ରଚନା ସମୟରେ ତ୍ୟାଗପୂତ ଜୀବନର ଅଧିକାରୀ ନିଃସ୍ୱାର୍ଥ ବ୍ୟକ୍ତିତ୍ୱଙ୍କ ଉଚ୍ଚକୋଟୀର ଚରିତ୍ରକୁ ରୂପାୟିତ କରିଛନ୍ତି କି ଆବେଗମୟ ଭାଷା, ଛନ୍ଦ ଓ ସାଙ୍ଗୀତିକ ମୂର୍ଚ୍ଛନା ସଂଯୋଗରେ!

କବି ସ୍ୱରଚିତ 'ଉତ୍କଳିକା', 'ସ୍ମରଣିକା', 'ଅବାଚୀର ତାରା', 'ହୀରାଖଣ୍ଡର ଗାଥା', 'ଗାନ୍ଧୀ ଗାଥା' ଆଦି କବିତା ସଂକଳନରେ ମାନବିକ ଚେତନାର ସର୍ବୋଚ୍ଚ ସୋପାନରେ ଦଣ୍ଡାୟମାନ ଚରିତ୍ରମାନଙ୍କ ପ୍ରତି ପ୍ରାଣ-ମେଘମାଳାର ଅଜସ୍ର ବର୍ଷାଧାରା ଢାଳି ଦେଇଛନ୍ତି ଭାବ ତନ୍ମୟ ଚିତ୍ତରେ। ଉତ୍କଳମଣି ଗୋପବନ୍ଧୁଙ୍କୁ ଯେପରି କବି ରୂପ ଦେଇଛନ୍ତି ଜୀବନ୍ତ ଭାବରେ, ସେହିପରି ସମ୍ବଲପୁରର ପ୍ରଥମ ରାଜା ବଳରାମ ଦେବଙ୍କ ଅସୀମ ସାହସ, ବଡ଼ଭାଇ ପ୍ରତି ଅମାପ ତ୍ୟାଗ ବର୍ଣ୍ଣନା କରିଛନ୍ତି 'ହୀରାଖଣ୍ଡ ଗାଥାରେ'। ଭକ୍ତକବି ଦୀନକୃଷ୍ଣ ଦାସ, ସନ୍ଥକବି ଭୀମ ଭୋଇ, ବୀର ବାଳକ ବିଶ୍ୱକର୍ମା-ନନ୍ଦନ ଧର୍ମପଦ, ମହାରାଣୀ ଶୁକଦେଈ, ଉତ୍କଳର ଗଜପତି ମହାରାଜା କପିଳେନ୍ଦ୍ର ଦେବଙ୍କ ଜୀବନର ଶ୍ରେଷ୍ଠ ଉପଲବ୍ଧି ଅଙ୍କନ କରିଛନ୍ତି ଅଦ୍ଭୁତ ନିଷ୍ଠାର ସହ। 'ଗାନ୍ଧୀ ଗାଥା'ର କେଉଁ ଆଦିବାସୀ ଯୁବତୀ ସ୍ୱାଧୀନତା ସଂଗ୍ରାମ ପାଇଁ ନିଜେ ପିନ୍ଧିଥିବା ସବୁ ଅଳଙ୍କାର ଦାନ କରି ଦେଉଛନ୍ତି ତ ପୁଣି ଆଉ କେଉଁଠି ଅଳଙ୍କାର ଉପରେ ପିତାମାତା ଅଧିକାର ସାବ୍ୟସ୍ତ କରୁଥିବାରୁ ସେସବୁ ତ୍ୟାଗ କରି ଜଣେ ଯୁବତୀ ଗାନ୍ଧିଜୀଙ୍କ ଚରଣରେ ସମର୍ପିତ କରିଛନ୍ତି ନିଜକୁ।

ସୁପରିଚିତ ହୁଅନ୍ତୁ କି ଅପରିଚିତ, ସୁବିଖ୍ୟାତ ହୁଅନ୍ତୁ କି ଅଖ୍ୟାତ, କବି ଯେଉଁଠି ଦେଖିଛନ୍ତି ମହତ ଚେତନାର ସ୍ଫୁରଣ, ତା'କୁ ସାଉଁଟି ଆଣିଛନ୍ତି ନିଜ ପାଖକୁ। କେବଳ ଏହି ଉଦ୍ଦେଶ୍ୟରେ ମଧ୍ୟ ସେ ଅନେକ ସ୍ଥାନକୁ ଯାତ୍ରା କରିଛନ୍ତି ଜଣେ ଅନୁସନ୍ଧିତ୍ସୁ ଗବେଷକର ଉତ୍ସୁକତା ନେଇ। ଦୁର୍ଭିକ୍ଷ ସମୟରେ ଭିକ୍ଷା ସଂଗ୍ରହ କରୁଥିବା ପିଲାଟି ପାଇଛି ପଖାଳ ମୁଠାଏ। କ୍ଷୁଧାରେ ତା'ର ଉଦର ପ୍ରଜ୍ୱଳିତ। ମାତ୍ର ନିଜ ଭାଇଭଉଣୀ କଥା ମନେ ପକାଇ ଏକୁଟିଆ ସେ ଖାଇପାରୁନି। ତୋରାଣି ଟିକିଏ ପିଇଦେଇ ବୃକ୍ଷ ମୂଳରେ ନେଇଛି ବିଶ୍ରାମ। କିଏ ଜାଣିଥିଲା ଯେ ତାହା ମହାବିଶ୍ରାମରେ ପରିଣତ ହୋଇଯିବ? ସେଇ ରାସ୍ତାଦେଇ ଯାଉଥିବା କେହି ପିଲାଟି ମରିଯାଇଛି ବୋଲି କହିବା ବେଳେ କବିଆତ୍ମା ଘୋଷଣା କରୁଛନ୍ତି - 'ଆକାଶ ପବନ କାନେ କାନେ ତା'ର ଉଠିଲା କହି, ମରିନାହିଁ ସେ ତ ମରଣଜୟୀ'। ସ୍ୱଭାବ-କବି ଗଙ୍ଗାଧର ନିଜ ରଚନାରେ ଛାଡ଼ି ଯାଇଛନ୍ତି ଏକ ସାମାନ୍ୟ ସୂଚନା ଯେ, ବରପାଲିର ରାମଚନ୍ଦ୍ର ମନ୍ଦିର ନିର୍ମିତ ହୋଇଥିଲା ତୁଳସୀ ନାମକ ଏକ କେଉଁଟୁଣୀ ଦ୍ୱାରା। ବେଶ, ଏତିକି ସୂଚନା ତାଙ୍କୁ ଟାଣି ନେଇଗଲା ବରପାଲି ମାଟିକୁ। ସ୍ୱାମୀ ସନ୍ତାନ ହରା କେଉଁଟୁଣୀର ଘରେ ଆଶ୍ରୟ ନେବାକୁ ଚାହିଁଛନ୍ତି ସ୍ୱୟଂ ଶ୍ରୀରାମ। ମୁଢ଼ି ଭାଜି ଭାଜି ସେ ସାଇତି ରଖିଛି ଟଙ୍କା। ସେଇ ସଂଚିତ ଅର୍ଥ ବଳରେ ନିର୍ମାଣ କରିଛି ମନ୍ଦିର। ରାଧାମୋହନ ସ୍ୱରଚିତ 'ଅବାଚୀର ତାରା' ସଂକଳନରେ ସେଇ ସତ୍ୟକୁ ଆଧାର କରି ରଚନା କଲେ କବିତା 'ତୁଳସୀ ଗୋ ଦୀନ ଦୁଃଖୀ ତୁମେ କେଉଁଟୁଣୀ'।

ଓଡ଼ିଶାର ମହାନତାକୁ କେହି ଯଦି ତଲ୍ଲୀନ ହୃଦୟରେ ଅନୁଭବ କରିବାକୁ ଚାହାନ୍ତି, ସ୍ୱଦେଶ ବା ମାତୃଭୂମି ପାଇଁ କେହି ଯଦି ସ୍ୱାର୍ଥତ୍ୟାଗ ସକାଶେ ପ୍ରତିଜ୍ଞାବଦ୍ଧ ତାଙ୍କୁ ରାଧାମୋହନ ଗଡ଼ନାୟକଙ୍କ କବିତା ଜଗତକୁ ପ୍ରବେଶ କରିବାକୁ ପଡ଼ିବ ନିଶ୍ଚୟ। କେହି ଯଦି ସାମାନ୍ୟ ନିଃସ୍ୱାର୍ଥ ଭାବରେ ବଞ୍ଚିରହିବା ହିଁ ଜୀବନର ବିରାଟ ସଫଳତା ବୋଲି ନିଶ୍ଚିତ ହୋଇଯା'ନ୍ତି, ତା'ହେଲେ ଗଡ଼ନାୟକଙ୍କ ପ୍ରତିଭାର ଦ୍ୟୁତିରେ ସମୁଦ୍ଭାସିତ ଚରିତ୍ରଙ୍କୁ ନିଜ ପ୍ରାଣ ପ୍ରଦେଶକୁ ନିମନ୍ତ୍ରଣ କରିଆଣିବାକୁ ହେବ। ପ୍ରତିଷ୍ଠିତ କରିବାକୁ ହେବ ସେମାନଙ୍କୁ ପ୍ରେରଣା ବିକିରଣ-କ୍ଷମ ହୃଦୟ ବେଦୀରେ। ତାହା ହିଁ ଏହି ସ୍ୱାର୍ଥସର୍ବସ୍ୱ ସମାଜ ମଧ୍ୟରେ ହେବ ଏକ ସାହସିକ ପଦକ୍ଷେପ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମାଂସ ଜବତକୁ ନେଇ ବାଲିକୁଦାରେ ଉତ୍ତେଜନା

### ଦୁଇଗୋଷ୍ଠୀ ମୁହାଁମୁହିଁ, ଥାନାରେ ଅଭିଯୋଗ



ବାଲିକୁଦା, ୧୨।୧୧(ସମିସ): ବାଲିକୁଦା ଥାନାଠାରୁ ମାତ୍ର ୫୦୦ ମିଟର ଦୂର ବାଲିକୁଦା କାଠଗୋଲା ଛକ ନିକଟରୁ ପ୍ରାୟ ୧ କୁଇଣ୍ଟାଲ ମାଂସ ଜବତ ହୋଇଛି। ଏକ ଘରେ ମାଂସ କଟା ଯାଉଥିବା ଖବର ପାଇ ହିନ୍ଦୁ ସେନା ସଂଗଠନର ୫୦ରୁ ଅଧିକ କର୍ମକର୍ତ୍ତା ବିରୋଧ କରିଥିଲେ। ଖବର ପାଇଲା ପରେ ଡିଏସପି ରଶ୍ମିରଂଜନ ଦାସ ଓ ଏସଡିପିଓ ଆଜିଂକ୍ୟ ମାଣେ, ବାଲିକୁଦା ଥାନାଧିକାରୀ ସୁଶାନ୍ତ ସାହୁ ପ୍ରମୁଖ ସଦଳବଳ ଘଟଣାସ୍ଥଳରେ ନିରୀକ୍ଷଣ କରିଥିଲେ। ଏହାକୁ ପୋତି ଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ଏପଟେ ହିନ୍ଦୁସେନା କର୍ମୀମାନେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିବାରୁ ପରିସ୍ଥିତି ଅସ୍ୱାଭାବିକ ହୋଇଥିଲା। ଆଲୋଚନା ପରେ ସ୍ଥାନୀୟ ତହସିଲଦାରଙ୍କୁ ଅବଗତ କରାଯାଇଥିଲା। ପରେ ଅତିରିକ୍ତ ତହସିଲଦାର ଅମିତ ରାୟଙ୍କ ଉପସ୍ଥିତିରେ କଟା ହୋଇଥିବା ମାଂସ ଓ ମୁଣ୍ଡକୁ କଡ଼ା ସୁରକ୍ଷା ବଳୟରେ ଓରଣ୍ଡଠାରେ ଥିବା ଏକ ନିର୍ଜନ ସରକାରୀ ସ୍ଥାନରେ ଜେସିବି ମେସିନ ସହାୟତାରେ ପୋତି ଦିଆଯାଇଛି। ହିନ୍ଦୁସେନା ପକ୍ଷରୁ ଏକ ଲିଖିତ ଅଭିଯୋଗ ବାଲିକୁଦା ଥାନାରେ କରାଯିବା ସହ ଉକ୍ତ ଘଟଣାରେ ଜଡିତ ଥିବା ୫ ଜଣ ବ୍ୟକ୍ତିଙ୍କୁ ଗିରଫ ପାଇଁ ଦାବି କରାଯାଇଛି। ଗୁରୁବାର ସୁଦ୍ଧା ଗିରଫ କରାନଯାଏ ତେବେ ବାଲିକୁଦା ମୁଖ୍ୟରାସ୍ତା ଅବରୋଧ କରାଯାଇ ଆନ୍ଦୋଳନ କରି ପ୍ରତିବାଦ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ପୁଲିସ ଘଟଣାକୁ ଗୁରୁତର ସହ ନେଉଛି। ଖୁବଶୀଘ୍ର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଡିଏସପି ଶ୍ରୀ ଦାସ ସୂଚନା ଦେଇଛନ୍ତି। ଘଟଣାସ୍ଥଳରେ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

## ଗାଁକୁ ରାସ୍ତା ନାହିଁ; ଖଟିଆରେ ବୁହାହେଲେ ଗର୍ଭବତୀ

ଫିରିଙ୍ଗିଆ,୧୨।୧୧(ସମିସ): ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଗାଁକୁ ସହର ସହିତ ଯୋଡ଼ିବାକୁ ପକ୍କା ରାସ୍ତାର ବ୍ୟବସ୍ଥା କରିଛନ୍ତି। ହେଲେ ଏବେବି ଆଦିବାସୀ ବହୁଳ ଉପାନ୍ତ ଅଞ୍ଚଳରେ ପକ୍କା ରାସ୍ତା ନଥିବାରୁ ଲୋକେ ଦୁର୍ବିସହ ଜୀବନ ଜୀଉଁଛନ୍ତି। କେତେବେଳେ ଛାତ୍ରଛାତ୍ରୀ ଭରା ନଈରେ ଜୀବନକୁ ବାଜି ଲଗାଇ ଯାଉଛନ୍ତି ତ ଆଉ କେତେବେଳେ ଗର୍ଭବତୀ ଖଟିଆରେ ବୁହା ହୋଇ ମେଡିକାଲ ଯାଉଥିବା ଘଟଣା ନିତିଦିନିଆ ହୋଇଗଲାଣି।

ଏଭଳି ଏକ ଘଟଣା ଏବେ ସାମ୍ନାକୁ ଆସିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପାଙ୍ଗା ପଞ୍ଚାୟତ ଅନ୍ତର୍ଗତ ସବେରୀ ଗ୍ରାମରୁ। ଉକ୍ତ ଗ୍ରାମର ଜଣେ ଗର୍ଭବତୀଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ଆଶାକର୍ମୀ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ରାସ୍ତାର ଅବସ୍ଥା



ଶୋଚନୀୟ ସାଙ୍ଗକୁ ରାସ୍ତାରେ ଏକ ବଡ଼ ନାଳ ପଡୁଥିବାରୁ ଆମ୍ବୁଲାନ୍ସ ଗ୍ରାମଠାରୁ ୧କିଲୋମିଟର ଦୂର କାଲାଡି ପାଜିପାରି ଗାଁରେ ରହିଥିଲା। ପରେ ଆଶାଦିଦି, ଆମ୍ବୁଲାନ୍ସ ଡ୍ରାଇଭର ଓ ଗ୍ରାମବାସୀ ମିଶି ଖଟିଆରେ ୧ କିଲୋମିଟର ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବାପରେ ତାଙ୍କୁ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଉଭୟ ମା' ପୁଅ ସୁସ୍ଥ ଥିବା ସୂଚନା ମିଳିଛି। ରାସ୍ତାର ଅବସ୍ଥା କଦର୍ଯ୍ୟ ଥିବାରୁ ଆମ୍ବୁଲାନ୍ସ ଡ୍ରାଇଭର ଜିତୁ ମାଝୀ ଗର୍ଭବତୀଙ୍କୁ କାନ୍ଧରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଥିଲେ। ପ୍ରଶାସନ ଏହି ଗ୍ରାମର ସମସ୍ୟା ଓ ଯାତାୟତ ଯନ୍ତ୍ରଣାକୁ ହୃଦୟଙ୍ଗମ କରି ଯଥାଶୀଘ୍ର ପକ୍କାରାସ୍ତା ନିର୍ମାଣ କରିବା ସହ ମେଣ୍ଡମୁଣ୍ଡା ନାଳରେ ପୋଲ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବାରବାଟୀରେ କ୍ରିକେଟ ମ୍ୟାଚ୍ | ପ୍ରାଥମିକତା ହେଉ ସୁରକ୍ଷା ବ୍ୟବସ୍ଥା ସହିତ ତ୍ରୁଟିଶୂନ୍ୟ ଆୟୋଜନ : ବିଜେଡି

ଭୁବନେଶ୍ୱର,୧୨।୧୧(ସମିସ): ଆସନ୍ତା ଡିସେମ୍ବର ୯ରେ ବାରବାଟୀରେ ହେବାକୁଥିବା ଭାରତ ଓ ଦକ୍ଷିଣ ଆଫ୍ରିକା ଟି-୨୦ କ୍ରିକେଟ ମ୍ୟାଚରେ ସୁରକ୍ଷାକୁ ସୁନିଶ୍ଚିତ କରାଯାଉ ଓ ଆୟୋଜନ ତ୍ରୁଟିଶୂନ୍ୟ ହେଉ ବୋଲି ଦାବି କରିଛି ବିଜେଡି। ଦଳର ମୁଖପାତ୍ର ମିହିର ରାୟ କହିଛନ୍ତି ଯେ ସମ୍ପ୍ରତି ଦେଶର ରାଜଧାନୀ ଦିଲ୍ଲୀ ଠାରେ ଘଟିଥିବା ଆତଙ୍କୀ ବିସ୍ଫୋରଣ ଯୋଗୁ ଦେଶରେ ହାଇଆଲର୍ଟ ଜାରି କରାଯାଇଛି। ଏହି ପରିପ୍ରେକ୍ଷୀରେ ଭାରତ ଓ ଦକ୍ଷିଣ ଆଫ୍ରିକା ମ୍ୟାଚ ବେଳେ ସୁରକ୍ଷା ଏକ ମୁଖ୍ୟ ପ୍ରସଙ୍ଗ। ଏହା ସହିତ ଏହି ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚକୁ ତ୍ରୁଟିଶୂନ୍ୟ ଭାବେ ଆୟୋଜନ କରିବା ମଧ୍ୟ ଏକ ଗୁରୁ ଦାୟିତ୍ୱ। ଗତବର୍ଷ ଭାରତ ଓ ଇଂଲଣ୍ଡ ମଧ୍ୟରେ ବାରବାଟୀ ଷ୍ଟାଡିଅମରେ ଅନୁଷ୍ଠିତ ହୋଇଥିବା ଏକଦିବସୀୟ ମ୍ୟାଚ ବେଳେ ଯେଉଁଭଳି ଭାବେ ଷ୍ଟାଡିଅମର ଫ୍ଲଡ ଲାଇଟରେ ବିଭ୍ରାଟ ଦେଖା ଦେଇଥିଲା ତାର ପୁନରାବୃତ୍ତି ହେବା ଅନୁଚିତ। ତେଣୁ ତ୍ରୁଟିଶୂନ୍ୟ ଭାବେ କିଭଳି ମ୍ୟାଚଟିକୁ ଆୟୋଜନ କରାଯାଇ ପାରିବ, ରାଜ୍ୟ ସରକାର ସେଥିପ୍ରତି ଯତ୍ନବାନ ହେବା ଦରକାର। ଅତୀତରେ ଅନୁଷ୍ଠିତ କ୍ରିକେଟ ମ୍ୟାଚରେ ଫ୍ଲଡ଼ ଲାଇଟ୍ ବିଭ୍ରାଟ ଓଡ଼ିଶାକୁ ସାରା ବିଶ୍ୱରେ ନିନ୍ଦିତ କରିଥିଲା। ମାତ୍ର ଏଥିରେ କିଏ ପ୍ରକୃତ ଦୋଷୀ ଓ ଏତେ ପ୍ରସ୍ତୁତି ସତ୍ତ୍ୱେ କିପରି ଏଭଳି ଅଭାବନୀୟ ସ୍ଥିତି ଉପୁଜିଲା, ତାକୁ ନେଇ କୌଣସି ସ୍ୱଷ୍ଟତା ଆସି ନଥିଲା। କେବଳ ଧର୍ମକୁ ଆଖିଠାର ସଦୃଶ୍ୟ ସରକାରଙ୍କ ପକ୍ଷରୁ ଗୋଟିଏ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଏହାଛଡା ଏହି କ୍ରିକେଟ ମ୍ୟାଚକୁ ଦେଖିବା ପାଇଁ ଓସିଏ ପକ୍ଷରୁ ବଣ୍ଟନ କରାଯାଇଥିବା ପାସରେ ମଧ୍ୟ ବ୍ୟାପକ ହେରଫେର ହୋଇଥିବା ଅଭିଯୋଗ ହୋଇଥିଲା। ତେଣୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ହେବାକୁ ଯାଉଥିବା କ୍ରିକେଟ ମ୍ୟାଚଟି ତ୍ରୁଟିଶୂନ୍ୟ ଭାବେ ଆୟୋଜିତ ହେବା ଆବଶ୍ୟକ ବୋଲି ଶ୍ରୀ ରାୟ କହିଛନ୍ତି।

## ରାଜ୍ୟସ୍ତରୀୟ 'ସୁରଭି' ଉଦ୍‌ଘାଟିତ | ୩ ବର୍ଷରେ ୪୪,୪୩୩ ଶିକ୍ଷକ ନିଯୁକ୍ତି ଲକ୍ଷ୍ୟ

ଭୁବନେଶ୍ୱର,୧୨।୧୧(ସମିସ): ଶିଶୁମାନେ ହେଉଛନ୍ତି ସମାଜର ଭବିଷ୍ୟତ ଓ ନୂତନ ଆଶା। ସେମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଉଚିତ୍ ମାର୍ଗଦର୍ଶନ କରିବା ସମସ୍ତଙ୍କ ପ୍ରାଥମିକତା। ଏଥିପାଇଁ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଓ ଗୁଣାତ୍ମକ ବିକାଶ ପାଇଁ ସରକାର ପ୍ରୟାସ କରୁଛନ୍ତି। ବିଦ୍ୟାଳୟରେ ମନୋଜ୍ଞ ପରିବେଶ ସୃଷ୍ଟି କରିବା ସହିତ ଅତ୍ୟାଧୁନିକ ଶିକ୍ଷା ପ୍ରଦାନ କରିବାକୁ ପଦକ୍ଷେପ ନିଆଯାଉଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

- ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଓ ଗୁଣାତ୍ମକ ବିକାଶ ପାଇଁ ସରକାର ପ୍ରୟାସରତ: ମୁଖ୍ୟମନ୍ତ୍ରୀ
- ସମ୍ବର୍ଦ୍ଧିତ ହେଲେ ମେଧାବୀ ଛାତ୍ରଛାତ୍ରୀ; ଦିବ୍ୟାଙ୍ଗ ପିଲାଙ୍କୁ ହୁଇଲ୍ ଚେୟାର

ପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ "ସୁରଭି' କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବା ପାଇଁ ସୁରଭି ଏକ ପ୍ରକୃଷ୍ଟ ମାଧ୍ୟମ। ବିଦ୍ୟାର୍ଥୀଙ୍କ ଭିତରେ ଲୁଚି ରହିଥିବା ଅସଂଖ୍ୟ ସମ୍ଭାବନା ଏବଂ ଦକ୍ଷତାକୁ ନିଜେ ଜାଣନ୍ତୁ। ବଡ଼ ହେବା ପାଇଁ ସ୍ୱପ୍ନ ଦେଖନ୍ତୁ। କଠିନ ପରିଶ୍ରମ ଏବଂ ନିଷ୍ଠା ବଳରେ ତାକୁ ସାକାର କରିପାରିବେ ବୋଲି ଛାତ୍ରଛାତ୍ରୀଙ୍କୁ ସେ ପ୍ରୋତ୍ସାହିତ କରିଛନ୍ତି।

ସେହିପରି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ, ବିଦ୍ୟାଳୟରେ ଖାଲି ଥିବା ଶିକ୍ଷକ ପଦ ପୂରଣ କରିବାକୁ ସରକାର ପ୍ରାଥମିକତା ଦେଉଛନ୍ତି। ଆଗାମୀ ୩ ବର୍ଷରେ ୪୪ହଜାର ୪୩୩ ଶିକ୍ଷକ ନିଯୁକ୍ତ କରାଯିବ ବୋଲି କହିବା ସହ ପ୍ରତି ବର୍ଷ ପ୍ରାୟ ୧୫ ହଜାର ଲେଖାଏଁ ନିଯୁକ୍ତି ଦିଆଯିବ ବୋଲି ମନ୍ତ୍ରୀ ଘୋଷଣା କରିଛନ୍ତି। ଅନ୍ୟତମ ଅତିଥି ଭାବେ ବିଧାୟକ ବାବୁ ସିଂ ଯୋଗଦେଇଥିବାବେଳେ ବିଭାଗୀୟ ସଚିବ ଡ. ଏନ୍. ତିରୁମାଲା ନାଏକ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କର୍କରା ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ନିୟତୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଯୁକ୍ତ ଦୁଇ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି। କଳାରେ ଦେବେନ୍ଦ୍ର ଖମାରିଆ, ବିଜ୍ଞାନରେ ସୁଶିଲ କୁମାର ନାୟକ, ବାଣିଜ୍ୟରେ ସ୍ୱର୍ଣ୍ଣ ରେଖା ମନ୍ତ୍ରୀ ଏବଂ ଧନ୍ଦାମୂଳକ ଶିକ୍ଷାରେ ସୁପ୍ରିୟା ସୁତାରଙ୍କୁ ମୁଖ୍ୟମନ୍ତ୍ରୀ ୨୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ଭାଷା ବୃତ୍ତି ପାଇଁ ୫ ଜଣଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିବା ସହିତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ହୁଇଲ ଚେୟାର ଓ ଅନ୍ୟାନ୍ୟ ଉପକରଣ ପ୍ରଦାନ କରିଛନ୍ତି। ଏହାସହ ବିଭିନ୍ନ ପ୍ରତିଯୋଗିତା ଏବଂ ଶିକ୍ଷା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି।

## ଓଡ଼ିଶା କଂଗ୍ରେସ ପାଇଁ ଆଉ ଜଣେ ସହପ୍ରଭାରୀ ନିଯୁକ୍ତ

ଭୁବନେଶ୍ୱର,୧୨।୧୧(ସମିସ): ବରିଷ୍ଠ କଂଗ୍ରେସ ନେତା ଜେଟ୍ଟି କୁସୁମ କୁମାରଙ୍କୁ ଓଡ଼ିଶା ପିସିସି ସହପ୍ରଭାରୀ ଭାବେ ନିଯୁକ୍ତି ଦେଇଛି ଏଆଇସିସି। ପୂର୍ବରୁ ଓଡ଼ିଶା ସହପ୍ରଭାରୀ ଭାବେ କାର୍ଯ୍ୟ କରୁଥିବା ଆସାମର ବରିଷ୍ଠ କଂଗ୍ରେସ ନେତ୍ରୀ ରୋଜଲିନା ତିର୍କୀଙ୍କୁ କେଇମାସ ତଳେ ଦାୟିତ୍ୱରୁ ଅପସାରଣ କରିଦିଆଯାଇଥିଲା। ବର୍ତ୍ତମାନ କେବଳ ଶାହାନୱାଜ ଚୌଧୁରୀ ଓଡ଼ିଶା କଂଗ୍ରେସର ସହପ୍ରଭାରୀ ଭାବରେ କାର୍ଯ୍ୟ କରୁଥିବାବେଳେ ଜେଟ୍ଟି କୁସୁମକୁମାରଙ୍କୁ ଏବେ ସହପ୍ରଭାରୀ ନିଯୁକ୍ତି ମିଳିଛି। ପିସିସି ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କୁ ବିଭିନ୍ନ ସାଂଗଠନିକ କାର୍ଯ୍ୟରେ ଏହି ସହ ପ୍ରଭାରୀମାନେ ସହାୟତା କରିବେ।

## ଅପରାଜିତା ଯୁଗ୍ମ ସଂସଦୀୟ କମିଟିର ଅଧ୍ୟକ୍ଷ

ଭୁବନେଶ୍ୱର,୧୨।୧୧(ସମିସ): ସଂସଦରେ ଆଗତ ହୋଇଥିବା ୩ଟି

**ସଂସଦରେ ଆଗତ ୩ ଗୁରୁତ୍ୱପୂର୍ଣ୍ଣ ବିଲ୍ ସମ୍ପର୍କରେ କରିବ ଅନୁଧ୍ୟାନ**

ଗୁରୁତ୍ୱପୂର୍ଣ୍ଣ ବିଲ୍ ସମ୍ପର୍କରେ ଅନୁଧ୍ୟାନ ଲାଗି ଗଠିତ ସଂସଦୀୟ କମିଟିରେ ଅଧ୍ୟକ୍ଷ ଭାବରେ ନିଯୁକ୍ତି ପାଇଛନ୍ତି ବିଜେପି ସାଂସଦ ଅପରାଜିତା ଷଡ଼ଙ୍ଗୀ। ସମ୍ବିଧାନ (୧୩୦ ତମ ସଂଶୋଧନ) ଅଧିନିୟମ, ୨୦୨୫, ଜମ୍ମୁ ଓ କାଶ୍ମୀର ପୁନର୍ଗଠନ (ସଂଶୋଧନ) ଅଧିନିୟମ, ୨୦୨୫ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଶାସନ (ସଂଶୋଧନ) ଅଧିନିୟମ ୨୦୨୫ ସମ୍ପର୍କରେ ଏହି ଜେପିସି ଅନୁଧ୍ୟାନ କରିବ। ୩୧ ସଦସ୍ୟ ବିଶିଷ୍ଟ ଜେପିସିରେ ଲୋକସଭାରୁ ୨୧ ଏବଂ ରାଜ୍ୟସଭାରୁ ୧୦ ଜଣ ସଦସ୍ୟ ସ୍ଥାନ ପାଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୩୭ ଦିନର...

୧୯ରେ କଶ୍ମୀରରୁ ଜୈସର ପୋଷ୍ଟର ଦେଖିବାକୁ ମିଳିଥିଲା। ଏଥିରୁ କୌଣସି ମଡ୍ୟୁଲୋ ସକ୍ରିୟ ଥିବା ଜଣାପଡ଼ିଥିଲା। ଏହି ଆତଙ୍କବାଦୀଙ୍କ ନେଟୱର୍କରେ ମହିଳା ସଦସ୍ୟ ଡ. ସାହିନ ସୈୟିଦ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଭାରତରେ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦର ମହିଳା ଶାଖାର ସେ ନେତୃତ୍ୱ ନେଉଥିଲା। ଜୈସର ମୁଖିଆ ମାସୁଦ ଆଝାରର ଭଉଣୀ ସାଦିଆ ଆଝାର ସହ ସାହିନ ଯୋଗାଯୋଗରେ ଥିଲା।

ତଦନ୍ତରୁ ଜଣାପଡ଼ିଛି ଯେ ଅକ୍ଟୋବର ୪ରେ ସହାରନପୁରରେ ଡ. ଆଦିଲର ବିବାହ ଡ. ରୁକୈୟା ସହ ହେଉଥିବାବେଳେ ଏହି ମଡ୍ୟୁଲୋ ସକ୍ରିୟ ହୋଇଥିଲା। ଏହି ବିବାହରେ କିଛି ସ୍ୱତନ୍ତ୍ର ଅତିଥି ସାମିଲ ହୋଇଥିଲେ। ଏବେ ସୁରକ୍ଷା ଏଜେନ୍ସିଗୁଡିକ ସେମାନଙ୍କୁ ଚିହ୍ନଟ କରୁଛନ୍ତି। ବିବାହର ଦିନକ ପରେ ଏହି ମଡ୍ୟୁଲୋ କାମ ଆରମ୍ଭ କରିଦେଇଥିଲା। ଡ. ଆଦିଲ ଲଜିଷ୍ଟିକ ଏବଂ ଆର୍ଥିକ ଚ୍ୟାନେଲକୁ ସମ୍ଭାଳୁ ଥିଲା। ମେଡିକାଲ ପ୍ରଫେସନ ଆଳରେ ପାଣ୍ଠି ସଂଗ୍ରହ ଏବଂ ଯୋଗାଣ ଚ୍ୟାନେଲ ପ୍ରତିଷ୍ଠା ଏହାର ଉଦ୍ଦେଶ୍ୟ ଥିଲା।

ଅକ୍ଟୋବର ୧୯ରେ କଶ୍ମୀର ନୌଗାମ ଅଞ୍ଚଳରୁ ଜୈସ ପୋଷ୍ଟର ମିଳିବା ପରେ ଏହି ମାମଲାର ତଦନ୍ତ ଆରମ୍ଭ ହୋଇଥିଲା। ଏହାର କିଛି ଦିନ ପରେ ଅକ୍ଟୋବର ୨୭ରେ ୨୫ରୁ ଅଧିକ ପୋଷ୍ଟର ଲଗା ଯାଇଥିଲା। ୫୦ରୁ ଅଧିକ ଅଧିକାରୀ ଏହି ମାମଲାର ତଦନ୍ତ କରିଥିଲେ। ସିସିଟିଭିରେ ଡ. ଆଦିଲକୁ ଦେଖିବାକୁ ପାଇଥିଲେ। ସେ ପାକିସ୍ତାନୀ ହ୍ୟାଣ୍ଡଲର୍ସଙ୍କ ସହ ଜଡ଼ିତ ଥିବା ଫୋନ୍ ସର୍ଭିଲାନ୍ସରୁ ଜଣା ପଡ଼ିଥିଲା। ସହାରନପୁରରେ ତାର ଫୋନ ଥିବା ଜଣାପଡ଼ିଥିଲା। ଗତ ୬ ତାରିଖରେ ତାକୁ ଗିରଫ କରାଯାଇଥିଲା। ତା' ନିକଟରୁ ଏକେ-୪୭, ଗ୍ରେନେଡ ଏବଂ ବିସ୍ଫୋରକ ଜବତ କରାଯାଇଥିଲା। ଜେରା ସମୟରେ ଫରିଦାବାଦରେ ପଢୁଥିବା ଡ.ମୁଜାମିଲ ପାଖରେ ବିପୁଳ ବିସ୍ଫୋରକ ଥିବା ସେ କହିଥିଲା। ଏହା ପରେ ଗତ ୯ ତାରିଖରେ ଜମ୍ମୁ-କଶ୍ମୀର ପୁଲିସ ହାଇଦରାବାଦରେ ପହଞ୍ଚି ୧୦ ତାରିଖରେ ମୁଜାମିଲକୁ ଧରି ଥିଲା। ଏ ପର୍ଯ୍ୟନ୍ତ ଏହି ମାମଲାରେ ୬ ଜଣ ଡାକ୍ତରଙ୍କୁ ଗିରଫ କରାଗଲାଣି। ଜଣେ ଡାକ୍ତର ମଧ୍ୟ ଫେରାର ରହିଛି।

ଏହା ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ସନ୍ଧ୍ୟାରେ ସୁରକ୍ଷା ସମ୍ବନ୍ଧିତ କ୍ୟାବିନେଟ କମିଟି ବୈଠକ ଡକାଇ ଥିଲେ। ଏଥିରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ଏନଏସଏ ଅଜିତ ଡୋଭାଲ, ବିଦେଶମନ୍ତ୍ରୀ ଏସ ଜୟଶଙ୍କର ସାମିଲ ହୋଇଥିଲେ। ଏଥିରେ ଦିଲ୍ଲୀ ବିସ୍ଫୋରଣରେ ପ୍ରାଣ ହରାଇଥିବା ଲୋକଙ୍କୁ ଶ୍ରଦ୍ଧାଞ୍ଜଳୀ ଦିଆଯାଇଥିଲା ଏବଂ ୨ ମିନିଟ ପାଇଁ ମୌନ ରଖାଯାଇଥିଲା।

### ୭ ନିର୍ବାଚନ...

ଜୋର ଧରିଛି। ପୂର୍ବ ଇତିହାସ ଦେଖିଲେ ବିହାରରେ ଏକଜିଟ୍ ପୋଲ କେବେବି ସମ୍ପୂର୍ଣ୍ଣ ସତ୍ୟ ହୋଇ ନାହିଁ। ଅଧିକାଂଶ ସମୟରେ ଏକଜିଟ୍ ପୋଲଗୁଡ଼ିକ ଆସନ ସଂଖ୍ୟାକୁ ନେଇ ତ୍ରୁଟିପୂର୍ଣ୍ଣ ରିପୋର୍ଟ ଦେଇଛନ୍ତି। ଜାତି ଆଧାରିତ ଭୋଟ ପ୍ରଦାନ ଧାରା, ପ୍ରବାସୀ ଭୋଟର, ନୀରବ ଭୋଟର ଓ ମହିଳା ଭୋଟର ସର୍ବଦା ବିହାର ନିର୍ବାଚନକୁ ନିୟନ୍ତ୍ରଣ କରି ଆସିଛନ୍ତି। ଗତ ନିର୍ବାଚନରେ ଏହି ଚାରିଟି ପ୍ରମୁଖ ପ୍ରସଙ୍ଗ ମଧ୍ୟ ଯଥେଷ୍ଟ ଗୁରୁତ୍ୱବହନ କରିଛି। ଜଟିଳ ଜାତି ସମୀକରଣ ଓ ଛୋଟଛୋଟ ଜାତିର ଭୋଟରମାନଙ୍କ ମତିଗତିକୁ ଆକଳନ କରିବାରେ ଅସାମର୍ଥ୍ୟତା ଯୋଗୁ ଅଧିକାଂଶ ସମୟରେ ଏକଜିଟ୍ ପୋଲ ସଠିକ୍ ହୋଇ ପାରି ନ ଥିବା କୁହାଯାଉଛି। ସେହିପରି ଏକ୍‌ଜିଟ୍ ପୋଲର ଇତିହାସକୁ ଦେଖିଲେ ୧୮ ମାସରେ ୭ଟି ରାଜ୍ୟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଏହା ପ୍ରାୟତଃ ସତ୍ୟ ପ୍ରମାଣିତ ହୋଇନାହିଁ। ମହାରାଷ୍ଟ୍ର ନିର୍ବାଚନ ଫଳାଫଳ ଏକଜିଟ୍ ପୋଲର ସବୁ ଆକଳନକୁ ସମ୍ପୂର୍ଣ୍ଣ ମିଥ୍ୟା ପ୍ରମାଣିତ କରିଥିଲା। ଏପରିକି ଏଜେନ୍ସିଗୁଡ଼ିକ ୪୦% ମଧ୍ୟ ସଠିକ୍ ଆକଳନ କରିବାରେ ବ୍ୟର୍ଥ ହୋଇଥିଲା। ଝାଡ଼ଖଣ୍ଡରେ ଏକଜିଟ୍ ପୋଲ ଫଳାଫଳ ମିଶ୍ରିତ ଥିଲା। କେବଳ ଗୋଟିଏ ଏଜେନ୍ସି ବ୍ୟତୀତ ଅନ୍ୟମାନେ ପ୍ରାୟତଃ ଭୋଟରଙ୍କ ମତିଗତି ଆକଳନ କରିବାରେ ବ୍ୟର୍ଥ ହୋଇଥିଲେ। ଦିଲ୍ଲୀ ବିଧାନସଭା ନିର୍ବାଚନରେ ୯ଟି ଶୀର୍ଷ ଏଜେନ୍ସି ମଧ୍ୟରୁ ୫ଟିର ଆକଳନ ପ୍ରାୟ ୮୦% ସଠିକ୍ ସାବ୍ୟସ୍ତ ହୋଇଥିଲା। ଅନ୍ୟ ୪ଟିର ଫଳାଫଳ ୫୦% ପର୍ଯ୍ୟନ୍ତ ସତ୍ୟ ହୋଇଥିଲା। ଅପରପକ୍ଷରେ ଜମ୍ମୁ ଏବଂ କାଶ୍ମୀର ବିଧାନସଭା ନିର୍ବାଚନ ସଂକ୍ରାନ୍ତ ଏକଜିଟ୍ ପୋଲର ଆକଳନ ପ୍ରାୟତଃ ଓଲଟା ହୋଇଥିଲା। ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନରେ ଏକଜିଟ୍ ପୋଲ ସମ୍ପୂର୍ଣ୍ଣ ଭୁଲ ହୋଇଥିଲା। ଏଠାରେ ବିଆରଏସ୍ ପୁନର୍ବାର କ୍ଷମତାକୁ ଫେରିବ ବୋଲି ସବୁ ଏକଜିଟ୍ ପୋଲ ଆକଳନ କରିଥିଲେ ହେଁ ବିଆର୍ଏସ୍ ପ୍ରଚଣ୍ଡ ପରାଭବ ଭୋଗିଥିଲା ଓ କଂଗ୍ରେସ କ୍ଷମତାକୁ ଆସିଥିଲା। ଓଡ଼ିଶାରେ ମଧ୍ୟ ଠିକ୍ ତାହା ହିଁ ଦେଖାଯାଇଥିଲା। ବିଜେଡି ୯୦ରୁ ୧୧୦ ଆସନରେ ବିଜୟୀ ହେଇ କ୍ଷମତାକୁ ପ୍ରତ୍ୟାବର୍ତ୍ତନ କରିବ ବୋଲି ଅଧିକାଂଶ ଏକଜିଟ୍ ପୋଲରେ କୁହାଯାଇଥିଲେ ହେଁ ତାହା ସତ୍ୟ ହୋଇ ନ ଥିଲା।

### ନୂଆପଡ଼ାରେ ରେକର୍ଡ...

ଗ୍ରାମର ମହିଳା ଭୋଟର ଜୟନ୍ତୀ ଛତ୍ରିଆଙ୍କ ନାମରେ ଆଉ କେହି ଭୋଟ ଦେଇଥିବା ନେଇ ସେ ଅଭିଯୋଗ କରିଥିଲେ। ଏହାକୁ ଗୁରୁତର ସହ ନେଇ ସେହି ଅଭିଯୋଗ ସମ୍ପର୍କରେ କ୍ଷେତ୍ର ଅଧିକାରୀ ଓ ପୁଲିଙ୍ଗ ଅଧିକାରୀମାନେ ତତ୍‌କ୍ଷଣାତ ଯାଞ୍ଚ କରିଥିଲେ। ମାତ୍ର ତାହା ସତ୍ୟ ନୁହେଁ ବୋଲି ଜଣାପଡ଼ିଛି। ସେହିପରି ପୋଲିଂ ଷ୍ଟେସନ ନମ୍ବର ୨୫୦ ରେ ଭୋଟିଂ ତଥ୍ୟ ମେଳ ନ ଖାଇବାର ଅଭିଯୋଗ ଅସତ୍ୟ ବୋଲି ସିଇଓ କହିଛନ୍ତି। ଅପରପକ୍ଷେ ମତଦାନ ଶେଷ ହେବା ପରେ ସମସ୍ତ ଇଭିଏମ ଏବଂ ଭିଭି.ପ୍ୟାଟକୁ ନିର୍ଦ୍ଦିଷ୍ଟ ଷ୍ଟ୍ରଙ୍ଗରୁମରେ ତିନି-ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହ ରଖାଯାଇଛି। ଷ୍ଟ୍ରଙ୍ଗରୁମ ଟି ୨୪ ଘଣ୍ଟା ସିସିଟିଭି ନିରୀକ୍ଷଣରେ ରହିଛି। ମେସିନଗୁଡିକର ମୁଦ ଓ ସଂରକ୍ଷଣ ପ୍ରକ୍ରିୟା ସମସ୍ତ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ଭିଡିଓଗ୍ରାଫି ସହ ସମ୍ପନ୍ନ ହୋଇଛି ବୋଲି ସେ ଅବଗତ କରାଇଛନ୍ତି। ଅପରପକ୍ଷେ ବିପୁଳ ସଂଖ୍ୟାରେ ମତଦାନ କରି ଗଣତନ୍ତ୍ରର ପର୍ବକୁ ସଫଳ କରିଥିବା ସମସ୍ତ ମତଦାତାଙ୍କୁ ଧନ୍ୟବାଦ ଜଣାଇଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ।

### ଦାରିଙ୍ଗବାଡ଼ିରେ ୮ ଡିଗ୍ରୀ...

ଫୁଲବାଣୀ ୧୦, ଝାରସୁଗୁଡ଼ାରେ ୧୦.୬ ରେକର୍ଡ ହୋଇଛି। ଏହି ସହରଗୁଡ଼ିକ ସମେତ ରାଜ୍ୟର ମୋଟ୍ ୨୧ ସହରରେ ତାପମାତ୍ରା ୧୫ ଡିଗ୍ରୀ ତଳେ ପାରଦ ରହିଛି। ରାଜ୍ୟର ଅନ୍ୟ ସହର ଭଳି ଦ୍ୱୈତ ନଗରୀରେ ମଧ୍ୟ ଥଣ୍ଡା ବଢ଼ିଛି। ଗତ ୨୪ ଘଣ୍ଟାରେ କଟକରେ ତାପମାତ୍ରା ୧୫.୨ ଡିଗ୍ରୀ ରହିଥିବା ବେଳେ ଭୁବନେଶ୍ୱରରେ ତାପମାତ୍ରା ୧୫.୫ ଡିଗ୍ରୀ ରେକର୍ଡ ହୋଇଛି।

### ଜେମିନି ଏଆଇ...

ଅଭିଯୋଗ ହୋଇଛି, ଯାହା ଫଳରେ ୟୁଜରଙ୍କ ଅଜାଣତରେ କିମ୍ବା ସମ୍ମତି ବିନା ବ୍ୟକ୍ତିଗତ ତଥ୍ୟ ସଂଗ୍ରହ ହୋଇଥିଲା। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, କ୍ଲାସ୍-ଆକ୍ସନ୍ ମାମଲାରେ କୁହାଯାଇଛି ଯେ ଯଦି ଜଣେ ଉପଭୋକ୍ତା ଜେମିନି ଏଆଇକୁ ବନ୍ଦ କରିବାକୁ ଚାହାଁନ୍ତି, ତେବେ ତାଙ୍କୁ ଗୁଗୁଲ୍‌ର ଗୋପନୀୟତା ସେଟିଂସକୁ ଆକ୍ସେସ୍ କରି ମାନୁଆଲି କରିବାକୁ ପଡିବ। ଅନ୍ୟଥା, ଜେମିନି ଏଆଇ ସମସ୍ତ ରେକର୍ଡ କରାଯାଇଥିବା ଡାଟାକୁ ଆକ୍ସେସ୍ କରିପାରିବ, ଯେଉଁଥିରେ ଜି-ମେଲ୍‌ରେ ପଠାଯାଇଥିବା ଏବଂ ପ୍ରାପ୍ତ ହୋଇଥିବା ସମସ୍ତ ଇ-ମେଲ୍ ଏବଂ ଆଟାଚମେଣ୍ଟ ଅନ୍ତର୍ଭୁକ୍ତ। ମାମଲା ଗୁଗୁଲ୍ ଉପରେ କାଲିଫର୍ଣ୍ଣିଆ ଇନଭାଜନ୍ ଅଫ୍ ପ୍ରାଇଭେସି ଆକ୍ଟ (୧୯୬୭) ଉଲ୍ଲଙ୍ଘନ କରିବାର ଅଭିଯୋଗ ଆଣିଛି। ଏହି ଆଇନ ସମସ୍ତ ପକ୍ଷଙ୍କ ଅନୁମତି ବିନା କାହାର ବ୍ୟକ୍ତିଗତ କଥାବାର୍ତ୍ତା କିମ୍ବା ତଥ୍ୟ ରେକର୍ଡ କରିବା ନିଷେଧ କରେ। ଗୁଗୁଲ୍ ଏ ପର୍ଯ୍ୟନ୍ତ ଏହି ବିଷୟରେ ସରକାରୀ ଭାବେ କୌଣସି ମନ୍ତବ୍ୟ ଦେଇନାହିଁ।

### ଅନିଶ୍ଚିତତା ଘେରରେ...

ଦାବି କରାଯାଉଛି। କିନ୍ତୁ ଭିତ୍ତିଭୂମି ପ୍ରସ୍ତୁତିରେ ପ୍ରୟାସ ସୀମିତ ନ ରହି ଖେଳାଳିଙ୍କ ଗୁଣାତ୍ମକ ମାନ ବଢ଼ାଇବା ସହ ପ୍ରତିଯୋଗିତାମୂଳକ କ୍ରିକେଟକୁ ଦୃଷ୍ଟିରେ ରଖି ପ୍ରସ୍ତୁତି ଓ ପ୍ରଶିକ୍ଷଣ ହିଁ ବର୍ତ୍ତମାନର ଆବଶ୍ୟକତା। ଏଣୁ ଓସିଏ ତୃଣମୂଳ ସ୍ତରରୁ ପ୍ରତିଭା ଚିହ୍ନଟ କରିବା ସହ ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଯୋଗାଇଦେବା ଆବଶ୍ୟକ ବୋଲି କ୍ରୀଡ଼ାପ୍ରେମୀ ମାନେ ଦାବି କରନ୍ତି।

ଅନ୍ୟପକ୍ଷରେ ଓସିଏ ଇତିହାସକୁ ଦେଖିଲେ ଏହା କେବଳ କଟକ, ଭୁବନେଶ୍ୱର, ସମ୍ବଲପୁର, ରାଉରକେଲା ଭଳି ସହରାଞ୍ଚଳର ପ୍ରତିଭାଙ୍କ ଉପରେ ଗୁରୁତ୍ୱ ଦେଇଆସିଛି। ଏବେ ଏଥିରେ ପରିବର୍ତ୍ତନ ହେବା ଆବଶ୍ୟକ। ଯୁବ ଓ ଉଦୀୟମାନ ପ୍ରତିଭାଙ୍କ ଅଭାବ ଦଳର ପ୍ରଦର୍ଶନକୁ ବହୁଳ ଭାବେ ପ୍ରଭାବିତ କରୁଛି। ଏଣୁ ତୃଣମୂଳସ୍ତରରୁ ପ୍ରତିଭା ଚିହ୍ନଟ ପ୍ରକ୍ରିୟାକୁ ଅଧିକ ବ୍ୟାପକ କରାଯିବାର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ପ୍ରତିଭା ଚିହ୍ନଟରେ କେବଳ ସହରାଞ୍ଚଳକୁ ଗୁରୁତ୍ୱ ଦିଆ ନ ଯାଇ ଗ୍ରାମାଞ୍ଚଳ ଓ ଉପାନ୍ତ ଅଞ୍ଚଳକୁ ମଧ୍ୟ ପ୍ରାଧାନ୍ୟ ଦେବାରେ ଓସିଏ ଯତ୍ନବାନ ହେବା ଆବଶ୍ୟକ ବୋଲି କ୍ରୀଡ଼ାବିତ୍ ମହଲରେ ଦାବି ହେଉଛି। ଏପରି କରା ନଗଲେ ଓଡ଼ିଶା କ୍ରିକେଟର ଅବନତି ହେବା ସହ ଟିମ୍ ଇଣ୍ଡିଆ ଜର୍ସିରେ ଓଡ଼ିଶା ଖେଳାଳିଙ୍କୁ ପୁଣି ଥରେ ଦେଖିବା ସ୍ୱପ୍ନ ପାଲଟିଯିବ ବୋଲି ପୂର୍ବତନ କ୍ରିକେଟର ତଥା ପ୍ରଶାସକ ପଵନ ଅଗରୱାଲ କହିଛନ୍ତି।

ବରିଷ୍ଠ ଦଳର ଅଣଓଡ଼ିଆ ମୁଖ୍ୟ ପ୍ରଶିକ୍ଷକଙ୍କୁ ନେଇ ଆଲୋଚନା ତୀବ୍ର ହେଉଥିବା ବେଳେ ଏ ବାବଦରେ ମଧ୍ୟ ପଵନ ମୁହଁ ଖୋଲିଛନ୍ତି। ଦଳରେ ଅଭିଜ୍ଞ ଖେଳାଳିଙ୍କ ଅଭାବ ନାହିଁ। ମାତ୍ର ପ୍ରଶିକ୍ଷକ ସେମାନଙ୍କୁ ମାର୍ଗଦର୍ଶନ କରିବାରେ ହେଳା କରୁଛନ୍ତି। ବୋଧହୁଏ ମୁଖ୍ୟ ପ୍ରଶିକ୍ଷକ ଓଡ଼ିଶା କ୍ରିକେଟକୁ ଗୁରୁତ୍ୱ ଦେଉ ନାହାନ୍ତି ବୋଲି ପଵନ କହିଛନ୍ତି।

ବରୋଦା, ଆନ୍ଧ୍ରପ୍ରଦେଶ ଏବଂ ବିଦର୍ଭଠାରୁ ପରାଜୟବରଣ କରିଥିବା ଓଡ଼ିଶା ଦଳ ପରବର୍ତ୍ତୀ ମୁକାବିଲାରେ ନାଗାଲାଣ୍ଡ, ତାମିଲନାଡୁ ଏବଂ ଝାଡଖଣ୍ଡକୁ ଭେଟିବ। ଭାରତୀୟ ଘରୋଇ କ୍ରିକେଟ ଜଗତରେ ତାମିଲନାଡୁ ଏବଂ ଝାଡଖଣ୍ଡ ଉଭୟ ଶକ୍ତିଶାଳୀ ଦଳ। ଏଭଳି ପରିସ୍ଥିତିରେ ନାଗାଲାଣ୍ଡଠାରୁ ହାରିଲେ ଓଡ଼ିଶା ପ୍ଲେଟ ଗ୍ରୁପକୁ ଖସିବା ନିଶ୍ଚିତ ହୋଇଯିବ। ଚଳିତ ସିଜନ ଆରମ୍ଭ ହେବା ଆଗରୁ ରାଜ୍ୟ ଦଳକୁ ବିଦେଶ ଏକ୍ସପୋଜର ଟୁର୍‌ରେ ଶ୍ରୀଲଙ୍କା ପଠାଯାଇଥିଲା। ସେଠାରୁ ଫେରିବା ପରେ ଅଭ୍ୟାସ ନିମନ୍ତେ ଅନନ୍ତପୁର ଯାଇଥିଲା ଦଳ। ପରେ ବୁଚିବାବୁ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିଲା। ସିଜନ ଆରମ୍ଭର କିଛି ଦିନ ଆଗରୁ ଖେଳାଳିଙ୍କ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଆଯାଇ ପ୍ରତ୍ୟେକଙ୍କୁ ସ୍ୱତନ୍ତ୍ର କେନ୍ଦ୍ରରେ ରଖାଯାଇଥିଲା। ରାଜ୍ୟ ସଂଘ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିଲେ ସୁଦ୍ଧା କ୍ରିକେଟର ବିକାଶ କରାଇବା ସମ୍ଭବପର ହୋଇନାହିଁ। ଏଥି ପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନର ମନୋମୁଖୀ ଆଚରଣ ଏବଂ ଦୂରଦୃଷ୍ଟି ଅଭାବକୁ ଦାୟୀ କରାଯାଉଛି।


**LOST**

I **NARAYAN SAHU,** S/o. Haraprasad Sahu, aged about 42 years, At- Kalampur, Ps- Kalampur, Po- Kalampur, Dist- Kalahandi, Odisha, I have lost my **Sale Deed No. 11781900085,** dated- **15/03/2019.** On the way while from Tahasil office to my house on dated- 15/03/2019 I lost my beg in which I have kept my sale deed documents, **ROR Mouza- Kalampur, Khata No- 412/62** and did not find it and could not be search every where if any body found may contact:

**Advocate: Dipti Ranjan Baral**
**MOB. 7008424871**

**AFFIDAVIT**

I,Siddthartha Chichkhede S/O late Pandurang Chichkhede, resides Udaigiri,Room no.406,NTPC Darlipalli township,PO- Darlipalli , Dist- Sundargarh, Pin- 770072, Odisha declare by this affidavit No.603 dated- 28/07/2025 that now onwards I shall be known is **SIDDHARTH CHICHKHEDE** for all future purposes.

**AFFIDAVIT**

I, ANIL KU AGARWAL, aged about 53 years, D/o- Dilip Chand Agarwal, Resident of 26, NH-42, Hulurisinga, PO: Angul, Dist.: Angul, Odisha, PIN-759122 declared by this Affidavit No.: 2958, Dated: 25.08.2025. That now onwards I shall be known as **ANIL KUMAR AGARWAL** for all future Purposes.

**AFFIDAVIT**

By virtue of an affidavit no. 7178, before the Executive Magistrate, Chandbali, dtd.10.11.2025, I, Madhab Charan Das, At- Bishrampur, Po-Orasahi, Ps- Chandbali, Bhadrak- 756133 have changed my minor daughter's name from Subhashree Subhasmita Das to Shubhashree Subhasmita Das. Henceforth she will be known as **Shubhashree Subhasmita Das** for all purposes.

**Sd/- Madhab Charan Das**

**AFFIDAVIT**

I, Sarita Hanuman, D/o- Biraj Hanuman, resident of 131, F Block, 1st Floor, East View apartment, Kanan Vihar-II, PO-Patia, PS- Chandrasekharpur, Dist- Khordha, PIN- 751031, Odisha declare by this affidavit no. 2298 dtd- 12.11.2025, that now onwards I shall be known as SARITA ROSHAN MINZ for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar dated 11/11/2025, C.F No. 36/11.11.2025. I, Baishakhi Sethi D/O Pramod Kumar Sethi, At- Namatara, Po- Namatara, Ps-Rajkanika, Dist- Kendrapara, Odisha, Pin- 754220, declare that I have changed my owned name Baishali Sethi to Baishakhi Sethi. Henceforth, I shall be known as new name Baishakhi Sethi for all purposes.

**Baishakhi Sethi**

**NOTICE**

By virtue of an affidavit sworn before the Executive Magistrate, Athmallik dated 11th November 2025, I, Mr. SIDHARTHA BAGHA address Village : NUAGAON , P.O. : MADHAPUR, P.S.: ATHMALLIK, District : ANGUL, PIN : 759125 , STATE : ODISHA, declare that I have changed my name from SIDHANT BAGHA to SIDHARTHA BAGHA. Henceforth, I shall be known as SIDHARTHA BAGHA for all purposes.

**SIDHARTHA BAGHA**

**NOTICE**

By virtue of an affidavit sworn before Executive Magistrate, Puri, dated 07.11.2025 I, Shyama Sundara Sahoo, S/O Late Narasinha Sahoo, C/O Pravasini Sahoo, Sidhamahavir, Gouda sahi Ps: Talabania, Dist: Puri declare that I have changed my name from Shyama Sundar Sahoo to Shyama Sundara Sahoo. Henceforth, I shall be known as Shyama Sundara Sahoo for all purposes.

**Shyama Sundara Sahoo**

**AFFIDAVIT**

I, Mahammed Salim, aged about 48 years, S/o- Sher Mahammed, resident of Kalimandir Pada, Po- Bhawanipatna, Ps- Town, Bhawanipatna, Dist-Kalahandi, Odisha, PIN- 766001 declare by this affidavit No.2297, dtd- 11/11/2025, that now onwards I shall be known as **MOHAMMED SALIM** for all future purposes.

**AFFIDAVIT**

I, Rafijan Bibi, W/O- Shaikh Kadir, resident of At- Patharpura, Po/Ps- Jaleswar, Dist- Balasore, Odisha, Pin- 756032, declare by this affidavit No.620, dated: 11/11/2025, that now onwards I shall be known as **Raphijan Bibi** for all future purposes.

**AFFIDAVIT**

I, **SARAT KUMAR SAHOO**, aged about 66 years, S/o.: Mukunda Charan Sahoo, resident of Plot No.: 130, Gandhimandir Road, Meena Bazar, PS./Dist.: Dhenkanal, Odisha, PIN-759001, Aadhaar No.: 2477 7087 6474; do hereby solemnly affirm that, I am the deponent of this affidavit. My actual and correct name is **SARAT KUMAR SAHOO** mentioned in my Aadhaar Card and in other documents but my name has been wrongly mentioned as SARATA KUMAR SAHOO in the Passport of my daughter **Puspita Priyadarshini vide No. N6836474** issued by Govt. of India. That, I do hereby declare that, **"SARAT KUMAR SAHOO" & "SARATA KUMAR SAHOO"** are one & same person i.e. myself. This affidavit is required to be produced before the concerned authority for information and necessary action as and when required. That, the facts stated above are true to the best of my knowledge and belief.

**AFFIDAVIT**

I, Mosinbhai Husenibhai, S/o- Husenibhai Rasulbhai gohil, resident of 364/1900, Sarala Nagar, Laxmisagar, Bhubaneswar(M.C),Khordha, Odisha, Pin-751006, declare by this affidavit No311/2025, dated- 11.11.2025, that now onwards I shall be known as **Mohsinbhai Husenibhai Gohil** for all future purposes.

**AFFIDAVIT**

I, Sayara Begum, aged about 46 years, W/o- Salim Mohammed, resident of Kalimandir Pada, Po- Bhawanipatna, Ps- Town, Bhawanipatna, Dist-Kalahandi, Odisha, PIN- 766001 declare by this affidavit No. 2296, dtd- 11/11/2025, that now onwards I shall be known as **SAIRA BEGUM** for all future purposes.

**AFFIDAVIT**

1. HARAPRIYA DAS, aged about 61 years, W/o.: Sarat Kumar Sahoo, resident of Plot No.: 130, Gandhimandir Road, Meena Bazar, PS./Dist.: Dhenkanal, Odisha, PIN-759001, Aadhaar No.: 8342 8774 3207; do hereby solemnly affirm that, I am the deponent of this affidavit. My actual and correct name is **HARAPRIYA DAS** mentioned in my Aadhaar Card and in other documents but my name has been wrongly mentioned as HARAPRIYA PRIYADARSHINI in the Passport of my daughter **Puspita Priyadarshini vide No. N6836474** issued by Govt. of India. That, I do hereby declare that, **"HARAPRIYA DAS" & "HARAPRIYA PRIYADARSHINI"** are one & same person i.e. myself. This affidavit is required to be produced before the concerned authority for information and necessary action as and when required. That, the facts stated above are true to the best of my knowledge and belief.

## ଜିଲ୍ଲା ପରିଷଦ ଦଶମ ସାଧାରଣ ଅଧିବେଶନ

# ଜିଲ୍ଲାପାଳଙ୍କ ଅନୁପସ୍ଥିତିକୁ ନେଇ ପ୍ରବଳ ହଟ୍ଟଗୋଳ

ନୟାଗଡ଼,୧୨।୧୧(ସମିସ)




ନୟାଗଡ଼ ଜିଲ୍ଲା ପରିଷଦ ଦଶମ ସାଧାରଣ ଅଧିବେଶନ ପ୍ରବଳ ହଟ୍ଟଗୋଳ ମଧ୍ୟରେ ଶେଷ ହୋଇଛି। ନୟାଗଡ଼ ଜିଲ୍ଲା ପରିଷଦ ସଭାପତି ଇଂ.ଦେବାଶିଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପାଧ୍ୟକ୍ଷ ବିଷ୍ଣୁପ୍ରିୟା ବେହେରା ପ୍ରମୁଖ ମଞ୍ଚାସୀନ ରହିଥିଲେ। ବୈଠକ ବହୁ ବିଳମ୍ବରେ ଆରମ୍ଭ ହୋଇଥିଲା। ଗତ ବୈଠକରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା, ଜିଲ୍ଲାପାଳଙ୍କ ସମୀକ୍ଷା ବୈଠକର ନିଷ୍ପତ୍ତି କାର୍ଯ୍ୟକାରିତା ସମ୍ପର୍କରେ ପ୍ରଥମେ ସଦସ୍ୟମାନେ ଆଲୋଚନା କରିଥିଲେ। ଜିଲ୍ଲାପାଳ ବୈଠକରେ ଅନୁପସ୍ଥିତ ରହିଥିବା ଏବଂ କୌଣସି ପ୍ରତିନିଧିଙ୍କୁ ବୈଠକକୁ ପଠାଇ ନଥିବା ନେଇ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ଆଲୋଚନା ନକରିବାକୁ ଅଡ଼ି ବସିବା ସହ ହୋହାଲ୍ଲା କରିଥିଲେ। କିଛି ସମୟ ଧରି ବୈଠକରେ ପ୍ରବଳ କଥା କଟାକଟି ପରିସ୍ଥିତି ସୃଷ୍ଟି ହୋଇଥିଲା। ବହୁ ବିଳମ୍ବରେ ଜିଲ୍ଲାପାଳ କିଛି ସମୟ ପାଇଁ ବୈଠକକୁ ଆସିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଜିଲ୍ଲାପାଳ ପୁଣି ଅନ୍ୟ କାମରେ ଯାଇ ବୈଠକକୁ ଫେରିଥିଲେ। ଏହି ବୈଠକରେ ବନବିଭାଗ ପ୍ରସଙ୍ଗ ଆଲୋଚନା ସମୟରେ ବରିଷ୍ଠ ସଦସ୍ୟ ରାମେଶ୍ୱର ଶତପଥି 'ମୋ ଖତ' କିଣାକୁ ନେଇ ଡିଏଫ୍‌ଓଙ୍କୁ ପ୍ରଶ୍ନ କରିବା ସହ ଗାଇଡ୍ ଲାଇନ୍ କ'ଣ ଅଛି ବୋଲି ପ୍ରଶ୍ନ କରିଥିଲେ। ଡିଏଫ୍‌ଓ ଉତ୍ତର ନରଖି ପାରିବାରୁ ନିଜେ ସଦସ୍ୟ ଗାଇଡ୍ ଲାଇନ୍ ପାଠ କରିବା ସହ କାହିଁକି ନୟାଗଡ଼ ଜିଲ୍ଲାର ପୌର ପରିଷଦ କିମ୍ବା ଏନ୍‌ଏସିରୁ ଖତ କିଣା ଗଲା ନାହିଁ ବୋଲି ପ୍ରଶ୍ନ ଉଠାଇଥିଲେ। ବନବିଭାଗ ଆଲୋଚନାକୁ ସ୍ୱତନ୍ତ୍ର ଭାବେ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହା ପରେ କୃଷି ବିଭାଗ ସମ୍ପର୍କରେ ଆଲୋଚନା ବେଳେ ବାତ୍ୟା କ୍ଷୟକ୍ଷତି ସମ୍ପର୍କରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ସଦସ୍ୟମାନେ ପ୍ରଶ୍ନ କରିଥିଲେ। ଏହା ସହିତ ପିଏମ୍ କିଷାନ, ସିଏମ୍ କିଷାନ ସମ୍ପର୍କରେ ଆଲୋଚନା ହୋଇଥିଲା। କାଡ଼ା ନାଳ ନିର୍ମାଣରେ ଅନିୟମିତତା ଆଶଙ୍କା କରି ଜିଲ୍ଲା ପରିଷଦ ସଦସ୍ୟ ସୁବାଷ ଚନ୍ଦ୍ର କହଁର ପ୍ରଶ୍ନ କରିଥିଲେ। କେଉଁ ଭଳି ଭାବେ ପାଣିପୋଇଲା କାଡ଼ା ନାଳ ନିର୍ମାଣ କରାଯାଇଛି ବୋଲି ପ୍ରଶ୍ନ କରିବା ସହ ଏହା ଚାଷ ଜମିକୁ ଜଳସେଚନ କରି ପାରିବ ନାହିଁ ବୋଲି କହିଥିଲେ। ଏହା ସହିତ ଗ୍ରାମ୍ୟ ଉନ୍ନୟନ ବିଭାଗ ଡିଭିଜନ୍ ୧ ଓ ୨ ଅଧୀନରେ ରହିଥିବା ବିଭିନ୍ନ ରାସ୍ତା କାମ ସମ୍ପର୍କରେ ଆଲୋଚନା ହୋଇଥିଲା। ଉଦ୍ୟାନ କୃଷି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଆଜିର ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହିଥିଲେ।

### ମାଣ୍ଡିଆ କେଳେଙ୍କାରୀ ତଦନ୍ତ ପାଇଁ କମିଟି ଗଠନ

ନୟାଗଡ଼: ନୟାଗଡ଼ ଜିଲ୍ଲାର ଓଡ଼ଗାଁ, ନୂଆଗାଁ, ଦଶପଲ୍ଲା, ଗଣିଆ ଓ ଭାପୁର ବ୍ଲକରେ ଶ୍ରୀଅନ୍ନ ଅଭିଯାନ ଜରିଆରେ ମାଣ୍ଡିଆ ଚାଷ ପାଇଁ ଚାଷୀଙ୍କୁ ପ୍ରୋତ୍ସାହିତ କରାଯାଉଛି। ଏହି କାର୍ଯ୍ୟରେ ୫ଟି ଏନ୍‌ଜିଓ ନିୟୋଜିତ ଅଛନ୍ତି। ଏନଜିଓ ଗୁଡ଼ିକ ଜାଲିଆତି କରିବା ଦ୍ୱାରା ମାଣ୍ଡିଆ ଚାଷ ପ୍ରଭାବଶାଳୀ ହେଉ ପାରୁନାହିଁ। ଯାହାକୁ ନେଇ ବୈଠକରେ ଆଜି ପ୍ରବଳ ହଟ୍ଟଗୋଳ ସୃଷ୍ଟି ହୋଇଥିଲା। ଅନେକ ସଦସ୍ୟ ଏନେଇ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଘାଇଲା କରିଥିଲେ। ଏନେଇ ୭ ଦିନ ମଧ୍ୟରେ ଚାଷୀ ତାଲିକା ସହ ଅନ୍ୟାନ କାଗଜପତ୍ର ଅଧ୍ୟକ୍ଷଙ୍କୁ ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଛି। ଅଧ୍ୟକ୍ଷଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇଛି। ଯେଉଁ କମିଟିରେ ବରିଷ୍ଠ ସଦସ୍ୟ ରାମେଶ୍ୱର ଶତପଥି, ସୁବାସ ଚନ୍ଦ୍ର କହଁର, ପ୍ରତିମା ଦଳବେହେରା, ସଂଯୁକ୍ତା ପଡ଼ିଆରୀ ରହିଛନ୍ତି। ଏହି କମିଟି ସିଧାସଳଖ ଚାଷୀଙ୍କ ପାଖକୁ ଯାଇ ତଦନ୍ତ କରିବ ବୋଲି ନିଷ୍ପତ୍ତି ହୋଇଛି।

### ଯୋଗ ଦେଲେନି ୮ ବ୍ଲକ୍ ଅଧ୍ୟକ୍ଷ

ନୟାଗଡ଼: ନୟାଗଡ଼ ଜିଲ୍ଲାର ୮ଟି ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷା ଆଜି ଜିଲ୍ଲା ପରିଷଦ ବୈଠକକୁ ଆସିନାହାନ୍ତି। ଜିଲ୍ଲାରେ ଚାଲିଥିବା ପ୍ରଶାସନିକ ଅବ୍ୟବସ୍ଥା ତଥା ବିଡିଓମାନଙ୍କ ମନମୁଖୀ କାର୍ଯ୍ୟ ସମ୍ପର୍କରେ ଜିଲ୍ଲାପାଳଙ୍କୁ ବାରମ୍ବାର ଅବଗତ କରାଯିବା ପରେ ବି ପରିସ୍ଥିତିରେ କୌଣସି ସୁଧାର ନଆସିବା ସେମାନଙ୍କୁ ବ୍ୟଥିତ କରିଛି। ଯାହାକୁ ନେଇ ସମସ୍ତ ବ୍ଲକ ଅଧ୍ୟକ୍ଷା/ଅଧ୍ୟକ୍ଷ ବୈଠକକୁ ଆସି ନଥିବା ସୂଚନା ମିଳିଛି। ପଞ୍ଚାୟତିରାଜ ବ୍ୟବସ୍ଥାକୁ ଜିଲ୍ଲାରେ ଗୌଣ କରାଯିବା ଏବଂ ଅଫିସର୍ ରାଜ ଚାଲିବାକୁ ନେଇ ସମସ୍ତେ ଅସନ୍ତୋଷ ଅବସ୍ଥାରେ ରହିଥିବା ସୂଚନା ମିଳିଛି।

### ନେପାଳକୁ ରାସ୍ତା ନିର୍ମାଣ ପାଇଁ ଅଧ୍ୟକ୍ଷଙ୍କ ପ୍ରସ୍ତାବ

ନୟାଗଡ଼: ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ନେପାଳ ଗାଁକୁ ନିକଟରେ ଜିଲ୍ଲାପାଳ ଗସ୍ତ କରିଥିବା ବିଷୟ ଆଜି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଉପସ୍ଥାପନ କରିବା ସହ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ନିର୍ମାଣ କରିବା ଉପରେ ପ୍ରସ୍ତାବ ଦେଇଥିଲେ। ଉକ୍ତ ଗାଁକୁ ରାସ୍ତା ନିର୍ମାଣ ଦ୍ୱାରା ସେମାନଙ୍କ ଜୀବନ ଜୀବିକାରେ ଉନ୍ନତି ଘଟିବ ବୋଲି କହିଥିଲେ। ଏନେଇ ପୂର୍ବରୁ ବାରମ୍ବାର ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ପ୍ରସ୍ତାବ ଦେଇ ଆସିଛନ୍ତି। ସମସ୍ତ ବିଭାଗ ସହଯୋଗରେ କିଭଳି ରାସ୍ତା ନିର୍ମାଣ କରାଯାଇପାରିବ ବୋଲି ଅଧ୍ୟକ୍ଷ ଗୁରୁତ୍ୱ ଦେଇଛନ୍ତି।

## ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

ଖଣ୍ଡପଡ଼ା, ୧୨।୧୧ (ସମିସ): ଖଣ୍ଡପଡ଼ା ଥାନା ରାଣୀପଡ଼ା ଗାଁ ତଳସାହିର ଯୁବକ ଦିଲୁ ମହାପାତ୍ର(୩୫) ଗତ ୮ ତାରିଖ ରାତିରେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୁରୁତର ଆହତ ହୋଇଥିଲେ। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଆଶୁଚିକିତ୍ସା ନିମନ୍ତେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ହୋଇଥିବା ପରିବାରବର୍ଗଙ୍କ ସୂତ୍ରରୁ ଜଣାପଡିଛି। ପ୍ରକାଶଥାଉକି ଦିଲୁ ଗତ ୮ ତାରିଖ ରାତିରେ ଗ୍ରାମକୁ ଫେରୁଥିବା ବେଳେ ଯୋଗୀଆପଲ୍ଲୀ ଗ୍ରାମର ମା'ତାରିଣୀ ମନ୍ଦିର ନିକଟ ବୁଲାଣି ରାସ୍ତାରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୁରୁତର ଆହତ ହୋଇଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି। ଏହି ଦୁଃଖଦ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକପ୍ରକାଶ ପାଇଛି। ଦୁର୍ଘଟଣାରେ ମୃତ ଯୁବକଙ୍କ ପରିବାରବର୍ଗଙ୍କୁ ଆନୁସଙ୍ଗିକ ସରକାରୀ ସହାୟତା ଯୋଗାଇ ଦେବାକୁ ରାଣୀପଡା ଗ୍ରାମବାସୀ ଦାବି କରିଛନ୍ତି।

## ଶ୍ରୀରଘୁନାଥଜୀଉ ପୂଜକଙ୍କ ପରଲୋକ

ଓଡ଼ଗାଁ,୧୨।୧୧(ସମିସ): ନୟାଗଡ଼ ଜିଲ୍ଲା ଓଡଗାଁ ଶ୍ରୀରଘୁନାଥଜୀଉଙ୍କ ବରିଷ୍ଠ ପୂଜକ, ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାପୀଠ ଅବସରପ୍ରାପ୍ତ ହିନ୍ଦି ଶିକ୍ଷକ ତଥା ଦୁର୍ମୁଖି ଖବରଦାତା ଭାବେ କାର୍ଯ୍ୟ କରିଥିବା ବ୍ରଜକିଶୋର ନନ୍ଦଙ୍କର ମଙ୍ଗଳବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୯ ବର୍ଷ ହୋଇଥିଲା। ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇଥିଲା ବେଳେ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିବା ପରେ ତାଙ୍କର ପରଲୋକ ଘଟିଥିଲା। ବୁଧବାର ସକାଳେ ଆଦର୍ଶ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ବଡ଼ପୁଅ ବିଭୁପ୍ରସାଦ ମୁଖାଗ୍ନି ପ୍ରଦାନ କରିଥିବା ବେଳେ ବହୁ ସଂଖ୍ୟାରେ ପୁରାତନ ଛାତ୍ର, ପୂଜକ ପରିଷଦ ସଦସ୍ୟ ଓ ସ୍ଥାନୀୟ ବୁଦ୍ଧିଜୀବୀ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ। ବରିଷ୍ଠ ପୂଜକ ସୁବେଦାର ବିଜୟକୁମାର ଦାଶ, ପୂଜକ ପରିଷଦ ସଭାପତି ପ୍ରଫୁଲ କୁମାର ମହାପାତ୍ର, ବରିଷ୍ଠ ସାମ୍ବାଦିକ ଆଦର୍ଶ କୁମାର ପଟ୍ଟନାୟକ, ଅଶୋକ କୁମାର ମହାପାତ୍ର ଓ ସାରସ କୁମାର ମିଶ୍ରଙ୍କ ସହିତ ବହୁ ଛାତ୍ର ଓ ବୁଦ୍ଧିଜୀବୀମାନେ ଶୋକବ୍ୟକ୍ତ କରିଛନ୍ତି।

## ସଦାଶିବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପ୍ରସ୍ତୁତି




ଭାପୁର,୧୨।୧୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ ନାଲିସାଗର ଖେଳପଡିଆରେ ୧୬ ତମ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଡିସେମ୍ବର ମାସ ୧୪ ତାରିଖରୁ ଆରମ୍ଭ ହେବ। ଏ ନେଇ ବୁଧବାର ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି। ଖେଳର ଆୟୋଜକ ଫତେଗଡ ଯୁବକ ସଂଘର ସଭାପତି ବେଣୁଧର ପ୍ରଧାନଙ୍କ ସଭାପତିତ୍ୱରେ ନାଲିସାଗର ଖେଳପଡିଆରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଟୁର୍ଣ୍ଣାମେଣ୍ଟ ଉପଦେଷ୍ଟା ସୁଧାଂଶୁ କରଙ୍କ ସଂଯୋଜନାରେ ସଂଘର ସମ୍ପାଦକ ମନୋଜ କୁମାର ପ୍ରଧାନ, ଓସିଏର ସୁନାମ ଧନ୍ୟ ଅମ୍ପାୟାର ଆଶୁତୋଷ ପାଣି ଓ ଦୁର୍ଗା ପ୍ରସାଦ ପଟ୍ଟନାୟକ, ସୁନାମ ଧନ୍ୟ ଭାଷ୍ୟକାର ବୁବୁ ସିହ୍ନା ଓ ମନୋଜ କୁମାର ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବସନ୍ତ କୁମାର ମାଝୀ, କଣ୍ଠଶିଳ୍ପୀ ଯୁଧିଷ୍ଠିର ଖୁଣ୍ଟିଆ, ସ୍କୋରର ପବିତ୍ର କୁମାର ସାହୁ ଓ କ୍ଲବର ଶତାଧିକ ସଭ୍ୟ ଯୋଗ ଦେଇଥିଲେ। ସଂଖ୍ୟାଧିକ ଦର୍ଶକ ଓ ଆଡମ୍ବର ପୂର୍ଣ୍ଣ ଆୟୋଜନ ଦୃଷ୍ଟିରୁ ଏହା ବର୍ତ୍ତମାନ ରାଜ୍ୟର ଏକ ନମ୍ବର ଟୁର୍ଣ୍ଣାମେଣ୍ଟ ବୋଲି କୁହାଯାଉଥିଲା ବେଳେ ସବୁବର୍ଷଠାରୁ ଏହାକୁ ଆହୁରି ଉତ୍କୃଷ୍ଟତା ସହ ଅଧିକ ସଫଳ କରିବା ପାଇଁ ସମସ୍ତେ ସୁଚିନ୍ତିତ ମତାମତ ଦେଇଥିଲେ। ରାଜ୍ୟ ବାହାରର ୪ ଟି ନାମି ଦଳ ଉତ୍ତର ପ୍ରଦେଶ ଟାଇଗର, ଆନ୍ଧ୍ରପ୍ରଦେଶ ଭାଇଜାକ ଦଳ, ରକେଟ ଇଣ୍ଟେର ନ୍ୟାସନାଲ ମୁମ୍ବାଇ, ଏ ଆଣ୍ଡ ସି କୋଲକାତା ଦଳ ସହ ଓଡ଼ିଶାର ଏମ୍‌ଏମସିସି ସମ୍ବଲପୁର, ସାଇ ଇଲେଭେନ ଭୁବନେଶ୍ୱର, କେସିସି କଳାହାଣ୍ଡି, ଟିସିସି ଭୁବନେଶ୍ୱର ଦଳ ଭାଗ ନେବେ। ଡିଜିଟାଲ ସ୍କୋର ବୋର୍ଡ, ତୃତୀୟ ଆମ୍ପାୟର, ଚିୟର ଗାର୍ଲ ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପୂର୍ବ ବର୍ଷ ଭଳି ଆୟୋଜନ ପାଇଁ ନିଷ୍ପତ୍ତି କରାଯାଇଛି।

## ପୋକ ଖାଇଗଲେ ଧାନ ଫସଲ; ଚାଷୀ ହତାସ

ଶରଣକୁଳ,୧୨।୧୧(ସମିସ): ଓଡ଼ଗାଁ ବ୍ଲକ ଅନ୍ତର୍ଗତ ନନ୍ଦିଘୋର ଗ୍ରାମରେ ଥିବା ବିଭିନ୍ନ ଗହୀରରେ ହୋଇଥିବା ଧାନ ଗଛରେ ଚକଡା ପୋକ ଲାଗିବାରୁ ଧାନ ଫସଲ ସଂପୂର୍ଣ୍ଣ ଭାବରେ ନଷ୍ଟ କରି ଦେଇଛନ୍ତି। ତୋରାଣିଆ, ଘୋଡାମାଇ ଓ ଦହିଖିଆ ଗହୀରର ପ୍ରାୟ ଏକର ଏକର ଜମିରେ ପୋକ ଲାଗିବାରୁ ଫସଲ ଜଳି ଯାଇଛି। ଫସଲ ଅମଳ କରିବା ପୂର୍ବରୁ ଏପରି ଦୟନୀୟ ଅବସ୍ଥା ଯୋଗୁଁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏ ନେଇ ନନ୍ଦିଘୋର ଗ୍ରାମର ନିବାସୀ ପ୍ରଧାନ, ଗୋବର୍ଦ୍ଧନ ପ୍ରଧାନ, ରାଜକିଶୋର ଡାକୁଆଙ୍କ ସମେତ ୧୧ ଜଣ ଚାଷୀ ବ୍ଲକ କୃଷି ଅଧିକାରୀଙ୍କୁ ପତ୍ର ଲେଖି ନିଜ ନିଜର ଦୁଃଖକୁ ଜଣାଇଛନ୍ତି। ଫସଲ କ୍ଷତି ଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରି ତହସିଲ କାର୍ଯ୍ୟାଳୟରୁ କ୍ଷତିପୂରଣ ଦେବାକୁ ଦାବି ହେଉଛି। ସରକାର ଏଥିପ୍ରତି ଦୃଷ୍ଟି ଦେବାପାଇଁ ଅନୁରୋଧ କରିଛନ୍ତି।

### ● ବିକାଶ ଅପେକ୍ଷାରେ ମା' କଳାପାଟ ପୀଠ

## ରାସ୍ତା, ଆଲୋକୀକରଣ ଓ ପାନୀୟ ଜଳ ମୁଖ୍ୟ ସମସ୍ୟା

ଗଣିଆ,୧୨।୧୧(ସମିସ): ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର କୁହାଯାଉଥିବା ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ହେଉଛି ମା' କଳାପାଟ ଠାକୁରାଣୀଙ୍କ ପୀଠ। ଏହାର ଦକ୍ଷିଣ ଦିଗରେ ପ୍ରସିଦ୍ଧ ମଣିଭଦ୍ରା ପାହାଡ଼ ରହିଥିବା ବେଳେ ପୂର୍ବ ଦିଗରେ ଗଣପତିଶ୍ୱର ପୀଠ, ପଶ୍ଚିମରେ ଗୁପ୍ତେଶ୍ୱର ମହାଦେବଙ୍କ ବିଜେସ୍ଥଳୀ ଏବଂ ପାଦଦେଶରେ ମା'ଙ୍କ ପୀଠ ରହିଛି। ଉତ୍ତର ଦିଗରେ ବଡ଼ମୂଳ ସାତକୋଶିଆ ଗଣ୍ଡ ଓ ପୁରୁଣା ଜଗନ୍ନାଥ ସଡ଼କକୁ ଲାଗି ମହାନଦୀର ନୀଳ ଜଳରାଶି କୁଳୁକୁଳୁ ନାଦକରି ପ୍ରବାହିତ ହେଉଛି। ମହାଭାରତରେ ମଣିଭଦ୍ରାର କିମ୍ବଦନ୍ତୀ ଓ ମଣିନାଗ ସାପ ପାଇଁ ଏହି ପର୍ବତ ଓଡ଼ିଶା ପର୍ଯ୍ୟଟନରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି। ସେହିପରି ମଣିଭଦ୍ରା ପର୍ବତ ଶିଖରରେ ନୀଳ କଇଁ ଫୁଟିବା ସହିତ ମହାଭାରତରେ ବାକି ଥିବା ଏକ ଓଳି ଯୁଦ୍ଧ ଏହିଠାରେ ସମାପ୍ତ ହେବ ବୋଲି ମାଳିକାରେ ଉଲ୍ଲେଖଅଛି। ପୁରାତନ କଥାନୁଯାୟୀ ପାଣ୍ଡବ ବୀର ଅର୍ଜୁନ ଏହି ସ୍ଥାନରେ ଅଜ୍ଞାତବାସ କରୁଥିଲେ। ପୌରାଣିକ କିମ୍ବଦନ୍ତୀ ବହନ କରୁଥିବା ଏହି ପୀଠର ସ୍ୱତନ୍ତ୍ରତା ରହିଥିଲେ ସୁଦ୍ଧା ସରକାରୀ ଅବହେଳାରୁ ପର୍ଯ୍ୟଟକଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଥିବା ଚର୍ଚ୍ଚା ହେଉଛି। ପୀଠର ଉନ୍ନତିକରଣ ନିମନ୍ତେ କୌଣସି ଉଦ୍ୟମ କରାଯାଉନଥିବା ଅଭିଯୋଗ ହେଉଛି। ପ୍ରାଥମିକତା ଦୃଷ୍ଟିରୁ ଏଠାରେ ଏକ ବହୁମୁଖୀ କଲ୍ୟାଣ ମଣ୍ଡପ ପ୍ରତିଷ୍ଠା ସହିତ ଆଲୋକୀକରଣ , ପକ୍କା ରାସ୍ତା ଏବଂ ପାନୀୟ ଜଳ ବ୍ୟବସ୍ଥା କରିବା ଜରୁରୀ ହୋଇପଡିଛି। ଏହି ପୀଠକୁ ଯିବାକୁ ସଂଯୋଗ କରୁଥିବା ରାସ୍ତା ଅତ୍ୟନ୍ତ ନିମ୍ନମାନର ହୋଇପଡିଛି। ଏହି ରାସ୍ତାରେ ଗାଡି ମଟର ଦୂରର କଥା ଚାଲିକରି ଯିବା ବି ଅସମ୍ଭବ। ବର୍ଷତମାମ ଏଠାରେ ଭୋଜିଭାତ, ସଭାସମିତି ଅନୁଷ୍ଠିତ ହୋଇଥାଏ। ବିଶେଷକରି ପୌଷମାସ ଓଡଣୀ ଷଷ୍ଠୀ ଅବସରରେ ଏଠାରେ ୪ ଦିନ ବ୍ୟାପି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୁଏ। ଓଡ଼ିଶାର କୋଣ ଅନୁକୋଣରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ, ଇକୋ ଭିଲେଜ




ମୁହୁଲିଗାଡିଆ, ମହାନଦୀରେ ନୌକାବିହାର କରିବାକୁ ଆସୁଥିବା ପର୍ଯ୍ୟଟକ ଏହି ବାଟ ଦେଇ ମା'ଙ୍କୁ ପୂଜା କରିଥାନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ମଣିଭଦ୍ରା ପର୍ବତ ଓଡ଼ିଶା ପର୍ଯ୍ୟଟନରେ ସ୍ୱତନ୍ତ୍ର ମାନ୍ୟତା ପାଇଥିଲେ ମଧ୍ୟ ଏହାର ଉନ୍ନତିକରଣ ନିମନ୍ତେ ସେଭଳି କୌଣସି ପଦକ୍ଷେପ ନିଆଯାଇନାହିଁ। ପ୍ରକୃତିର ସବୁଜିମା ଭରା ପୁରାତନ ଏହି ଶକ୍ତିପୀଠକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଅନେକ ବିକାଶମୂଳକ କାର୍ଯ୍ୟ ବାକି ରହିଛି। ପର୍ଯ୍ୟଟନ ଋତୁ ପାଦ ଥାପି ଥିବାବେଳେ ପର୍ଯ୍ୟଟନ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

### ଗୋଷ୍ଠୀ କନ୍ଦଳ ଓ ଆକ୍ରମଣ ଘଟଣା

## ସଦରଥାନା ଘେରିଲା ବିଜେପି

■ ନୟାଗଡ଼ରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ■ ପ୍ରାୟୋଜିତ ହିଂସା କାଣ୍ଡ ଘଟାଯାଉଛି

ନୟାଗଡ଼,୧୨।୧୧(ସମିସ): ନୟାଗଡ଼ ଜିଲ୍ଲା ସଦରବ୍ଲକ ଅନ୍ତର୍ଗତ କାଳିକାପ୍ରସାଦ ଗାଁରେ କିଛି ଦିନ ହେବ କୁହୁଳୁଥିବା ରାଜନୈତିକ ଉଷ୍ମତା ଉଗ୍ରରୂପ ଧାରଣ କରିଛି। ବିଜେପି ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିଗତ ଦିନରେ ବାଦବିବାଦ



ସୃଷ୍ଟି ହୋଇଥିଲା। ମୂଳ ବିଜେପି ଗୋଷ୍ଠୀ ଏବଂ ଦଳଡିଆଁ ବିଜେପି ଗୋଷ୍ଠୀ ମଧ୍ୟରେ କୁହୁଳୁଥିବା ଉଷ୍ମତା ଗତକାଲି ଭିନ୍ନ ପରିସ୍ଥିତି ସୃଷ୍ଟି କରିଥିଲା। ଉକ୍ତ ଗାଁର ବିଜେପି କର୍ମୀ ଅଶୋକ କୁମାର ଭଟ୍ଟ ଗାଁରୁ ନୟାଗଡ଼ ଅଭିମୂଖେ ଯିବା ସମୟରେ ଉକ୍ତ ଗାଁର ଅନ୍ୟ ଗୋଷ୍ଠୀ ସମର୍ଥିତ ଦିଗାମ୍ବର ସ୍ୱାଇଁ, ଗୋପାଳ ମହାପାତ୍ର, ଚନ୍ଦନ ମହାପାତ୍ର, ସୁଶାନ୍ତ କୁମାର ଭଟ୍ଟ ତାଙ୍କୁ ରାସ୍ତାରେ ଅଟକାଇ ନିର୍ଦ୍ଧୁମ ମାଡ଼ ମାରିଛନ୍ତି। ଅଶୋକଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଛି। ତାଙ୍କୁ ତୁରନ୍ତ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତୀ କରାଯାଇଛି। ଏନେଇ ଅଶୋକଙ୍କ ଭାଇ ସଦରଥାନାରେ ଅଭିଯୋଗ କରିବା ପୁଲିସ ମାମଲା ରୁଜୁ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନେଇ ନାହିଁ। ଗାଁରେ ଚାଲିଥିବା କିଛି ବିକାଶ ମୂଳକ କାର୍ଯ୍ୟ ସମ୍ପର୍କରେ ଅଶୋକ ସୂଚନା ଅଧିକାର ଆଇନ ଜରିଆରେ ତଥ୍ୟ ମାଗିଥିଲେ। ମୁଖ୍ୟତଃ ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାରେ ଗାଁରେ ଚାଲିଥିବା କାମ ସମ୍ପର୍କରେ ଅଶୋକ ତଥ୍ୟ ମାଗିଥିଲେ। ଯାହାକୁ ନେଇ ପୂର୍ବ ଯୋଜନା ଅନୁସାରେ, ତାଙ୍କୁ ଆକ୍ରମଣ କରାଯାଇଥିଲା। ଅଶୋକ ବିଜେପି ନେତା ସନ୍ତୋଷ ପ୍ରଧାନଙ୍କ ସମର୍ଥକ ହୋଇଥିବାରୁ ଏହି କାଣ୍ଡ ଘଟା ଯାଇଥିଲା। ଯାହାକୁ ନେଇ ଆଜି ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବିଜେପି ନେତା ସନ୍ତୋଷ ପ୍ରଧାନଙ୍କ ନେତୃତ୍ୱରେ ସଦରଥାନା ଘେରଉ କରାଯାଇଛି। ସଦରଥାନା ଆଗରେ ଅନେକ ବିଜେପି ନେତା ପାଲ ପକାଇ ଧାରଣା ଦେଇଛନ୍ତି। ଖବର ପାଇ ନୟାଗଡ଼ ଏସ୍‌ଡିପିଓ ଜ୍ୟୋତି ରଞ୍ଜନ ସାମନ୍ତରାୟ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ସହ ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ନୟାଗଡ଼ରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ବୋଲି ବିଜେପି ନେତା ସନ୍ତୋଷ ପ୍ରଧାନ ଗଣମାଧ୍ୟମକୁ କହିଛନ୍ତି। କିଛି ବ୍ୟକ୍ତି ନିଜ ଆଧିପତ୍ୟ ବିସ୍ତାର କରିବା ପାଇଁ ହିଂସାକାଣ୍ଡ ଘଟାଉଥିବା ଅଭିଯୋଗ ହେଉଛି।

### ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା

## ଭାଗ ନେବେ ଜିଲ୍ଲାର ୧୬ ଜଣିଆ ଦଳ

ଭାପୁର,୧୨।୧୧(ସମିସ): ରାଜ୍ୟ ହାଣ୍ଡବଲ ଆସୋସିଏସନ ଆନୁକୂଲ୍ୟରେ ପୁରୀଠାରେ ୩୮ତମ ରାଜ୍ୟସ୍ତରୀୟ ବରିଷ୍ଠ ବିଭାଗରେ ହାଣ୍ଡବଲ ପ୍ରତିଯୋଗିତା ଆସନ୍ତା ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଏଥିରେ ନୟାଗଡ଼ ଜିଲ୍ଲାରୁ ୧୬ ଜଣିଆ ବାଳକ ଦଳ ଭାଗ ନେବ। ଜିଲ୍ଲା ହାଣ୍ଡବଲ ଆସୋସିଏସନ ସମ୍ପାଦକ ତଥା ଭାପୁର ବ୍ଲକ ଓଳାସ ସରକାରୀ ହାଇସ୍କୁଲର ଖେଳ ଶିକ୍ଷକ ବିଷ୍ଣୁ ପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଦଳ ଭାଗନେବ। ତିନି ତିନି ଥର ଜାତୀୟ ସ୍ତରରେ ଖେଳିଥିବା କାହ୍ନାଚରଣ ମହାରଣାଙ୍କ ନେତୃତ୍ୱରେ ଯାଉଥିବା ଦଳର କୋଚ ଭାବେ ଆସୋସିଏସନ କୋଷାଧ୍ୟକ୍ଷ ତଥା ତନ୍ତୁବାୟ ସହଯୋଗ ଉଚ୍ଚ ବିଦ୍ୟାଳୟ ଖେଳ ଶିକ୍ଷକ ଆଶିଷ କୁମାର ପଟ୍ଟନାୟକ ଓ ମ୍ୟାନେଜର ଭାବେ ବରିଷ୍ଠ ଖେଳାଳି ସମୀର କୁମାର ସେଠୀ କାର୍ଯ୍ୟ ସମ୍ପାଦନ କରିବେ। ଦଳ ଗୁରୁବାର ଦିନ ପୁରୀ ଅଭିମୁଖେ ଯାତ୍ରା ଆରମ୍ଭ କରିବ।

### ବିଦ୍ୟାଳୟ ନାମକରଣକୁ ନେଇ ହାଇକୋର୍ଟରେ ମାମଲା

## ଦୁଇସପ୍ତାହ ମଧ୍ୟରେ ନାମ ପରିବର୍ତ୍ତନ ନିର୍ଦ୍ଦେଶ

ଖଣ୍ଡପଡ଼ା, ୧୨।୧୧(ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ପଞ୍ଚାୟତର ରାଜସ୍ୱ ଗ୍ରାମ କନାସିଙ୍ଗରେ ପ୍ରାଥମିକ ବିଦ୍ୟାଳୟ ଥିବାବେଳେ ଏହି ବିଦ୍ୟାଳୟକୁ ରାଜକିଆରୀ ପ୍ରାଥମିକ ବିଦ୍ୟାଳୟ ନାମରେ ଲେଖାଯାଇଛି। ଏହାର ନାମକୁ ବଦଳାଇ କନାସିଙ୍ଗ ବିଦ୍ୟାଳୟ ଲେଖିବା ଦାବି ନେଇ କନାସିଙ୍ଗ ଗ୍ରାମବାସୀଙ୍କ ଅଭିଯୋଗକୁ ଆଧାର କରି ଭାରତୀୟ ବିକାଶ ପରିଷଦ ପକ୍ଷରୁ ପୂର୍ବରୁ ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ଉକ୍ତ ଜନସ୍ୱାର୍ଥ ମାମଲାକୁ ଭିତ୍ତି କରି ହାଇକୋର୍ଟ ଘଟଣାର ସତ୍ୟାସତ୍ୟ ଜାଣିବା ପରେ ଗ୍ରାମବାସୀଙ୍କ ଅଭିଯୋଗକୁ ଅଣଦେଖା ଓ କାର୍ଯ୍ୟରେ ଅବହେଳା କରିଥିବା ନୟାଗଡ଼ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅର୍ଥଦଣ୍ଡ ସହ ଦୁଇ ସପ୍ତାହ ମଧ୍ୟରେ ରାଜକିଆରୀ ନାମ ପରିବର୍ତ୍ତନ କରି କନାସିଙ୍ଗ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିବା ଭାରତୀୟ ବିକାଶ ପରିଷଦ ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ସୂଚନା ପ୍ରଦାନ କରିଛନ୍ତି। ଏଥିସହ ନିର୍ଦ୍ଧାରିତ ସମୟ ମଧ୍ୟରେ ବିଦ୍ୟାଳୟ ନାମ ପରିବର୍ତ୍ତନ କରାନଗଲେ ପିଟିସନରଙ୍କୁ ଦିନକୁ ୧ ହଜାର ଟଙ୍କା ଜୋରିମାନା ପ୍ରଦାନ କରିବା ପାଇଁ ଚିଠି ମାଧ୍ୟମରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅଛି। ପ୍ରକାଶ ଥାଉକି ଭାରତୀୟ ବିକାଶ ପରିଷଦ ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ, ରାଜ୍ୟ ଉପସଭାପତି ନିରଞ୍ଜନ ଦାସ, ରାଜ୍ୟ ଯୁବ ସଭାପତି ସୁନିତା ପଟ୍ଟନାୟକ ପ୍ରମୁଖ ଗତ ଅଗଷ୍ଟ ମାସ ୧୧ ତାରିଖରେ ବ୍ଲକ ପ୍ରଶାସନ, ତହସିଲ ପ୍ରଶାସନ ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ଏ ସମ୍ପର୍କିତ ଦାବିପତ୍ର ପ୍ରଦାନ କରିଥିଲେ ମଧ୍ୟ ସ୍ଥାନୀୟ ଅଂଚଳରେ ରାଜନୈତିକ ଚାପାରେ ପ୍ରଭାବିତ ହୋଇ ସମସ୍ତ ଅଧିକାରୀ ମାନେ ଚୁପ ରହିଥିବା ଉପସଭାପତି ନିରଞ୍ଜନ ଦାସ ଜଣାଇଛନ୍ତି।

### ଚୋରି କରିବାକୁ ଆସି ଧରା ପଡ଼ିଗଲେ

# ନିର୍ଦ୍ଧୂମ୍ ଛେଚା ଖାଇଲା ଚୋର, ଜଣେ ଅଟକ

ନୟାଗଡ଼,୧୨।୧୧(ସମିସ)



ନୟାଗଡ଼ ଟାଉନଥାନା ଅନ୍ତର୍ଗତ ଶୁଳିଆ ଗାଁକୁ ଚୋରି କରିବାକୁ ଆସିଥିବା ଏକ ଡକାୟତ ଦଳ ଓ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ଗ୍ରାମବାସୀଙ୍କୁ ହାବୁଡ଼ରେ ପଡ଼ି ଯିବାରୁ ଡକାୟତମାନେ ବୋମାମାଡ଼ କରିଛନ୍ତି। ଡକାୟତଙ୍କ ବୋମାମାଡରେ ୩ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଜଣେ ଡକାୟତକୁ ଗ୍ରାମବାସୀ ଧରି ଉତ୍ତମ ମଧ୍ୟମ ଦେଇଥିବା ଜଣାପଡ଼ିଛି। ଗତକାଲି ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ଶୁଳିଆ ଗାଁରେ ରାସ୍ତା କାମ ଚାଲୁଥିବାରୁ ଦୁଇଜଣ ଯୁବକ ସିମେଣ୍ଟ ଜଗିବାକୁ ରାସ୍ତା ପାଖରେ ରହିଥିଲେ। ୬ ଜଣ ଲୋକ ରାତି ପ୍ରାୟ ସାଢ଼େ ବାରଟା ସମୟରେ ଶୁଳିଆ ଗାଁ ନିକଟରେ ବିଭିନ୍ନ ମାରଣାସ୍ତ୍ର ଧରି ବୁଲୁଥିବା ଦେଖି ଯୁବକ ଦୁଇଜଣ ଗାଁ ଲୋକଙ୍କୁ ଡାକିଥିଲେ। ଗ୍ରାମବାସୀ ପଳାଇ ଆସିବା ଦେଖି ଦୁର୍ବୃତ୍ତମାନେ ଗ୍ରାମବାସୀଙ୍କ ଉପରକୁ ୩ଟି ବୋମା ଫୋପାଡି ଦେଇଥିଲେ। ବୋମାମାଡ଼ରେ ଗାଁର ଉପେନ୍ଦ୍ର ଖଟେଇ, ସୁମନ୍ତ ବାରିକ ଏବଂ ଶତ୍ରୁଘ୍ନ ବାରିକ ଗୁରୁତର ଆହତ ହୋଇ ନୟାଗଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ୪ ଜଣ ଦୁର୍ବୃତ୍ତ ବୋମାମାଡ଼ କରି ଫେରାର୍ ହୋଇଯାଇଥିବା ବେଳେ କଇଥଗାଡ଼ିଆ ଗ୍ରାମର ଅକ୍ରୁର ପ୍ରଧାନକୁ ଧରି ଗ୍ରାମବାସୀ ଉତ୍ତମ ମଧ୍ୟମ ଦେଇଛନ୍ତି। ଖବରପାଇ ପୁଲିସ ଘଟଣାସ୍ଥଳକୁ ଯାଇ ଅକ୍ରୁରକୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛି। ଅକ୍ରୁରକୁ ପୁଲିସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିବା ପରେ ସେଠାରେ ମଧ୍ୟ ଉତ୍ତେଜନା ଦେଖାଦେଇଥିଲା। ଆହତଙ୍କ ସମ୍ପର୍କୀୟମାନେ ଅକ୍ରୁରକୁ ମେଡିକାଲରେ ମଧ୍ୟ ପ୍ରବଳ ମାଡ଼ ମାରିଥିଲେ। ଦୁର୍ବୃତ୍ତମାନେ ଡକାୟତି କରିବା ପାଇଁ ଯାଇଥିବା ଶୁଳିଆ ଗ୍ରାମବାସୀ କହୁଥିବା ବେଳେ ସେମାନେ କାଠ ଚୋରି କରିବାକୁ ଯାଇଥିଲେ ବୋଲି ଧରାପଡିଥିବା ଅକ୍ରୁର କହିଛି। ଖସିଯାଇଥିବା ସମସ୍ତ ଲୋକ କଇଥଗାଡ଼ିଆ ଗ୍ରାମର ବୋଲି ଅକ୍ରୁର କହିଛି। ଗ୍ରାମବାସୀ ଜବତ କରିଥିବା ଡକାୟତଙ୍କ ଦୁଇଟି ବାଇକ୍‌କୁ ପୁଲିସ ଥାନାକୁ ଆଣି ତଦନ୍ତ ଆରମ୍ଭ କରିଛି। ପୁଲିସ ଏହି ଘଟଣାରେ ସାଇଣ୍ଟିଫିକ୍ ଟିମ୍ ଜରିଆରେ ତଦନ୍ତ ଆରମ୍ଭ କରିଛି। ପୁଲିସ ଟିମ୍ ଚୋରଙ୍କୁ ଧରିବାକୁ ଚଢ଼ଉ ଜାରି ରଖିଥିବା ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟଙ୍କଠାରୁ ସୂଚନା ମିଳିଛି।

**ଡକାୟତଙ୍କ ବୋମାମାଡ଼ରେ ୩ ଗୁରୁତର**

### ନୂତନ ତହସିଲଦାରଙ୍କୁ ସ୍ୱାଗତ

ଭାପୁର,୧୨।୧୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ତହସିଲରେ ନୂତନ ତହସିଲଦାର ଭାବେ ଲୋପାମୁଦ୍ରା ରଥ କାର୍ଯ୍ୟରେ ଯୋଗ ଦେଇଛନ୍ତି। ତାଙ୍କୁ ବୁଧବାର ଅପରାହ୍ନରେ ଭାପୁର ବରିଷ୍ଠ ନାଗରିକ ସମ୍ବଘର ସମ୍ପାଦକ ପ୍ରଭାକର ସାହୁଙ୍କ ନେତୃତ୍ୱରେ ଲକ୍ଷ୍ମୀଧର ମହାପାତ୍ର, ଗଙ୍ଗାଧର ବାରିକ, ଗଦାଧର ବେହେରା, ଜୟକୃଷ୍ଣ ବାରିକ ଓ ସାମ୍ବାଦିକ ଶୁଭେନ୍ଦ୍ର କୁମାର ପଟ୍ଟନାୟକ, ପ୍ରଭାତ କୁମାର ବରାଡ ଓ ଜନ୍ମେଜୟ ଦଳେଇ ଭାପୁର ପୂର୍ତ୍ତବିଭାଗ ଡାକବଙ୍ଗଳାରେ ଭେଟି ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ନୂତନ ତହସିଲଦାର ଲୋପାମୁଦ୍ରା ରଥ ଗଞ୍ଜାମ ଜିଲ୍ଲା ଛତ୍ରପୁର ସବକଲେକ୍ଟର ଭାବେ କାର୍ଯ୍ୟ କରୁଥିଲେ ଓ ଭାପୁରରେ ଥିବା ପୂର୍ବତନ ତହସିଲଦାର ଅର୍ଜୁନ ପ୍ରଧାନ ମାଲକାନଗିରି ଜିଲ୍ଲା ମୋଟୁକୁ ତହସିଲଦାର ଭାବେ ବଦଳି ହୋଇଛି।

### ନିଃଶୁଳ୍କରେ ୦ରୁ ୧୭ ବର୍ଷ ଯାଏଁ ପିଲାଙ୍କ 'ଆଧାର' ନୂଆ କରିବା ଅପେକ୍ଷାରେ ଲୋକେ

# ଅଦ୍ୟାବଧି ହୋଇନାହିଁ ସଫ୍ଟୱେର୍ ଅପ୍‌ଡେଟ୍

ନିରାକାରପୁର,୧୨ା୧୧(ସମିସ)




ଭାରତୀୟ ଏକକ ପରିଚୟ ପ୍ରାଧିକରଣ (ୟୁଆଇଡିଏଆଇ) ଏକ ଲୋକାଭିମୁଖୀ ପଦକ୍ଷେପକୁ ରାଜ୍ୟ ସରକାର ଗ୍ରହଣ କରିଛନ୍ତି। ୫ ବର୍ଷରୁ କମ୍ ପିଲାଙ୍କ ଫଟୋ, ନାମ, ଜନ୍ମ ତାରିଖ, ଲିଙ୍ଗ, ଜନ୍ମ ତାରିଖ, ଠିକଣା ଏବଂ ଜନ୍ମ ପ୍ରମାଣପତ୍ର ଦେଇ ଆଧାର ପଞ୍ଜୀକରଣ କରିବାର ବ୍ୟବସ୍ଥା ରଖାଯାଇଛି। ଆଧାର ଏକ ନିହାତି ଆବଶ୍ୟକୀୟ ଡକ୍ୟୁମେଣ୍ଟ ଯାହାକି ପ୍ରତ୍ୟେକ କାର୍ଯ୍ୟରେ ତଥା ସ୍କୁଲ ନାମଲେଖା, ପ୍ରବେଶିକା ପରୀକ୍ଷା, ଛାତ୍ରବୃତ୍ତି, ଡିବିଟି (ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର) ଯୋଜନା ପାଇବାରେ ସୁଗମ ବ୍ୟବହାର ସୁନିଶ୍ଚିତ କରିଥାଏ। ୦ରୁ ୫ ବର୍ଷର ପିଲାଙ୍କର ଆଧାର ନୂଆ କରିବା ପାଇଁ ୭୫ ଟଙ୍କା ଥିବାବେଳେ ବର୍ତ୍ତମାନ ୟୁଆଇଡିଏଆଇ ବିଭାଗ ତରଫରୁ ନିଃଶୁଳ୍କ କରାଯାଇଛି। ୫ ବର୍ଷରୁ ୧୭ ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କର ଆଧାର ଜେନେରସନ ପାଇଁ ୧୨୫ ଟଙ୍କା ଥିବାବେଳେ ବର୍ତ୍ତମାନ ନିଃଶୁଳ୍କ କରାଯାଇଛି। ୫-୭ ବର୍ଷ ଏବଂ ୧୫ରୁ ୧୭ ବର୍ଷ ବ୍ୟକ୍ତିଙ୍କ ବାୟୋମେଟ୍ରିକ୍ ଅପ୍‌ଡେଟ୍ ନିଃଶୁଳ୍କ ଥିବାବେଳେ ୭-୧୫ ବର୍ଷ ଏବଂ ୧୭ ବର୍ଷରୁ ଅଧିକ ବ୍ୟକ୍ତିଙ୍କ ପାଇଁ ୧୨୫ ଟଙ୍କା ଦେଇ ଆଧାର ବାୟୋମେଟ୍ରିକ୍ ଅପ୍‌ଡେଟ୍ କରିପାରିବେ ଏବଂ ଯଦି ଖାଲି ରହୁଥିବା ସ୍ଥାନ ବା ଠିକଣା ଅପ୍‌ଡେଟ୍ କରିବାକୁ ଚାହୁଁଛନ୍ତି ତାହେଲେ କେବଳ ୭୫ ଟଙ୍କା ଦେବା ପାଇଁ ଗତ ସେପ୍ଟେମ୍ବର ୧୯ ତାରିଖରେ ଜଣାଇ ଦିଆଯାଇଛି; ଯାହାକି ସେପ୍ଟେମ୍ବର ୧ରୁ ଆରମ୍ଭ ହୋଇ ୨୦୨୮ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହାକୁ ଆଖି ଆଗରେ ରଖି ଖୋର୍ଦ୍ଧା ଜିଲ୍ଲାପାଳ ଚିଠି ନମ୍ବର- ୧୫୮୪୨ ତା ୪.୯.୨୦୨୫ରେ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀମାନଙ୍କୁ ଆଧାର କ୍ୟାମ୍ପ ମାଧ୍ୟମରେ ୦-୫ ବର୍ଷ ଏବଂ ୬-୧୮ ବର୍ଷ ପିଲାଙ୍କର ଆଧାର ନୂଆ କରିବା ଏବଂ ଆଧାର ଅପ୍‌ଡେଟ୍ କରିବା ପାଇଁ ଆଦେଶ ଦେଇଛନ୍ତି। କୌଣସି ପିଲା ଯେମିତି କେହି ରହି ନ ଯାଆନ୍ତି ଏବଂ ସ୍କୁଲ, ଅଙ୍ଗନବାଡ଼ି, ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ଆଧାର କ୍ୟାମ୍ପ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଟୋବର ୧ରୁ ଏହି ନିଃଶୁଳ୍କ ବ୍ୟବସ୍ଥା ପାଇଁ ବ୍ୟବସ୍ଥା ହେବ ବୋଲି କୁହାଯାଇଥିଲେ ମଧ୍ୟ ଅଦ୍ୟାବଧି ଏହାର ସଫ୍ଟୱେର୍ ଅପ୍‌ଡେଟ୍ ହୋଇ ନ ଥିବା ଆଇଡିଧାରୀମାନେ କହିଛନ୍ତି।

ଖୋର୍ଦ୍ଧା ଜିଲ୍ଲାର ୨୫ ଜଣଙ୍କୁ ଆଧାର କାମ କରିବା ପାଇଁ ଆଇଡି ପ୍ରଦାନ କରାଯାଇଛି। ପୂର୍ବରୁ ଜନ ସେବା କେନ୍ଦ୍ର ହେଉ ବା ମୋ ସେବା କେନ୍ଦ୍ରର ମାଲିକମାନେ ଆଧାର ନୂଆ ହେଉ ବା ଅପ୍‌ଡେଟ୍ ପାଇଁ କୋଉଠି ୨୫୦ରୁ ୩୦୦ ଟଙ୍କା ପର୍ଯ୍ୟନ୍ତ ନେଉଥିବାର ଅଭିଯୋଗ ଆସୁଛି, ଯାହାକି ସୁଭଦ୍ରା ଅନ୍‌ଲାଇନ୍ ଆବେଦନବେଳେ ଦେଖିବାକୁ ମିଳିଥିଲା। ବର୍ତ୍ତମାନ ନିଃଶୁଳ୍କରେ ୦-୧୭ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ନିଃଶୁଳ୍କ ହୋଇଥିବାରୁ ଏଥିରେ ଅନେକ ଲୋକ ଉପକୃତ ହେବେ ବୋଲି ଜିଲ୍ଲାରେ ଆଲୋଚନା ହେଉଛି। କିନ୍ତୁ ଜିଲ୍ଲାରେ କେଉଁ ବିଦ୍ୟାଳୟରେ କେବେ କେଉଁଠି କ୍ୟାମ୍ପ କରାଯିବ ସେଥିପାଇଁ ଖୋର୍ଦ୍ଧା ଜିଲ୍ଲା ଡିଇଜିଏମ୍ ମାନସ ମୋହନ ବ୍ରହ୍ମାଙ୍କୁ ପଚାରିବାରୁ ସେ କହିଲେ ଏ ନେଇ ତୁରନ୍ତ ପଦକ୍ଷେପ ନେଇ ଆଇଡି ପାଇଥିବା ବ୍ୟକ୍ତିମାନଙ୍କୁ ଡାକି ମିଟିଂ କରିବା ସହିତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତରଫରୁ କ୍ୟାମ୍ପ କରିବା ପାଇଁ ବିଦ୍ୟାଳୟ ଲିଷ୍ଟ ଦେବାକୁ କହିବେ ବୋଲି କହିଥିଲେ। ଅକ୍ଟୋବର ୧ରୁ ନିଃଶୁଳ୍କ ବ୍ୟବସ୍ଥା କରିବାକୁ ଚିଠି ହୋଇଥିବାବେଳେ ଏପର୍ଯ୍ୟନ୍ତ ସଠିକ୍ ସମ୍ପୂର୍ଣ୍ଣ ଭାବେ ସଫ୍ଟୱେର୍ ଅପ୍‌ଡେଟ୍ ହୋଇନାହିଁ ବୋଲି କିଛି ଆଇଡିଧାରୀଙ୍କଠାରୁ ଜଣାପଡ଼ିଛି। ତେଣୁ ସେମାନେ ବିଭିନ୍ନ ପ୍ରଶ୍ନବାଚୀର ଶିକାର ହେଉଛନ୍ତି। କେନ୍ଦ୍ର ସରକାର ଦୈନନ୍ଦିନ ଆଧାର ଅପ୍‌ଡେଟ୍‌ରୁ କୋଟି କୋଟି ଟଙ୍କା ରାଜସ୍ୱ ପାଉଥିବାବେଳେ ଏବେ ଜିଏସ୍‌ଟି କମାଇ ଆଧାର ଅପ୍‌ଡେଟ୍‌ରେ ମୂଲ୍ୟ ବୃଦ୍ଧି କରିଥିବାରୁ ସାଧାରଣରେ ନାପସନ୍ଦ କରାଯାଇଛି।

## ପଢୁଆଁ ହେଲେ ମା' ଭଗବତୀ

ବାଲୁଗାଁ,୧୨ା୧୧(ସମିସ): ଶ୍ରୀକ୍ଷେତ୍ରରେ ଚତୁର୍ଦ୍ଧାମୂର୍ତ୍ତି ପ୍ରଥମାଷ୍ଟମୀରେ ପଢୁଆଁ ହୋଇଥିବା ଭଳି ଶକ୍ତିପୀଠ ଭଗବତୀ କ୍ଷେତ୍ର ବାଣପୁରର ଆରାଧ୍ୟ ଦେବୀ ମା' ଭଗବତୀ ମଧ୍ୟ ପ୍ରଥମାଷ୍ଟମୀରେ ପଢୁଆଁ ହୋଇଛନ୍ତି। ଏହି ଅବସରରେ ପିତ୍ରାଳୟରୁ ଆସିଥିବା ନବ ପାଟବସ୍ତ୍ର ପରିଧାନ କରି ନୂଆ ବିରି, ନଡ଼ିଆ, ଗୁଡ଼ରେ ପ୍ରସ୍ତୁତ ଏଣ୍ଡୁରି ପିଠା ସହ ନାନାଦି ନୈବେଦ୍ୟ ଗ୍ରହଣ କରିବାର ଏକ ଅନନ୍ୟ ପରମ୍ପରା କାହିଁ କେଉଁ ଅନାଦି କାଳରୁ ପ୍ରଚଳିତ ହୋଇ ଆସୁଛି। ଓଡ଼ିଆ ଘରର ପ୍ରତ୍ୟେକ ପର୍ବପର୍ବାଣୀ ଭଳି ପ୍ରଥମାଷ୍ଟମୀରେ ଇଷ୍ଟ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରି ଘରର ବଡ଼ ପୁଅ ବା ବଡ଼ଝିଅ ମାମୁ ଘରୁ ଆସିଥିବା ନବବସ୍ତ୍ର ପରିଧାନ କରି ବନ୍ଦାପନା କରାଯାଇ ବିଭିନ୍ନ ସ୍ୱାଦିଷ୍ଟ ପିଠାପଣା ଖାଇବା ପରମ୍ପରା ଓଡ଼ିଶାରେ ଏକ ପ୍ରମୁଖ ପରମ୍ପରା। ଦେବୀଙ୍କର ମାନବୀୟ ଲୀଳାର ଏହି ପରମ୍ପରା ଦେବୀ ଭଗବତୀ ପୀଠରେ ଶନିବାର ପ୍ରଥମାଷ୍ଟମୀ ପାଳନ ଅବସରରେ ପ୍ରତ୍ୟୁଷରୁ ମା'ଙ୍କ ଦ୍ୱାରଫିଟା, ଅଙ୍ଗରାଗ, ମାଜଣା ହୋଇ ମହାପ୍ରସାଦ ଅର୍ପଣ ପରେ ମଙ୍ଗଳ ଆଳତି ବଲ୍ଲଭ କରାଯାଇ ପିତା ଦକ୍ଷପ୍ରଜାପତିଙ୍କ ମନ୍ଦିରରୁ ପଢୁଆଁ ଭାର ସହିତ ନୂତନ ବସ୍ତ୍ର ମା'ଙ୍କ ଛତିଶା ସେବକ ଦଣ୍ଡସେଣା ଆଣିଥିବା ନବ ପାଟବସ୍ତ୍ରରେ ମା'ଙ୍କୁ ବେଶ କରାଯାଇଥିଲା। ପରେ ଖେଚୁଡ଼ି, ଡାଲି, ଏଣ୍ଡୁରି ପିଠାରେ ଧୂପ କରାଯାଇ ଆଳତି କରାଯାଇଥିଲା। ପରେ ମା' ଭଗବତୀ



ଅପରୂପ ବେଶରେ ସର୍ବସାଧାରଣରେ ଦର୍ଶନ ଦେବାରେ ମା'ଙ୍କ ଏହି ପଢୁଆଁ ବେଶ ଦର୍ଶନ ନିମନ୍ତେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସେହିପରି ବାଣପୁରର ପ୍ରତ୍ୟକ୍ଷ ଦେବତା ଶ୍ରୀରଙ୍ଗନାଥ ଦେବ ଓ ଶ୍ରୀଚରଣ ଚକାଦେବଙ୍କ ପୀଠରେ ପ୍ରଥମାଷ୍ଟମୀରେ ପଢୁଆଁ ଉତ୍ସବ ପାଳିତ ହୋଇଯାଇଛି।

● ସଠିକ୍ ପରିଚାଳନା ହେଉନି ଇ-ଡେସ୍ପାଚ୍

## ବିଭାଗୀୟ ସୂଚନା ପାଇବାରୁ ଲୋକେ ବଞ୍ଚିତ

ନିରାକାରପୁର,୧୨ା୧୧(ସମିସ): ଇ-ଡେସ୍ପାଚ୍ ଓଡ଼ିଶାରେ ୨୦୦୯ରୁ ପ୍ରଣୟନ କରାଯାଇଛି। ଯାହାକି ସରକାରୀ ଚିଠି ଗ୍ରହଣ ଏବଂ ପ୍ରେରଣ ପାଇଁ ଉଦ୍ଦିଷ୍ଟ। ଯେଉଁଥିରେ ଜଣେ ସାଧାରଣ ଜନତାଠାରୁ ବିଭାଗୀୟ ଅଧିକାରୀ ଘରେ ବସି ଗ୍ରାମାଞ୍ଚଳ, ବ୍ଲକ୍, ଜିଲ୍ଲା ତଥା ରାଜ୍ୟରେ କ'ଣ ଘଟୁଛି ସମ୍ପୂର୍ଣ୍ଣ ବିଭାଗୀୟ ଖବର ମିଳିବାର ସୁବିଧା କରାଯାଇଛି। କିନ୍ତୁ ବର୍ତ୍ତମାନ ଏହାକୁ କମ୍ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଇ-ଡେସ୍ପାଚ୍‌ରେ ଇ-ସ୍ପେସ୍‌ର ସୁବିଧା ମଧ୍ୟ ଅଛି, ଯେଉଁଥିରେ ଡାଟା ରଖିବା ପାଇଁ ପ୍ରଚୁର ସ୍ପେସ୍ ଥାଏ। ଜଣେ ସାଧାରଣ ଲୋକଠାରୁ ଆରମ୍ଭ କରି ଜିଲ୍ଲା ତଥା ବ୍ଲକ୍‌ର ଅଧିକାରୀ ଯେତେବେଳେ ଯୋଉ ମୁହୂର୍ତ୍ତରେ ଚାହିଁବେ ଚିଠି ନମ୍ବର ମାରି ଚିଠି ଡାଉନ୍‌ଲୋଡ୍ କରି କାଢ଼ିପାରିବେ। କେଉଁ ବିଭାଗର କ'ଣ କ'ଣ ସରକାରଙ୍କ ଯୋଜନା କେଉଁ ତାରିଖ ପର୍ଯ୍ୟନ୍ତ ମଧ୍ୟରେ ସାଧାରଣ ଲୋକେ ତା'ର ସୁବିଧା ଉଠେଇ ପାରିବେ ତାହା ହାତପାଆନ୍ତାରେ ଜାଣିପାରନ୍ତେ। ଜଣେ ଯଦି ଅଭିଯୋଗ ଦେଇଥାଏ ବିଭାଗୀୟ ଅଧିକାରୀ କ'ଣ ତା' ଉପରେ ପଦକ୍ଷେପ ନେଉଛନ୍ତି ତାହା ମଧ୍ୟ ଅଫିସକୁ ନ ଯାଇ ଜାଣି ହୋଇପାରନ୍ତା। ସଠିକ୍ ସମୟରେ ସଠିକ୍ ତଥ୍ୟ ନ ମିଳିବା ଫଳରେ ବିଭିନ୍ନ ବିଭାଗର ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଯାହାକି ବିଭିନ୍ନ ଅଧିକାରୀଙ୍କ ମଧ୍ୟରେ ସ୍ୱଚ୍ଛତା, ଆକାଉଣ୍ଟିବିଲିଟି, ରେକର୍ଡ କିପିଙ୍ଗ୍, ଟ୍ରାକିଂ ହୋଇପାରନ୍ତା। ଇ-ଡେସ୍ପାଚ୍ ଇ-ଡେସ୍କଟପ୍ ଆପ୍ଲିକେସନ ଏବଂ ଇ-ଡେସ୍ପାଚ୍ ସିଟିଜେନ୍ ମୋବାଇଲ୍ ଆପ୍ ଜରିଆରେ ଏସବୁ ସୁବିଧା ମିଳିପାରିବାର ଅଛି। କିନ୍ତୁ ଏହାକୁ ଜିଲ୍ଲା ପ୍ରଶାସନର ଆନ୍ତରିକତାର ଅଭାବ ଯୋଗୁଁ ଏହା ସଫଳ ରୂପାୟଣ ହୋଇପାରୁନି। ଯାହାକି ସରକାରଙ୍କଠାରୁ ଜନସାଧାରଣଙ୍କ ମଧ୍ୟରେ ଅଧିକ ଦୂରତା ସୃଷ୍ଟି କରୁଛି। ଖୋର୍ଦ୍ଧା ଜିଲ୍ଲାରେ କୃଷି ଓ କୃଷକ ସଶକ୍ତୀକରଣ, ସମବାୟ, ବାଣିଜ୍ୟ ଓ ପରିବହନ ବିଭାଗ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି, ଶକ୍ତି ବିଭାଗ, ଅବକାରୀ ବିଭାଗ, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ, ଜଙ୍ଗଲ , ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ, ସାଧରଣ ପ୍ରଶାସନ ଏବଂ ସାର୍ବଜନୀନ ଅଭିଯୋଗ ବିଭାଗ, ହସ୍ତତନ୍ତ ଏବଂ ହସ୍ତଶିଳ୍ପ ବିଭାଗ, ସ୍ୱାସ୍ଥ୍ୟ ଏବଂ ପରିବର କଲ୍ୟାଣ, ଉଚ୍ଚଶିକ୍ଷା ବିଭାଗ ଆଦି ପ୍ରାୟ ୪୦ଟି ବିଭାଗ ଜିଲ୍ଲାପାଳଙ୍କ ଅଧୀନରେ କାର୍ଯ୍ୟ କରୁଛି। ପ୍ରତ୍ୟେକ ବିଭାଗକୁ ଆଇଡି, ପାସ୍‌ୱାର୍ଡ ଦିଆଯାଇଛି। ଯଦି ଅଧିକାରୀମାନେ ଏହାର ସଠିକ୍ ପରିଚାଳନା କରନ୍ତେ, ତାହେଲେ ସମସ୍ତେ ଏହାର ଲାଭ ପାଇପାରନ୍ତେ। କିନ୍ତୁ କେଉଁ ବିଭାଗରେ କ'ଣ ହେଉଛି ଲୋକେ ଜାଣିବାରେ ଅକ୍ଷମ ହେଉଛନ୍ତି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଅନୁରୋଧ କରାଯାଉଛି।

**ପ୍ରଶାସନ ଓ ସାଧାରଣ ଲୋକଙ୍କୁ ଯୋଡ଼ିବାରେ ଇ-ଡେସ୍ପାଚ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ**

## ୧୪ରେ 'ଆପଣଙ୍କ ପୁଞ୍ଜି, ଆପଣଙ୍କ ଅଧିକାର' ସଚେତନତା ଶିବିର

ଖୋର୍ଦ୍ଧା,୧୨ା୧୧(ସମିସ): ଆପଣଙ୍କ ପୁଞ୍ଜି, ଆପଣଙ୍କ ଅଧିକାରଜନିତ ଏକ ସଚେତନତା ଶିବିର ଆସନ୍ତା ୧୪ ତାରିଖରେ ଜୟୀରାଜଗୁରୁ ଟାଉନ୍ ହଲ୍ ପରିସରରେ ଅନୁଷ୍ଠିତ ହେବ। ଏହି ଶିବିରରେ ଦାବିହୀନ ଖାତାର ଅର୍ଥରାଶି ପ୍ରଦାନ ସହିତ ବ୍ୟାଙ୍କଗୁଡ଼ିକରେ ଦାବିହୀନ ଖାତା ସମ୍ବନ୍ଧୀୟ ବିସ୍ତୃତ ସୂଚନା ବ୍ୟାଙ୍କ ପକ୍ଷରୁ ପ୍ରଦାନ କରାଯିବ। ଜନସାଧାରଣ ନିଜ ପୁଞ୍ଜି ଉପରେ ପୂର୍ଣ୍ଣ ଅଧିକାର ସାବ୍ୟସ୍ତକୁ ସଫଳ କରିବା ଉଦ୍ଦେଶ୍ୟରେ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବ୍ୟାଙ୍କ ଓ ଅର୍ଥ ଲଗାଣକାରୀ ସଂସ୍ଥା ମିଶି ଏହି ଗୁରୁତ୍ୱପୂର୍ଣ୍ଣ ପୁଞ୍ଜି ଅଧିକାର ସଚେତନତା ଶିବିର ଭାରତ ସରକାରଙ୍କ ଅର୍ଥ ସେବା ବିଭାଗଙ୍କ ନିର୍ଦ୍ଦେଶମତେ ଆୟୋଜନ କରାଯାଉଛି ବୋଲି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ କ୍ଷେତ୍ରୀୟ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ଭଗତ ବେହେରା ଓ ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ ଅଜୟ ବେହେରା ସୂଚନା ଦେଇଛନ୍ତି।

## ପିଏନ୍ କଲେଜ ପଡ଼ିଆରେ ଅଣଛାତ୍ରଙ୍କ ବିପଦପୂର୍ଣ୍ଣ ଷ୍ଟଣ୍ଟ

ଖୋର୍ଦ୍ଧା,୧୨ା୧୧(ସମିସ): ସ୍ଥାନୀୟ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ୟାମ୍ପସ୍ ଏବେ ପାଲଟିଛି ଅଣଛାତ୍ରଙ୍କ ଆତଙ୍କ। ବିଭିନ୍ନ ସମୟରେ କଲେଜ ପରିସରରେ ପଶି ଅଣଛାତ୍ର ଆତଙ୍କ ଖେଳାଉଥିବାବେଳେ କେତେବେଳେ ଛାତ୍ରଛାତ୍ରୀଙ୍କୁ ଆକ୍ରମଣ କଲେଣି ତ ଆଉ କେତେବେଳେ କଲେଜ କର୍ତ୍ତୃପକ୍ଷ ଆକ୍ରମଣର ଶିକାର ହେଲେଣି। ଫଳରେ ଛାତ୍ରଛାତ୍ରୀ ଓ କଲେଜ କର୍ତ୍ତୃପକ୍ଷ ଏନେଇ ବିରୋଧ କଲେ କିଛି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ କେତେକ ଯୁବକ ଓ କିଛି ଛାତ୍ର ସଂଗଠନର ପୂର୍ବତନ ଛାତ୍ରନେତାମାନେ ପଶି ଗାଳିଗୁଲଜ କରୁଥିବା ନଜର୍ ରହିଛି। ସେହିପରି କଲେଜର ଜାତୀୟ ରାଜପଥ ସମ୍ମୁଖ କ୍ୟାମ୍ପସ୍ ମୁକୁଳା ପଡ଼ିଛି। ପଛପଟ ଗେଟ୍ ଦେଇ ସର୍ବସାଧାରଣ ଯାତାୟାତ ପାଇଁ ରାସ୍ତା ରହିଛି। ଫଳରେ ଏହାର କ୍ୟାମ୍ପସ୍ ଗେଟ୍ ଅହରହ ଖୋଲା ରହୁଛି। ଏହି ଗେଟ୍ ଦେଇ ଅଣଛାତ୍ରମାନେ ପ୍ରବେଶ କରି ଆତଙ୍କ ସୃଷ୍ଟି କରୁଛନ୍ତି। ମଙ୍ଗଳବାର ମଧ୍ୟାହ୍ନ ସମୟରେ କେତେଜଣ ଅଣଛାତ୍ର ୨ଟି କାର୍ ଏବଂ ୨ଟି ବାଇକ୍ ଧରି ମହାବିଦ୍ୟାଳୟ ମୁକୁନ୍ଦପ୍ରସାଦ ପଟୁ



**କର୍ତ୍ତୃପକ୍ଷ ଓ ଅଣଛାତ୍ର ମୁହାଁମୁହିଁ; ଜଣେ ଅଟକ**

କ୍ୟାମ୍ପସ୍ ପଛପଟ ଗେଟ୍ ଦେଇ କ୍ୟାମ୍ପସ୍ ପରିସରକୁ ପ୍ରବେଶ କରି ଖେଳପଡ଼ିଆରେ ଓପନ କାର୍ ଓ ବାଇକ୍‌ରେ ଷ୍ଟଣ୍ଟ କରିଥିଲେ। ସେହି ସମୟରେ ଖେଳପଡ଼ିଆରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀମାନେ ସେଠାରୁ ଭୟରେ ପଳାଇଥିଲେ। ଏନେଇ କଲେଜ କର୍ତ୍ତୃପକ୍ଷ ଏବଂ କେତେଜଣ ଛାତ୍ର ଏହାର ବିରୋଧ କରିଥିଲେ। ଏହାକୁ ନେଇ କଲେଜ କର୍ତ୍ତୃପକ୍ଷ ଏବଂ ଅଣଛାତ୍ର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ପୁଲିସ ପହଞ୍ଚିବା ଦେଖି ଅଣଛାତ୍ରମାନେ ଘଟଣାସ୍ଥଳରୁ ପଳାଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷାଙ୍କ ଅଭିଯୋଗ କ୍ରମେ ଶିଳ୍ପାଞ୍ଚଳ ପୁଲିସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲା। ଏନେଇ ଶିଳ୍ପାଞ୍ଚଳ ଥାନାଧିକାରୀ ଉମେଶ ସାହୁଙ୍କୁ ପଚାରିବାରେ କଲେଜ କର୍ତ୍ତୃପକ୍ଷଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇଛୁ। ଖେଳପଡ଼ିଆରେ ବେଆଇନ ଷ୍ଟଣ୍ଟ କରୁଥିବା କାର୍ ଏବଂ ବାଇକ୍‌ଗୁଡ଼ିକର ନମ୍ବରକୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣକୁ ଧରାଯାଇଛି। ଖୁବ୍‌ଶୀଘ୍ର ବେଆଇନ ଷ୍ଟଣ୍ଟ କରିବା ଏବଂ କଲେଜ କର୍ତ୍ତୃପକ୍ଷଙ୍କୁ ଧମକ ଦେଇଥିବା ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ।

## ନିଖୋଜ ବୃଦ୍ଧଙ୍କ ଗଳିତ ଶବ କୂଅରୁ ଉଦ୍ଧାର

ବେଗୁନିଆ,୧୨ା୧୧(ସମିସ): ବେଗୁନିଆ ଥାନା ଅନ୍ତର୍ଗତ ବଡ଼ବେରଣା ଗ୍ରାମର ଦାମୋଦର ସାହୁ(୬୫) ଗତ ରବିବାର ବଡ଼ି ଭୋର୍‌ରୁ କେଉଁଆଡ଼େ ଚାଲି ଯାଇଥିଲେ। ଏ ନେଇ ପୁଅ ଦିନବନ୍ଧୁ ପୁଲିସ ନିକଟରେ ଅଭିଯୋଗ କରିଥିବାବେଳେ ବୁଧବାର ବଡ଼ି ଭୋର୍‌ରୁ କୂଅରେ ଏକ ଶବ ଭାସୁଥିବାର ଦେଖିବାକୁ ମିଳିଥିଲା। ଏଥିରେ ବେଗୁନିଆ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ଶବକୁ ଉଦ୍ଧାର କରି ପୁଲିସ ଜିମା ଦେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

## ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ

ବେଗୁନିଆ,୧୨ା୧୧(ସମିସ): ବେଗୁନିଆ ବ୍ଲକ୍ ଅନ୍ତର୍ଗତ କଣ୍ଟାବାଡ଼ ନୀଳକଣ୍ଠ



ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ବିଜୟ କୁମାର ମହାପାତ୍ରଙ୍କ ନେତୃତ୍ୱ ଓ ବିଜ୍ଞାନ ଶିକ୍ଷକ ଅମୀୟ ରଞ୍ଜନ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ବିଚାରକ ଭାବେ ରମାମଣି ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟାପିକା ଶୈଳ ଝା, ବଡ଼ବେରଣା ଡିକେଏସ୍‌ଏନ୍ ବିଦ୍ୟାପୀଠର ବିଜ୍ଞାନ ଶିକ୍ଷକ ରାମଚନ୍ଦ୍ର ମହାରଣା ଓ ଗୋବିନ୍ଦପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସନ୍ତୋଷ କୁମାର ସାହୁ ଯୋଗଦେଇ ମୂଲ୍ୟାୟନ କରିଥିଲେ। ଏହି ମେଳାରେ ୭୦ଟି ପ୍ରକଳ୍ପ ମଧ୍ୟରୁ ୬ଟି ପ୍ରକଳ୍ପକୁ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ପାଇଁ ମନୋନୀତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ନାରାୟଣ ମାନସିଂହ ଓ ଶିକ୍ଷକ ଆଖଣ୍ଡଳମଣି ପ୍ରସାଦ ପଟ୍ଟନାୟକ ପରିଚାଳନା କରିଥିବାବେଳେ ଶିକ୍ଷକଶିକ୍ଷୟିତ୍ରୀ ଏବଂ କର୍ମଚାରୀମାନେ ସହଯୋଗ କରିଥିଲେ।

## ଖୋର୍ଦ୍ଧା ଆଦର୍ଶ ବିଦ୍ୟାଳୟରେ ବିଜ୍ଞାନ ମେଳା

ଖୋର୍ଦ୍ଧା,୧୨ା୧୧(ସମିସ): ସ୍ଥାନୀୟ ଶିଆଳିଆସ୍ଥିତ ଖୋର୍ଦ୍ଧା ଆଦର୍ଶ ବିଦ୍ୟାଳୟରେ ଏକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ମୋଟ୍ ୩୧ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷା ସୁଜାତା ଚକ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ତଥା ବିଚାରକ ଭାବେ ପ୍ରାଣନାଥ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ସୁବୋଧ କୁମାର ଜଗଦ୍ଦେବ, ବିଚାରକ ଭାବେ ବିଜେବି ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷା ଡ. ସବିତା ଦାସ ଯୋଗଦେଇଥିଲେ। ବାଲ୍ ବୈଜ୍ଞାନିକ ବିଜ୍ଞାନ ପ୍ରଦର୍ଶନୀରେ ଏକାଦଶ ଶ୍ରେଣୀର ଲକ୍ଷ୍ମୀପ୍ରିୟା ସୁବୁଦ୍ଧି (ମନୋରଞ୍ଜନ ଗାଣିତିକ ପ୍ରତିରୂପ)ରେ ପ୍ରଥମ, ଅଷ୍ଟମ ଶ୍ରେଣୀର ରିତେଶ ଭୂଜବଳ (ଉନ୍ନତ ଚାଷ) ରେ ଦ୍ୱିତୀୟ ଓ ସପ୍ତମ ଶ୍ରେଣୀର ପ୍ରିୟଙ୍କା ପ୍ରିୟଦର୍ଶନୀ ସାହୁ (ସବୁଜ ଶକ୍ତି)ରେ ତୃତୀୟ ହୋଇଥିଲେ। ଠିକ୍ ସେହିପରି ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ ପ୍ରଥମରେ ଅଷ୍ଟମ ଶ୍ରେଣୀର ଶିବପ୍ରସାଦ ମହାନ୍ତି, ଦ୍ୱିତୀୟରେ ସପ୍ତମ ଶ୍ରେଣୀର ଶ୍ରୀୟାଂଶ ପାଣିଗ୍ରାହୀ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ ଅଂଶୁମାନ ବଳିଆରସିଂହ। ଜୀବ ବିଜ୍ଞାନ ଶିକ୍ଷୟିତ୍ରୀ ଅନିନ୍ଦିତା ସାହୁ ମାର୍ଗଦର୍ଶକ ଭାବେ ଦାୟିତ୍ୱ ତୁଲାଇଥିଲେ। ଶିବ ଶଙ୍କର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସ୍କୁଲର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ତଥା ସମସ୍ତ କର୍ମଚାରୀ ବୃନ୍ଦ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପୁଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା



ବେଗୁନିଆ,୧୨ା୧୧(ସମିସ): ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ ସାଇବର ସେଲର ଇନ୍ସପେକ୍ଟର ସୁଚିତ୍ରାଙ୍କ ନେତୃତ୍ୱରେ ବାଘମାରୀ ପୁଲିସ ପକ୍ଷରୁ ସ୍ଥାନୀୟ ଦୁର୍ଗାପୂଜା ମଣ୍ଡପ ପରିସରରେ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଜନସାଧାରଣ କିଭଳି ସାଇବର ଠକେଇର ଶିକାର ହେଉଛନ୍ତି ପୁଲିସ ପକ୍ଷରୁ ନାଚଗୀତ ଓ ସଙ୍ଗୀତ ମାଧ୍ୟମରେ ଅଭିନବ ପ୍ରୟାସରେ ସଚେତନତା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସମାଜସେବୀ ସନ୍ତୋଷ କୁମାର ପଣ୍ଡା କହିଛନ୍ତି। ଏହାଦ୍ୱାରା ଜନସାଧାରଣ ସଚେତନ ରହିଲେ ସାଇବର ଠକେଇର ଶିକାର ହୋଇପାରିବ ନାହିଁ। ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବାବେଳେ ପୁଲିସ କର୍ମଚାରୀମାନେ ସହଯୋଗ କରିଥିଲେ।

## ଗାଁରେ ପଶିଲେ ଦୁଇ ବଣୁଆ ହାତୀ; ଲୋକେ ଭୟଭୀତ

ବେଗୁନିଆ,୧୨ା୧୧(ସମିସ): ବେଗୁନିଆ ବ୍ଲକ୍‌ରେ ୨ ଟିକିଆ ବଣୁଆ ହାତୀ ଚନ୍ଦକା ଜଙ୍ଗଲ ଅଞ୍ଚଳରୁ ଆସି ବିଚରଣ କରୁଥିବା ଯୋଗୁଁ ଜନସାଧାରଣରେ ଭୟ ସୃଷ୍ଟି ହୋଇଛି। ଯାହାକି ହାତୀ ଦୁଇଟି ମଙ୍ଗଳବାର ସରଧାପୁର, ବାମଡିହ ଓ ଚଣ୍ଡିଆପଲା ଗ୍ରାମରେ ବୁଲୁଥିବାର ଦେଖି ସ୍ଥାନୀୟ ବନ ବିଭାଗ କାର୍ଯ୍ୟାଳୟର ବନପାଳ ପ୍ରିୟଦର୍ଶିନୀ ସେଠୀ ଓ ସ୍କ୍ୱାଡ୍ ଦୁର୍ଗା ପ୍ରସାଦ ପଣ୍ଡାଙ୍କ ସମେତ ହାତୀର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ତେବେ ବୁଧବାର ସନ୍ଧ୍ୟାରେ ଖବର ଲେଖା ହେଲା ବେଳକୁ ହାତୀ ଦୁଇଟି ଛିଆମ ଗ୍ରାମ ନିକଟରେ ରହିଛନ୍ତି ବୋଲି ବନପାଳ ଶ୍ରୀମତୀ ସେଠୀ କହିଛନ୍ତି।

## ଦୀନବନ୍ଧୁ ମାର୍ଥାଙ୍କ ସ୍ମୃତିଚାରଣ ସଭା

ଖୋର୍ଦ୍ଧା,୧୨ା୧୧(ସମିସ): ତାପଙ୍ଗ ଦଳବେହେରା ସ୍ମୃତି ପରିଷଦର ଉପଦେଷ୍ଟା ତଥା ଶିକ୍ଷାବିତ୍ ଦୀନବନ୍ଧୁ ମାର୍ଥାଙ୍କ ଏକାଦଶାହ ତିଥିରେ ଏକ ସ୍ମୃତିଚାରଣ ସଭା ଜନ୍ମସ୍ଥାନ କାୟାଠାରେ ତାପଙ୍ଗ ଦଳବେହେରା ସ୍ମୃତି ପରିଷଦର କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ମାର୍ଥା ପ୍ରଥମେ ତାପଙ୍ଗ ହାଇସ୍କୁଲରେ ଶିକ୍ଷକତା ଆରମ୍ଭ କରି ପରେ ଖୋର୍ଦ୍ଧା ବିଜେବି ହାଇସ୍କୁଲ ଓ ପଦୋନ୍ନତି ପାଇ ଖୋର୍ଦ୍ଧା ସରକାରୀ ବାଳିକା ହାଇସ୍କୁଲ ପ୍ରଧାନଶିକ୍ଷକ ପଦରୁ ଅବସର ନେଇଥିଲେ। ଜଣେ ଦକ୍ଷ ଗଣିତ ଶିକ୍ଷକ ଓ ସଂଗଠକ ଭାବରେ ତାଙ୍କର ସୁନାମ ଥିଲା। ତାଙ୍କ ସ୍ମୃତିଚାରଣ ସଭାରେ କଳିଙ୍ଗ ପାଇକ ସଂଗଠନର ସଭାପତି ଭୀମସେନ ପ୍ରଧାନ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ପ୍ରାକ୍ତନ ପ୍ରଧାନଶିକ୍ଷକ ବାମଦେବ ରାୟସିଂହ, ପଣ୍ଡିତ ହାଡ଼ିବନ୍ଧୁ ପଣ୍ଡା, ଜ୍ୟେଷ୍ଠ ଭ୍ରାତା ଦୈତାରୀ ମାର୍ଥା, ଦଳବେହେରା ସ୍ମୃତି ପରିଷଦର ସମ୍ପାଦକ ସଂଗ୍ରାମ କେଶରୀ ଜଗଦ୍ଦେବ ମଞ୍ଚାସୀନ ଥାଇ ଗୁଣାବଳୀ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ଣ୍ଣଚନ୍ଦ୍ର ଦାସ, କୁମର ବରିସଲ, ଦେବଶ୍ରୀ ମାର୍ଥା, ଶୁଭଶ୍ରୀ ମାର୍ଥା, ଲକ୍ଷ୍ମୀଧର ପଲେଇ, ଅଞ୍ଜନ କୁମାର ମାର୍ଥା, ରଞ୍ଜନ ପ୍ରଧାନ, ଦୀପକ ଜୟସିଂହ, ସୁନୀଲ କୁମାର ବୈରୀଗଞ୍ଜନ, ପ୍ରସନ୍ନ କୁମାର ଆଚାର୍ଯ୍ୟ, ଅଜାତ ପ୍ରସାଦ ବଡ଼ାଇ କରଣ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଦେବାଶିଷ ମାର୍ଥା, ଦିଲ୍ଲୀପ ଖଟୁଆ, ଶୁଭସ୍ମିତା ସ୍ୱାଇଁ କାର୍ଯ୍ୟ ପରିଚାଳନା କରିଥିବାବେଳେ ଅଞ୍ଜନ ବଳିଆରସିଂହ ଧନ୍ୟବାଦ ଦେଇଥିଲେ।



# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ଟାଙ୍ଗୀ,୧୨ା୧୧(ସମିସ)







ମତ୍ସ୍ୟ ଓ ପଶୁସମ୍ପଦର ବିକାଶ ସହିତ କୃଷିର ବିକାଶ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ରାଷ୍ଟ୍ରର ବିକାଶ ପାଇଁ ଏଥିପ୍ରତି ଧ୍ୟାନଦେବାର ଆବଶ୍ୟକତାକୁ ଗୁରୁତ୍ୱର ଭାବେ ଗ୍ରହଣ କରିବା ଉଚିତ୍ ବୋଲି ବୁଧବାର ପଶୁଧନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା-୨୦୨୫ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ମତବ୍ୟକ୍ତ କରିଛନ୍ତି। ଟାଙ୍ଗୀ ପଶୁ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ବ୍ଲକ୍‌ସ୍ତରୀୟ ଏହି ମେଳାରେ ଅନ୍ୟତମ ଅତିଥି ଭାବେ ଟାଙ୍ଗୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିପ୍ସା ମାନ୍ଧାତା, ମଣ୍ଡଳ ଉନ୍ନୟନ ଅଧିକାରୀ ରୁମାନା ଜାଫ୍ରି, ଭାଇସ୍ ଚେୟାରମ୍ୟାନ୍ ଦୁର୍ଗା ପ୍ରସାଦ ନାଥଶର୍ମା, ଟାଙ୍ଗୀ ପଞ୍ଚାୟତ ସରପଞ୍ଚ କିଶୋର କୁମାର ବେହେରା, ସହ ମତ୍ସ୍ୟ ଅଧିକାରୀ ସୁରେନ୍ଦ୍ର କୁମାର କାଣ୍ଡି, ଖୋର୍ଦ୍ଧା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଅଧିକାରୀ ସଦାଶିବ ମହାପାତ୍ର, ପ୍ରାଣୀ ଚିକିତ୍ସା ଅଧିକାରୀ ଚନ୍ଦ୍ରମଣି ସାହୁ, ବ୍ଲକ୍ ମତ୍ସ୍ୟ ଅଧିକାରୀ ଆଲୋକ ସେଠୀ ଯୋଗଦେଇଥିଲେ। ଅତିରିକ୍ତ ମତ୍ସ୍ୟ ଅଧିକାରୀ ଲିପ୍ସା ପଟ୍ଟନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବ୍ଲକ୍ କୃଷି ଅଧିକାରୀ ସୌମେନ୍ଦ୍ର କୁମାର ବେହେରା, ସାଂସଦ ପ୍ରତିନିଧି ଚିନ୍ମୟ ପୃଷ୍ଟି, ବଡ଼ପାରୀ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସଙ୍କ ସମେତ ବିଭାଗୀୟ ଅଧିକାରୀମାନେ ମଧ୍ୟ ଯୋଗଦେଇଥିଲେ। ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ ବିଭିନ୍ନ ପଞ୍ଚାୟତର ଶତାଧିକ ମହିଳା, କୃଷକ ଓ ମହିଳା ଗୋଷ୍ଠୀ ସଭ୍ୟାମାନେ ଭିନ୍ନ ଭିନ୍ନ ଷ୍ଟଲ୍‌ରେ ପୁଷ୍ଟି ଶସ୍ୟ ଖାଦ୍ୟମେଳା, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଭଳି ସୂଚନା ପ୍ରଦର୍ଶନ କରିଥିଲେ। ପ୍ରାରମ୍ଭରେ ବିଧାୟକ ଶ୍ରୀ ଜଗଦ୍ଦେବ କାମଧେନୁର ପୂଜାର୍ଚ୍ଚନା କରିବା ପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା।

ବେଗୁନିଆ: ବେଗୁନିଆ ସଦର ମହକୁମାସ୍ଥିତ ବିଜୁ ପଟ୍ଟନାୟକ ଟାଉନ୍ ହଲ୍ ପରିସରରେ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକ୍ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ଅଧ୍ୟକ୍ଷତା ଓ ବ୍ଲକ୍ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ବନ୍ଦିତା ବେହେରାଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ବିଡିଓ ସନ୍ତୋଷ କୁମାର ଜେନା, ତହସିଲ୍‌ଦାର ତାପସ ବିଶି, ଜିଲ୍ଲା ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ନରସିଂହ ମୁଣ୍ଡୁ, ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ମୋନାଲିସା ଖଟୁଆ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ବୈଜ୍ଞାନିକ (ସୋଆ) ପ୍ରଫେସର ଭଗବାନ ଦାସ ଓ ନବକୃଷ୍ଣ ପ୍ରହରାଜ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ଚାଷୀମାନଙ୍କୁ ଅବଗତ କରିବା ସହ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଚାଷୀଙ୍କୁ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରୀତିଶ କୁମାର ରଥ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ବ୍ଲକ୍ ମତ୍ସ୍ୟ ସହାୟକ ଅଧିକାରୀ ଚିନ୍ମୟୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସହକାରୀ ଉଦ୍ୟାନ କୃଷି ବିଭାଗ ଓ କୃଷି କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ କିସମର ପନିପରିବା ଏବଂ ଧାନ ସଂଗ୍ରହ ହୋଇଥିବା ଷ୍ଟଲ୍‌କୁ ବିଧାୟକ ଶ୍ରୀ ସାହୁଙ୍କ ସମେତ ଅତିଥିମାନେ ପରିଦର୍ଶନ କରିଥିଲେ।

### ୨୬/୧୧ ଭଳି ବହୁ ସହରରେ ଆକ୍ରମଣ ଯୋଜନା ପଣ୍ଡ

# ୨୦୦ ବୋମାରେ ହୋଇଥାନ୍ତା ସିରିଜ୍ ବିସ୍ଫୋରଣ

ନୂଆଦିଲ୍ଲୀ, ୧୨।୧୧ (ଏଜେନ୍ସି): ସୋମବାର ସନ୍ଧ୍ୟାରେ ଦିଲ୍ଲୀରେ ହୋଇଥିବା ବିସ୍ଫୋରଣଠାରୁ ଅତି ଭୟଙ୍କର ଯୋଜନା ପ୍ରସ୍ତୁତ କରିଥିଲେ ଆତଙ୍କବାଦୀ। ଏହି ଫରିଦାବାଦ ମଡ୍ୟୁଲୋରେ ସାମିଲ ଆତଙ୍କବାଦୀମାନେ ୨୦୦ ବୋମା (ଆଇଇଡି)ରେ ୨୬/୧୧ ଭଳି ଆକ୍ରମଣ କରିବାକୁ ଷଡ଼ଯନ୍ତ୍ର କରିଥିଲେ ବୋଲି ଜଣାପଡ଼ିଛି। ଏଥିପାଇଁ ଫରିଦାବାଦରୁ ଗିରଫ ଡ. ସାହିନ ସାହିଦ ଦୁଇ ବର୍ଷ ହେଲା ବିସ୍ଫୋରକ ସଂଗ୍ରହ କରୁଥିଲା। ସାହିନ ଏବଂ ତାର ସହଯୋଗୀ ମିଶି 'ହ୍ୱାଇଟ କଲାର ଟେରର ମଡ୍ୟୁଲୋ' ଗଠନ କରିଥିଲେ। କାହାକୁ ସନ୍ଦେହ ନ ହେବା ପାଇଁ ଏଥିରେ କେବଳ ବୃତ୍ତିଗତ ଲୋକଙ୍କୁ ସାମିଲ କରିଥିଲେ। ଏହି ଆତଙ୍କବାଦୀ ଜୈସ-ଇ-ମହମ୍ମଦ ଏବଂ ଅନ୍ସାର ଗଜୱତ-ଉଲ-ହିନ୍ଦ ନାମକ ସଂଗଠନ ସହ ଜଡ଼ିତ ଥିଲେ।



ହରିୟାଣା ପୁଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଆତଙ୍କବାଦୀ ମଡ୍ୟୁଲୋ ୨୦୦ରୁ ଅଧିକ ଆଇଇଡି ପ୍ରସ୍ତୁତ କରିବାକୁ ଯୋଜନା କରିଥିଲେ। ଏଥିପାଇଁ ୨୯୦୦ କେଜି ବିସ୍ଫୋରକ ସହିତ ଟାଇମର ଏବଂ ବୋମା ପ୍ରସ୍ତୁତିରେ ବ୍ୟବହୃତ ଅନ୍ୟ ସାମଗ୍ରୀ ଆଣି ଥିଲେ। ଏମାନେ ଏକାସଙ୍ଗେ ଅନେକ ସହରରେ ୨୬/୧୧ ଭଳି ଆକ୍ରମଣ କରିବାକୁ ଯୋଜନା କରିଥିଲେ। କେବଳ ବିସ୍ଫୋରଣ ନୁହେଁ, ଏକେ-୫୬, ୪୭ ଭଳି ରାଇଫଲରୁ ସାର୍ବଜନୀନ ସ୍ଥାନରେ ଗୁଳିଗୋଳା ମାଡ଼ କରି ଲୋକଙ୍କ ଜୀବନ ନେବାକୁ ଚାହୁଁଥିଲେ। ଆଖପାଖରେ ଡାକ୍ତରଖାନା ନ ଥିବା ଅଞ୍ଚଳକୁ ନିଶାଣ କରିବାକୁ ଯୋଜନା କରିଥିଲେ। ଲୋକଙ୍କୁ ସହଜରେ ହସ୍ପିଟାଲରେ ପହଞ୍ଚିବାକୁ ନ ଦେବା ପାଇଁ ଏପରି କରିଥିଲେ।

ଦିଲ୍ଲୀ, ଗୁରୁଗ୍ରାମ ଏବଂ ଫରିଦାବାଦ ନିଶାଣରେ ଥିଲା। ଦିଲ୍ଲୀର ଲାଲକିଲ୍ଲା, ଇଣ୍ଡିଆ ଗେଟ୍, କନ୍ଷ୍ଟିଚ୍ୟୁସନ କ୍ଲବ ଏବଂ ଗୌରୀ ଶଙ୍କର ମନ୍ଦିର ଭଳି ପ୍ରମୁଖ ସ୍ଥାନକୁ ଆକ୍ରମଣ ପାଇଁ ଆତଙ୍କବାଦୀ ବାଛି ଥିଲେ। ଏହା ବ୍ୟତୀତ ସାରା ଦେଶର ରେଳ ଷ୍ଟେସନ ଏବଂ ବଡ଼ ମଲ୍ ମଧ୍ୟ ଟାର୍ଗେଟରେ ଥିଲା। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଷଡ଼ଯନ୍ତ୍ର ଗତ ଜାନୁଆରୀରୁ ଆରମ୍ଭ ହୋଇଥିଲା। ଜେଇଏମ ସହ ଏହି ଆତଙ୍କବାଦୀଙ୍କ ସମ୍ପର୍କ ଥିଲା। ଧାର୍ମିକ ସ୍ଥଳରେ ଆକ୍ରମଣ କରି ଦେଶରେ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି କରିବା ସେମାନଙ୍କର ଉଦ୍ଦେଶ୍ୟ ଥିଲା। ଏଥିପାଇଁ କଶ୍ମୀରର ପୁଲୱାମା, ସୋପିଆନ ଏବଂ ଅନନ୍ତନାଗର କିଛି ଡାକ୍ତରଙ୍କୁ ବାଛି ଥିଲେ। ବିନା ସମସ୍ୟାରେ ଆକ୍ରମଣ ପାଇଁ ଏହି ପନ୍ଥା ଆପଣାଇ ଥିଲେ। ଆତଙ୍କବାଦୀମାନେ ଫରିଦାବାଦରେ ଦୁଇଟି ଘର ଭଡ଼ା ନେଇଥିଲେ। ପ୍ରଥମ ଠିକଣାଟି ଧୌଜ ଗ୍ରାମରେ ଥିଲା। ଏହା ଫଲାହ ବିଶ୍ୱବିଦ୍ୟାଳୟରୁ ମାତ୍ର ୩୦୦ ମିଟର ଦୂରରେ ରହିଛି। କୋଠା ତିଆରି ପାଇଁ ସାମଗ୍ରୀ ଯୋଗାଣ କରୁଥିବା ଇକବାଲ ଏହି ଆତଙ୍କବାଦୀମାନଙ୍କୁ ଘର ଦେଇଥିଲା। ତା ଘରୁ ୩୬୦ କେଜି ଆମୋନିୟମ ନାଇଟ୍ରେଟ, ରାଇଫଲ୍ସ ଏବଂ ଅନ୍ୟ ଅସ୍ତ୍ରଶସ୍ତ୍ର ମିଳିଥିଲା। ଏଠାରେ ଏକ ସିମେଣ୍ଟ ଗୋଦାମ ଥିଲା। କାହାର ସନ୍ଦେହ ନ ହେବା ପାଇଁ ବିସ୍ଫୋରକ ଏଠାରେ ରଖା ଯାଇଥିଲା। ସେହିପରି ଅନ୍ୟ ଠିକଣାଟି ଫତେହପୁର ଗ୍ରାମରେ ଥିଲା। ଏହା ବିଶ୍ୱବିଦ୍ୟାଳୟରୁ ତିନି କିମି ଦୂରରେ ରହିଥିଲା। ଏହା ନୁହ ବାସିନ୍ଦା ମୌଲବୀ ଇଷ୍ଟିୟାକର ଘର ଥିଲା। ଏଠାରୁ ୨୫୬୩ କେଜି ଆମୋନିୟମ ନାଇଟ୍ରେଟ ଜବତ କରାଯାଇଥିଲା। ଜାଣିଶୁଣି ମୁସଲିମ ବହୁଳ ଅଞ୍ଚଳରେ ଘର ଭଡ଼ା ନେଇ ଏହା ରଖାଯାଇଥିଲା। ଏହି ଘର ବାହାରେ ସିସିଟିଭି ଲାଗିଥିଲା। ମୌଲବୀର ଘର ହୋଇଥିବାରୁ ସନ୍ଦେହର କୌଣସି ଆଶଙ୍କା ନ ଥିଲା। କାରଣ ମୁସଲିମ ସମାଜ ମୌଲବୀଙ୍କ ଘରେ ଥିବା ଭଡ଼ାଟିଆଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖି ନ ଥାଏ।

## ତଦନ୍ତ ଆରମ୍ଭ କଲା ଏନ୍ଆଇଏ 'ସ୍ପେଶିଆଲ ୧୦'

ଏନଆଇଏ ବିସ୍ଫୋରଣର ତଦନ୍ତ ପାଇଁ 'ସ୍ପେଶିଆଲ ୧୦' ଅଧିକାରୀଙ୍କ ଏକ ଦଳ ଗଠନ କରିଛି। ଏଥିରେ ଜଣେ ଆଇଜି, ଦୁଇ ଜଣ ଡିଆଇଜି ଏବଂ ତିନି ଜଣ ଏସପି ସାମିଲ ଅଛନ୍ତି। ଅନ୍ୟମାନେ ଡିଏସ୍ପି ସ୍ତରୀୟ ଅଧିକାରୀ ଏହି ଦଳରେ ସାମିଲ ରହିଛନ୍ତି। ଏନଆଇଏ ଡିଜି ଏବଂ ଆଇବି ମୁଖ୍ୟ ମଧ୍ୟ ବୁଧବାର ଦିଲ୍ଲୀ ବିସ୍ଫୋରଣ ସମ୍ପର୍କରେ ଏକ ବୈଠକ କରିଥିଲେ ବୋଲି ଜଣାଯାଇଛି। ଏନଆଇଏ ଟିମ୍ ଆଜି ଜମ୍ମୁ-କାଶ୍ମୀର, ଦିଲ୍ଲୀ ଏବଂ ହରିୟାଣା ପୁଲିସଠାରୁ ଜୈସ ମଡ୍ୟୁଲୋ ସମ୍ବନ୍ଧିତ ସମସ୍ତ ମାମଲାର ପ୍ରମାଣପତ୍ର ନିଜ ହାତକୁ ନେଇପାରେ। ଏନ୍ଆଇଏ ଡିଜି ବିଜୟ ସାଖରେ ଏହି ଟିମ୍‌ର ନେତୃତ୍ୱ ନେଉଛନ୍ତି। ୧୯୯୬ ବ୍ୟାଚ୍‌ର ଏହି କେରଳ କ୍ୟାଡର ଅଧିକାରୀ ପୂର୍ବରୁ ଏନଆଇଏର ଆଇଜି ଥିଲେ। ଗତ ସେପ୍ଟେମ୍ବରରେ ସେ ଡିଜି ଭାବେ ଦାୟିତ୍ୱଗ୍ରହଣ କରିଥିଲେ।

## ପୀଡ଼ିତଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ



ଭୁଟାନ ଗସ୍ତରୁ ଫେରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀ ବିସ୍ଫୋରଣରେ ଆହତ ହୋଇଥିବା ବ୍ୟକ୍ତିଙ୍କୁ ଭେଟିଛନ୍ତି। ସେ ଏଲଏନଜେପି ହସ୍ପିଟାଲକୁ ଯାଇ ଆହତମାନଙ୍କ ସହ କଥା ହୋଇଛନ୍ତି ଏବଂ ଆଶୁ ଆରୋଗ୍ୟ କାମନା କରିଛନ୍ତି। ମୋଦୀ ଡାକ୍ତରଙ୍କ ସହ କଥା ହୋଇ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ବୁଝିଛନ୍ତି। ଏହି ଷଡ଼ଯନ୍ତ୍ରରେ ସାମିଲ ଥିବା ବ୍ୟକ୍ତିଙ୍କୁ ଛଡ଼ାଯିବ ନାହିଁ। ସମସ୍ତଙ୍କୁ ନ୍ୟାୟର କାଠଗଡ଼ାକୁ ଟଣାଯିବ ବୋଲି ମୋଦୀ କହିଛନ୍ତି।

## ନାକେଦମ କଲା ନାଲିଆ କାର୍; ହରିୟାଣାରୁ ଜବତ

ନୂଆଦିଲ୍ଲୀ, ୧୨।୧୧ (ଏଜେନ୍ସି): ଲାଲକିଲ୍ଲା ନିକଟରେ ସୋମବାର ହୋଇଥିବା ଭୟଙ୍କର ବିସ୍ଫୋରଣ ଏକ ଆତ୍ମଘାତୀ ଆତଙ୍କବାଦୀ ଆକ୍ରମଣ ଥିଲା ବୋଲି ଦିଲ୍ଲୀ ପୁଲିସ ସ୍ପଷ୍ଟ କରିଛି। ଜୈସ-ଇ-ମହମ୍ମଦ (ଜେଇଏମ)ର ସ୍ଲିପର୍ ସେଲ୍ ଏହି ବିସ୍ଫୋରଣ ଘଟାଇ ଥିଲା। ପ୍ରଥମ ଥର ପାଇଁ ଆମୋନିୟମ୍ ନାଇଟ୍ରେଟ୍‌କୁ ଅସ୍ତ୍ର କରି ଏଭଳି ଆତ୍ମଘାତୀ ଆକ୍ରମଣ କରାଯାଇଥିଲା ବୋଲି କୁହାଯାଉଛି। ଏପରି ସମୟରେ ଆଉ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଲାଲ୍ ରଙ୍ଗର ଫୋର୍ଡ ଇକୋସ୍ପୋର୍ଟ ଗାଡ଼ିକୁ ନେଇ ଚେତାବନୀ ଜାରି କରାଯାଇଛି। ମୁଖ୍ୟ ଷଡ଼ଯନ୍ତ୍ରକାରୀ ଆତଙ୍କବାଦୀ ଡାକ୍ତର ଉମର-ଉନ-ନବି ପାଖରେ ଏହି କାର୍ ଥିଲା ବୋଲି ଜଣାପଡ଼ିଛି।



ସେ ଧଳା ରଙ୍ଗର କାର ସହିତ ଏହି ଇକୋ ସ୍ପୋର୍ଟ କାର (ଡିଏଲ୧୦ସିକେ୦୪୫୮) ମଧ୍ୟ କିଣିଥିଲା। ଆଇ୨୦ ବିସ୍ଫୋରଣରେ ଜଳି ଯାଇଥିବାବେଳେ ଇକୋ ସ୍ପୋର୍ଟ କାର୍ କୁଆଡେ ଗଲା ବୋଲି କାହା ପାଖରେ କିଛି ଖବର ନ ଥିଲା। ଏହା ନବି ନାମରେ ମଧ୍ୟ ପଞ୍ଜିକୃତ ହୋଇଛି। ସେ ଏହି କାର୍‌ର ଦ୍ୱିତୀୟ ମାଲିକ। ଏହି କାର୍ ୨୦୧୭ ନଭେମ୍ବର ୨୨ରେ ରାଜୌରୀ ଗାର୍ଡେନ୍ ଆରଟିଓରେ ପଞ୍ଜିକୃତ ହୋଇଥିଲା। ଏହି କାର୍ ଭିତରେ ମଧ୍ୟ ବିସ୍ଫୋରକ ଥାଇପାରେ। ଏହାକୁ ଧରିବା ପାଇଁ ନେଇ ଦିଲ୍ଲୀ ବ୍ୟତୀତ ଉତ୍ତର ପ୍ରଦେଶ (ୟୁପି) ଏବଂ ହରିୟାଣା ପୁଲିସ ନାକେଦମ ହୋଇଛି। ଏହି କାର୍‌କୁ ହରିୟାଣାର ଖନ୍ଦାବଲି ଗ୍ରାମରୁ ଜବତ କରାଯାଇଛି। ଏହାର ଯାଞ୍ଚ ପାଇଁ ଘଟଣାସ୍ଥଳରେ ପୁଲିସ ଏବଂ ଏନଆଇଏ ଅଧିକାରୀ ପହଞ୍ଚିଛନ୍ତି। ଏହି ମାମଲାରେ ଜଣେ ବ୍ୟକ୍ତିକୁ ଗିରଫ କରାଯାଇଛି। ବୋମା ନିଷ୍କ୍ରିୟକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି କାର୍‌କୁ ଛାନଭିନ କରୁଛି।ମଙ୍ଗଳବାରଠାରୁ କାର୍ ଏଠାରେ ଥିଲା ବୋଲି ସ୍ଥାନୀୟ ଅଧିବାସୀ କହିଛନ୍ତି।

## ବନ୍ଧୁତା: ଡାକ୍ତରରୁ ଆତଙ୍କବାଦୀ

କଶ୍ମୀରର ପୁଲୱାମା ଜିଲ୍ଲା କୋଇଲ ଗ୍ରାମର ଦୁଇ ଯୁବକ ଡ. ମୁଜାମିଲ ଏବଂ ଡ. ଉମର ନବି ଏକାଠି ପଢ଼ି ଡାକ୍ତର ହୋଇଥିଲେ। ପରେ ଉଭୟରେ ହିଂସାର ମାର୍ଗକୁ ଆପଣାଇ ଆତଙ୍କବାଦୀ ପାଲଟି ଯାଇଥିଲେ। ଉଭୟଙ୍କ ଘର ମଧ୍ୟରେ ଦୂରତା କେବଳ ୮୦୦ ମିଟର। ଏହି ଚରମପନ୍ଥୀ କାର୍ଯ୍ୟ ପାଇଁ ମୁଜାମିଲକୁ ଗିରଫ ହୋଇଛି। ବିସ୍ଫୋରଣରେ ଉମର ପ୍ରାଣ ହରାଇଥିବା କୁହାଯାଉଛି। ଏବେ ଗାଁରେ ଉମରଙ୍କ ପରିବାର ଶୋକରେ ବୁଡି ରହିଛି। ଶେଷ ଥର ପାଇଁ ଗତ ଶୁକ୍ରବାର ଉମର ପରିବାର ଲୋକଙ୍କ ସହ କଥା ହୋଇଥିଲା। ଆଜି ଉମର ପାଇଁ ଆମେ ଲଜ୍ଜିତ ବୋଲି ଗ୍ରାମବାସୀ କହୁଛନ୍ତି। ଏହି ବିସ୍ଫୋରଣ ମାମଲାର ୮ ଜଣ ଗିରଫ ହେଲେଣି। ଏମାନଙ୍କ ମଧ୍ୟରୁ ୭ ଜଣ କଶ୍ମୀରର ବାସିନ୍ଦା। ସେମାନେ ହେଲେ ନୌଗାମର ଆରିଫ ନିସାର ଡାର ଓରଫ ସାହିଲ, ୟାସିର-ଉଲ-ଅସରଫ, ମକସୁଦ ଅହମ୍ମଦ ଡାର ଓରଫ ସାହିଦ, ସୋପିଆନର ମୌଲବୀ ଇର୍ଫାନ ଅହମ୍ମଦ, ଗାନ୍ଦେରବାଲର ଜମିର ଅହମ୍ମଦ ଅହଙ୍ଗର ଓରଫ ମୁତାଲିସ, ପୁଲୱାମାର ଡ. ମୁଜାମିଲ ଅହମ୍ମଦ ଗନି ଓରଫ ମୌସବୀ ଏବଂ କୁଲଗାମର ଡ. ଆଦିଲ। ସେହିପରି ଲକ୍ଷ୍ନୌର ସାହିନ ସୈୟିଦ ସାମିଲ ରହିଛି।

## ଅଷ୍ଟ୍ରେଲିଆ ଯିବାକୁ ଚାହୁଁଥିଲା ଡ. ସାହିନ୍

ବିସ୍ଫୋରଣର ଅନ୍ୟତମ ଅଭିଯୁକ୍ତ ଡ. ସାହିନ ଆହ୍ଲାବାଦ ମେଡିକାଲ କଲେଜରୁ ଏମବିବିଏସ କରିବା ପରେ କାନପୁର ମେଡିକାଲ କଲେଜରେ ସହାୟକ ପ୍ରାଧ୍ୟାପିକା ଥିଲା। ୨୦୨୧ରେ ସେ ସେଠାରୁ ଗାଏବ ହୋଇ ମୁଜାମିଲ ସମ୍ପର୍କରେ ଆସିଥିଲା। ପରେ ପାକିସ୍ତାନୀ ଆତଙ୍କବାଦୀଙ୍କ ନିର୍ଦ୍ଦେଶରେ ମହିଳାଙ୍କୁ ଚରମପନ୍ଥୀ କାର୍ଯ୍ୟକଳାପରେ ସାମିଲ କରୁଥିଲା। ସେ ଅଲ-ଫଲାହ ବିଶ୍ୱବିଦ୍ୟାଳୟରେ ଜୁନିଅର ଡାକ୍ତରଙ୍କ ବ୍ରେନ ୱାସ୍ କରୁଥିଲା। ଏହି ବିଶ୍ୱବିଦ୍ୟାଳୟ ବ୍ରେନ୍ ୱାସର କେନ୍ଦ୍ର ପାଲଟି ଯାଇଥିଲା। ୪୫ ବର୍ଷୀୟା ସାହିନ ୩୬ ବର୍ଷୀୟ ଡ. ମୁଜାମିଲକୁ ପ୍ରେମ କରୁଥିଲା। ଉଭୟେ ପ୍ରାୟତଃ ସବୁବେଳେ ଏକାଠି ଭୋଜନ କରୁଥିଲେ। ସେହିପରି ସାହିନର ପୂର୍ବତନ ସ୍ୱାମୀ ଡ. ହୟାତ ଜାଫର ବଡ଼ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରଥମେ ସାହିନ ଚରମପନ୍ଥୀ ନ ଥିଲା। ସେ ଉଦାରବାଦୀ ଥିଲା। ଦୁଇ ପିଲା ଏବଂ ପରିବାର ସହ ସେ ଅଷ୍ଟ୍ରେଲିଆ କିମ୍ବା ୟୁରୋପରେ ଯାଇ ରହିବାକୁ ଚାହୁଁଥିଲା। କିନ୍ତୁ ଦମ୍ପତି ୨୦୧୨ରେ ଅଲଗା ହୋଇ ଯାଇଥିଲେ।

## ଷଡ଼ଯନ୍ତ୍ରର ପ୍ରମୁଖ କେନ୍ଦ୍ର ଅଲ୍-ଫଲାହ ବିଶ୍ୱବିଦ୍ୟାଳୟ

ଦିଲ୍ଲୀ ବିସ୍ଫୋରଣରେ ସାମ୍ନାକୁ ଆସିଥିବା ଅଭିଯୁକ୍ତଙ୍କ ସମ୍ବନ୍ଧ ଫରିଦାବାଦର ଅଲ୍-ଫଲାହ ୟୁନିଭର୍ସିଟି ସହ ରହିଛି। ଏ ପର୍ଯ୍ୟନ୍ତ ମାମଲାରେ ୭ ଡାକ୍ତରଙ୍କ ନାମ ସାମ୍ନାକୁ ଆସିଲାଣି। ପରସ୍ପର ସହ ଏମାନଙ୍କର କୌଣସି ନା କୌଣସି ସମ୍ବନ୍ଧ ଥିବା ଜଣାପଡ଼ିଛି। ବିସ୍ଫୋରଣ ଦିନ କାର୍ ଚଳାଉଥିବା ଡ. ଉମର ଉନ ନବି ପ୍ରାଣ ହରାଇଥିବା କୁହାଯାଉଛି। ସେହିପରି ଏ ପର୍ଯ୍ୟନ୍ତ ଏହି ମାମଲାରେ ୬ ଡାକ୍ତରଙ୍କୁ ଗିରଫ କରାଗଲାଣି। ଜଣେ ଏବେ ବି ଫେରାର ରହିଛି। ଏପରି ସମୟରେ ଅଲ-ଫଲାହ ୟୁନିଭର୍ସିଟିର ଚାନ୍ସେଲର ମଧ୍ୟପ୍ରଦେଶରୁ ଦିଲ୍ଲୀ ଯାଇଥିବା ଜଣାପଡ଼ିଛି। ସେ ହିଁ ଏହି କଲେଜ ଖୋଲିଥିଲା ଏବଂ ନିଜେ ଚାନ୍ସେଲର ହୋଇଥିଲା।

ଫରିଦାବାଦ ଆତଙ୍କବାଦୀ ମଡ୍ୟୁଲ୍ ପର୍ଦ୍ଦାଫାସ୍ ହେବା ପରେ ଅଲ୍-ଫଲାହ ବିଶ୍ୱବିଦ୍ୟାଳୟ ସୁରକ୍ଷା ଏଜେନ୍ସିଙ୍କ ରାଡାରରେ ରହିଛି। ବିଶ୍ୱବିଦ୍ୟାଳୟ ସହ ଜଡିତ ତିନି ଜଣ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ପୂର୍ବରୁ ଗିରଫ କରାଯାଇଥିବା ବେଳେ ସେମାନଙ୍କଠାରୁ ବିପୁଳ ପରିମାଣରେ ବିସ୍ଫୋରକ ଜବତ କରାଯାଇଛି। ଆଜି ଏନଆଇଏ ଅଧିକାରୀ ଏହି ବିଶ୍ୱବିଦ୍ୟାଳୟକୁ ଯାଇ ଯାଞ୍ଚ କରିଛନ୍ତି। ଦିଲ୍ଲୀ କାର୍ ବୋମା ବିସ୍ଫୋରଣର ସମସ୍ତ ଷଡ଼ଯନ୍ତ୍ର ଫରିଦାବାଦର ଅଲ୍-ଫଲାହ ବିଶ୍ୱବିଦ୍ୟାଳୟର ୧୭ ନମ୍ବର ବିଲ୍ଡିଂର ୧୩ ନମ୍ବର ରୁମ୍‌ରେ କରା ଯାଇଥିଲା। ୧୭ ନମ୍ବର ବିଲ୍ଡିଂର ତୃତୀୟ ମହଲାରେ ଥିବା ଏହି ରୁମ୍ ଡାକ୍ତର ମୁଜାମିଲ ନାମରେ ଆବଣ୍ଟିତ ହୋଇଥିଲା। କିନ୍ତୁ ଏହି ରୁମ୍‌ରେ ଉମର ରହୁଥିଲା। ଉମରକୁ ପାଖରେ ଏକ କୋଠରୀ ଦିଆଯାଇଥିଲେ ବି ସେ ନିଜ ରୁମ୍‌ରେ ରହୁ ନ ଥିଲା। ଜମ୍ମୁ-କଶ୍ମୀର ପୁଲିସ, ହରିୟାଣା ପୁଲିସ ଏବଂ ଏନଆଇଏ ଏ ସମ୍ପର୍କରେ ପୁନର୍ବାର ବିଶ୍ୱବିଦ୍ୟାଳୟ କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନଙ୍କୁ ପଚରାଉଚରା କରିଛି। ବାହାରୁ ତାଲା ପଡ଼ିଥିବାରୁ ଏଟିଏସ ତୃତୀୟ ମହଲାରେ ଥିବା ଡାକ୍ତର ମୁଜାମିଲ ଏବଂ ଉମର ରୁମ୍‌ର କବାଟ ଭାଙ୍ଗି ତଲାସୀ ନେଇଥିଲା। ଏହି ଟିମ୍ ଦୁଇ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ଯାଞ୍ଚ କରିଥିଲା। ଏଠାରୁ ବିଭିନ୍ନ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଥିବା ସୂଚନା ମିଳିଛି।




## ବ୍ରେନୱାସ କରୁଥିଲା ମୌଲବୀ ଇର୍ଫାନ



ଦିଲ୍ଲୀର ଲାଲକିଲ୍ଲା ନିକଟରେ ହୋଇଥିବା କାର୍ ବୋମା ବିସ୍ଫୋରଣର ଲିଙ୍କ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ) ସହ ରହିଥିବା କୁହାଯାଉଛି। ଭାରତରେ ଆତଙ୍କବାଦୀ ଆକ୍ରମଣ ପାଇଁ ତିନିରୁ ଚାରି ମାସ ହେଲା ଏଠାରେ ଷଡ଼ଯନ୍ତ୍ର କରାଯାଉଥିଲା। ଆତଙ୍କବାଦୀ ସଂଗଠନ ଜୈଶ-ଇ-ମହମ୍ମଦ ଏବଂ ଲସ୍କର-ଇ-ତୋଏବା ଏଥିରେ ସାମିଲ ଥିଲା। ପିଓକେରେ ଆତଙ୍କବାଦୀଙ୍କୁ ଇଣ୍ଟରସେପ୍ଟ କରି ସୁରକ୍ଷା ଏଜେନ୍ସି ଏହା ଜାଣିବାକୁ ପାଇଛି। ସୁରକ୍ଷା ଏଜେନ୍ସିଗୁଡ଼ିକର ସୂଚନା ଅନୁଯାୟୀ, ଜେଇଏମର ମହିଳା ଶାଖା ଅକ୍ଟୋବର ମାସରୁ ଭାରତରେ ସକ୍ରିୟ ଥିଲା। ଯୁବତୀମାନଙ୍କୁ ବ୍ରେନ ୱାସ କରିବା ସେମାନଙ୍କର ଲକ୍ଷ୍ୟ ଥିଲା। ଫରିଦାବାଦରେ ଗିରଫ ହୋଇଥିବା ତିନି ଜଣ ଡାକ୍ତର ଏହି ମଡ୍ୟୁଲୋର ଅଂଶ ଥିଲେ।

ଦିଲ୍ଲୀ ବିସ୍ଫୋରଣର ଷଡ଼ଯନ୍ତ୍ର କଶ୍ମୀରର ନୌଗାମରୁ ଆରମ୍ଭ ହୋଇଥିଲା। ମାମଲାର ତଦନ୍ତ ସମୟରେ ପୁଲିସ ମୌଲବୀ ଇର୍ଫାନ ଅହମ୍ମଦ ପାଖରେ ପହଞ୍ଚିଥିଲା। ସେ ହିଁ ଡାକ୍ତରମାନଙ୍କ ବ୍ରେନ୍ ୱାସ୍ କରିଥିଲା। ଡାକ୍ତରଙ୍କୁ ବିସ୍ଫୋରଣ ପାଇଁ ସେ ଉସୁକାଇ ଥିଲା। ଶ୍ରୀନଗରର ସରକାରୀ ମେଡିକାଲ କଲେଜରେ କାମ କରୁଥିବାବେଳେ ସେ ସବୁ ଛାତ୍ରଛାତ୍ରୀଙ୍କ ସହ ଯୋଗାଯୋଗରେ ଥିଲା। ଇର୍ଫାନ ନୌଗାମ ମସ୍‌ଜିଦର ଇମାମ ମଧ୍ୟ ଥିଲା। ସେ ଜେଇଏମ ଦ୍ୱାରା ପ୍ରଭାବିତ ହୋଇଥିଲା। ସେ ଛାତ୍ରଛାତ୍ରୀଙ୍କୁ ଚରମପନ୍ଥୀଙ୍କ ଭିଡିଓ ଦେଖାଉ ଥିଲା। ଆଫଗାନିସ୍ତାନ ସହ ଇର୍ଫାନର ଲିଙ୍କ ଥିଲା। ଭଏସ ଓଭର ଇଣ୍ଟରନେଟ ପ୍ରୋଟୋକଲରେ ସେ ଅନ୍ୟ ଆତଙ୍କବାଦୀଙ୍କସହ କଥା ହେଉଥିଲା। ଇର୍ଫାନ ଏହି ମଡ୍ୟୁଲୋର ମାଷ୍ଟରମାଇଣ୍ଡ ଥିଲା। ଡ. ମୁଜାମିଲ ଏବଂ ଉମରକୁ ତାକୁ କାମରେ ସହାୟତା କରୁଥିଲେ। ସାହିନ କେବଳ ଦୁଇ ଥର ସହାୟତା କରିଥିଲା। ଟେଲିଗ୍ରାମ ଏବଂ ଥ୍ରିମାରେ ଇର୍ଫାନର ଆକାଉଣ୍ଟ ଥିଲା। ସେ ଏହା ମାଧ୍ୟମରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେଉଥିଲା। ଏଥିପାଇଁ ତାକୁ ପାକିସ୍ତାନରୁ ପାଣ୍ଠି ମିଳୁଥିଲା।

ସୂତ୍ରରୁ ଜଣାପଡ଼ିଛି ଯେ ଅଗଷ୍ଟ ଏବଂ ଅକ୍ଟୋବର ମଧ୍ୟରେ ପିଓକେରେ ବିଭିନ୍ନ ଆତଙ୍କବାଦୀ ଗୋଷ୍ଠୀର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜମାତ-ଇ-ଇସଲାମି ଏବଂ ଆଇଏସଆଇର ବରିଷ୍ଠ ଅଧିକାରୀ ସାମିଲ ହୋଇ ପୁରୁଣା ନେଟୱର୍କକୁ ସକ୍ରିୟ କରିବା ପାଇଁ କହିଥିଲେ।

## କଳା ସାମ୍ରାଜ୍ୟର କଳାକାର



ଦିଲ୍ଲୀ ବିସ୍ଫୋରଣ ଚେର ମଧ୍ୟପ୍ରଦେଶ ମହୁ ପର୍ଯ୍ୟନ୍ତ ଲମ୍ବି ଯାଇଛି। ମୁଖ୍ୟ ଅଭିଯୁକ୍ତ ଡ. ଓମର ନବି ଫରିଦାବାଦର ଯେଉଁ ବିଶ୍ୱବିଦ୍ୟାଳୟରେ ପଢୁଥିଲା ତାହାର ଅଧ୍ୟକ୍ଷ ଜବାଦ ଅହମ୍ମଦ ସିଦ୍ଦିକ ମଧ୍ୟପ୍ରଦେଶ ମହୁର ମୂଳ ବାସିନ୍ଦା। ଯାଞ୍ଚରୁ ଜଣାପଡ଼ିଛି ଯେ ଜବାଦ ପ୍ରଥମେ ଅଲ-ଫଲାହ ନାମରେ ଏକ ନିବେଶ କମ୍ପାନୀ ଖୋଲିଥିଲା। ସେ ଏହା ମାଧ୍ୟମରେ ଅଧିକ ଲାଭର ଲୋଭ ଦେଖାଇ ଲୋକଙ୍କୁ ଠକିଥିଲା। ପରେ ୨୦୦୧ରେ ଆର୍ଥିକ ଠକେଇରେ ଫସିବାରୁ ପରିବାର ସହିତ ଦିଲ୍ଲୀ ପଳାଇ ଆସିଥିଲା। ଫରିଦାବାଦରେ ଏକ ମହାବିଦ୍ୟାଳୟ (କଲେଜ) ଖୋଲିଥିଲା। ପରେ ଏହାକୁ ବିଶ୍ୱବିଦ୍ୟାଳୟରେ ପରିଣତ କରି ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେଉଥିଲା। ମହୁର ଅତିରିକ୍ତ ଏସପି ରୁପେଶ ଦ୍ୱିବେଦୀ କହିଛନ୍ତି ଯେ ଜବାଦ ଏବଂ ତା ପରିବାରର ପୁରୁଣା ରେକର୍ଡ ଯାଞ୍ଚ କରାଯାଉଛି। ସେ ପ୍ରାୟ ୨୫ ବର୍ଷ ତଳେ ମହୁର କାୟସ୍ଥ ଅଞ୍ଚଳରେ ରହୁଥିଲା। ତାର ଦୁଇ ଭାଇ ଏଠାରେ ପଢିଛନ୍ତି। ବାପା ମହମ୍ମଦ ହମାଦ ସିଦ୍ଦିକି ମହୁ ସହରରେ କାଜି ଅଛନ୍ତି। ଜବାଦର ସାବତ ଭାଇ ଅଫାମ ହତ୍ୟା ମାମଲାରେ ଜେଲ୍ ଯାଇଛି। ମହୁ ସ୍ଥିତ ଘରେ ତା ପରିବାରର କୌଣସି ସଦସ୍ୟ ରହୁନାହାନ୍ତି। ମୁଖ୍ୟ ଫାଟକରେ ତାଲା ଲାଗିଛି। ସାମାଜିକ ଗଣମାଧ୍ୟମରୁ ଜବାଦ ବିଷୟରେ ସୂଚନା ମିଳିଥିଲା। ଏବେ ତାହାର ତଦନ୍ତ ଜାରି ରହିଛି।

## ଅନେକ ଅସମାହିତ ପ୍ରଶ୍ନ

ଲାଲକିଲ୍ଲା ବିସ୍ଫୋରଣର ତଦନ୍ତରୁ ଏ ପର୍ଯ୍ୟନ୍ତ ୪୨ରୁ ଅଧିକ ପ୍ରମାଣ ମିଳିଲାଣି। ଘଟଣାସ୍ଥଳରୁ ପ୍ରାୟ ୪୦ ନମୁନା ସଂଗ୍ରହ କରାଗଲାଣି। ତଥାପି ଅନେକ ଅସମାହିତ ପ୍ରଶ୍ନର ଉତ୍ତର ଖୋଜୁଛନ୍ତି ଯାଞ୍ଚ ଏଜେନ୍ସି। ଏଗୁଡ଼ିକ ମଧ୍ୟରେ ୨୬/୧୧ ତାରିଖରେ ଆକ୍ରମଣ ପାଇଁ ଷଡ଼ଯନ୍ତ୍ର କରାଯାଇଥିଲା କି? ଏହି ବିସ୍ଫୋରଣର ମାଷ୍ଟରମାଇଣ୍ଡ କିଏ? ବିସ୍ଫୋରଣ ପଛରେ ବିଦେଶୀ ଶକ୍ତିର ହାତ ଅଛି କି? ସମ୍ପୂର୍ଣ୍ଣ ମଡ୍ୟୁଲୋ ଏବଂ ନେଟୱାର୍କ କେମିତି ପ୍ରସ୍ତୁତ ହୋଇଥିଲା? ଅଲ-ଫଲାହ ୟୁନିଭର୍ସିଟି ଷଡ଼ଯନ୍ତ୍ରର କେନ୍ଦ୍ର କେମିତି ପାଲଟି ଥିଲା? ଏତେ ବିସ୍ଫୋରକ ସଂଗ୍ରହ କରିବାର ପ୍ରକୃତ କାରଣ କ'ଣ ଥିଲା? ଏହି ଷଡ଼ଯନ୍ତ୍ର ବିଷୟରେ ସୁରକ୍ଷା ଏଜେନ୍ସିଗୁଡ଼ିକ ଜାଣିପାରିଲେ ନାହିଁ କେମିତି? ବିସ୍ଫୋରଣ ପୂର୍ବରୁ ତିନି ଘଣ୍ଟା ପର୍ଯ୍ୟନ୍ତ ଡ. ଉମର କାହିଁକି କାର୍‌ରେ ବସି ରହିଥିଲା? ସେ କାହାର ନିର୍ଦ୍ଦେଶକୁ ଅପେକ୍ଷା କରି ରହିଥିଲା କି? ନିର୍ଦ୍ଦେଶ ମିଳିବା ପରେ ବିସ୍ଫୋରଣ କରିଥିଲା କି? ଏହି କାର୍‌ରେ ବସିଥିବା ଅନ୍ୟ ଯାତ୍ରୀମାନେ କିଏ? ଏଭଳି ଅନେକ ପ୍ରଶ୍ନ ଉଙ୍କି ମାରୁଛି।

## ଜମ୍ମୁ-କଶ୍ମୀରରୁ ବରଖାସ୍ତ; ଅଲ-ଫଲାହରେ ନିଯୁକ୍ତି

ଦିଲ୍ଲୀ ବିସ୍ଫୋରଣ ଷଡ଼ଯନ୍ତ୍ରର ପ୍ରମୁଖ କେନ୍ଦ୍ର ପାଲଟି ଥିବା ଅଲ-ଫଲାହ ବିଶ୍ୱବିଦ୍ୟାଳୟର ଗୋଟିଏ ପରେ ଗୋଟିଏ କଳାକାରନାମା ସାମ୍ନାକୁ ଆସିବାରେ ଲାଗିଛି। ଯାଞ୍ଚ ଏଜେନ୍ସି ରାଡାରରେ ଥିବା ଏହି ବିଶ୍ୱବିଦ୍ୟାଳୟର ଜଣେ ପ୍ରାଧ୍ୟାପକ ଏବେ ଫେରାର ରହିଛି। ତାଙ୍କ ନାମ ଡ. ନାସିର-ଉଲ-ହାସନ। ପୂର୍ବରୁ ମଧ୍ୟ ସେ ବିବାଦରେ ଥିଲେ। ଆତଙ୍କବାଦୀ ସଂଗଠନ ସହ ଲିଙ୍କ୍ ଯୋଗୁଁ ଜମ୍ମୁ-କଶ୍ମୀର ସରକାର ତାକୁ ୨୦୨୩ରେ ବରଖାସ୍ତ କରି ଦେଇଥିଲେ। କିନ୍ତୁ ଏହି ପ୍ରାଧ୍ୟାପକକୁ ଅଲ-ଫଲାହ ବିଶ୍ୱବିଦ୍ୟାଳୟ ନିଯୁକ୍ତି ଦେଇଥିଲା। ସେ ମେଡିସନ ବିଭାଗର ପ୍ରାଧ୍ୟାପକ ପାଲଟି ଥିଲା। ସେ ଏଠାରେ ଡାକ୍ତରମାନଙ୍କ ମାଇଣ୍ଡ ୱାସ୍ କରୁଥିବା କୁହାଯାଉଛି।

## ପାକିସ୍ତାନ ଛାଡ଼ିବେ ଶ୍ରୀଲଙ୍କା ଖେଳାଳି

କଲମ୍ବୋ, ୧୨।୧୧(ଏଜେନ୍ସି): ପାକିସ୍ତାନରେ ବୋମା ବିସ୍ଫୋରଣ ପରେ ଘରୋଇ ଦଳ ସହ ଦିନିକିଆ ସିରିଜ୍ ଖେଳୁଥିବା ଶ୍ରୀଲଙ୍କାର କ୍ରିକେଟ ଖେଳାଳିମାନେ ଜୀବନ ଭୟରେ ସ୍ୱଦେଶ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ୬ଜଣ ଖେଳାଳି ତୁରନ୍ତ ପାକିସ୍ତାନ ଛାଡ଼ିବାକୁ ଶ୍ରୀଲଙ୍କା କ୍ରିକେଟ ସଂଘକୁ ନିବେଦନ କରିଛନ୍ତି। ଗତକାଲି ପାକିସ୍ତାନର ରାୱଲପିଣ୍ଡିରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣରେ ୧୨ ଜଣ ମୃତ୍ୟୁବରଣ କରିଥିଲେ ଓ ୨୭ ଜଣ ଆହତ ହୋଇଥିଲେ। ଏହା ସତ୍ତ୍ୱେ ରାୱଲପିଣ୍ଡିରେ ପ୍ରଥମ ଦିନିକିଆ ଆୟୋଜିତ ହୋଇଥିଲା ଓ ପାକିସ୍ତାନ ଏହାକୁ ୬ ରନ୍‌ରେ ଜିତିଥିଲା। କିନ୍ତୁ ଆଜି ଖେଳାଳିମାନେ ସ୍ୱଦେଶ ଫେରିଯିବାକୁ କହିବା ପରେ ଶ୍ରୀଲଙ୍କା କ୍ରିକେଟର ସଭାପତି ସାମି ସିଲ୍ଭା କିଛି ନିଷ୍ପତ୍ତି ନେଇପାରି ନାହାନ୍ତି। ସେମାନଙ୍କ ବଦଳରେ ନୂଆ ଖେଳାଳିଙ୍କୁ ପାକିସ୍ତାନ ପଠାଯିବ ବୋଲି ଶ୍ରୀଲଙ୍କା କ୍ରିକେଟ ସୂତ୍ରରୁ ସୂଚନା ମିଳିଛି। କିନ୍ତୁ ଆସନ୍ତାକାଲି ଖେଳାଯିବାକୁ ଥିବା ଦ୍ୱିତୀୟ ଦିନିକିଆ ଆୟୋଜନ ନେଇ ସନ୍ଦେହ ପ୍ରକାଶ ପାଇଛି।

## ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ | ହିନ୍ଦୀ କହିବାକୁ ବାଧ୍ୟ କରିପାରିବେନି

ନୂଆଦିଲ୍ଲୀ, ୧୨।୧୧ (ଏଜେନ୍ସି): ଦିଲ୍ଲୀରେ କେରଳର ଦୁଇ ଛାତ୍ରଙ୍କୁ ମାଡ଼ ମାରିବା ଉପରେ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। କୋର୍ଟ ଏହାକୁ ନେଇ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଜଷ୍ଟିସ ସଞ୍ଜୟ କୁମାର ଏବଂ ଜଷ୍ଟିସ ଆଲୋକ ଅରାଧେଙ୍କ ଖଣ୍ଡପୀଠ କହିଛନ୍ତି ଯେ ଆମେ ଗୋଟିଏ ଦେଶର ବାସିନ୍ଦା। ହିନ୍ଦୀ କହିବାକୁ କାହାରିକୁ ବାଧ୍ୟ କରାଯାଇପାରିବ ନାହିଁ। ଲୁଙ୍ଗିର ଉପହାସ ଉଡ଼ାଇବାକୁ ବରଦାସ୍ତ କରାଯିବ ନାହିଁ। ଏଭଳି ସାଂସ୍କୃତିକ ଏବଂ ଜାତିଗତ ଭେଦଭାବ ମାମଲାକୁ ନେଇ କେନ୍ଦ୍ର ସରକାର ଗମ୍ଭୀର ହେବା ଉଚିତ। ଦେଶରେ ସାଂସ୍କୃତିକ ଏବଂ ଜାତିଗତ ଭେଦଭାବକୁ ନେଇ ଲୋକଙ୍କୁ ନିଶାଣ କରିବା ଅତ୍ୟନ୍ତ ଦୁଃଖର ବିଷୟ। ଆମ ଦେଶରେ ଲୋକେ ବିଭିନ୍ନତାରେ ଏକତାର ସହ ରହୁଛନ୍ତି। ଏଭଳି ମାମଲା ଉପରେ ସରକାର ଦୃଷ୍ଟିଦେବା ଉଚିତ। ଖଣ୍ଡପୀଠ ଏହି ଟିପ୍ପଣୀ ଦେବା ସମୟରେ ଦିଲ୍ଲୀରେ ଜଣେ ବ୍ୟକ୍ତିଙ୍କ ସହ ହୋଇଥିବା ଘଟଣା ବିଷୟରେ ଉଲ୍ଲେଖ କରିଥିଲେ। ଏଥିରେ ଜଣେ ଛାତ୍ରଙ୍କୁ ହିନ୍ଦୀ କହିବାକୁ ବାଧ୍ୟ କରାଯାଇଥିଲା। ଲୁଙ୍ଗି ପିନ୍ଧିଥିବାରୁ ଛାତ୍ରଙ୍କୁ ଉପହାସ କରାଯାଇଥିଲା। ଲାଲକିଲ୍ଲା ନିକଟରେ ଏଭଳି ହୋଇଥିଲା। ଉଭୟ ଛାତ୍ର ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଜାକିର ହୁସେନ କଲେଜର ପ୍ରଥମ ବର୍ଷର ଛାତ୍ର ଥିଲେ। ଉଭୟଙ୍କୁ ପୁଲିସ ଏବଂ ସ୍ଥାନୀୟ ଲୋକ ବାଡ଼େଇ ଥିଲେ।

ସୁପ୍ରିମକୋର୍ଟ ୨୦୧୫ର ଏକ ଆବେଦନ ଉପରେ ମଙ୍ଗଳବାର ଶୁଣାଣି କରିଥିଲେ। ଦିଲ୍ଲୀରେ ଅରୁଣାଚଳ ପ୍ରଦେଶର ଛାତ୍ର ନିଡୋ ତାନିଆଙ୍କ ମୃତ୍ୟୁ ପରେ ଏହି ଆବେଦନ ଦାଏର କରାଯାଇଥିଲା। ସେତେବେଳେ କେନ୍ଦ୍ରକୁ ଏକ କମିଟି ଗଠନ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଜାତିଗତ ଆକ୍ଷେପ, ଅତ୍ୟାଚାର ଏବଂ ହିଂସା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ କୋର୍ଟ ଏହି କମିଟିକୁ ଅଧିକାର ଦେଇଥିଲେ। ଏହା ସହିତ ଏଭଳି ମାମଲା ରୋକିବା ପାଇଁ ଉପାୟ ସୁପାରିସ କରିବାକୁ କହିଥିଲେ।

## କଙ୍ଗନାଙ୍କ ବିରୋଧରେ ଚାଲିବ ଦେଶଦ୍ରୋହ ମାମଲା

ଆଗ୍ରା, ୧୨।୧୧ (ଏଜେନ୍ସି): ଆଗ୍ରାରେ ବିଜେପି ସାଂସଦ ତଥା ଅଭିନେତ୍ରୀ କଙ୍ଗନା ରାଣାୱତଙ୍କ ଉପରେ ଚାଷୀଙ୍କୁ ଅପମାନିତ ଏବଂ ଦେଶଦ୍ରୋହ ମାମଲା ଚାଲିବ। କଙ୍ଗନାଙ୍କ ବିରୋଧରେ ଦାଏର ସମୀକ୍ଷା ଆବେଦନକୁ ସ୍ୱୀକାର କରି ଏମପି/ଏମଏଲଏ କୋର୍ଟର ବିଚାରପତି ଲୋକେଶ କୁମାର ଏଥିପାଇଁ ଅନୁମତି ଦେଇଛନ୍ତି। ଯେଉଁ ନିମ୍ନ କୋର୍ଟ କଙ୍ଗନାଙ୍କ ମାମଲାକୁ ଖାରଜ କରିଥିଲେ, ସେହି କୋର୍ଟରେ ଏହାର ଶୁଣାଣି ହେବ। ଏହା ପୂର୍ବରୁ ଗତ ୧୦ ତାରିଖରେ କୋର୍ଟ ଉଭୟ ପକ୍ଷର ଯୁକ୍ତି ଶୁଣି ରାୟକୁ ସଂରକ୍ଷିତ ରଖିଥିଲେ। ଏବେ କଙ୍ଗନାଙ୍କ ବିରୋଧରେ ବିଏନଏସର ଧାରା ୩୫୬ ଏବଂ ୧୫୨ ଅଧିନରେ ମାମଲା ଚାଲିବ।

## ହସ୍ପିଟାଲରୁ ଛାଡ଼ ପାଇଲେ ଧର୍ମେନ୍ଦ୍ର, ଗୋବିନ୍ଦା

ମୁମ୍ବଇ, ୧୨।୧୧ (ଏଜେନ୍ସି): ଅଭିନେତା ଧର୍ମେନ୍ଦ୍ର ଏବଂ ଗୋବିନ୍ଦାଙ୍କୁ ସୋମବାର ସକାଳେ ହସ୍ପିଟାଲରୁ ଘରକୁ ପଠାଇ ଦିଆଯାଇଛି। ଧର୍ମେନ୍ଦ୍ର ମୁମ୍ବଇର ବ୍ରିଚ କ୍ୟାଣ୍ଡି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏବେ ଘରେ ତାଙ୍କ ଚିକିତ୍ସା କରାଇବାକୁ ପରିବାର ସଦସ୍ୟ ନିଷ୍ପତ୍ତି ନେଇଛନ୍ତି। ଧର୍ମେନ୍ଦ୍ରଙ୍କ ଡାକ୍ତର ପ୍ରତୀତ ସମଦାନି ଏହି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଘରେ ଚେତା ହରାଇବା ପରେ ମଙ୍ଗଳବାର ରାତିରେ ମୁମ୍ବଇର କ୍ରିଟିକେୟାର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସକାଳେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିବା ପରେ ତାଙ୍କୁ ଘରକୁ ପଠାଇ ଦିଆଯାଇଛି। ବେଶୀ ବ୍ୟାୟାମ କରିଥିବାରୁ ଏପରି ହେଲା ବୋଲି ଗୋବିନ୍ଦା ସାମାଜିକ ଗଣମାଧ୍ୟମରେ ଜଣାଇଛନ୍ତି।

# ଓଠ ଚାରିପଟେ କଳାଦାଗ

ଓଠ ମୁହଁର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ । ହେଲେ ଅନେକ ସମୟରେ ଓଠ ଚାରିପଟେ କଳାଦାଗ ପଡ଼ି ମୁହଁ ଅସୁନ୍ଦର ଦେଖାଯାଏ । ଏହି ସମସ୍ୟା ବିଶେଷ କରି ମହିଳା ଓ ଯୁବତୀଙ୍କ ଠାରେ ଦେଖିବାକୁ ମିଳିଥାଏ । କିନ୍ତୁ କିଛି ଘରୋଇ ଉପାୟ ତଥା ଠିକ୍ ଦେଖାଶୁଣା କଲେ ଏହି ସମସ୍ୟା ଦୂର ହୋଇପାରିବ ।



### ଲେମ୍ବୁ ଓ ମହୁ

ଲେମ୍ବୁ ଓ ମହୁ ମିଶାଇ ଲଗାଇଲେ ଏହି ଦାଗ ସମସ୍ୟା ଦୂର ହୋଇଥାଏ । ଲେମ୍ବୁରେ ପ୍ରାକୃତିକ ବ୍ଲିଚିଂଗୁଣ ରହିଥାଏ । ସେହିପରି ମହୁ ତ୍ୱଚାକୁ ମଏଶ୍ଚରାଇଜ୍ କରିବାରେ ସହାୟକ ହୋଇଥାଏ । ଏଥିପାଇଁ ପ୍ରତିଦିନ ରାତିରେ ଲେମ୍ବୁରସରେ ମହୁ ମିଶାଇ ଓଠର ଚାରିକଡ଼େ ଲଗାଇପାରିବେ । ଏହାକୁ ୧୫-୨୦ ମିନିଟ୍ ପରେ ଧୋଇ ଦିଅନ୍ତୁ । ଏପରି କଲେ ଧୀରେ ଧୀରେ କଳାଦାଗ ଦୂର ହୋଇଥାଏ ।



### ଘିକୁଆଁରି

ଘିକୁଆଁରି ଜେଲ୍ ତ୍ୱଚାକୁ ଆର୍ଦ୍ର ଓ ଥଣ୍ଡା ରଖିଥାଏ । ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଓ ଭିଟାମିନ୍ ରହିଥାଏ । ତେଣୁ ଏହା ବ୍ୟବହାର କରିବା ଦ୍ୱାରା ତ୍ୱଚା ପୂର୍ନଗଠିତ ହୋଇଥାଏ । ସତେଜ ଘିକୁଆଁରୀକୁ ଓଠ ଚାରିପଟେ ଲଗାଇ ହାଲୁକା ହାତରେ ମସାଜ୍ କରନ୍ତୁ । ଏହାକୁ ରାତିରେ ଲଗାଇ ସକାଳେ ଧୋଇ ଦିଅନ୍ତୁ । ଏହାଦ୍ୱାରା ଓଠ କଳାଦାଗ ଦୂର ହୋଇଥାଏ ।

# କପଡ଼ା ବ୍ୟାଗ୍ ମାଧ୍ୟମରେ ପରିବେଶ ସଚେତନତା ବାର୍ତ୍ତା



ପଲିଥିନ୍ ଉଭୟ ପରିବେଶ ଓ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥାଏ । ଏହା ବର୍ଷ ବର୍ଷ ଧରି ଭୂମିରେ ପଡ଼ି ରହି ମାଟିର ଉର୍ବରତା ହ୍ରାସ କରିଥାଏ । ଏହାଦ୍ୱାରା ଜଳନିଷ୍କାସନ ବାଧାପ୍ରାପ୍ତ ହେବା ସହ ପରିବେଶ ପ୍ରଦୂଷିତ ହୋଇଥାଏ । ତେଣୁ ପଲିଥିନ୍ ମୁକ୍ତ ପରିବେଶ ପାଇଁ ମଧ୍ୟପ୍ରଦେଶ ବୁରହାନ୍‌ପୁର ଜିଲ୍ଲା ଶାହପୁରର ମହିଳାମାନେ ଏକ ନୂତନ ପଦକ୍ଷେପ ହାତକୁ ନେଇଛନ୍ତି । ଏହା ଅନୁଯାୟୀ ମହିଳାମାନେ ସୂତା କପଡ଼ାରେ ଭଳିକି ଭଳି ବ୍ୟାଗ୍ ପ୍ରସ୍ତୁତ କରି ସ୍ଥାନୀୟ ଅଞ୍ଚଳରେ ବାଣ୍ଟିବା ସହ ପଲିଥିନ୍ ମୁକ୍ତ ପରିବେଶ ପାଇଁ ସଚେତନତା ବାର୍ତ୍ତା ଦେଉଛନ୍ତି ।

### ପଲିଥିନ୍ ବଦଳରେ କପଡ଼ା

ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ମିଳିତ ହୋଇ ଏହି ବ୍ୟାଗ୍ ପ୍ରସ୍ତୁତି ପଦକ୍ଷେପ ନେଇଛନ୍ତି । ମହିଳାମାନେ ବିଭିନ୍ନ କପଡ଼ାକୁ ଏକତ୍ର କରି ସେଥିରେ ଛୋଟ ଛୋଟ ବ୍ୟାଗ୍ ତିଆରି କରିଥାନ୍ତି । ଘରୁ ବାହାରକୁ ଗଲେ ଏହି କପଡ଼ା ବ୍ୟାଗ୍ ସାଥିରେ ନେଇ ଯାଇଥାନ୍ତି । ଏଥିସହ ଅନ୍ୟ ଲୋକଙ୍କୁ ବଜାରକୁ ଯିବା ସମୟରେ କପଡ଼ା ବ୍ୟାଗ୍ ନେବାକୁ ପ୍ରୋତ୍ସାହିତ କରିଥାନ୍ତି । ଏହି ପରିବର୍ତ୍ତନ ଦ୍ୱାରା ଦୋକାନୀଙ୍କ ସମେତ ଆଖପାଖ ଗାଁର ଲୋକମାନେ ମଧ୍ୟ ପ୍ରଭାବିତ ହେଉଛନ୍ତି । ପ୍ଲାଷ୍ଟିକ୍ ପରିବେଶ ପାଇଁ କେତେ କ୍ଷତିକାରକ ସେମାନେ ତାହା ଧୀରେ ଧୀରେ ଅନୁଭବ କରୁଛନ୍ତି । ଶାହପୁରର ଗଳି କନ୍ଦିରେ ପ୍ଲାଷ୍ଟିକ୍ ଛାଡ଼ି କପଡ଼ା ବ୍ୟାଗ୍ ଆପଣାଇବାର ବାର୍ତ୍ତା ଏବେ ଗୁଞ୍ଜରିତ ହେଉଛି ।

### ନିଶୁଳ୍କରେ ଯୋଗାଉଛନ୍ତି ବ୍ୟାଗ୍

ସ୍ୱୟଂ ସହାୟକ ଗୋଷ୍ଠୀର ଗୀତାଞ୍ଜଳୀ ପାଟିଲ୍‌ଙ୍କ କହିବାନୁଯାୟୀ, ସେ ପ୍ରଥମେ ଚାରିଜଣ ମହିଳାଙ୍କୁ ନେଇ ଏହି ଅଭିଯାନ ଆରମ୍ଭ କରିଥିଲେ । ଏବେ ଏଥିରେ ୫୦ ରୁ ଊର୍ଦ୍ଧ୍ୱ ମହିଳା ଯୋଡ଼ି ହୋଇଛନ୍ତି । ମହିଳାମାନେ ନିଜେ ସିଲେଇ କରି ଏହି କପଡ଼ା ବ୍ୟାଗ୍ ପ୍ରସ୍ତୁତ କରିଥାନ୍ତି । ଏହାକୁ ଦୋକାନୀ ସମେତ ଆଖପାଖ ଗାଁ ଗୁଡ଼ିକରେ ବିନା ମୂଲ୍ୟରେ ଲୋକମାନଙ୍କୁ ଯୋଗାଇଥାନ୍ତି । ମହିଳାଙ୍କ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପରିବେଶ ସଂରକ୍ଷଣ କରି ଆଗାମୀ ପିଢ଼ିଙ୍କୁ ସ୍ୱଚ୍ଛ ବାତାବରଣ ପ୍ରଦାନ କରିବା ।

### ଘରୁ ଆରମ୍ଭ ପଦକ୍ଷେପ

ସ୍ଥାନୀୟ ମହିଳାଙ୍କ କହିବାନୁଯାୟୀ ଏହି ପଦକ୍ଷେପ ସେମାନେ ପ୍ରଥମେ ନିଜ ଘରୁ ଆରମ୍ଭ କରିଛନ୍ତି । ଘରୁ କୌଣସି ବ୍ୟକ୍ତି ବାହାରକୁ ଗଲେ ସାଥିରେ କପଡ଼ା ବ୍ୟାଗ୍ ନେଇ ଯାଇଥାନ୍ତି । ଏହାର ପ୍ରଭାବ ଦୋକାନୀଙ୍କ ଉପରେ ମଧ୍ୟ ପଡ଼ିଥାଏ । ଫଳରେ ସେମାନେ ଦୋକାନକୁ ଆସୁଥିବା ଗ୍ରାହକଙ୍କୁ କପଡ଼ା ବ୍ୟାଗ୍ ନେଇ ଆସିବା ପାଇଁ କହିଥାନ୍ତି । ଏହାଦ୍ୱାରା ଗାଁରେ ଏକ ସକାରାତ୍ମକ ବାତାବରଣ ପରିଲକ୍ଷିତ ହୋଇଛି । ଶାହପୁର ଗାଁର ଏହି ନିଆରା ପଦକ୍ଷେପ ସମଗ୍ର ଅଞ୍ଚଳ ପାଇଁ ପ୍ରେରଣା ପାଲଟିଛି । ମହିଳାମାନଙ୍କର ଏହି ପଦକ୍ଷେପ ଆଗାମୀ ଦିନରେ ଏକ ବଡ଼ ସାମାଜିକ ପରିବର୍ତ୍ତନ ଆଣିବାରେ ସହାୟକ ହେବ ।

# ଜେଲ୍ ନେଲ୍ପଲିସ୍

ସମୟ ଅନୁସାରେ ବିଭିନ୍ନ ଟ୍ରେଣ୍ଡ ଦେଖିବାକୁ ମିଳିଥାଏ । ଏହି କ୍ରମରେ ଏବେ ଜେଲ୍ ନେଲ୍ ପଲିସର ଲୋକପ୍ରିୟ ରହିଛି । ନେଲ୍ ପଲିସ୍ ନଖର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ । ଏହା ଆଖିକୁ ସୁନ୍ଦର ଦିଶିବା ସହ, ଦୀର୍ଘ ସମୟ ରହିଥାଏ । ସେହିପରି ଏହା ସାଧାରଣ ନେଲ୍‌ପଲିସ୍ ଠାରୁ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ ।



### ଜେଲ୍ ନେଲ୍ ପଲିସ୍ କ'ଣ ?

ଜେଲ୍ ନେଲ୍ ପଲିସ୍ ସାଧାରଣ ନେଲ୍ ପଲିସ୍ ଭଳି ପବନର ଆବଶ୍ୟକତା କରେ ନାହିଁ । ଏହାକୁ ୟୁଭି ବା ଏଲ୍ଇଡି ଲାଇଟ୍‌ରେ ଶୁଖାଯାଇଥାଏ । ଏହାଦ୍ୱାରା ନଖ ସୁପରଗ୍ଲସି, ସ୍ମୁଥ୍ ଓ ସ୍ମଜ୍ ଫ୍ରୁପ୍ ରହିଥାଏ । ଜେଲ୍ ନେଲ୍ ପଲିସ୍‌ର ବିଶେଷତା ହେଉଛି ଏହାର ଦୀର୍ଘସ୍ଥାୟୀ ଗୁଣ । ଏହାକୁ ଠିକ୍ ଭାବେ ଲଗାଇଲେ ଏହା ଦୁଇରୁ ତିନି ସପ୍ତାହ ରହିଥାଏ । ବାରମ୍ବାର ନେଲ୍‌ପଲିସ୍ ଲଗାଇବାକୁ ଚାହୁଁ ନ ଥିବା ମହିଳାଙ୍କ ପାଇଁ ଏହା ବେଶ୍ ଲାଭଦାୟକ ହୋଇଥାଏ ।

### ଜେଲ୍ ନେଲ୍‌ପଲିସ୍ ଲଗାଇବାର ଫାଇଦା

- ଏହି ନେଲ୍‌ପସିଲ୍ ଲଗାଇଲେ ଏହା ୧୫-୨୦ ଦିନ ରହିଥାଏ ।
- ୟୁଭି ଲାଇଟ୍‌ରେ ଶୁଖାଇବା ଦ୍ୱାରା ଏହା ଜଲ୍‌ଦି ଶୁଖିଯାଏ । ତେଣୁ ନେଲ୍‌ପଲିସ୍ ଶୁଖିବା ପାଇଁ ବାରମ୍ବାର ଅପେକ୍ଷା କରିବାକୁ ପଡ଼େନି ।
- ଏହା ନଖକୁ ଏକ ସୁରକ୍ଷା ପରସ୍ତ ଦେଇଥାଏ । ନଖ ଭାଙ୍ଗିବାରୁ ସୁରକ୍ଷା ଦେଇଥାଏ । ଏହା ସୁନ୍ଦର ଓ ଉଜ୍ଜ୍ୱଳ ଦିଶିଥାଏ ।

# ଶରୀର ସୌନ୍ଦର୍ଯ୍ୟ ପାଇଁ ଡାଲି

ସାଧାରଣତଃ ନିଜ ତ୍ୱଚାର ଯତ୍ନ ନେବା ପାଇଁ ସମସ୍ତେ ଚାହାଁନ୍ତି । ଏଥିପାଇଁ ଅନେକେ ପାର୍ଲର ଯାଇ ଟଙ୍କା ଖର୍ଚ୍ଚ କରି ବଡି ପଲିସ୍ କରିଥାନ୍ତି । କିନ୍ତୁ ସମସ୍ତଙ୍କ ପକ୍ଷେ ଏହା ସମ୍ଭବ ହୋଇ ନ ଥାଏ । ତେଣୁ ଚାହିଁଲେ ଘରେ ପ୍ରାକୃତିକ ଉପାୟରେ ବଡି ପଲିସ୍ କରିପାରିବେ । ଏଥିପାଇଁ ଘରେ ଥିବା ଡାଲିକୁ ଉପଯୋଗ କରି ସ୍କ୍ରବ୍ ଦ୍ୱାରା ତ୍ୱଚା ସୁସ୍ଥ, ସୁନ୍ଦର ଓ ଉଜ୍ଜ୍ୱଳ ରଖିପାରିବେ ।





### ଡାଲି ସ୍କ୍ରବ୍

ଗୋଟିଏ ପାତ୍ରରେ ପାଣି ନେଇ ଦୁଇ ଚାମଚ ମସୁର କିମ୍ବା ମୁଗଡାଲି ଦେଇ ଗୋଟିଏ ରାତି ବତୁରାଇ ରଖନ୍ତୁ । ପରେ ଏହାକୁ ଦରବଟା କରି ବାଟନ୍ତୁ । ଏଥିରେ ଦୁଇଚାମଚ ଦହି, ଏକ ଚାମଚ ମହୁ ଓ ଚୁଟ୍‌କି ହଳଦି, ଓ ଏକ ଚାମଚ ନଡ଼ିଆ ତେଲ ମିଶାଇ ସ୍କ୍ରବ୍ ପ୍ରସ୍ତୁତ କରନ୍ତୁ ।

### ଲଗାଇବା ପ୍ରକ୍ରିୟା

- ପ୍ରଥମେ ପାଣି ନେଇ ଶରୀରକୁ ଓଦା କରନ୍ତୁ ।
- ଏହାପରେ ପ୍ରସ୍ତୁତ କରିଥିବା ସ୍କ୍ରବ୍‌କୁ ସମ୍ପୂର୍ଣ୍ଣ ଶରୀରରେ ଲଗାନ୍ତୁ ।
- ସ୍କ୍ରବ୍ କରିବା ସମୟରେ କହୁଣୀ, ଆଣ୍ଠୁ ଓ ଗଣ୍ଠି ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ ।
- ଏହାକୁ ଗୋଲାକାର ଭାବେ ହାଲୁକା ହାତରେ ୧୦-୧୫ ମିନିଟ୍ ମସାଜ୍ କରନ୍ତୁ ।
- ଏହାକୁ ପାଞ୍ଚମିନିଟ୍ ଲଗାଇ ରଖନ୍ତୁ ।
- ଏହାପରେ ଉଷୁମ ପାଣିରେ ତ୍ୱଚା ଧୋଇ ଦିଅନ୍ତୁ । ଶେଷରେ ତ୍ୱଚାକୁ ଶୁଷ୍କପଣରୁ ରକ୍ଷା କରିବା ପାଇଁ ବଡି ଲୋସନ ଲଗାନ୍ତୁ ।

### ଫାଇଦା

- ଡାଲିସ୍କ୍ରବ୍‌ରୁ ସୁଫଳ ଚାହୁଁଥିଲେ ଏହାକୁ ସପ୍ତାହରେ ଥରେ ବ୍ୟବହାର କରିପାରିବେ ।
- ଶରୀରରେ ଏହାକୁ ଲଗାଇବା ପୂର୍ବରୁ ପ୍ରଥମେ ପ୍ୟାଚ୍ ଟେଷ୍ଟ କରିବା ଜରୁରୀ ।
- ସେହିପରି ତେଲିଆ ତ୍ୱଚା ଥିଲେ ଏଥିରେ କ୍ଷୀର ଓ ତେଲ ବଦଳରେ ଦହି ବ୍ୟବହାର କରିପାରିବେ ।
- ସେହିପରି ତ୍ୱଚାରେ ଅଧିକ ଟ୍ୟାନିଙ୍ଗ୍ ସମସ୍ୟା ଥିଲେ ଏଥିରେ ଦୁଇ ତିନି ବୁନ୍ଦା ଲେମ୍ବୁରସ ମିଶାଇପାରିବେ । ହେଲେ ସମ୍ବେଦନଶୀଳ ତ୍ୱଚା ଥିଲେ ଲେମ୍ବୁ ଲଗାନ୍ତୁନି ।

# କନ୍ଦମୂଳ ଗୋଲାପ ଜାମୁନ୍

ମୋ ହାଣ୍ଡିଶାଳରୁ...



### ଆବଶ୍ୟକ ସାମଗ୍ରୀ

ସିଝା କନ୍ଦମୂଳ ଚୋରୋଟି, ମିଲ୍କ ପାଉଡର୍ – ଏକ କପ୍, ଚିନି- ଦୁଇ କପ୍, କେଶର – ଅଧା ଚାମଚ, ଗୁଜରାତି ଗୁଣ୍ଡ – ଅଧା ଚାମଚ, ତେଲ ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି

କନ୍ଦମୂଳକୁ ପ୍ରେସର୍‌ରେ ଦେଇ ଦୁଇଟି ସିଟି ଆସିବା ପରେ ଗ୍ୟାସ ବନ୍ଦ କରି ଦିଅନ୍ତୁ । ଏହାପରେ ସିଝା କନ୍ଦମୂଳରୁ ଚୋପା ଛଡ଼େଇ ସେଥିରେ ମିଲ୍କ ପାଉଡର୍ କିମ୍ବା ଅମୁଲ୍ ମିଶାଇ ଭଲ ଭାବେ ଚକଟି ଦିଅନ୍ତୁ । ପରେ ସେହି ଚକଟାକୁ ହାତରେ ନେଇ ସେଥିରେ ଛୋଟ ଛୋଟ ବଲ୍ ପ୍ରସ୍ତୁତ କରନ୍ତୁ । ଏହାପରେ ଗ୍ୟାସ୍ ଲଗାଇ କଡ଼େଇ ବସାଇ ତେଲ ଦିଅନ୍ତୁ । ଗରମ ହୋଇଗଲେ ସେଥିରେ ପ୍ରସ୍ତୁତ କରି ରଖିଥିବା କନ୍ଦମୂଳଗୁଳାକୁ ଦେଇ ଛାଣନ୍ତୁ । ଏହା ହାଲୁକା ସୁନେଲି ରଙ୍ଗ ହୋଇଯିବା ପରେ ଏକ ପ୍ଲେଟ୍‌ରେ କାଢ଼ି ରଖନ୍ତୁ । ପରେ ଆଉ ଏକ କଡ଼େଇରେ ଦୁଇକପ୍ ଚିନି ଦେଇ ଗରମ କରନ୍ତୁ । ଚିନି ତରଳି ସିରା ହୋଇଯିବା ପରେ ସେଥିରେ କେଶର ଓ ହାଲୁକା ଗୁଜରାତି ଗୁଣ୍ଡ ମିଶାନ୍ତୁ । ପରେ ସେଥିରେ ଛାଣି ରଖିଥିବା ଗୋଲାପ୍ ଜାମୁନ୍‌କୁ ଦେଇ ଦିଅନ୍ତୁ । ଏକଘଣ୍ଟା ପରେ ଏକ ବାଉଲ୍‌ରେ କାଢ଼ି ପରଷନ୍ତୁ ସ୍ୱାଦିଷ୍ଟ 'କନ୍ଦମୂଳ ଗୋଲାପ ଜାମୁନ୍' ।

# ସାଧା ପୋଷାକରେ ଷ୍ଟାଇଲିଶ୍ ଲୁକ୍



ଅଧିକାଂଶ ଲୋକେ ସାଧା ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି । ଏହା ପିନ୍ଧିବାକୁ ଆରାମଦାୟକ ଓ ସୁବିଧାଜନକ ହୋଇଥାଏ । ସାଧା ପୋଷାକରେ ଆଧୁନିକ ସ୍ପର୍ଶ ଦେବାକୁ ଚାହୁଁଥିଲେ ଏହି ଟିପ୍‌ସ ଆପଣାଇପାରିବେ ।

ଅଳଙ୍କାର ଯେ କୌଣସି ସାଧା ପୋଷାକକୁ ଆକର୍ଷଣୀୟ କରିଥାଏ । ତେଣୁ ପ୍ଲେନ୍ କୁର୍ତ୍ତୀ, ଟି – ସାର୍ଟ, ଟପ୍ ପିନ୍ଧୁଥିଲେ ଏଥିସହିତ ଷ୍ଟେଟ୍‌ମେଣ୍ଟ ଜୁଏଲାରୀ ବା ଭାରୀ ଅଳଙ୍କାର ପିନ୍ଧିପାରିବେ । ଏହା ଲୁକ୍‌କୁ ଏକ ଭିନ୍ନ ଲୁକ୍ ଦେଇଥାଏ । ଚାହିଁଲେ ପତଳା କାନଫୁଲ କିମ୍ବା ଷ୍ଟଡ୍ ଇୟରିଙ୍ଗ୍ ମଧ୍ୟ ପିନ୍ଧିପାରିବେ ।

ସିମ୍ପଲ୍ ଆଉଟ୍‌ଫିଟ୍‌ରେ ସ୍କାର୍ଫ ପକାଇଲେ ଏହା ଲୁକ୍‌କୁ ସନ୍ତୁଳନ କରିଥାଏ । ହାଲୁକା ରଙ୍ଗର ଟପ୍ ସାଥିରେ ପ୍ରିଣ୍ଟେଡ୍ ବା ରଙ୍ଗିନ୍ ସ୍କାର୍ଫ ପିନ୍ଧିପାରିବେ । ଏଥିରୁ ଏକ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ ।

# ମୁଖ ଗଠନ ଅନୁଯାୟୀ ବ୍ଲଶ୍

ସାଧାରଣତଃ ମେକ୍‌ଅପ୍ କଲାବେଳେ ସମସ୍ତେ ବ୍ଲଶ୍ ଲଗାଇଥାନ୍ତି । ଏହା ସମ୍ପୂର୍ଣ୍ଣ ଲୁକ୍‌କୁ ପରିବର୍ତ୍ତନ କରି ତ୍ୱଚାକୁ ସୁନ୍ଦର ଓ ହାଇଲାଇଟ୍ କରିଥାଏ । ଅନେକେ ବ୍ଲଶ୍ ଲଗାଇବାକୁ ସହଜ ଭାବନ୍ତି, କିନ୍ତୁ ବାସ୍ତବରେ ଏହା ସେତେ ସହଜ ହୋଇ ନ ଥାଏ । ତେଣୁ ମୁହଁର ଗଠନ ଅନୁଯାୟୀ କିପରି ବ୍ଲଶ୍ ଲଗାଇବେ ଜାଣି ରଖନ୍ତୁ ସେ ବିଷୟରେ ।



### ଗୋଲାକାର

ମୁହଁର ଗଠନ ଗୋଲାକାର ଥିଲେ, ବ୍ଲଶ୍‌କୁ ସିଧାସଳଖ ଗାଲର ଉପରେ ଲଗାନ୍ତୁ ନାହିଁ । ଏହାକୁ ହାଲୁକା ତଳେ ଲଗାନ୍ତୁ । ଏହାକୁ ଭଲ ଭାବେ ହାତରେ ବ୍ଲେଣ୍ଡ କରି ଦିଅନ୍ତୁ । ଏଥିପାଇଁ ପିଚ୍ କିମ୍ବା ହାଲୁକା ଗୋଲାପୀ ରଙ୍ଗର ମ୍ୟାଟ୍ ବ୍ଲଶ୍ ଲଗାଇପାରିବେ । ଅଧିକ ସିମର୍ ବ୍ଲଶ୍ ଲଗାଇବାରୁ ଦୂରେଇ ରୁହନ୍ତୁ ।

### ଓଭାଲ୍ ସେପ୍

ଓଭାଲ୍ ସେପ୍ ଥିଲେ ବ୍ଲଶ୍ ଲଗାଇବା ସମୟରେ ଦେଖାଯିବା ଜରୁରୀ । ତେଣୁ ହାଲୁକା ହସି ଗାଲର ଉପର ଅଂଶରେ ବ୍ଲଶ୍ ଲଗାଇ ସ୍ମଜ୍ କରନ୍ତୁ । ବିଶେଷ କରି କ୍ରିମ୍ ବ୍ଲଶ୍ ଏ ପ୍ରକାର ମୁଖ ଗଠନକୁ ସତେଜ ଲୁକ୍ ଦେଇଥାଏ । ତେଣୁ ନିଜ ଆଉଟ୍‌ଫିଟ୍‌କୁ ଧ୍ୟାନରେ ରଖି ହାଲୁକା ଗୋଲାପୀ, ସଫ୍ଟ ରୋଜ ସେଡ୍ ଲଗାଇପାରିବେ ।

### ସ୍କ୍ୱେୟାର

ସ୍କ୍ୱେୟାର ଥିଲେ , ହାଲୁକା ହସି ଗାଲରେ ଆପଲ୍ସରେ ବ୍ଲଶ୍ ଲଗାନ୍ତୁ । ଏହାକୁ ହାତରେ ଗୋଲାକାରରେ ସ୍ମଜ୍ କରନ୍ତୁ । ବିଶେଷ କରି ବ୍ଲଶ୍ ଲଗାଇବା ସମୟରେ ତ୍ୱଚାର କେନ୍ଦ୍ରସ୍ଥଳ ଉପରେ ଧ୍ୟାନ ଦିଅନ୍ତୁ । ଜ ଲାଇନ୍‌କୁ ହାଇଲାଇଟ୍ କରନ୍ତୁନି । ଏଥିପାଇଁ ମ୍ୟାଟ୍ କିମ୍ବା ସାଟିନ୍ ଲୁକ ଥିବା ଫାଉଣ୍ଡେସନ ଚୟନ କରିପାରିବେ ।

### ଡାଇମଣ୍ଡ

ଡାଇମଣ୍ଡ ଫେସ୍ ଥିଲେ ଏଥିପାଇଁ ଚିକ୍‌ବୋନ୍‌ରେ ବ୍ଲଶ୍ ଲଗାଇପାରିବେ । ମ୍ୟାଟ୍ କିମ୍ବା ସାଟିନ୍ ଫିନିଶ୍ ଫାଉଣ୍ଡେସନ ଲଗାଇପାରିବେ । ଗୋଲାପୀ ଓ ବେରି ଟୋନ୍ ବ୍ଲଶ୍ ଭଲ ମାନିଥାଏ ।



# କ୍ରୀଡ଼ା





## ଗୋଟିଏ ଦିନ ପରେ ଭାରତ-ଦକ୍ଷିଣ ଆଫ୍ରିକା ପ୍ରଥମ ଟେଷ୍ଟ

# ଇଡେନ୍‌ରେ ଖେଳିବେ ପନ୍ତ୍ ଓ ଜୁରେଲ





କୋଲକାତା,୧୨।୧୧(ଏଜେନ୍ସି):

ସ୍ଥାନୀୟ ଇଡେନ ଗାର୍ଡେନ୍ସରେ ଆଉ ଗୋଟିଏ ଦିନ ପରେ ଅର୍ଥାତ ଶୁକ୍ରବାରଠାରୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯିବ। ଏହି ମୁକାବିଲା ଲାଗି ଉଭୟ ଦଳ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଅଭ୍ୟାସ ପରେ ଭାରତୀୟ ଦଳର ସହକାରୀ କୋଚ୍ ର୍ୟାନ୍ ଟେନ୍ ଡୋଶେଟ୍‌ଙ୍କ ଅନୁଯାୟୀ ପ୍ରଥମ ଟେଷ୍ଟରେ ଭାରତର ଦୁଇ ୱିକେଟରକ୍ଷକ ବ୍ୟାଟର ରଷଭ ପନ୍ତ୍ ଓ ଧ୍ରୁବ ଜୁରେଲ ଖେଳିବେ। ଇଂଲଣ୍ଡ ଟୁର୍‌ରେ ଆହତ ହୋଇଥିବା ପନ୍ତ୍ ଏବେ ଫିଟ୍ ହୋଇଯାଇଛନ୍ତି। ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକା-ଏ' ସହ ଖେଳାଯାଇଥିବା ୨ ମ୍ୟାଚ୍ ବିଶିଷ୍ଟ ଅନ୍‌ଅଫିସିଆଲ ଟେଷ୍ଟ ସିରିଜ୍‌ରେ ସେ ଭାରତର ନେତୃତ୍ୱ ନେଇ ଉଭୟ ବ୍ୟାଟିଂ ଓ କିପିଙ୍ଗ୍ କରିବାକୁ ଫିଟ୍ ବୋଲି ପ୍ରମାଣିତ କରିଛନ୍ତି। ସେ ପ୍ରଥମ ପସନ୍ଦର ୱିକେଟରକ୍ଷକ ଭାବେ ଖେଳିବେ।

ସେହିପରି ପନ୍ତ୍‌ଙ୍କ ଅନୁପସ୍ଥିତିରେ ଇଂଲଣ୍ଡରେ ଗୋଟିଏ ଓ ଘରୋଇ ମାଟିରେ ୱେଷ୍ଟଇଣ୍ଡିଜ୍ ସହ ୨ଟି ଯାକ ଟେଷ୍ଟରେ ୱିକେଟ କିପିଙ୍ଗ କରିବା ସହ ଟେଷ୍ଟ କ୍ୟାରିୟରରେ ପ୍ରଥମ ଶତକ ମଧ୍ୟ ହାସଲ କରିଥିଲେ। ଏହା ସହ ସେ ଖେଳିଥିବା ଶେଷ ୮ଟି ପ୍ରଥମ ଇନିଂସରେ ୪ଟି ଶତକ ହାସଲ କରି ଭାରତୀୟ ଦଳରେ ନିଜର ସ୍ଥାନ ସୁରକ୍ଷିତ କରିଥିବା ଡୋଶେଟ୍‌ଙ୍କ କଥାରୁ ପ୍ରମାଣିତ ହୋଇଛି। ଡୋଶେଟ୍‌ଙ୍କ ମତରେ ଆମ ଦଳରେ ୩ଜଣ ସ୍ପିନ୍ ଅଲ୍‌ରାଉଣ୍ଡର ଯଥା ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦର ରହିଛନ୍ତି। ଏମାନେ ସମସ୍ତେ ଚୂଡାନ୍ତ ଏକାଦଶରେ ସ୍ଥାନ ପାଇବେ। ଏଣୁ ଜଣେ ଅଧିକ ବ୍ୟାଟର ନେଇ ଖେଳିଲେ ଆମକୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ ନାହିଁ। ଏଣୁ ପ୍ରଥମ ଟେଷ୍ଟରେ ଜୁରେଲ ଖେଳିବା କଥା ସ୍ପଷ୍ଟ କରିଛନ୍ତି ଭାରତର ସହକାରୀ କୋଚ୍। ସେ ଆହୁରି କହନ୍ତି ଆମେ ପ୍ରତ୍ୟେକ ମ୍ୟାଚ୍ ଲାଗି ଭିନ୍ନ ଭିନ୍ନ ରଣନୀତି ପ୍ରସ୍ତୁତ କରିଥାଉ। ଏଣୁ ଜଣେ ଅଧିକ ବ୍ୟାଟରଙ୍କୁ ଖେଳାଇବା ଲାଗି ଆମେ ପ୍ରସ୍ତୁତ ହୋଇଛୁ। 'ମୁଁ ଭାବୁଛି ଟିମ୍ କମ୍ବିନେସନ ଲାଗି ଆମ ନିକଟରେ ଭଲ ସୂଚନା ରହିଛି। ଗତ ୬ ମାସ ମଧ୍ୟରେ ଧ୍ରୁବ ଯେପରି ବ୍ୟାଟିଂ କରିଛନ୍ତି ତାଙ୍କୁ ଦଳରୁ ବାଦ୍ ଦେବା କଷ୍ଟକର। ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟର ଉଭୟ ଇନିଂସରେ ଶତକ, ସିରିଜ୍‌ରେ ଆଉ ଏକ ଅର୍ଦ୍ଧଶତକ ଓ ୪୦ରୁ ଅଧିକ ରନ୍ କରିଛନ୍ତି। ଏଭଳି ପ୍ରଦର୍ଶନ ପରେ ସେ ନିଶ୍ଚିତ ଖେଳିବେ ବୋଲି ଆମର ଆଶା ରହିଛି। ପନ୍ତ୍‌ଙ୍କ ପ୍ରତ୍ୟାବର୍ତ୍ତନ ପରେ ଦଳରେ ଜୁରେଲଙ୍କୁ ନେଇ ଯେଉଁ ଆଶଙ୍କା ପ୍ରକାଶ ପାଇଥିଲା ତାହା ଡୋଶେଟ୍‌ଙ୍କ ସୂଚନା ପରେ ଦୂର ହୋଇଛି। ଏଭଳି ସ୍ଥିତିରେ ତାଙ୍କୁ ଯେ ଅଣଦେଖା କରାଯାଇ ପାରିବ ନାହିଁ ସେ ତାଙ୍କ ପ୍ରଦର୍ଶନ ମାଧ୍ୟମରେ ସ୍ପଷ୍ଟ କରିଛନ୍ତି।

# 'ଇତିହାସ ସୃଷ୍ଟି କରିବ ଦକ୍ଷିଣ ଆଫ୍ରିକା'



**କୋଲକାତା:** ଆମ ନିକଟରେ ଭାରତୀୟ ସ୍ପିନରଙ୍କୁ ମୁକାବିଲା କରିବାକୁ ଭଲ ବ୍ୟାଟର ରହିଛନ୍ତି। ନିକଟରେ ଏମାନେ ପାକିସ୍ତାନରେ ସ୍ପିନ୍ ବୋଲିଂକୁ ଉଚିତ ମୁକାବିଲା କରିଛନ୍ତି। ଭାରତରେ ସ୍ପିନରଙ୍କୁ ସହାୟତା ମିଳିଥାଏ ବୋଲି ସର୍ବଦା ଚର୍ଚ୍ଚା ହୋଇଥାଏ। ଏହା ଯଦି ହୁଏ, ତେବେ ଆମ ନିକଟରେ କେଶବ ମହାରାଜ, ସେନୁରନ ମୁଥୁସ୍ୱାମୀ ଓ ସାଇମନ ହାର୍ମରଙ୍କ ଭଳି ଯାଦୁକରୀ ସ୍ପିନର ରହିଛନ୍ତି। ଏଣୁ ଆମେ ଭାରତୀୟ ବ୍ୟାଟିଂକୁ ଧୂଳିସାତ କଲା ଭଳି ଦକ୍ଷତା ରଖିଛୁ। ବିଶେଷତଃ ଏହି ବିଭାଗରେ ଆମେ ଅଧିକ ଶକ୍ତିଶାଳୀ। ଯୋଜନା ଅନୁଯାୟୀ ଯଦି ଆମକୁ ସଫଳତା ମିଳେ ତେବେ ଆମେ ଭାରତରେ ଇତିହାସ ସୃଷ୍ଟି କରିବୁ ବୋଲି କହିଛନ୍ତି ଦକ୍ଷିଣ ଆଫ୍ରିକାର ହେଡ୍ କୋଚ୍ ସୁକରି କନରାଡ।

ସୂଚନା ଯୋଗ୍ୟ କୋଲକାତାରେ ଶୁକ୍ରବାରଠାରୁ ପ୍ରଥମ ଟେଷ୍ଟ ଆରମ୍ଭ ପୂର୍ବରୁ ଉଭୟ ଦେଶ ୪୪ଟି ମ୍ୟାଚ୍‌ରେ ମୁକାବିଲା କରିଛନ୍ତି। ଏହା ମଧ୍ୟରୁ ଦକ୍ଷିଣ ଆଫ୍ରିକା ୧୮ଟିରେ ଓ ଭାରତ ୧୬ଟିରେ ବିଜୟୀ ହୋଇଛନ୍ତି। ଅନ୍ୟ ୧୦ଟି ମ୍ୟାଚ୍ ହାରଜିତ ବିନା ଫଇସଲାରେ ଶେଷ ହୋଇଛି। କିନ୍ତୁ ଭାରତ ମାଟିରେ ଖେଳାଯାଇଥିବା ୧୯ଟି ଟେଷ୍ଟ ମଧ୍ୟରୁ ଭାରତ ୧୧ଟିରେ ଓ ଦକ୍ଷିଣ ଆଫ୍ରିକା ୫ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ଅନ୍ୟ ୩ଟି ଟେଷ୍ଟ ଡ୍ର ରହିଛି।

## ସାତ୍ତ୍ୱିକ ସ୍ୱାଇଁ ହେଲେ ସିଏମ୍

**ଭୁବନେଶ୍ୱର,୧୨।୧୧(ସମିସ):** ଓଡ଼ିଶାର ବିସ୍ମୟ ଚେସ୍ ପ୍ରତିଭା ସାତ୍ତ୍ୱିକ ସ୍ୱାଇଁ ହେଲେ ସିଏମ୍ ବା କ୍ୟାଣ୍ଡିଡେଟ୍ସ ମାଷ୍ଟର। ଚେସ୍‌ରେ କ୍ରମାଗତ ଉନ୍ନତ ଖେଳ ପ୍ରଦର୍ଶନ କରି ଗୋଟିକ ପରେ ଗୋଟିଏ ରେକର୍ଡ କରୁଥିବା ସାତ୍ତ୍ୱିକ ରାଜ୍ୟର ସର୍ବକନିଷ୍ଠ ସିଏମ୍ ହୋଇଛନ୍ତି। ନିକଟରେ ସର୍ବକନିଷ୍ଠ ଭାବେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଥିବା ଏହି ଖେଳାଳିଙ୍କୁ କିଙ୍ଗ ଚେସ୍ ସେଣ୍ଟର ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି ଓ ଖୁବ୍ ଶୀଘ୍ର ତାଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଏହାର ପ୍ରତିଷ୍ଠାତା ବିଶ୍ୱଜିତ ରାୟ ପ୍ରକାଶ କରିଛନ୍ତି।



## ରଣଜୀ ଦଳକୁ ଫେରିଲେ ବିପ୍ଳବ

**ଭୁବନେଶ୍ୱର,୧୨।୧୧(ସମିସ):** ଚଳିତ ରଣଜୀ ସିଜନରେ ପ୍ରଥମ ୪ଟି ମ୍ୟାଚ୍‌ରୁ ୩ଟିରେ ହାରିଯିବା ପରେ ଅଭିଜ୍ଞ ଅଲରାଉଣ୍ଡର ବିପ୍ଳବ ସାମନ୍ତରାୟଙ୍କୁ ଦଳରେ ସାମିଲ କରିଛି ଓଡ଼ିଶା। ଭୁବନେଶ୍ୱରରେ ଖେଳାଯିବାକୁ ଥିବା ନାଗାଲାଣ୍ଡ ବିପକ୍ଷ ମ୍ୟାଚ୍ ଲାଗି ବିପ୍ଳବଙ୍କ ସହ ୱିକେଟରକ୍ଷକ ସୱାନ ପାହାଡିଆଙ୍କୁ ଦଳରେ ନିଆଯାଇଛି। ବ୍ୟାଟର ସନ୍ଦୀପ ପଟ୍ଟନାୟକ, ୱିକେଟରକ୍ଷକ ରାଜେଶ ଧୂପର ଓ ବାମହାତୀ ସ୍ପିନର ଜାମଲାଭଞ୍ଜନ ମହାପାତ୍ରଙ୍କୁ ବାଦ୍ ଦିଆଯାଇଛି। ବିଦର୍ଭ ବିପକ୍ଷରେ ଖେଳିଥିବା ଦଳରେ ଅନ୍ୟ କୌଣସି ପରିବର୍ତ୍ତନ ହୋଇନାହିଁ।

**ରାଜ୍ୟସ୍ତରୀୟ ଶବର କପ୍ ଫୁଟ ବଲ୍**

## ଫାଇନାଲରେ ଉତ୍କଳ ସ୍ପୋର୍ଟିଂ



**ଯାଁଳା, ୧୨।୧୧ (ସମିସ):** ଜଟଣୀର ଉତ୍କଳ ସ୍ପୋର୍ଟିଂ ୨୭ତମ ଶବର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ରାଧାଚରଣପୁର ଖେଳ ପଡିଆରେ ଶବର କ୍ରୀଡା ସଂଘ ଆନୁକୂଲ୍ୟରେ ବୁଧବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଉତ୍କଳ ସ୍ପୋର୍ଟିଂ ୪-୧ ଗୋଲରେ ଆୟୋଜକ ଖୋର୍ଦ୍ଧା ଜିଲ୍ଲା ଶବର କ୍ରୀଡା ସଂଘକୁ ମାତ ଦେଇ ଫାଇନାଲକୁ ଉନ୍ନୀତ ହୋଇଛି। ବିଜୟୀ ଦଳ ପକ୍ଷରୁ ଖେଳର ପ୍ରଥମାର୍ଦ୍ଧର ୯ ଓ ୨୪ ମିନିଟରେ ୧୦ ନମ୍ବର ଖେଳାଳି ଅମର ଓରାମ ଦୁଇଟି ସୁନ୍ଦର ଗୋଲ ଦେଇ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଖେଳର ଦ୍ୱିତୀୟାର୍ଦ୍ଧର ୩୨ ମିନିଟ ସମୟରେ ଆୟୋଜକ ଶବର କ୍ରୀଡା ସଂଘର ୮ ନମ୍ବର ଖେଳାଳି ତୋଫାନ ନାଏକ ଗୋଟିଏ ଗୋଲ ଶୁଝାଇଥିଲେ। ଦ୍ୱିତୀୟାର୍ଦ୍ଧର ୪୪ ମିନିଟ ସମୟରେ ୯ ନମ୍ବର ଖେଳାଳି ମାନସ ମାରାଣ୍ଡି ଓ ୪୬ ମିନିଟ ସମୟରେ ୮ ନମ୍ବର ଖେଳାଳି ବାପି ମାରାଣ୍ଡି ଆଉ ଦୁଇଟି ଗୋଲ ଦେଇ ଦଳକୁ ୪-୧ ସ୍ଥିତିକୁ ଆଣିଥିଲେ। ଫଳରେ ଆୟୋଜକ ଶବର କ୍ରୀଡା ସଂଘ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡିଥିଲା। ଆଜିର ମ୍ୟାଚ ପରିଚାଳନା କରିଥିଲେ ରେଫରୀ ବିଦେଶୀ ନାଏକ, ସେଖାୱତ ଖାନ, ସାଇରାମ କିସ୍କୁ ଓ ଉପେନ୍ଦ୍ର ନାଏକ। ଆଜିର ମ୍ୟାଚରେ ବିଶିଷ୍ଟ ଫୁଟବଲ ଖେଳାଳି ଦେବାଶିଷ ନାଏକ ଓ ଶିକ୍ଷାବିତ ପୀତବାସ ନନ୍ଦ ଅତିଥି ଭାବେ ଯୋଗ ଦେଇଥିଲେ।

## ୧୪ ବର୍ଷ ପରେ ଭାରତ ଆସିବେ ମେସୀ

**ନୂଆଦିଲ୍ଲୀ,୧୨।୧୧(ଏଜେନ୍ସି):** ଦୀର୍ଘ ୧୪ ବର୍ଷର ବ୍ୟବଧାନ ପରେ ଭାରତ ଗସ୍ତରେ ଆସିବେ ଆର୍ଜେଣ୍ଟିନା ତଥା ବିଶ୍ୱ ଫୁଟବଲର ସୁପରଷ୍ଟାର ଲିଓନେଲ ମେସୀ। ଏ ସମ୍ପର୍କରେ ମେସୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଡିସେମ୍ବର ୧୩ରୁ ୧୫ ତାରିଖଯାଏ ସେ କୋଲକାତା, ଅହମ୍ମଦାବାଦ୍, ମୁମ୍ବଇରେ ବିଭିନ୍ନ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ। ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ ପରେ ସ୍ୱଦେଶ ଫେରିଯିବେ। ଜିଓଏଟି ଟୁର୍‌ରେ ସେ ଏଠାରେ ସିଲେବ୍ରେଟୀ ମ୍ୟାଚ୍ ଓ କନସର୍ଟରେ ଭାଗନେବେ।



**ବିଶ୍ୱ ସୁଟିଂ ଚାମ୍ପିଅନସିପ୍ ୧୦ ମିଟର ଏୟାର ପିସ୍ତଲ**

## ସମ୍ରାଟ ଭାରତର ପ୍ରଥମ ବିଶ୍ୱ ଚାମ୍ପିଅନ

**କାଏରୋ,୧୨।୧୧(ଏଜେନ୍ସି):** ଏଠାରେ ଚାଲିଥିବା ବିଶ୍ୱ ସୁଟିଂ ଚାମ୍ପିଅନସିପ୍‌ରେ ଇତିହାସ ରଚିଛନ୍ତି ଭାରତୀୟ ସୁଟର ସମ୍ରାଟ ରାଣା। ପୁରୁଷ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସମ୍ରାଟ ପ୍ରଥମ ଭାରତୀୟ ସୁଟର ଭାବେ ସ୍ୱର୍ଣ୍ଣ ପଦକ ଜିତିବା ସହ ବିଶ୍ୱ ଚାମ୍ପିଅନ ହୋଇଛନ୍ତି। କେବଳ ସେ ବ୍ୟକ୍ତିଗତ ସ୍ୱର୍ଣ୍ଣପଦକ ଜିତିନାହାନ୍ତି, ବରଂ ନିଜ ଦଳକୁ ମଧ୍ୟ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ନେଇଛନ୍ତି। ଅଲିମ୍ପିକ୍ ଇଭେଣ୍ଟ ସୁଟିଂରେ ଏହା ଭାରତ ଲାଗି ପ୍ରଥମ ସ୍ୱର୍ଣ୍ଣ ହୋଇଥିଲାବେଳେ ଗୋଟିଏ ଦିନରେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଚୀନ୍ ପଛକୁ ଭାରତ ପଦକ ତାଲିକାରେ ଦ୍ୱିତୀୟ ସ୍ଥାନକୁ ଯାଇଛି। ମହିଳା ୫୦ ମିଟର ୩ପି ଇଭେଣ୍ଟରେ ଅଶି ଚୋକସୀ ଓ ଅଞ୍ଜୁମ ମୌଦଗିଲ ଫାଇନାଲରେ ପ୍ରବେଶ କରିପାରି ନାହାନ୍ତି।



**ଟୋକିଓ ବଧିର ଅଲିମ୍ପିକ୍ସ**

## ଧ୍ୱଜା ବହନ କରିବେ ଜେର୍ଲିନ୍

**ନୂଆଦିଲ୍ଲୀ,୧୨।୧୧(ଏଜେନ୍ସି):** ୩ଥରର ବଧିର ଅଲିମ୍ପିକ୍ସ ସ୍ୱର୍ଣ୍ଣପଦକ ବିଜେତା ବ୍ୟାଡମିଣ୍ଟନ ଖେଳାଳି ଜେର୍ଲିନ ଜେ. ଟୋକିଓରେ ହେବାକୁ ଯାଉଥିବା ବଧିର ଅଲିମ୍ପିକ୍ସରେ ଭାରତର ଧ୍ୱଜା ବହନ କରିବେ। ଏହି ମେଗା ବଧିର ଅଲିମ୍ପିକ୍ସ ଟୋକିଓରେ ନଭେମ୍ବର ୧୫ରୁ ଆରମ୍ଭ ହେବ। ଏଥିରେ ୧୧୧ ଜଣ ଭାରତୀୟ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ମଦୁରାଇ ଜନ୍ମିତ ସଟଲର ୨୦୧୩ରେ ମାତ୍ର ୧୩ ବର୍ଷ ବୟସରେ ଏହି ଇଭେଣ୍ଟରେ ଭାଗନେଇଥିଲେ। ଏହା ପରେ ୨୦୨୧ରେ ସ୍ୱର୍ଣ୍ଣପଦକ ଜିତି ଇତିହାସ ସୃଷ୍ଟି କରିଥିଲେ। ଏଠାରେ ସେ ୩ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏଥିଲାଗି ମଧ୍ୟ ଭାରତ ପକ୍ଷରୁ ତାଙ୍କୁ ୨୦୨୨ରେ ଅର୍ଜୁନ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଜି ଭାରତର ପ୍ରଥମ ଦଳ ଟୋକିଓ ଅଭିମୁଖେ ଯାତ୍ରା କରିଛନ୍ତି।



**ସେକ୍ରେଟାରିଏଟ୍ କପ୍ ଫୁଟବଲ**

## ଗୃହ ବିଭାଗ ଚାମ୍ପିଅନ, ସମବାୟ ରନର୍ସ ଅପ୍



**ଭୁବନେଶ୍ୱର, ୧୨।୧୧ (ସମିସ):** ରାଜ୍ୟ ସରକାରଙ୍କ କଲଚରାଲ ଆସୋସିଏସନ୍ ପିଆର ଏବଂ ଡିଡବ୍ଲ୍ୟୁ ପକ୍ଷରୁ ଅନୁଷ୍ଠିତ ସେକ୍ରେଟାରିଏଟ୍ କପ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଗୃହ ବିଭାଗ (ଇଲେଭେନ) ଦଳ ଚାମ୍ପିଅନ ହୋଇଛି। ସମବାୟ ଦଳ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛି। ଆଜି ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଗୃହ ବିଭାଗ (ଇଲେଭେନ) ଦଳ ୩-୧ ପେନାଲ୍‌ଟିରେ ସମବାୟ ବିଭାଗକୁ ପରାଜିତ କରିଥିଲା। ଏହି ପ୍ରତିଯୋଗିତାରେ ଅର୍ଥ ବିଭାଗ ଦଳ ତୃତୀୟ, ପଞ୍ଚାୟତରାଜ ବିଭାଗ-ବି ଦଳ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ଅଧିନାୟକ ନବୀନଙ୍କୁ ବେଷ୍ଟ ସ୍ପୋର୍ଟ୍ସମ୍ୟାନ ସିପ୍ ପୁରସ୍କାର ଦିଆଯାଇଥିଲା। ଜିତେନ୍ଦ୍ରଙ୍କୁ ପ୍ଲେୟାର ଅଫ୍ ଦ ସିରିଜ୍, ସଂଗ୍ରାମ ଶ୍ରେଷ୍ଠ ଗୋଲକିପର, ନିର୍ମଳ ଶ୍ରେଷ୍ଠ ଡିଫେଣ୍ଡର, ଅମିତ ଓରାମ ଶ୍ରେଷ୍ଠ ଉଦୀୟମାନ ଖେଳାଳି, ଜର୍ଜଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଗୋଲ, କାହ୍ନୁ ମ୍ୟାନ ଅଫ୍ ଦ ଫାଇନାଲ, ଶୁଭାଶିଷ ତୃତୀୟ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ଲାଭ କରିଛନ୍ତି।

**ବାରବାଟୀରେ ଅନ୍ତର୍ଜାତୀୟ ଟି-୨୦**

# କାଉଣ୍ଟରକୁ ଯିବ ୧୦ହଜାରରୁ ଅଧିକ ଟିକଟ

କଟକ,୧୨।୧୧(ସମିସ):

ବିଗତ ଦିନରେ ବାରବାଟୀ ଷ୍ଟାଡିୟମରେ କାଉଣ୍ଟର ଟିକଟ ବିକ୍ରିକୁ ନେଇ ଅପ୍ରୀତିକର ପରିସ୍ଥିତି ଉପୁଜିଥିବା ଉଦାହରଣ ରହିଛି। ପୁଲିସ, ପ୍ରଶାସନ ଏବଂ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଭିତରେ ସମନ୍ୱୟ ଅଭାବ ଯୋଗୁଁ ବ୍ୟାରିକେଡ ଭିତରେ କ୍ରିକେଟପ୍ରେମୀ ଦଳାଚକଟା ହୋଇଥିଲେ। ଅନେକ ଅଣନିଶ୍ୱାସୀ ହୋଇ ପ୍ରାଣ ବିକଳରେ ଧାଡି ଭାଙ୍ଗି ଚାଲି ଆସିଥିଲେ। ଏହି ଘଟଣାକୁ ନେଇ ଚାରିଆଡେ ନିନ୍ଦା କରାଯାଇଥିଲା। କିଛି ଦିନ ପୂର୍ବେ ଗଣମାଧ୍ୟମକୁ ସାକ୍ଷାତକାର ଦେବା ବେଳେ ଓସିଏ ସମ୍ପାଦକ ସଞ୍ଜୟ ବେହେରା ଅନଲାଇନ୍ ଜରିଆରେ ସମସ୍ତ ଟିକଟ ବିକ୍ରି କରାଯିବା ବାବଦରେ ମତ ଦେଇଥିଲେ। ହେଲେ ବିଚାରବିମର୍ଶ ପରେ ଏହା ସ୍ପଷ୍ଟ ହେବ ବୋଲି କହିଥିଲେ। ଏହି ପ୍ରସଙ୍ଗରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଆସନ୍ତା ଡିସେମ୍ବର ୯ ତାରିଖରେ ଏଠାରେ ହେବାକୁ ଥିବା ଭାରତ-ଦକ୍ଷିଣଆଫ୍ରିକା ବିପକ୍ଷ ପ୍ରଥମ ଟି-୨୦ ମ୍ୟାଚ୍ ନିମନ୍ତେ ୧୦ହଜାରରୁ ଅଧିକ ଟିକଟ କାଉଣ୍ଟରକୁ ଯିବ ବୋଲି ସୂଚନା ମିଳିଛି। ଦୁଇ ଦିନ ଭିତରେ ଏହାର ତାଲିକା ପ୍ରସ୍ତୁତ କରାଯାଇ ଡିଷ୍ଟ୍ରିକ୍ଟ ବାଏ ଜୋମାଟୋକୁ ହସ୍ତଗତ କରାଯିବ ବୋଲି ଓସିଏ ପକ୍ଷରୁ କୁହାଯାଇଛି। କେଉଁ ଗ୍ୟାଲେରୀରୁ କେତେ ସଂଖ୍ୟକ ଟିକଟ କାଉଣ୍ଟରରେ ବିକ୍ରି ହେବ ତାହା ଖୁବଶୀଘ୍ର ସ୍ପଷ୍ଟ ହେବ।

**ଡିଷ୍ଟ୍ରିକ୍ଟ ବାଏ ଜୋମାଟୋକୁ ତାଲିକା ଦେବ ଓସିଏ**

ପ୍ରକାଶଥାଉକି, ଗତ ଫେବୃଆରୀ ୯ ତାରିଖରେ ବାରବାଟୀରେ ଭାରତ-ଇଂଲଣ୍ଡ ଅନ୍ତର୍ଜାତୀୟ ଏକଦିବସୀୟ ମ୍ୟାଚ୍ ଖେଳାଯାଇଥିଲା। ୪୦ହଜାରରୁ ଅଧିକ ଦର୍ଶକ କ୍ଷମତା ରଖିଥିବା ବାରବାଟୀରେ ସର୍ବମୋଟ ୨୪ହଜାର ୬୯୨ ଟିକଟ ବିକ୍ରି ପାଇଁ ଧାର୍ଯ୍ୟ କରିଥିଲା ଓସିଏ। ପ୍ରଥମେ ଅନଲାଇନ୍ ଜରିଆରେ ୪ହଜାର ଟିକଟ ବିକ୍ରି ହୋଇଥିଲା। ପରେ ଅନୁବନ୍ଧିତ ୟୁନିଟ ସମେତ କର୍ମକର୍ତ୍ତା,



କାଉନସିଲ ସଦସ୍ୟ ଟିକଟ କ୍ରୟ କରିଥିଲେ। ୧୧ହଜାର ୮୦ ଖଣ୍ଡ ଟିକଟ କାଉଣ୍ଟରକୁ ବିକ୍ରି ନିମନ୍ତେ ପଠାଯାଇଥିଲା। ଷ୍ଟାଡିୟମ ସନ୍ନିକଟ ରାସ୍ତାରେ ୪ଟି କାଉଣ୍ଟର ବ୍ୟବସ୍ଥା ହୋଇଥିଲା। ହର୍ଷଗେଟ୍ ନିକଟରେ ଗୋଟିଏ କାଉଣ୍ଟର ଖୋଲିଥିବା ବେଳେ ଏଠାରେ କେବଳ ସ୍ପେଶିଆଲ ଏନକ୍ଲୋଜର, ଏସି ବକ୍ସ, କର୍ପୋରେଟ ବକ୍ସ, ନ୍ୟୁ ପ୍ୟାଭିଲିୟନ ଭଳି ଦାମୀ ଟିକଟ ସବୁ ବିକ୍ରି କରାଯାଇଥିଲା। ଫାଟକ ନଂ-୧୩ ନିକଟରେ ୩ଟି କାଉଣ୍ଟର ଖୋଲିଥିଲା। ତିନୋଟି ଯାକ କାଉଣ୍ଟରରେ କେବଳ ଗ୍ୟାଲେରୀ ଟିକଟ ବିକ୍ରି ହୋଇଥିଲା। ମାତ୍ର ଯେଉଁ କାଉଣ୍ଟରରେ କେବଳ ଗ୍ୟାଲେରୀ ଟିକଟ ବିକ୍ରୟ ହେଉଥିଲା ସେଠାରେ ବିଶୃଙ୍ଖଳା ସୀମା ଟପିବା ସହ ଶହଶହ କ୍ରିକେଟପ୍ରେମୀ ଠେଲାପେଲା ହୋଇଥିଲେ। ସଂକୀର୍ଣ୍ଣ ରାସ୍ତାରେ ୪ଟି ଧାଡିରେ ବ୍ୟାରିକେଡ ବନ୍ଧା ହୋଇଥିବାରୁ ଟିକଟ ଆଶାୟୀ ଭିଡରେ ଫସି ରହି ଅଣନିଶ୍ୱାସୀ ହୋଇ ପଡ଼ିଥିଲେ। ଏହି ଘଟଣାରେ ଓସିଏ ଏବଂ ପୁଲିସ ପରସ୍ପରକୁ ଦୋଷ ଦେଇ ନିଜେ ଖସିବାକୁ ଚେଷ୍ଟା କରିଥିଲେ। ଆଗାମୀ ଅନ୍ତର୍ଜାତୀୟ ମ୍ୟାଚ୍ ପୂର୍ବରୁ କାଉଣ୍ଟର ଟିକଟ ବିକ୍ରି ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ପାଇଁ ଓସିଏ ଉଦ୍ୟମ କରିବା ଆବଶ୍ୟକ ବୋଲି କ୍ରିକେଟପ୍ରେମୀଙ୍କ ଆଶା ରହିଛି।

'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଅଛି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ଇନ୍‌ପୁଟ୍ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଭିଡିଓ ଏଡିଟର୍ -ଡିଜିଟାଲ (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| କପି ଏଡିଟର -ଡିଜିଟାଲ (୦୩) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ଡିଜିଟାଲ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ନ୍ୟୁଜ୍ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସିଜି ଅପରେଟର (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସ୍ୱିଚର / ଅନଲାଇନ୍ ଏଡିଟର | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ନଭେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS